ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୩/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, August 23/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୨୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 269 | ମୂଲ୍ୟ ₹୭/-



## ରିଜଓ୍ୱାନଙ୍କ ଶତକ

ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରି ଅପରାଜିତ ଅଛନ୍ତି ପାକିସ୍ତାନ ବ୍ୟାଟର ମହମ୍ମଦ ରିଜଓ୍ୱାନ।

୧୪

୦୨

## କଂଗ୍ରେସ ସହ ମେଣ୍ଟ ଚୂଡ଼ାନ୍ତ: ଫାରୁକ୍

ଜମ୍ମୁ-କଶ୍ମୀର ବିଧାନସଭାର ସମସ୍ତ ୯୦ ଆସନରେ କଂଗ୍ରେସ ସହ ମେଣ୍ଟ ଚୂଡ଼ାନ୍ତ ହୋଇଥିବା ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ସୂଚନା ଦେଇଛନ୍ତି।



## ଇଡି ଅଫିସ୍ ସମ୍ମୁଖରେ କଂଗ୍ରେସର ପ୍ରତିବାଦ



କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଇଡି ଅଫିସ ଘେରାଉ ଉଦ୍ୟମ ବେଳେ ପୋଲିସ ସହ ମୁହାଁମୁହିଁ।

# ଚିକିଟି ମଦମୃତ୍ୟୁ: ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୮ (ଅନିଲ ଦାସ)

ଗଞ୍ଜାମ ଜିଲା ଚିକିଟି ମଦମୃତ୍ୟୁ ଘଟଣାରେ ଆର୍‌ଡିସି ସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଗୁରୁବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଚିକିଟି ମଦମୃତ୍ୟୁ ଘଟଣାରେ ଆର୍‌ଡିସି ସ୍ତରୀୟ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଦିନେ ଦୁଇଦିନ ଭିତରେ ତଦନ୍ତ ଆରମ୍ଭ ହେବ। ଏ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। ଆର୍‌ଡିସି ତଦନ୍ତର ରିପୋର୍ଟ ୨ ମାସ ମଧ୍ୟରେ ଆସିବ। ଏହି ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ଏହି ଘଟଣାକୁ ନେଇ କଠୋର ଅଛନ୍ତି ଓ ନିଷ୍ପତ୍ତି ନେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ଗତ ୨୦ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ୨୧୭ ବେଆଇନ ମଦଭାଟି ଚିହ୍ନଟ କରାଯାଇଛି। ବେଆଇନ ମଦଭାଟିକୁ ବୁଲଡୋଜର ସାହାଯ୍ୟରେ ଉଡ଼ାଇ ଦିଆଯିବ। ଆସନ୍ତା ବର୍ଷେ ଭିତରେ ବେଆଇନ ମଦ କାରବାର ବନ୍ଦ କରାଯିବ ବୋଲି ସେ କହିଛନ୍ତି। ଚିକିଟି ମଦମୃତ୍ୟୁ ଘଟଣାରେ କାର୍ଯ୍ୟରେ ଅବହେଳା ପାଇଁ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରଦୀପ ☞ପୃଷ୍ଠା-୪

## ବିଧାନସଭାରେ ହଟ୍ଟଗୋଳ, ଗୃହ ଅଚଳ

ଗଞ୍ଜାମ ଜିଲା ଚିକିଟି ବିଷାକ୍ତ ମଦମୃତ୍ୟୁ ଘଟଣାରେ ବିଧାନସଭା ତୃତୀୟ ଦିନ ପାଇଁ ଅଚଳ ହୋଇଛି। ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଅନ୍ୟପକ୍ଷରେ ହିଣ୍ଡେନବର୍ଗ ଅନୁସନ୍ଧାନ ରିପୋର୍ଟ ନେଇ ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଦେଶବ୍ୟାପୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ସଦସ୍ୟମାନେ ମଧ୍ୟ ଇଡି ପ୍ରସଙ୍ଗରେ ବିଧାନସଭାରେ ହୋହଲ୍ଲା କରିଛନ୍ତି। ଗୃହକାର୍ଯ୍ୟ ଆରମ୍ଭରୁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ ସହ ବିଧାନସଭାର ଅଧଓଳି କାର୍ଯ୍ୟକ୍ରମ ବରବାଦ ହୋଇଯାଇଛି। ଅପରାହ୍ନରେ ମଧ୍ୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସମାନ ଦାବି ନେଇ ବିଧାନସଭାରେ ହଟ୍ଟଗୋଳ କରିଛନ୍ତି। ପ୍ରତିବାଦରେ ବିଜେଡି ସଦସ୍ୟମାନେ ବିଧାନସଭା ବାହାରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଚଳାଇବାକୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା କ୍ଷଣି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବିଜେଡି ସଦସ୍ୟମାନେ ଚିକିଟି ମଦମୃତ୍ୟୁ ଘଟଣାରେ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ କରିଥିବା ବେଳେ କଂଗ୍ରେସ ସଦସ୍ୟମାନେ ଇଡିର କାର୍ଯ୍ୟକଳାପକୁ ବିରୋଧ କରି ନାରାବାଜି କରିଥିଲେ। ଗୃହରେ ଏକ ଅସ୍ୱାଭାବିକ ବାତାବରଣ ସୃଷ୍ଟି ହୋଇଥିଲା। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ☞ପୃଷ୍ଠା-୪

# ବିଚାରପତି, ଡାକ୍ତର କାମ ବନ୍ଦ କରିପାରିବେ ନାହିଁ

ନୂଆଦିଲ୍ଲୀ,୨୨।୮



## କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ଡାକ୍ତରଙ୍କ ସୁରକ୍ଷା ପାଇଁ ଜରୁରୀ ପଦକ୍ଷେପ ନିଅ

ପୀଡ଼ିତାଙ୍କୁ ନ୍ୟାୟ ଏବଂ ରୋଗୀଙ୍କୁ ଔଷଧ ଦେବା ବନ୍ଦ କରାଯାଇପାରିବ ନାହିଁ। ଅର୍ଥାତ୍ ବିଚାରପତି, ଡାକ୍ତର କାମ ବନ୍ଦ କରିପାରିବେ ନାହିଁ। ତେଣୁ ଆନ୍ଦୋଳନରତ ଡାକ୍ତରମାନେ କାର୍ଯ୍ୟକୁ ଫେରନ୍ତୁ ବୋଲି ଗୁରୁବାର ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଏଥିସହ ଡାକ୍ତରମାନଙ୍କ ସୁରକ୍ଷା ପାଇଁ ଜରୁରୀ ପଦକ୍ଷେପ ନେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। କୋଲକାତାସ୍ଥିତ ଆର୍‌.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ରୁଜୁ କରିଥିବା ମାମଲା ଶୁଣାଣିର ଦ୍ୱିତୀୟ ଦିନରେ ସ୍ଥାନୀୟ ପୋଲିସକୁ ପୁନର୍ବାର ଭର୍ତ୍ସନା କରିଛନ୍ତି। ମାମଲା ରୁଜୁ କରିବାରେ କୋଲକାତା ପୋଲିସର ଅହେତୁକ ବିଳମ୍ବ ଅତ୍ୟନ୍ତ ବିଚଳିତ କରିଦେବା ଭଳି ବୋଲି ୩ ଜଣିଆ ଖଣ୍ଡପୀଠ କହିଛନ୍ତି।

ଆର୍‌.ଜି. କର ହସ୍ପିଟାଲରେ ଅଗଷ୍ଟ ୮ ରାତିରେ ଜଣେ ପିଜି ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହା ପରେ ନିଜ ସୁରକ୍ଷାକୁ ନେଇ ଡାକ୍ତରମାନେ ଦେଶବ୍ୟାପୀ ଆନ୍ଦୋଳନ ଚଳାଇଥିବାବେଳେ ସୁପ୍ରିମକୋର୍ଟ ଏହି ବର୍ବର ଘଟଣାକୁ ନିଜ ସଂଜ୍ଞାନକୁ ନେଇ ମଙ୍ଗଳବାର ଶୁଣାଣି ଆରମ୍ଭ କରିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍ଦ୍ଦିଓ୍ୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଡାକ୍ତରଙ୍କ ସୁରକ୍ଷା ପାଇଁ ପଦକ୍ଷେପ ସମ୍ପର୍କିତ ସୁପାରିସ କରିବାକୁ ୧୦ ଜଣିଆ ଜାତୀୟ ଟାସ୍କ ଫୋର୍ସ (ଏନ୍‌ଟିଏଫ୍) ଗଠନ କରିଥିଲେ। ଗୁରୁବାର ଶୁଣାଣି ବେଳେ ଖଣ୍ଡପୀଠ ଡାକ୍ତରଙ୍କ ସୁରକ୍ଷା, ବିକ୍ଷୋଭ ପାଇଁ ନିୟମ ସହ ବିକ୍ଷୋଭକାରୀ ଓ ପଶ୍ଚିମବଙ୍ଗ ସରକାରଙ୍କ ଅଧିକାର ସମ୍ପର୍କରେ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିୟୋଜିତ ପ୍ରଫେସନାଲମାନଙ୍କ ପାଇଁ ଜାତୀୟସ୍ତରର ସୁରକ୍ଷା ପ୍ରୋଟୋକଲ ପ୍ରସ୍ତୁତି ବେଳେ ଏନ୍‌ଟିଏଫ୍ ରେସିଡେଣ୍ଟ ଡାକ୍ତରଙ୍କ ସଂଘ ସମେତ ସମସ୍ତ ପକ୍ଷଙ୍କ ସହ ବିଚାରବିମର୍ଶ କରିବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଚିବ ସବୁ ରାଜ୍ୟର ଶାସନ ସଚିବ ଏବଂ ପୋଲିସ ☞ପୃଷ୍ଠା-୪

# ଚା' ଦୋକାନକୁ ମାଡ଼ିଗଲା ତେଲ ଟ୍ୟାଙ୍କର, ବସ୍

## ୪ ମୃତ, ୧୩ ଗୁରୁତର

ହିଞ୍ଜିଳିକାଟୁ/ବ୍ରହ୍ମପୁର,୨୨।୮ (ଦ୍ୱିତୀକୃଷ୍ଣ ପଣ୍ଡା/ସୁବାସ ଚନ୍ଦ୍ର ପାଢ଼ୀ)



ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଥାନା ୫୯ ନଂ. ଜାତୀୟ ରାଜପଥର ସମରଝୋଳ ଛକଠାରେ ଗୁରୁବାର ଭୋରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ତେଲ ଟ୍ୟାଙ୍କର ଏକ ଟ୍ରକ୍‌କୁ ଓଭରଟେକ୍ କରିବାକୁ ଯାଇ ବସ୍ ସହ ମୁହାଁମୁହିଁ ଧକ୍କା ହୋଇ ଚା' ଦୋକାନକୁ ମାଡିଯାଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ଜଣ ଗୁରୁତର ହୋଇଛନ୍ତି। ପୋଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତାହତଙ୍କୁ ଏମ୍‌କେସିଜି ମେଡିକାଲକୁ ଅଣାଯାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ସହାୟତା ଦେବା ସହ ଗୁରୁତର ଆହତଙ୍କୁ ୧ ଲକ୍ଷ ଲେଖାଏ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆହତଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସମରଝୋଳ ଛକସ୍ଥିତ ଏକ ଚା' ଦୋକାନରେ ସବୁଦିନ ଭଳି ଗୁରୁବାର ସକାଳ ପ୍ରାୟ ସାଢ଼େ ୫ଟାରେ ଲୋକଙ୍କ ଭିଡ଼ ଥିଲା। ନିକଟରେ ସିମେଣ୍ଟ ବୋଝେଇ ଟ୍ରକ(ଓଡି ୧୦କ୍ୟୁ୯୨୬୩)ର ଡ୍ରାଇଭର ଗାଡ଼ି ରଖି କିଛି କାମ କରୁଥିଲେ। ଏହି ସମୟରେ ବ୍ରହ୍ମପୁରରୁ ଆସିକା ଅଭିମୁଖେ ଯାଉଥିବା ତେଲ ଟ୍ୟାଙ୍କର (ନଂ.ଓଡି୧୫କେ ୭୮୯୬)ଟି ଟ୍ରକକୁ ଓଭରଟେକ କରୁଥିବାବେଳେ ବିପରୀତ ଦିଗରୁ ୪୦ ଯାତ୍ରୀଙ୍କୁ ନେଇ ଆସୁଥିବା 'ଖମ୍ବେଶ୍ୱରୀ' ନାମକ ଘରୋଇ ବସ୍ ☞ପୃଷ୍ଠା-୪

# ରେଞ୍ଜର୍‌ଙ୍କ ଫାର୍ମହାଉସ୍‌ରେ ମିନି ଚିଡ଼ିଆଖାନା

ଢେଙ୍କାନାଳ/ଖୁଣ୍ଟୁଣୀ/ଭୁବନେଶ୍ୱର, ୨୨।୮ (ରତନ ନାୟାର/ ସଚ୍ଚିଦାନନ୍ଦ ପଣ୍ଡା/ ସତ୍ୟଜିତ୍ ରାଉତ)

## ୮ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ



ବିଭୁଦାନନ୍ଦ ମିଶ୍ର

କୋଟିପତି ଜଙ୍ଗଲୀ ବାବୁଙ୍କ ଆଲିଶାନ୍ ବଙ୍ଗଳାରୁ ଫୁଲାଫୁଲା ଅଳଙ୍କାର ସହ ଟଏଲଟ୍ ଫ୍ଲସ୍‌ରୁ ବାହାରିଲା ଲୁଚାଯାଇଥିବା ବିଡ଼ା ବିଡ଼ା ନୋଟ୍। କେବଳ ଏତିକି ନୁହେଁ, ଏକାଧିକ ଫ୍ଲାଟ ସମେତ ବିଳାସମୟ ଫାର୍ମ ହାଉସ୍‌ରେ ମିନି ଚିଡ଼ିଆଖାନାକୁ ଦେଖି ସମସ୍ତେ ଚକିତ। ଗୁରୁବାର ରାଜ୍ୟର ଜଣେ କୋଟିପତି ସରକାରୀ ବାବୁ ଭିଜିଲାନ୍ସ ସ୍କାନରକୁ ଆସିବା ପରେ ତାଙ୍କର ଏଭଳି ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଏହି ବାବୁ ଜଣଙ୍କ ହେଲେ ଢେଙ୍କାନାଳ ଫରେଷ୍ଟ ରେଞ୍ଜର ବିଭୁଦାନନ୍ଦ ମିଶ୍ର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ବିଭୁଦାନନ୍ଦଙ୍କ ଘର ସମେତ ଢେଙ୍କାନାଳ, କଟକ ଓ ଭୁବନେଶ୍ୱରର ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ କଟକ ଜିଲା ଆଠଗଡ଼ ବୀରକିଶୋରପୁରସ୍ଥିତ ପୈତୃକ ଘର, ଢେଙ୍କାନାଳସ୍ଥିତ ସରକାରୀ ବାସଭବନ, ଅଫିସ ଚାମ୍ବର, ଢେଙ୍କାନାଳରେ ଜଣେ ସମ୍ପର୍କୀୟଙ୍କ ଘର ଆଦି ରହିଛି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ଓ୍ୱାରେଣ୍ଟ ବଳରେ ଚାଲିଥିବା ଯାଞ୍ଚରେ ଭିଜିଲାନ୍ସର ୭ଜଣ ଡିଏସ୍‌ପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୬ଜଣ ଇନ୍ସପେକ୍ଟର, ୬ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।

ଗୁରୁବାର ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଢେଙ୍କାନାଳ ଟାଉନ ରତ୍ନବଜାରସ୍ଥିତ ୪ହଜାର ୬୦୫ ବର୍ଗଫୁଟରେ ଥିବା ବିଭୁଦାନନ୍ଦଙ୍କ ଏକ ଦୁଇ ମହଲା ବିଶିଷ୍ଟ କୋଠା ଠାବ ହୋଇଥିବାବେଳେ ଏଠାରେ ଥିବା ଟଏଲଟ୍ ଫ୍ଲସ୍‌ରେ ଲୁଚାଯାଇଥିବା ଲକ୍ଷେ ଟଙ୍କାର ନୋଟ୍ ମିଳିଛି। ଏହାବ୍ୟତୀତ ଘରୁ ୫ଲକ୍ଷ ୧୫ ହଜାର ୮୪୦ ନଗଦ ଟଙ୍କା ଠାବ ହୋଇଛି। ସେହିପରି ଭୁବନେଶ୍ୱର ରସୁଲଗଡ ଜିଜିପି କଲୋନୀସ୍ଥିତ ବ୍ରିନ୍ଦା ବସେରା ଆପାର୍ଟମେଣ୍ଟରେ ଥିବା ଗୋଟିଏ ଫ୍ଲାଟ୍ (ନଂ.୨୦୧) ଓ ହାଇଦ୍ରାବାଦ ନାନକରାମଗୁଡ଼ାସ୍ଥିତ କୌଶଲ୍ୟା ଇନ୍‌ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିଃରେ ଦୁଇଟି ଫ୍ଲାଟ୍ ଠାବ ହୋଇଛି। ଏଥିସହ କଟକ ଜିଲା ଆଠଗଡ଼ ଖୁଣ୍ଟୁଣୀସ୍ଥିତ ରାହାଙ୍ଗୁଳଠାରେ ୫ ଏକର ପରିମିତ ☞ପୃଷ୍ଠା-୪

## ସେପ୍ଟେମ୍ବରରୁ ହୋଇପାରେ ଜନଗଣନା

ପୃଷ୍ଠା ୨

**ଆଜିର ସମ୍ପାଦକୀୟ**

ଆଶାର କିରଣ

# ଓଡ଼ିଶାର ୧୦ ଜିଲାରେ ସୁନାଖଣି

ଭୁବନେଶ୍ୱର,୨୨।୮ (ଅନିଲ ଦାସ)

ଓଡ଼ିଶାର ୧୦ ଜିଲାରେ ସୁନାଖଣିର ସନ୍ଧାନ ମିଳିଛି। ସେଥିମଧ୍ୟରେ କେନ୍ଦୁଝର ଜିଲାର ଗୋପୁର-ଗାଜିପୁର ଅଞ୍ଚଳରେ ସୁନାଖଣିର ସନ୍ଧାନ ମିଳିଛି। ମାଙ୍କଡ଼ଚୁଆଁ, ସଲେଇକଣା ଓ ଡିମିରିମୁଣ୍ଡା ଅଞ୍ଚଳରେ ସୁନାଖଣି ପାଇଁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସେହିପରି ମୟୂରଭଞ୍ଜ ଜିଲାର ଯଶିପୁର, ସୁରିଆଗୁଡା, ରୁଆଁସୀ, ଇଡେଲକୁଚା, ମାରେଡିହି ଓ ସୁଲେଇପାଟ ଏବଂ ବାଦାମପାହାଡ଼ ଅଞ୍ଚଳରେ ସୁନାଖଣିର ଅନ୍ୱେଷଣ ଚାଲିଛି। ଅପରପକ୍ଷରେ ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର, ଦେବଗଡ଼ ଓ ବୌଦ୍ଧ ଜିଲାର କେତେକ ସ୍ଥାନରେ ସୁନାଖଣି ଥିବା ସୂଚନା ମିଳିଛି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏଭଳି କହିଛନ୍ତି। ଓଡ଼ିଶାରେ ସୁନାଖଣି ହେଲେ ଏହା ରାଜ୍ୟର ଅର୍ଥନୀତି ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି କୁହାଯାଉଛି।

# ୟୁଟ୍ୟୁବ୍‌ରେ ରୋନାଲ୍ଡୋଙ୍କ ବିଶ୍ୱ ରେକର୍ଡ

ଭୁବନେଶ୍ୱର,୨୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱ ଫୁଟ୍‌ବଲ୍‌ର ଚର୍ଚ୍ଚିତ ଚେହେରା ତଥା ପର୍ତ୍ତୁଗାଲର ଷ୍ଟାର୍ କ୍ରିଷ୍ଟିଆନୋ ରୋନାଲ୍ଡୋ ପୁଣି ଏକ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ଏଥର ଖେଳରେ ନୁହେଁ, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ। ସେ ବୁଧବାର ନିଜର ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଥିବା ବେଳେ କିଛି ଘଣ୍ଟା ମଧ୍ୟରେ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୧୦ ମିଲିୟନ ପାର୍ କରିଥିଲା। ଏତେ କମ୍ ସମୟରେ କୌଣସି ୟୁଟ୍ୟୁବ ଚ୍ୟାନେଲର ସବ୍‌ସ୍କ୍ରାଇବର ସଂଖ୍ୟା ୧୦ ମିଲିୟନ ପାର୍ କରିବା ବିଶ୍ୱରେ ପ୍ରଥମ ଘଟଣା।

ରୋନାଲ୍ଡୋ ୟୁଟ୍ୟୁବରେ ତାଙ୍କ ଚ୍ୟାନେଲର ନାଁ ୟୋର. କ୍ରିଷ୍ଟିଆନୋ (ur.christiano) ରଖିଛନ୍ତି। ଏହାକୁ ଖୋଲିବାର ମାତ୍ର କିଛି ମିନିଟ୍ ମଧ୍ୟରେ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୧ ମିଲିୟନ ଛୁଇଁଥିଲା। ୨୪ ଘଣ୍ଟା ନ ପୂରୁଣୁ ଏହା ୧୦ ମିଲିୟନ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ଗୁରୁବାର ରାତି ୯ଟା ସୁଦ୍ଧା ଏହା ୨୧.୯ ମିଲିୟନ (୨.୧୯ କୋଟି) ଟପିଥିଲା। କିନ୍ତୁ ୟୁଟ୍ୟୁବ୍ ପକ୍ଷରୁ ୨୪ ଘଣ୍ଟାରେ ହିଁ ତାଙ୍କୁ ଗୋଲ୍ଡେନ ବଟନ ମିଳିଯାଇଛି।

ଗୋଲ ଡଟ୍ କମ୍ (goal.com)ର ରିପୋର୍ଟ ଅନୁସାରେ, ରୋନାଲ୍ଡୋ ୟୁଟ୍ୟୁବ୍ ସବ୍‌ସ୍କ୍ରାଇବଙ୍କ ସଂଖ୍ୟାରେ ହାମଷ୍ଟେର କୋମବାତ୍‌ଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି।

**ଦିନକରେ ୨୧.୯ ମିଲିୟନ ସବ୍‌ସ୍କ୍ରାଇବର**




ହାମଷ୍ଟେର୍ ୟୁଟ୍ୟୁବ୍‌ରେ ଏକ ଭିଡିଓ ଗେମ୍ ଚ୍ୟାନେଲ ଖୋଲିଥିଲେ। ଏହି ଚ୍ୟାନେଲ ୧୦ ମିଲିୟନ ସବ୍‌ସ୍କ୍ରାଇବ୍‌ର ପାଇବାକୁ ୭ଦିନ ଲାଗିଥିଲା। ହେଲେ ରୋନାଲ୍ଡୋ ଦିନକ ଭିତରେ ଏହି ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ୩୯ ବର୍ଷୀୟ ରୋନାଲ୍ଡୋ ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରୀଡ଼ାବିତ୍। ଅନ୍ୟତମ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ତାଙ୍କର ଅନୁଗାମୀ ବା ଫଲୋୟର୍ସଙ୍କ ସଂଖ୍ୟା ୧୧୨.୬ ମିଲିୟନ ରହିଥିବା ବେଳେ ଫେସ୍‌ବୁକ୍‌ରେ ୧୭୦ ମିଲିୟନ ଓ ଇନ୍‌ଷ୍ଟାଗ୍ରାମରେ ୬୩୬ ମିଲିୟନ ରହିଛି।



କ୍ରିଷ୍ଟିଆନୋ ରୋନାଲ୍ଡୋ

## ସଂକ୍ଷେପରେ

### ଅଯୋଧ୍ୟା ଗଣବଳାତ୍କାର ଅଭିଯୁକ୍ତଙ୍କ ଶପିଙ୍ଗ୍ କମ୍ପ୍ଲେକ୍ସ ଭଙ୍ଗାଗଲା

ଅଯୋଧ୍ୟା,୨୨।୮(ପି.ଟି.)

ଅଯୋଧ୍ୟା ଗଣବଳାତ୍କାର ଅଭିଯୁକ୍ତ ମୋଇଦ ଖାନ୍‌ଙ୍କ ଏକ ଶପିଙ୍ଗ୍ କମ୍ପ୍ଲେକ୍ସକୁ ଜିଲା ପ୍ରଶାସନ ଗୁରୁବାର ବୁଲ୍‌ଡୋଜର ଲଗାଇ ଭାଙ୍ଗିଦେଇଛି। ଅଭିଯୁକ୍ତ ସମାଜବାଦୀ ପାର୍ଟି ସଦସ୍ୟ ବୋଲି ଭାଜପା ଅଭିଯୋଗ କରିଥିଲା। ୨ ମାସ ପୂର୍ବେ ଜଣେ ୧୨ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ପୁରକଲନ୍ଦର ଥାନା ଅନ୍ତର୍ଗତ ଭଦର୍ସା ନଗରରେ ବେକରି ଚଳାଇଥିବା ମୋଇଦ ଓ ତାଙ୍କ କର୍ମଚାରୀ ରାଜୁ ଖାନ୍‌ଙ୍କୁ ଜୁଲାଇ ୩୦ରେ ଅଯୋଧ୍ୟା ପୋଲିସ ଗିରଫ କରିଥିଲା। ପୀଡ଼ିତା ଗର୍ଭବତୀ ବୋଲି ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିବା ପରେ ଘଟଣା ପ୍ରଘଟ ହୋଇଥିଲା। ଗୁରୁବାର ଅପରାହ୍ନରେ ଶପିଙ୍ଗ କମ୍ପ୍ଲେକ୍ସକୁ ଭଙ୍ଗାଯିବା ପୂର୍ବରୁ ତାହାକୁ ଖାଲି କରାଯିବା ସହ ସେଠାରେ ଚାଲୁଥିବା ଏକ ବ୍ୟାଙ୍କ ଶାଖାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

### ଚାଷୀଙ୍କ ଅଭିଯୋଗର ସମାଧାନ ପାଇଁ କମିଟି ଗଢ଼ିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୮(ପି.ଟି.)

କୃଷକମାନଙ୍କ ସବୁ ସମୟର ଆପତ୍ତି ଅଭିଯୋଗଗୁଡ଼ିକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପାଇଁ ସୁପ୍ରିମକୋର୍ଟ ଖୁବ୍‌ଶୀଘ୍ର ବହୁସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିବେ ବୋଲି ଗୁରୁବାର କହିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଦୀପଙ୍କର ଦତ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨କୁ ଧାର୍ଯ୍ୟ କରିଥିବାବେଳେ କମିଟିକୁ ଚାଷୀମାନଙ୍କ ସମ୍ପର୍କିତ ବିଭିନ୍ନ ପରୀକ୍ଷାମୂଳକ ପ୍ରସଙ୍ଗ ଦେବା ପାଇଁ ପଞ୍ଜାବ ଓ ହରିୟାଣା ସରକାରଙ୍କୁ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଅଗଷ୍ଟ ୧୨ର ନିର୍ଦ୍ଦେଶକ୍ରମେ ପଞ୍ଜାବ ସରକାର ଆନ୍ଦୋଳନକାରୀ କୃଷକମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ଜାତୀୟ ରାଜପଥ ଅବରୋଧକୁ ଆଂଶିକ ହଟାଇବା ପାଇଁ ରାଜି ହୋଇଥିବା ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି। ସେମାନଙ୍କ ସହ ଆଲୋଚନା ଜାରି ରଖି ରାଜପଥରୁ ଟ୍ରାକ୍ଟର ଓ ଟ୍ରଲିଗୁଡ଼ିକୁ ହଟାଇବା ନିମନ୍ତେ ପ୍ରବର୍ତ୍ତାଇବା ପାଇଁ ଅଦାଲତ ଉଭୟ ରାଜ୍ୟ ସରକାରଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ଦାବି ନେଇ ୨ ରାଜ୍ୟର କୃଷକମାନେ ଫେବୃଆରୀ ୧୩ରୁ ଶମ୍ଭୁ ସୀମାବର୍ତ୍ତୀ ରାଜପଥରେ ସେମାନଙ୍କ ଟ୍ରାକ୍ଟରଗୁଡ଼ିକୁ ରଖି ଆନ୍ଦୋଳନ ଜାରି ରଖିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି।

### ମସ୍କୋ ଉପରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

ମସ୍କୋ,୨୨।୮

ରୁଷିଆ ରାଜଧାନୀ ମସ୍କୋ ଉପରେ ୟୁକ୍ରେନ୍ ସବୁଠୁ ବଡ଼ ଡ୍ରୋନ୍ ଆକ୍ରମଣ କରିଛି। ଏଥିସହିତ ରୁଷିଆର କୁର୍ସ୍କ ଅଞ୍ଚଳରେ ୟୁକ୍ରେନ ସୈନ୍ୟ ପ୍ରବେଶ କରି ଆକ୍ରମଣ ଚଳାଇଛନ୍ତି। ରୁଷିଆର ଏୟାର ଡିଫେନ୍ସ ଫୋର୍ସ ମସ୍କୋ ଉପରେ ଉଡୁଥିବା ୧୧ଟି ଡ୍ରୋନ୍‌କୁ ଖସାଇଦେଇଛି। କେତେକକୁ ପୋଡୋଲ୍‌ସ୍କ ସହର ଉପରେ ଖସାଇଦିଆଯାଇଥିଲା। ସେହିପରି ବ୍ରାୟନସ୍କ ସୀମାରେ ୨୩ଟି ଏବଂ ବେଲ୍‌ଗୋରୋଡ ସୀମାନ୍ତ ଅଞ୍ଚଳରେ ୬ଟି ଡ୍ରୋନ୍ ଖସାଯାଇଥିବା ମନ୍ତ୍ରଣାଳୟ କହିଛି। ମସ୍କୋ ଉପରେ ଏହା ସବୁଠୁ ବଡ଼ ଡ୍ରୋନ୍ ଆକ୍ରମଣ ବୋଲି ଏହାର ମେୟର କହିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି।




କୋଲକାତାରେ ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣା ପ୍ରତିବାଦରେ ଗୁରୁବାର ପାଟନାରେ ଛାତ୍ରୀଙ୍କ ବିକ୍ଷୋଭ।

# ସନ୍ଦୀପ, ୪ ଡାକ୍ତରଙ୍କ ପଲିଗ୍ରାଫ୍ ଟେଷ୍ଟ କରାଯିବ

ନୂଆଦିଲ୍ଲୀ,୨୨।୮

କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପୂର୍ବ ପ୍ରିନ୍ସିପାଲ ସନ୍ଦୀପ ଘୋଷ ଓ ଅନ୍ୟ ୪ ଜଣ ଡାକ୍ତରଙ୍କ ପଲିଗ୍ରାଫ୍ କରାଯିବ। ଏଥିପାଇଁ ଉକ୍ତ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଗୁରୁବାର ଏକ ସ୍ୱତନ୍ତ୍ର ଅଦାଲତଙ୍କ ଅନୁମତି ପ୍ରଦାନ କରିଛନ୍ତି।

ସିବିଆଇ ସନ୍ଦୀପ ଓ ଘଟଣା ସମୟରେ କାର୍ଯ୍ୟରତ ଥିବା ୪ ଡାକ୍ତରଙ୍କୁ କୋର୍ଟକୁ ନେଇ ସେମାନଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ଅନୁମତି ମାଗିଥିଲା। ଲାଏ ଡିଟେକ୍ସନ ଟେଷ୍ଟ ଅଦାଲତଙ୍କ ଅନୁମତି ଏବଂ ସନ୍ଦିଗ୍ଧଙ୍କ ସହମତି କ୍ରମେ କରାଯାଇଥାଏ। ଜେରା ବେଳେ ସନ୍ଦୀପ ଦେଇଥିବା ଉତ୍ତରର ସତ୍ୟାସତ୍ୟ ଯାଞ୍ଚ ପାଇଁ ତାଙ୍କର ପଲିଗ୍ରାଫ୍ ଟେଷ୍ଟ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଅଭିଯୁକ୍ତ ସଞ୍ଜୟ ରୟଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ସିବିଆଇକୁ ଅନୁମତି ମିଳିସାରିଛି। ସଞ୍ଜୟଙ୍କ ଡିଏନ୍ଏ ପୀଡ଼ିତାଙ୍କ ଡିଏନ୍ଏ ସହ ମେଳ ଖାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସୁପ୍ରିମକୋର୍ଟରେ ଗୁରୁବାର ଶୁଣାଣି ବେଳେ ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଅଗଷ୍ଟ ୮ ରାତିରେ ହସ୍ପିଟାଲରେ ପିଜି ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ପରେ ସ୍ଥାନୀୟ ପୋଲିସ ପ୍ରମାଣ ନଷ୍ଟ ଉଦ୍ୟମ କରିଥିଲା। ପ୍ରକାଶ ଯେ, କାଲକାଟା ହାଇକୋର୍ଟ ଗତ ୧୩ରେ ଏହି ବହୁଚର୍ଚ୍ଚିତ ମାମଲାର ତଦନ୍ତ ଭାର କୋଲକାତା ପୋଲିସଠାରୁ ସିବିଆଇକୁ ହସ୍ତାନ୍ତର କରିଥିଲେ।

## ଆର୍.ଜି. କର: କଳା ଇତିହାସ




## କଠୋର ବଳାତ୍କାର ଆଇନ ଆଣ

### ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଲେ ମମତା

କୋଲକାତା,୨୨।୮

ବଳାତ୍କାର ମାମଲାରେ ଅପରାଧୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ସକାଶେ କଠୋର ଆଇନ ଆଣିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ମମତାଙ୍କ ମୁଖ୍ୟ ପରାମର୍ଶଦାତା ଅଲପନ ବନ୍ଦୋପାଧ୍ୟାୟ ଉକ୍ତ ଚିଠିକୁ ପଢ଼ି ଶୁଣାଇଛନ୍ତି।

କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ପିଜି ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଜାତୀୟ ଲଜ୍ଜା ପାଲଟିଥିବାବେଳେ କେନ୍ଦ୍ର ସରକାର ବଳାତ୍କାର ନିରୋଧୀ ଆଇନ ପ୍ରଣୟନ କରନ୍ତୁ ବୋଲି ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଚିଠିରେ ମମତା ଉଲ୍ଲେଖ କରିଛନ୍ତି, ସାରା ଦେଶରେ ନିୟମିତ ଭାବେ ବଳାତ୍କାର ଘଟୁଛି। ଉପଲବ୍ଧ ତଥ୍ୟ ଅନୁସାରେ ଦୈନିକ ପ୍ରାୟ ୯୦ ବଳାତ୍କାର ମାମଲା ରୁଜୁ ହେଉଛି। ଅନେକ ସ୍ଥଳେ ବଳାତ୍କାର ପୀଡ଼ିତାଙ୍କୁ ହତ୍ୟା କରାଯାଉଛି। ଏହି ଧାରା ଅତ୍ୟନ୍ତ ଭୟାନକ। ଏହା ସମାଜ ଓ ରାଷ୍ଟ୍ରର ଆତ୍ମବିଶ୍ୱାସ ତଥା ବିବେକକୁ ଦୋହଲାଇ ଦେଉଛି। ମହିଳାମାନେ ଯେପରି ନିଜକୁ ସୁରକ୍ଷିତ ମଣିବେ, ସେଥିଲାଗି ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପକାଇବା ଆମର କର୍ତ୍ତବ୍ୟ। ଏଭଳି ଏକ ଗମ୍ଭୀର ତଥା ସମ୍ବେଦନଶୀଳ ପ୍ରସଙ୍ଗର ସମାଧାନ କଠୋର କେନ୍ଦ୍ରୀୟ ଆଇନ ଜରିଆରେ ହିଁ କରାଯାଇପାରିବ। ଦ୍ରୁତ ଶୁଣାଣି ପାଇଁ ଦେଶରେ ଫାଷ୍ଟ-ଟ୍ରାକ୍ କୋର୍ଟ ଖୋଲିବାକୁ ମଧ୍ୟ ମମତା ପ୍ରସ୍ତାବ ଦେଇଛନ୍ତି। ନ୍ୟାୟ ସୁନିଶ୍ଚିତ କରିବା ଲାଗି ୧୫ ଦିନ ଭିତରେ ବିଚାର ଶେଷ କରାଯିବା ବ୍ୟବସ୍ଥା ଗ୍ରହଣ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଡାକ୍ତର ଆନ୍ଦୋଳନ ପ୍ରତ୍ୟାହୃତ, ପଶ୍ଚିମବଙ୍ଗରେ ଜାରି ରହିବ

ନୂଆଦିଲ୍ଲୀ,୨୨।୮

କୋଲକାତା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ) ଡାକ୍ତରମାନେ ୧୧ ଦିନ ଧରି ଆନ୍ଦୋଳନ ଚଳାଇଥିଲେ। ଗୁରୁବାର ସୁପ୍ରିମକୋର୍ଟଙ୍କ ପରାମର୍ଶକ୍ରମେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ପ୍ରତ୍ୟାହାର କରିନେଇଛନ୍ତି। ଆମେ ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶକୁ ପାଳନ କରିବୁ। ରୋଗୀ ସେବା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ଏମ୍ସ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏଶନ୍ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।

ସେହିପରି ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ ଆସୋସିଏଶନ୍ (ଏଫ୍ଏଆଇଏମ୍ଏ) ସମେତ ଦିଲ୍ଲୀର ଅନେକ ହସ୍ପିଟାଲ ଡାକ୍ତରମାନେ ଆନ୍ଦୋଳନରୁ ଓହରିଯାଇଛନ୍ତି। ଅନ୍ୟପକ୍ଷେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆନ୍ଦୋଳନ ଜାରି ରଖିବାକୁ ପଶ୍ଚିମବଙ୍ଗର ଡାକ୍ତରମାନେ ନିଷ୍ପତ୍ତି ନେଇଛନ୍ତି।

ପ୍ରକାଶ ଯେ, ଆର୍.ଜି. କର ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କ ମୃତଦେହ ଅଗଷ୍ଟ ୯ରେ ମିଳିଥିଲା। ଡାକ୍ତରମାନେ ୧୨ ତାରିଖରୁ ଦେଶବ୍ୟାପୀ ଆନ୍ଦୋଳନ ଚଳାଇଥିବାରୁ ଓପିଡି ଏବଂ ଅଣଜରୁରୀ ସେବା ବାଧାପ୍ରାପ୍ତ ହୋଇଥିଲା।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

### ସୋସିଆଲ ମିଡିଆରେ ହୋଇଥିଲା ସମ୍ପର୍କ

ମୁମ୍ବାଇ,୨୨।୮

ମୁମ୍ବାଇରେ ଜଣେ ୧୩ ବର୍ଷୀୟା ବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଘଟଣାରେ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଗୋରେଗାଁଓରୁ ଗିରଫ କରାଯାଇଛି। ସୋସିଆଲ ମିଡିଆ ଜରିଆରେ ସେମାନଙ୍କ ମଧ୍ୟରେ ସମ୍ପର୍କରୁ ପରସ୍ପରକୁ ଭେଟିଥିଲେ ବୋଲି ପୋଲିସ କହିଛି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ପୋକ୍‌ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ନାବାଳିକାଙ୍କୁ ଅନ୍ଧେରୀ ନେଇ ବଳାତ୍କାର କରିଥିଲା। ଅଗଷ୍ଟ ୧୫ରେ ତାଙ୍କୁ ଗୁଜରାଟ ନେଇ ୩ ଥର ବଳାତ୍କାର କରିଥିଲା ବୋଲି ଅଭିଯୋଗ ହୋଇଛି। କିଛିଦିନ ପରେ ନାବାଳିକା ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥଲେ। ଇନ୍‌ଷ୍ଟାଗ୍ରାମ ଫଟୋରୁ ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ପରିବାର ପୋଲିସକୁ ଜଣାଇଥିଲେ।

### ସପ୍ତର୍ଷି ଚଟ୍ଟୋପାଧ୍ୟାୟ ନୂଆ ପ୍ରିନ୍ସିପାଲ

ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଘଟଣା ସାମ୍ନାକୁ ଆସିବା ପରେ ସନ୍ଦୀପ ଘୋଷ ପ୍ରିନ୍ସିପାଲ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ଡ. ସୁହରିତା ପଲଙ୍କୁ ପ୍ରିନ୍ସିପାଲ ନିଯୁକ୍ତ କରିଥିଲା। ତେବେ ଏହାକୁ ନେଇ ବିବାଦ ଦେଖାଦେବାରୁ ପଶ୍ଚିମବଙ୍ଗ ସରକାର ସୁହରିତାଙ୍କୁ ହଟାଇ ଡ. ସପ୍ତର୍ଷି ଚଟ୍ଟୋପାଧ୍ୟାୟଙ୍କୁ ନୂତନ ପ୍ରିନ୍ସିପାଲ ନିଯୁକ୍ତ କରିଛନ୍ତି।

## ସେପ୍ଟେମ୍ବରରୁ ହୋଇପାରେ ଜନଗଣନା

ନୂଆଦିଲ୍ଲୀ,୨୨।୮

ଭାରତର ବହୁ ବିଳମ୍ବିତ ଜନଗଣନା ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହୋଇପାରେ। ସରକାରୀ ସୂତ୍ରକୁ ଉଦ୍ଧାର କରି ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ଏହା ପ୍ରକାଶ କରିଛି। ଜନଗଣନା ପ୍ରତି ୧୦ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। ୨୦୨୧ରେ ଶେଷ ହେବାକୁ ଥିବା ଜନଗଣନା କୋଭିଡ୍ ମହାମାରୀ ପାଇଁ ବିଳମ୍ବିତ ହୋଇଥିଲା। ଏଥିସହିତ ପ୍ରଯୁକ୍ତିଗତ ଏବଂ ଲଜିଷ୍ଟିକାଲ ପ୍ରତିବନ୍ଧକ ଜନଗଣନାକୁ ଅଧିକ ବିଳମ୍ବିତ କରିଥିଲା। ଆସନ୍ତା ମାସରୁ ଜନଗଣନା ଆରମ୍ଭ ହେଲେ ଏହା ଶେଷ ହେବାକୁ ୧୮ ମାସ ଲାଗିପାରେ ବୋଲି ଆଶା କରାଯାଉଛି। ଉକ୍ତ ସର୍ଭେ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଅଧିକାରୀମାନେ ଏହି ସୂଚନା ଦେଇଥିବାବେଳେ ପ୍ରକ୍ରିୟା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟର ଚୂଡ଼ାନ୍ତ ଅନୁମୋଦନକୁ ଅପେକ୍ଷା କରିଥିବା କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଜନଗଣନା ତଦାରଖ ଦାୟିତ୍ୱ ନେଇଥାନ୍ତି। ୨୦୨୬ ମାର୍ଚ୍ଚରେ ଜନଗଣନା ଫଳାଫଳ ପ୍ରକାଶ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଏଥିପାଇଁ ସମୟନିର୍ଘଣ୍ଟ ସ୍ଥିର ହୋଇଛି। ତେବେ ଉଭୟ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ।

ସୂଚନାଯୋଗ୍ୟ, ୨୦୧୧ରେ ହୋଇଥିବା ଶେଷ ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟା ସେତେବେଳେ ୧୨୧.୧ କୋଟି ଥିଲା। ଭାରତର ଜନସଂଖ୍ୟା ଏବେ ଚାଇନାକୁ ଟପି ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଥିବା ଜାତିସଂଘ ୨୦୨୩ ଏପ୍ରିଲରେ ରିପୋର୍ଟ ଦେଇଥିଲା। ସେହି ସମୟରେ ଭାରତର ଲୋକସଂଖ୍ୟା ୧୪୨ କୋଟିରୁ ଅଧିକ ହୋଇଥିବା ଆକଳନ କରାଯାଇଥିଲା। ଜନସଂଖ୍ୟା, ଅର୍ଥନୈତିକ କାରବାର, ସାକ୍ଷରତା, ଏବଂ ଗୃହସଂଖ୍ୟା ଆଦିର ସବିଶେଷ ତଥ୍ୟ ଦଶବର୍ଷୀୟ ଜନଗଣନା ସର୍ଭେରୁ ଜଣାପଡ଼ିଥାଏ। ସରକାରୀ ଯୋଜନା ପ୍ରଣୟନ, ନୀତି ନିର୍ଦ୍ଧାରଣ ଏବଂ ସାରା ଦେଶରେ ସମ୍ବଳ ଓ ସେବାର ସୁଷମ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ଏହି ତଥ୍ୟ ଜରୁରୀ।

## ବୋତ୍ସ୍ୱାନାରୁ ମିଳିଲା ବିଶ୍ୱର ଦ୍ୱିତୀୟ ବୃହତ୍ ହୀରା



ଗାବୋରୋନ୨୨।୮

ଦକ୍ଷିଣ ଆଫ୍ରିକୀୟ ଦେଶ ବୋତ୍ସ୍ୱାନାରୁ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ହୀରା ମିଳିଛି, ଯାହା କି ୨,୪୯୨ କ୍ୟାରେଟ୍ ରହିଛି। ବୋତ୍ସ୍ୱାନା ରାଜଧାନୀ ଗାବୋରୋନଠାରୁ ୫୦୦ କିମି ଉତ୍ତରରେ ଥିବା ଏକ ଖଣିରୁ ଏହି ହୀରା ଖୋଳାଯାଇଛି। ଉକ୍ତ ଖଣି କାନାଡା ଫାର୍ମ ଲୁକାରା ଡାଇମଣ୍ଡ ମାଲିକାନାରେ ରହିଛି। ୨୦୧୯ରେ ଉକ୍ତ ଖଣିରୁ ୧,୭୫୮ କ୍ୟାରେଟ୍‌ର ଏକ ଏକ ବୃହତ୍ ହୀରା ମିଳିଥିଲା। ବୋତ୍ସ୍ୱାନା ସର୍ବବୃହତ୍ ହୀରା ଉତ୍ପାଦନକାରୀ ଦେଶ। ବିଶ୍ୱର ୨୦ ପ୍ରତିଶତ ହୀରା ସେଠାରୁ ମିଳିଥାଏ। ସୂଚନାଯୋଗ୍ୟ, ବିଶ୍ୱର ସର୍ବବୃହତ୍ ହୀରା ଦକ୍ଷିଣ ଆଫ୍ରିକାରୁ ୧୯୦୫ରେ ମିଳିଥିଲା। ୩,୧୦୬ କ୍ୟାରେଟ୍‌ର ଏହି କୁଲିନାନ ହୀରାକୁ ୯ ଖଣ୍ଡରେ କଟାଯାଇଥିବାବେଳେ ଏହା ବ୍ରିଟିଶ ରାଜପରିବାରର ଅଳଙ୍କାରରେ ରହିଛି।

## ଗୋବିନ୍ଦରାଜନ ପଦ୍ମନାଭନଙ୍କୁ ବିଜ୍ଞାନ ରତ୍ନ ପୁରସ୍କାର

### ପ୍ରଥମ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପ୍ରଫେସର ଗୋବିନ୍ଦରାଜନ ବିଜ୍ଞାନରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି।

ନୂଆଦିଲ୍ଲୀ, ୨୨।୮

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର-୨୦୨୪ ପ୍ରଦାନ କରିଛନ୍ତି। ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାରର ଏହି ପ୍ରଥମ ସଂସ୍କରଣରେ ବିଜ୍ଞାନ ରତ୍ନ, ବିଜ୍ଞାନ ଶ୍ରେଣୀ, ବିଜ୍ଞାନ ଯୁବ ଏବଂ ବିଜ୍ଞାନ ଟିମ୍ ଆଦି ୪ଟି ଶ୍ରେଣୀରେ ୩୩ ଜଣ ପ୍ରତିଷ୍ଠିତ ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ(ଆଇଆଇଏସ୍)ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଗୋବିନ୍ଦରାଜନ ପଦ୍ମନାଭନ୍‌ଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଜୀବନ ସଫଳତା ଏବଂ ଅବଦାନ ପାଇଁ ବିଜ୍ଞାନ ରତ୍ନ ପୁରସ୍କାର ପ୍ରଦାନ କରାଯାଇଛି।

## ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ପୋଲାଣ୍ଡ ରାଷ୍ଟ୍ରପତିଙ୍କ ସହ ମୋଦିଙ୍କ ଆଲୋଚନା




ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡଜେଜ୍ ଡୁଡାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ୱାର୍‌ସା,୨୨।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡଜେଜ୍ ଡୁଡାଙ୍କୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ସହ ଦୁଇଦେଶ ମଧ୍ୟରେ ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ବଢ଼ାଇବା ନେଇ ଆଲୋଚନା କରିଛନ୍ତି। ଗୁରୁବାର ପ୍ରଥମେ ସେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କଙ୍କୁ ଭେଟିଥିଲେ। ଏହି ଅବସରରେ ୨ ନେତାଙ୍କ ମଧ୍ୟରେ ସାଇବର ସୁରକ୍ଷା ଓ ପ୍ରତିରକ୍ଷା ସେକ୍ଟରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ଚୁକ୍ତିନାମା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ପରେ ପୋଲାଣ୍ଡ ରାଷ୍ଟ୍ରପତିଙ୍କ ସହ ଆଲୋଚନା ସମ୍ପର୍କରେ ମୋଦି ଏକ୍ସ'ରେ ପୋଷ୍ଟ କରିଛନ୍ତି।

# କଂଗ୍ରେସ ସହ ମେଣ୍ଟ ଚୂଡ଼ାନ୍ତ: ଫାରୁକ୍

ଜମ୍ମୁ/ଶ୍ରୀନଗର,୨୨।୮

ଜମ୍ମୁ-କଶ୍ମୀର ବିଧାନସଭାର ସମସ୍ତ ୯୦ ଆସନରେ କଂଗ୍ରେସ ଏବଂ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମଧ୍ୟରେ ମେଣ୍ଟ ଚୂଡ଼ାନ୍ତ ହୋଇଥିବା ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ସୂଚନା ଦେଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏନ୍‌ସି ଅଧ୍ୟକ୍ଷ ଫାରୁକ୍‌ଙ୍କ ବାସଭବନରେ ଆଲୋଚନା କରିବା ପରେ ସେ ଏହି ଘୋଷଣା କରିଛନ୍ତି।

ଜମ୍ମୁ-କଶ୍ମୀର ବିଧାନସଭାର ୯୦ ଆସନ ପାଇଁ ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ରେ ୩ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଭୋଟ ଗଣତି ଅକ୍ଟୋବର ୪ରେ କରାଯିବ। ଏହା ପୂର୍ବରୁ ଖାର୍ଗେ ଓ ରାହୁଲ ମେଣ୍ଟ ଆଲୋଚନା ପାଇଁ ୨ ଦିନିଆ କଶ୍ମୀର ଗସ୍ତ କରିଛନ୍ତି। ସେମାନଙ୍କ ସହ ଗୁରୁବାର ଆଲୋଚନା ପରେ ବିରୋଧୀ ଇଣ୍ଡିଆ ମେଣ୍ଟର ଅନ୍ୟତମ ବରିଷ୍ଠ ନେତା ଫାରୁକ୍ ଗଣମାଧ୍ୟମକୁ କହିଛନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ବୈଠକ ଥିଲା। ମେଣ୍ଟ ହେବ ଓ ସୁରୁଖୁରୁରେ ଚାଲିବ। ବିଧାନସଭାର ସମସ୍ତ ୯୦ ଆସନ ପାଇଁ ମେଣ୍ଟ ଚୂଡ଼ାନ୍ତ ହୋଇଛି। ସିପିଆଇଏମ୍‌ର ଏମ୍‌ୱାଇ ତାରିଗାମୀ ମଧ୍ୟ ଆମ ସହିତ ଅଛନ୍ତି। ଆଶା କରୁଛି, ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସେମାନେ ଆମକୁ ବିପୁଳ ଭୋଟରେ ବିଜୟୀ କରାଇବେ। ଆମ ପାଇଁ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଭାଜନବାଦୀ ଶକ୍ତି ବିରୋଧରେ ଲଢ଼େଇ କରିବା ଆମର ମିଳିତ କାର୍ଯ୍ୟସୂଚୀ। ତେବେ ପିଡିପି ସହ ମେଣ୍ଟ ସମ୍ଭାବନାକୁ ଫାରୁକ୍ ଅସ୍ୱୀକାର କରିନାହାନ୍ତି।



ଶ୍ରୀନଗରରେ ଫାରୁକ୍ ଅବଦୁଲ୍ଲାଙ୍କ ସହ ହାତ ମିଳାଉଛନ୍ତି ରାହୁଲ ଗାନ୍ଧୀ।

## କଶ୍ମୀର ସହିତ ରକ୍ତ ସମ୍ପର୍କ: ରାହୁଲ

ଜମ୍ମୁ-କଶ୍ମୀରବାସୀଙ୍କ ସହିତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ରକ୍ତ ସମ୍ପର୍କ ରହିଛି। ରାହୁଲ କଶ୍ମୀର ଗସ୍ତର ଦ୍ୱିତୀୟ ଦିନରେ ଏହି ବିଷୟ କହିବା ସହ ଉପତ୍ୟକାକୁ ରାଜ୍ୟ ମାନ୍ୟତା ଫେରସ୍ତ ଏବଂ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ କରିବା ଉପରେ ଜୋର୍ ଦେଇଛନ୍ତି।

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ରର ମୋଦି ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଧାରା ୩୭୦କୁ ହଟାଇଦେଇଥିଲେ। ଏଥିସହ ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ୨୦୧୪ ବିଧାନସଭା ନିର୍ବାଚନର ୧୦ ବର୍ଷ ପରେ କଶ୍ମୀରବାସୀ ନିଜ ପ୍ରତିନିଧି ବାଛିବାକୁ ଯାଉଥିବାବେଳେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଶ୍ରୀନଗରରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ରାଜ୍ୟ ମାନ୍ୟତା ଫେରିପାଇବା ନେଇ ଆମେ ଆଶା କରିଥିଲୁ। ଇତିମଧ୍ୟରେ ନିର୍ବାଚନ ଆସିଯାଇଛି। ଏହା ଉପରେ ଇଣ୍ଡିଆ ବ୍ଲକ୍ ଆଗକୁ ଲଢ଼େଇ ଜାରି ରଖିବ। ଜମ୍ମୁ-କଶ୍ମୀରବାସୀଙ୍କ ସହ ମୋ ସମ୍ପର୍କ ରାଜନୈତିକ ନୁହେଁ, ବରଂ ପ୍ରେମର। ମୋ ପାରିବାରିକ ମୂଳ ଜମ୍ମୁ-କଶ୍ମୀରରେ। ତେଣୁ ଆପଣମାନେ ସବୁବେଳେ ମୋତେ ଦିଲ୍ଲୀରେ ନିଜର ଜଣେ ସିପାହି ବୋଲି ମନେକରିବା ଉଚିତ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ଲୋକ ସଭା ନିର୍ବାଚନରେ ଭାଜପାର ଦୁର୍ବଳ ପ୍ରଦର୍ଶନ ପରେ ମୋଦିଙ୍କ ହାବଭାବ ଓ ଆତ୍ମବିଶ୍ୱାସରେ ପରିବର୍ତ୍ତନ ଆସିଥିବା ରାହୁଲ କହିଛନ୍ତି।


DIVINE
SOLITAIRES
PRESENTS
THE SOLITAIRE FESTIVAL OF INDIA
GREATEST
WINNING
OF ALL TIMES!
Buy Divine
Solitaires Jewellery
& win prizes galore.
1st - 31st August, 2024
EVERYBODY WINS BIG!
ASSURED GIFTS
WEEKLY MEGA DRAW
GRAND BUMPER DRAW
10,000+ GIFTS
100+ CITIES
T&C Apply*
Available at
KHIMJI
JEWELLERS SINCE 1936
Saheed Nagar, Janpath, Bhubaneswar 674 669 7777
District Centre, Chandrasekharpur, Bhubaneswar 707 772 6627
5089, saubhagya nagar, Bhubaneswar 826 050 0967
Cantonment Road, Cuttack 787 300 0120
Customer Care: 9769 888 666
www.divinesolitaires.com


Hero
CENTENNIAL CELEBRATION
HERO FOREVER
Pleasure+ XTEC
CONNECT
POWERED BY HERO APP
SOS ଆଲର୍ଟ
ଏମର୍ଜେନ୍‌ସୀ କଣ୍ଟାକ୍ଟସ୍‌କୁ ଆଲର୍ଟସ୍ ପଠାନ୍ତୁ
ରିମୋଟ୍ ଇମ୍ମୋବିଲାଇଜେସନ୍
ଚୋରୀରୁ ବଞ୍ଚାଇବା ପାଇଁ ଯେକୌଣସି ସ୍ଥାନରୁ ଟୁ-ହ୍ୱିଲର୍‌ର ଇଗ୍ନିସନ୍ ବନ୍ଦ କରନ୍ତୁ
ସେୟାର୍ ଲୋକେସନ୍
ଟୁ-ହ୍ୱିଲର୍‌ର କରେଣ୍ଟ ଲୋକେସନ୍‌ର ଲିଙ୍କ ସେୟାର୍ କରନ୍ତୁ
କନେକ୍ଟେଡ୍ ରୁହନ୍ତୁ
ସୁରକ୍ଷିତ ରାଇଡ୍ କରନ୍ତୁ
ଏବେ ଯୁଆଡ଼େ ଯିବାକୁ ଚାହଁ
କୁହ ହଁ
ସର୍ବନିମ୍ନ ଡାଉନ ପେମେଣ୍ଟ
₹4,999/- ରୁ ଆରମ୍ଭ
ZIPPY
STYLISH
COLOURFUL
PEPPY
RS/Hero/08/24
100 DAYS OF HAPPINESS | STAND A CHANCE TO WIN 100% CASHBACK ON YOUR PURCHASE**
ଗୁରୁଦକ୍ଷିଣା ଅଫର୍ ₹3000/-*
ସୁଧ ଦର 0%~
Flipkart Offer ₹2500/-^
TOLL FREE NO. 1800-266-0018
INDIA'S FIRST 5 YEAR WARRANTY*
*Conditions apply
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **This Centennial Celebration Campaign is open only for Indian residents who buys a new Hero two wheeler during Campaign is valid from 26th June 2024 to 3rd October 2024. Cashback money can be claimed by the winning Participant within 90 days from the date of declaration of winner status. Any claim raised after expiry of above 90 days period shall not be entertained. Offer valid from 26th June 2024 to 3rd October 2024. ##Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empaneled dealers on Wheels of Trust platform. Available at select dealerships. For more details please visit your nearest authorised Hero outlet. *Basis data available in public forum for 110cc ICE Scooter segment. ~Finance scheme is at the sole discretion of the financier. ^Offers amount and combination of offers may vary for model/variant & states. Terms and Conditions apply.
Exchange Powered By
Wheels of Trust^^
SCAN FOR BEST RESALE VALUE
Authorised Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes, Ph: 7682841658, Rourkela: Dua Motors, Ph: 6372753989, Jeypore: Supreme Sales, Ph: 8144822656.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଦି ଓଡ଼ିଶା ନର୍ସିଂ ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତି ସମ୍ପର୍କିତ ହିତାଧିକାରୀ ପରାମର୍ଶ, ସ୍ଥାନ: ହୋଟେଲ ଲାଇଫ୍, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟାଶନାଲ ସ୍ପେଶ ଡେ' ପାଳନ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଲ୍କ ଇଣ୍ଡିଆ ପକ୍ଷରୁ ପ୍ରଦର୍ଶନୀର ଉଦ୍‌ଘାଟନ, ସ୍ଥାନ: ଦି ନ୍ୟୁ ମାରିୟନ ହୋଟେଲ, ସମୟ: ଅପରାହ୍ନ ୪ଟା।
- ମିଲେଟ୍ ଫେଷ୍ଟ ୨୦୨୪, ସ୍ଥାନ: ଆଇଏଚ୍‌ଏମ୍, ରସୁଲଗଡ଼, ସମୟ: ଅପରାହ୍ନ ୪ଟା।
- ଗ୍ରାଣ୍ଡ ମ୍ୟୁଜିକାଲ ନାଇଟ୍ 'କିଶୋରିୟାଡ୍', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଆନୁକୂଲ୍ୟରେ ୨୭ତମ ଆଇସିଏଆର୍ ଆଞ୍ଚଳିକ କମିଟି-୨ ବୈଠକ, ସ୍ଥାନ: ଏମ୍‌କେସିଜି ସମ୍ମିଳନୀ କକ୍ଷ, ଅନୁଷ୍ଠାନ ପରିସର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ୍ ଭଗବଦ ପ୍ରବଚନ ସପ୍ତାହର ଉଦ୍‌ଘାଟନୀ, ସ୍ଥାନ: ରାଷ୍ଟ୍ରଭାଷା ସଭାଗୃହ, କଳାବିକାଶ କେନ୍ଦ୍ର ରୋଡ, କଟକ, ସମୟ: ସନ୍ଧ୍ୟା ୬ଟା।
- କବି ରାଜେନ୍ଦ୍ର କୁମାର ପ୍ରଧାନଙ୍କ ଶାଶ୍ୱତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥର ଉନ୍ମୋଚନ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଭାରତ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଅଶୋକ ନଗର ବଣିକ ସଂଘ, ବାଲୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଆର୍ଯ୍ୟସମାଜ ଓ ପିଙ୍ଗୁାବଣିଆ ଗୁରୁକୁଳ ଆଶ୍ରମ ପକ୍ଷରୁ ବିଶ୍ୱ କଲ୍ୟାଣ ଯଜ୍ଞ ଓ ବେଦ ପ୍ରଚାର ଅଭିଯାନ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ବିଭାଗ ପକ୍ଷରୁ ଖିଆରି ଜଳ ଚିଙ୍ଗୁଡ଼ି ଚାଷ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବ୍ରିଟ୍ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ୧୦ଟା ୩୦।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସାଇନ୍ସ ସୋସାଇଟି ଆନୁକୂଲ୍ୟରେ ଜାତୀୟ ମହାକାଶ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଭଦ୍ରକ

- ଜବରଦଖଲ ଉଚ୍ଛେଦ, ସ୍ଥାନ: ମେଡିକାଲ ଛକ, ଭଦ୍ରକ, ସମୟ: ସକାଳ ୯ଟା।
- ଅଧ୍ୟକ୍ଷଙ୍କ ବିରୋଧରେ ଧାରଣା, ସ୍ଥାନ: ବରପଦା ଇଞ୍ଜିନିୟରିଂ କଲେଜ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ପୂଜ୍ୟପୂଜା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜଳହରି ହାଇସ୍କୁଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ, ଶ୍ରୀ ସୂକ୍ତ ପାଠ ଏବଂ ମାନସିକ ପୂଜା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ପୁଷ୍କରିଣୀ ନିଲାମ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସାଇଁକୁଳ ପଞ୍ଚାୟତ କାର୍ଯ୍ୟାଳୟ, ଘସିପୁରା, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: କଳିଙ୍ଗ ନଗର ହାଇସ୍କୁଲ, ମାଟକାମବେଡ଼ା, ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: କାଠକଟା, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଳେଶର ପାଲା କମିଟି ପକ୍ଷରୁ ବୈଠକ, ସ୍ଥାନ: ପାଲା ମଣ୍ଡପ, ଜଳସୁଆଁ, ଆନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଛାତ୍ର ସଂସଦ ନିର୍ବାଚନ ଦାବିରେ ଏବିଭିପି ପକ୍ଷରୁ ଦସ୍ତଖତ ଅଭିଯାନ, ସ୍ଥାନ: କେନ୍ଦୁଝର, ସମୟ: ଅପରାହ୍ନ ୧ଟା।
- ସକ୍ଷୀ ୱାନ ଷ୍ଟେପ୍ ସେଣ୍ଟର ଗୃହ ଉଦ୍‌ଘାଟନ, ସ୍ଥାନ: ଜିଲା ମୁଖ୍ୟ ଡାକ୍ତରଖାନା, କେନ୍ଦୁଝର, ସମୟ: ଅପରାହ୍ନ ୧ଟା।
- ରୁଦ୍ରନାରାୟଣପୁର ୟୁଥ୍ କ୍ଲବ୍ ପକ୍ଷରୁ ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: କ୍ଲବ୍ ପରିସର, ମଛାଳ, ଘସିପୁରା, ସମୟ: ଅପରାହ୍ନ ୫ ଟା।
- ସତ୍ୟ ନାରାୟଣଙ୍କ ପାଲା ଉତ୍ସବ, ସ୍ଥାନ: ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଦକ୍ଷତା ବିକାଶ ବିଭାଗ ପକ୍ଷରୁ କୌଶଳ ରଥ ପରିକ୍ରମା, ସ୍ଥାନ: ପୂର୍ଣ୍ଣଚନ୍ଦ୍ର ସରକାରୀ ଆଇଟିଆଇ, ଷ୍ଟେଶନ ବଜାର, ବାରିପଦା,ସମୟ: ସକାଳ ୯ଟା। ସ୍ଥାନ:ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ଟିକରପଡ଼ା,ଶାମାଖୁଣ୍ଟା, ସମୟ: ପୂର୍ବାହ୍ନ ୧୦ଟା ୩୦। ସ୍ଥାନ:ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ବାସିପିଠା, ଖୁଣ୍ଟା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ୩୦। ସ୍ଥାନ: କପ୍ତିପଦା ଉଚ୍ଚ ବିଦ୍ୟାଳୟ,କପ୍ତିପଦା, ସମୟ: ଅପରାହ୍ନ ୨ଟା ୩୦। ସ୍ଥାନ: ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ମାଣତ୍ରୀ, ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୫ଟା।
- ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଦିବ୍ୟାଙ୍ଗ ଚିହ୍ନଟ ଶିବିର, ସ୍ଥାନ: ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭତ୍ତା ପ୍ରସଙ୍ଗକୁ ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ବିଜେଡିର ବିକ୍ଷୋଭ,ସ୍ଥାନ:ବ୍ଲକ କାର୍ଯ୍ୟାଳୟ ଚିତ୍ରଡା, ମୋରଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂସ୍କୃତି ମହୋତ୍ସବ,ସ୍ଥାନ: ଗୋଷାଣୀ ନୂଆଗାଁ, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ମିନି ମାରାଥନ, ସ୍ଥାନ: ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟଠାରୁ ଆରମ୍ଭ,ସମୟ: ସକାଳ ୬ଟା ୩୦ମି।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତି ସଭା, ସ୍ଥାନ:ଟାଉନ ହଲ, ବାଲିଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ଗଜପତି

- ଜନମନ ଅଭିଯାନ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ବଜରଙ୍ଗ ଦଳ ପକ୍ଷରୁ ଟର୍ଚ୍ଚ, କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଢେଙ୍କାନାଳ ନନ୍ଦିନୀଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଆଗାମୀ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୌରପାଳିକା ପକ୍ଷରୁ ୧୪ ଓ ୧୫ ନଂ. ୱାର୍ଡରେ ସମୂହ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୭ଟା।
- ଦୁଇ ଦିନିଆ ଜାତୀୟ ଭଲିବଲ୍ ଓ ହକି ଟୁର୍ନାମେଣ୍ଟ, ସ୍ଥାନ: ଡିଏଭି ସ୍କୁଲ ଖେଳପଡିଆ, ପିପିଏଲ୍, ପାରାଦୀପ, ସମୟ: ସକାଳ ୮ ଟା।

## କେନ୍ଦ୍ରାପଡ଼ା

- ଭାରତ ରକ୍ଷା ମଞ୍ଚ ପକ୍ଷରୁ ଅଣହିନ୍ଦୁ ବାଂଲାଦେଶୀ ଓ ରୋହିଙ୍ଗା ହଟାଅ ଅଭିଯାନ ଉପଲକ୍ଷେ ଭୁବନେଶ୍ୱରଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ତିନିମୁହାଣୀ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଜୟରାଷ୍ଟ୍ର ଅନୁଷ୍ଠାନ ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳନ, ସ୍ଥାନ: ହରିଭାଇ ମାର୍କେଟ କମ୍ପ୍ଲେକ୍ସ, ପେଟ୍ରୋଲ ପମ୍ପ ଷ୍ଟେଶନ ସମ୍ମୁଖ, ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ୨୧ତମ ପ୍ରାଣୀ ଗଣନା ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନ, ସ୍ଥାନ: ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ଖବରଦାତା ସମ୍ମିଳନୀ,ସ୍ଥାନ : ଯାଜପୁର ଶାନ୍ତି ମଣ୍ଡପ,ସମୟ : ଅପରାହ୍ନ ୫ଟା।

## ରାୟଗଡ଼ା

- ଗ୍ଲୋବାଲ ବାୟୋ ଇଣ୍ଡିଆ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା ୩୦।
- କ୍ଷେତ ମୁଲିଆଙ୍କ ସମସ୍ୟାକୁ ନେଇ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ଜିଲା କମିଟିର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଭାଜପା ଜିଲାସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ପି.ଏମ୍ ଜନମନ ଯୋଜନାକୁ ନେଇ ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ପରିଷଦ କନଫରେନ୍ସ ହଲ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଝରିଗାଁ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି ସଭାଗୃହ, ସମୟ:ସକାଳ ୧୦ ଟା।
- ସଂଗ୍ରାମୀ ଜଗନ୍ନଥ ତ୍ରିପାଠୀଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ନବରଙ୍ଗପୁରସ୍ଥିତ ଶାସ୍ତ୍ରୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜଙ୍ଗଲ ଜମି ଅଧିକାର ଆଇନ ଉପରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ : ଅପରାହ୍ନ ୩ଟା ୩୦।
- କୋରାପୁଟ ଆଇଟିଡିଏ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ବୈଠକ, ସ୍ଥାନ:ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଡା. ସନାତନ ବେହେରା ସ୍ମାରକୀ ସୁପର ଲିଗ୍ ଫୁଟବଲ ପ୍ରତିଯୋଗିତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ , ସମୟ : ଅପରାହ୍ନ ୨ଟା୧୫।
- ରୋଟାରୀ କ୍ଲବ ସମ୍ବଲପୁର ସିଟିର ଅଧିଷ୍ଠାନ ଉତ୍ସବ, ସ୍ଥାନ : ରୋୟାର ରିଟ୍ରିଟ, ସମୟ: ସନ୍ଧ୍ୟା ୭ଟା୩୦।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।
- ଚତୁରଙ୍ଗ ସମ୍ପାଦନା ମଣ୍ଡଳୀ ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ତରଭା ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- କୋଶଲ ଫର୍ଟିଲାଇଜର୍ସ ଆଣ୍ଡ୍ ପେଷ୍ଟିସାଇଡ୍ସ ଆସୋସିଏଶନ ବୈଠକ, ସ୍ଥାନ: ସ୍ୱୟଂସିଦ୍ଧା ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଗଣଦୃଷ୍ଟି ପାଠଶାଳା, ସ୍ଥାନ: ଦଧିବାମନ ସ୍ନାତକ ମହାବିଦ୍ୟାଳୟ, ଭଟଲି, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃଜିଲା ମହିଳା ଫୁଟବଲ ପ୍ରତିଯୋଗିତାର ଉଦଘାଟନୀ, ସ୍ଥାନ: ଲେଙ୍ଗ ମିଶ୍ର ମିନି ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୨ଟା।
- ପିସି ବେହେରା ଆନ୍ତଃଜିଲା ସିନିୟର ମହିଳା ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ସୋହେଲା ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼

- ଜିଲା ପ୍ରଶାସନ ତରଫରୁ ଅଲିମ୍ପିଆନ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧନା,ସ୍ଥାନ:ବିକାଶ ଭବନ,ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୧ଟା।
- ପିଏମ ଜନମନ କାର୍ଯ୍ୟକ୍ରମ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ,ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ୧୧ଟା୩୦।

## ଦେବଗଡ଼

- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ କଣ୍ଢେଇ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ବିଭାଗ ଓ ସମ୍ଭାଗ ଜ୍ଞାନ ବିଜ୍ଞାନ ମେଳା ୨୦୨୪, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ପାର୍ଥେ ନିୟମ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଝୁଲଣ ଯାତ୍ରା ପାଳନ, ସ୍ଥାନ: ଜଗନ୍ନାଥ ମନ୍ଦିର, ପୁରୁଣାଗଡ, ଦେବଗଡ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଆକାଂକ୍ଷୀ ଜିଲା ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରୁଚି ଫୁଡ୍ ଲାଇନ ପକ୍ଷରୁ ଫାର୍ମ ବି ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ହୋଟେଲ ଅମରାପାଲି କ୍ଲାସିକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ନୂଆପଡ଼ା କପ ଫୁଟ୍‌ବଲ ଟୁର୍ନାମେଣ୍ଟ ୨ୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୨ଟା ୩୦।

## ବୌଦ୍ଧ

- ଜନଜାଗରଣ ସଭା, ସ୍ଥାନ: ମହାଲିକପଡା ଗ୍ରାମ ପଞ୍ଚାୟତ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ସୁରକ୍ଷା ଯୋଜନା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ପାପଗ୍ରହ ଯୁକ୍ତ ହେତୁ ମାନସିକ ଅସ୍ଥିରତା ସହ ଯାତ୍ରାରେ ସମସ୍ୟା ଏବଂ ପାରିବାରିକ ବିବାଦର ଆଶଙ୍କା ରହିଛି। ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସକାଶେ ଫନ୍ଦିଫିକର କରି ସଫଳତା ମଧ୍ୟ ପାଇବେ। କର୍ମକ୍ଷେତ୍ର ଏବଂ ବାଣିଜ୍ୟ, ବ୍ୟବସାୟ ସନ୍ତୋଷଜନକ ରହିବ।

**ବୃଷ** ଅତୀତର କୌଣସି ସମ୍ପର୍କକୁ ନେଇ ଗୁଜବରେ ଚିନ୍ତିତ ରହିପାରନ୍ତି। ବିବାଦୀୟ ପରିସ୍ଥିତି ଲାଗି ରହିଥିବାରୁ କର୍ମକ୍ଷେତ୍ର ଅଶାନ୍ତ ରହିପାରେ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢ଼ିଯାଇପାରେ। ରୋହିଣୀ ନକ୍ଷତ୍ରର କାମରେ ସଫଳତା ସହ ସମ୍ମାନନୀୟ ବ୍ୟକ୍ତିବିଶେଷଙ୍କ ସହାୟତା ପ୍ରାପ୍ତ ହେବ।

**ମିଥୁନ** ପରିସ୍ଥିତି ଯାହା ଥାଉନା କାହିଁକି ଅର୍ଥଲାଭ ଓ ଚେଷ୍ଟାରେ ସଫଳତା ହେତୁ ଦିନସାରା କାର୍ଯ୍ୟବ୍ୟସ୍ତ ରହିବେ। କୌଣସି ହୃଦୟବାନ୍ ବ୍ୟକ୍ତିଙ୍କ ସହାୟତାରୁ ଅଟକିଥିବା ସରକାରୀ କାମରେ ଅଗ୍ରଗତି ଘଟିପାରେ। ବ୍ୟବସାୟ, ପରିବହନ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ସହକର୍ମୀଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**କର୍କଟ** ସବୁ ଦିନ ପରି ଆଜି ମଧ୍ୟ ଚିରାଚରିତ କାର୍ଯ୍ୟପନ୍ଥାରେ ନିଜକୁ ମଜାଇ ରଖିବେ। ଅନ୍ୟମାନଙ୍କ ଘରୋଇ କଥାରେ ହସ୍ତକ୍ଷେପ କଲେ ସମାଲୋଚିତ ହେବା ନିଶ୍ଚୟ। ଅତୀତ ଘଟଣାକୁ ଚିନ୍ତାକରି ଅନ୍ୟମନସ୍କ ରହିବା ଫଳରେ ସମସ୍ୟାକୁ ଡାକି ଆଣି ପାରନ୍ତି। ଘର କାମଟିକୁ ଭୁଲିଯିବେ ଓ ପରିବାରରେ ଏଥିପାଇଁ ଝଗଡ଼ା ଲାଗିପାରେ।

**ସିଂହ** ଆଜି ଯେଉଁ କାମ କରିବାକୁ ଯାଉଛନ୍ତି ତାହା ହାସଲ କରିବାରେ କଷ୍ଟ ଭୋଗିବାକୁ ପଡ଼ିବ। ଶିଳ୍ପ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେବାର ସୂଚନା ରହିଛି। ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବାର ସୂଚନା ରହିଛି।

**କନ୍ୟା** ଅର୍ଥ ସମ୍ପର୍କିତ କାମରେ ସଫଳତା, କର୍ମକ୍ଷେତ୍ରରେ ସମ୍ମାନ ଓ ବନ୍ଧୁଙ୍କ ଗୌରବରେ ଖୁସି ରହିବେ। ପାରିବାରିକ କ୍ଷେତ୍ରର ଭୁଲ୍ ବୁଝାମଣା ଦୂରେଇଯିବ। ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡିହେବାରେ ଜଣେ ସହକର୍ମୀ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ଉଚ୍ଚବର୍ଗଙ୍କ ସହାୟତାରେ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ।

**ତୁଳା** ପ୍ରତ୍ୟେକ ଦିଗରୁ ଦିନଟି ଭଲ ରହିବ ଓ ସମସ୍ୟା ନ ଥାଇ କାମ ହାସଲ କରିପାରିବେ। ବନ୍ଧୁଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରି ଦୂରେଇ ରହିବାକୁ ମନସ୍ଥ କରିପାରନ୍ତି। ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି ମାତ୍ର ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ସ୍ୱାସ୍ଥ୍ୟ ସମସ୍ୟାକୁ ଅବହେଳା କରି ଘରଲୋକଙ୍କ ଚକ୍ଷୁଶୂଳର କାରଣ ହେବେ।

**ବିଛା** ହାତରେ ବହୁତ କାମ ଥିଲେ ମଧ୍ୟ କୌଣସି କାର୍ଯ୍ୟପ୍ରତି ସ୍ଥିରତା ରହିବ ନାହିଁ। ଅଧିକାଂଶ ସମୟ ଏଣୁ ତେଣୁ ମୂଲ୍ୟହୀନ କଥାରେ ଗୁରୁତ୍ୱ ଦେଇ ସମୟକୁ ଅଯଥା ଗଡାଇ ଚାଲିବେ। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ନିଜର ଆତ୍ମୀୟଙ୍କ ପକ୍ଷପାତିତା କାରଣରୁ କ୍ଷୋଭ ପ୍ରକାଶ କରିବେ।

**ଧନୁ** ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣାଧୀନ ରହିବ ଏବଂ ବିଶେଷ କିଛି ଗୁରୁତର ଅସୁବିଧା ରହିବ ନାହିଁ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି କଳହ ବୃଦ୍ଧି ହେତୁ ଅଶାନ୍ତି ଲାଗିରହିବ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ ବ୍ୟବସାୟ ଓ ପରିବହନର ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ସମ୍ମାନିତ ହେବା ସହ ଆବଶ୍ୟକତା ପୂରଣ ହୋଇଯିବ।

**ମକର** ଆଜି କର୍ମାଧିପ ଅଷ୍ଟମଭାବସ୍ଥ କାରଣରୁ ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରିବେ। ଆର୍ଥିକ ଦିଗଟି ଭଲ ରହିବ। ବ୍ୟବହାରରେ ବ୍ୟତିକ୍ରମ ସମସ୍ୟାର କାରଣ ହୋଇପାରେ। ଜଣେ ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହୋଇପାରେ।

**କୁମ୍ଭ** କୌଣସି କ୍ଷେତ୍ରରେ କାମ ଅଟକିବ ନାହିଁ କିନ୍ତୁ ସହଜରେ ସମ୍ପନ୍ନ କଷ୍ଟକର ହୋଇପାରେ। ପରିବାରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ ଯାହାକି ସମସ୍ୟା ସୃଷ୍ଟିର ମାଧ୍ୟମ ପାଲଟିବ। ଘରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହୋଇପାରନ୍ତି।

**ମୀନ** ଆଜି ବିଶେଷ ଅସୁବିଧା ନ ହେଲେ ମଧ୍ୟ ପୂର୍ବ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ପରିବାରରେ ଅଯଥା ତର୍କବିତର୍କଜନିତ ମତାନ୍ତର ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ସମ୍ମାନ ଓ ସଦିଚ୍ଛା ଯେତିକି ବଢ଼ିବ ସମପରିମାଣରେ ପରୋକ୍ଷ ଶତ୍ରୁତା ମଧ୍ୟ ସୃଷ୍ଟି ହେବ। ଯେ କୌଣସି କ୍ଷେତ୍ରରେ ପ୍ରକୃତ ଘଟଣାକୁ ନ ବୁଝି କାମକଲେ ଅସୁବିଧାରେ ପଡ଼ିବେ।

ଆଜି ଅଗଷ୍ଟ ୨୩ ତାରିଖ, ଜାତୀୟ ମହାକାଶ ଦିବସ, ରକ୍ଷାପଞ୍ଚମୀ, ଭାଦ୍ରବ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ଶୁକ୍ରବାର, ରାଶିନକ୍ଷତ୍ର-ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫.୩୨ ଗତେ ଘ.୦୬.୨୨ ମଧ୍ୟେ, ଘ.୦୭.୧୩ ଗତେ ଘ.୦୮.୨୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୫ ଗତେ ଘ.୧୧.୪୯ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଚିକିଟି ମଦମୃତ୍ୟୁ:...

ପାଣିଗ୍ରାହୀଙ୍କୁ ଅନ୍ୟତ୍ର ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବ୍ରହ୍ମପୁର ଅବକାରୀ ଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି ଓ ଏସ୍ଆଇ ପ୍ରସନ୍ନ କୁମାର ଜାଲିଙ୍କୁ ନିଲମ୍ବନ କରାଯାଇଛି ବୋଲି ଆଇନମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨ ଦିନ ଧରି ଚିକିଟି ମଦମୃତ୍ୟୁ ପ୍ରସଙ୍ଗକୁ ନେଇ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ଜାରି ରହିଛି। ଗୁରୁବାର ମୁଖ୍ୟ ବିରୋଧୀ ଦଳ ବିଜେଡି ମଦମୃତ୍ୟୁ ଘଟଣାର ଆର୍‌ଡିସି ସ୍ତରୀୟ ତଦନ୍ତ ଦାବି କରି ପ୍ରବଳ ହଟ୍ଟଗୋଳ କରିଥିଲା।

## ବିଧାନସଭାରେ ହଟ୍ଟଗୋଳ...

ଚେଷ୍ଟା କରିଥିଲେ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୦ଟା ୩୬ ମିନିଟ୍‌ରୁ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ଏହାପରେ ମଧ୍ୟ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ୧୧ଟା ୩୦ ମିନିଟ୍‌ରେ ବିରୋଧୀ ଦଳ ସଦସ୍ୟମାନେ ସମାନ ଦାବିକୁ ଦୋହରାଇ ପୁଣି ହୋହଲ୍ଲା କରିଥିଲେ।

ଗୃହକୁ ପୁଣି ୧୫ ମିନିଟ୍ ପାଇଁ ମୁଲତବୀ କରାଯାଇଥିଲା। ପୂର୍ବାହ୍ନ ୧୧ଟା ୪୫ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଥିଲା। ବିରୋଧୀ ଦଳ ସଦସ୍ୟମାନେ ହୋହଲ୍ଲା କରିଥିଲେ। ହଟ୍ଟଗୋଳ ମଧ୍ୟରେ ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୃହରେ ଆଲୋଚନା ପାଇଁ ରହିଛି। ବିରୋଧୀ ଦଳ ସଦସ୍ୟମାନେ ଏହି ଆଲୋଚନା ହେଉ ବୋଲି ଚାହୁଁନାହାନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ବିରୋଧୀ ଦଳ ଚିକିଟି ମଦମୃତ୍ୟୁ ଘଟଣାରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଦେଇଛନ୍ତି। ଏହା ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ମାତ୍ର ବିରୋଧୀ ଦଳ ଜାଣିଶୁଣି ଗୃହକୁ ଅଚଳ କରିବାକୁ ଚାହୁଁଛନ୍ତି। ଗୃହକୁ ଅର୍ଡରକୁ ଅଣାଯାଉ ବୋଲି ସେ କହିଥିଲେ। ହଟ୍ଟଗୋଳ ନ କମିବାରୁ ବାଚସ୍ପତି ଗୃହକୁ ୧୧ଟା ୫୦ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ନିଜ ନିଜର ଦାବି ଦୋହରାଇ ପାଟିତୁଣ୍ଡ କରିଥିଲେ। ଗୃହକାର୍ଯ୍ୟକୁ ବର୍ଜନ କରି ବିଜେଡି ସଦସ୍ୟମାନେ ବିଧାନସଭା ବାହାରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ।

## ବିଚାରପତି, ଡାକ୍ତର କାମ...

ମହାନିର୍ଦ୍ଦେଶକମାନଙ୍କଠାରୁ ପରାମର୍ଶ ନେବେ। ଶୁଣାଣି ବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଅନୈତିକ କାର୍ଯ୍ୟକୁ ଘଣ୍ଟ ଘୋଡ଼ାଇବା ପାଇଁ ଉଦ୍ୟମ ଚାଲିଥିବା ଆର୍.ଜି. କର. ହସ୍ପିଟାଲର ବରିଷ୍ଠ ଡାକ୍ତର ଏବଂ ପୀଡ଼ିତାଙ୍କ ସହକର୍ମୀମାନେ ଅନୁଭବ କରି ଭିଡିଓଗ୍ରାଫି ପାଇଁ ଦାବି କରିଛନ୍ତି। ପୀଡ଼ିତାଙ୍କ ବାପା ଏଫ୍‌ଆଇଆର୍ ପଞ୍ଜୀକରଣ ଉପରେ ଜୋର୍ ଦେଇଛନ୍ତି। ହସ୍ପିଟାଲ ଏତଲା ଦେଇ ନ ଥିଲା। ଅଗଷ୍ଟ ୯ରେ ତାଙ୍କ ବାପା ନିଜେ ଏତଲା ଦେଇଥିଲେ, ଯାହାକି ଝିଅଙ୍କ ଶେଷକୃତ୍ୟ ସମ୍ପନ୍ନ ହେବା ପରେ ରାତି ୧୧ଟା ୪୫ ମିନିଟ୍‌ରେ ପଞ୍ଜୀକୃତ ହୋଇଥିଲା। ସବୁ ରଫାଦଫା କରିବା ପାଇଁ ଏହା ଏକ ଉଦ୍ୟମ। ଘଟଣାର ପଞ୍ଚମ ଦିନରେ ସିବିଆଇ ତଦନ୍ତ ଆରମ୍ଭ କଲାବେଳକୁ ଅନେକ କିଛି ହେରଫେର କରାଯାଇସାରିଥିଲା। ପ୍ରଥମେ ହସ୍ପିଟାଲ କର୍ତ୍ତୃପକ୍ଷ ପୀଡ଼ିତାଙ୍କ ମା'ବାପାଙ୍କୁ ଏହା ଏକ ଆତ୍ମହତ୍ୟା ବୋଲି କହିଥିଲେ, ଯାହାକି ପରେ ହତ୍ୟା ମାମଲାରେ ପରିବର୍ତ୍ତିତ ହୋଇଥିଲା। ମେହେଟ୍ଟାଙ୍କ ଯୁକ୍ତି ଶୁଣିବା ପରେ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ଖଣ୍ଡପୀଠ ପ୍ରଶ୍ନ କରିଥିଲେ, ଏଫ୍‌ଆଇଆର୍ ରୁଜୁରେ ୧୪ ଘଣ୍ଟା ବିଳମ୍ବ କାହିଁକି ହେଲା। ଏହା ପଛରେ ଉଦ୍ଦେଶ୍ୟ କ'ଣ ଥିଲା ଏବଂ ଆର୍.ଜି. କର ମେଡିକାଲ କଲେଜ ପ୍ରିନ୍ସିପାଲଙ୍କ ସହ କିଏ ଯୋଗାଯୋଗ କରିଥିଲେ। ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ ପୂର୍ବରୁ ସନ୍ଧ୍ୟା ୬ଟା ୧୦ରୁ ୭ଟା ୧୦ ମିନିଟ୍ ଭିତରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ରିପୋର୍ଟ ଆସିବା ପରେ ସେନେଇ ସ୍ଥାନୀୟ ତଳା ଥାନାକୁ ସୂଚନା ଦିଆଯାଇଥିଲା କି। ପ୍ରଥମେ ଏତଲା ପଞ୍ଜୀକରଣ କରିଥିବା କୋଲକାତାର ପୋଲିସ ଅଧିକାରୀ ସାରା ଦେଶକୁ ସ୍ତବ୍ଧ କରିଦେଇଛନ୍ତି। ସମ୍ପୃକ୍ତ ଅଫିସର ପରବର୍ତ୍ତୀ ଶୁଣାଣି ବେଳେ ହାଜର ହୋଇ ପଞ୍ଜୀକରଣ ସମୟ କୋର୍ଟଙ୍କୁ ଅବଗତ କରାଇବେ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଏହି ଘଟଣାର ପ୍ରତିବାଦରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବାଧା ଦିଆଯାଇପାରିବ ନାହିଁ। କିନ୍ତୁ ଉପଯୁକ୍ତ ପ୍ରୋଟୋକଲର ଅନୁସରଣ କରାଯିବା ଉଚିତ। ସେମାନେ ଚାହିଁଲେ କାର୍ଯ୍ୟକ୍ଷେତ୍ରକୁ ଫେରିପାରିବେ। କାର୍ଯ୍ୟରେ ଯୋଗଦେବା ପରେ ଡାକ୍ତରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଦଳଗୁଡ଼ିକ ଏହି ପ୍ରସଙ୍ଗର ରାଜନୀତିକରଣ କରନ୍ତୁ ନାହିଁ। ଆଇନ ତା' ବାଟରେ ଯିବ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଏକ ପୋର୍ଟାଲ ଲଞ୍ଚ କରନ୍ତୁ, ଯେଉଁଠି ପକ୍ଷମାନେ ଡାକ୍ତରଙ୍କ ସୁରକ୍ଷା ପାଇଁ ଏନ୍‌ଟିଏଫ୍‌କୁ ପ୍ରସ୍ତାବ ଦେଇପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ରେଞ୍ଜର୍‌ଙ୍କ ଫାର୍ମହାଉସ୍‌ରେ...

ଜାଗାରେ ବିଭୁଦାନନ୍ଦଙ୍କ ଏକ ବିଳାସମୟ ଫାର୍ମ ହାଉସ ଠାବ ହୋଇଛି। ଏଥିରେ ଏକ ମିନି ଚିଡ଼ିଆଖାନା ରହିଛି। ପ୍ରାୟ ୨କୋଟି ଟଙ୍କାର ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ମଧ୍ୟ ହୋଇଛି। ସେଥିରେ କୁକୁଡ଼ା ଫାର୍ମ, ଚାରା ବିକ୍ରୟ କେନ୍ଦ୍ର (ହର୍ଟିକଲ୍‌ଚର ଫାର୍ମ) ଓ ଅତ୍ୟାଧୁନିକ ପାର୍କ ଆଦି ରହିଛି। ସେହିପରି ଭୁବନେଶ୍ୱର ଓ ଢେଙ୍କାନାଳର ମୁଖ୍ୟ ଅଞ୍ଚଳରେ ୮ଟି ପ୍ଲଟ୍ ଠାବ ହୋଇଛି। ପଞ୍ଜୀକୃତ ସେଲ୍ ଡିଡ୍ ଅନୁଯାୟୀ ମୋଟ୍ ପ୍ଲଟଗୁଡ଼ିକର ମୂଲ୍ୟ ପ୍ରାୟ ୧କୋଟି ରହିଥିବାବେଳେ ଏସବୁର ବଜାର ମୂଲ୍ୟ ବହୁ ଅଧିକ ହେବ। କୋଠା, ପ୍ଲଟ୍, ଫାର୍ମ ହାଉସର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ବିଭୁଦାନନ୍ଦ ବ୍ୟାଙ୍କ, ପୋଷ୍ଟାଲ, ଜୀବନବୀମା ଓ ଶେୟାର ମାର୍କେଟ୍‌ରେ ନିବେଶ କରିଥିବା ମୋଟ ୧.୫ କୋଟିକୁ ଭିଜିଲାନ୍ସ ଟିମ୍ ଠାବ କରିଛି। ଏଥିସହ ୫୫୭ ଗ୍ରାମର ସୁନା ଅଳଙ୍କାର, ଦୁଇଟି ହୀରା ନେକ୍‌ଲେସ୍ ସେଟ୍ ଓ ୫୦୦ ଗ୍ରାମ ରୁପା ଅଳଙ୍କାର, ଦୁଇଟି ଦୁଇ ଚକିଆ ଯାନ (ହ୍ୟୁଣ୍ଡାଇ କ୍ରେଟା ଓ କିଆ ସୋନେଟ୍) ଏବଂ ୬ଟି ଦୁଇ ଚକିଆ ଯାନ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ତାରା ବିଭୁଦାନନ୍ଦଙ୍କୁ ଏହି ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ଗୁଡ଼େଇ ତୁଡ଼େଇ ବହୁ ପ୍ରଶ୍ନ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଚା' ଦୋକାନକୁ ମାଡ଼ିଗଲା...

(ନଂ.ଓଡି୦୭ଏନ୯୧୮୧) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଗାଡି ଦୁଇଟି ଚା' ଦୋକାନକୁ ମାଡିଯିବାରୁ ଟ୍ରକ ଡ୍ରାଇଭରଙ୍କ ସମେତ ୪ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ସମରଝୋଳର ପଞ୍ଚା ଗୌଡ, ତାଙ୍କ ସମ୍ପୁଦି ଅରକ୍ଷିତ ଗୌଡ, ଶେରଗଡ ଥାନା ଅନ୍ତର୍ଗତ କୁର୍ଲାର ସନ୍ତୋଷ ବାଡତ୍ୟା, ଟ୍ରକ ଡ୍ରାଇଭର କଟକ ଜିଲା ଚୌଦାର ଥାନା ମୁର୍ଦାଖାନପାଟଣା ଗ୍ରାମର ଇନ୍ଦ୍ରଜିତ ସ୍ୱାଇଁ। ବସ୍ କର୍ମଚାରୀଙ୍କ ସହ କେତେଜଣ ଯାତ୍ରୀ ଓ ଚା' ଦୋକାନରେ ଥିବା ଲୋକ ଗୁରୁତର ଆହତ ହୋଇଥିଲେ। ଅଗ୍ନିଶମ କର୍ମଚାରୀ, ପୋଲିସ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା କ୍ରେନ, ଜେସିବି ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ହଟାଯାଇ ମୃତାହତମାନଙ୍କୁ ହିଞ୍ଜିଳିକାଟୁ, କୁକୁଡାଖଣ୍ଡି ଡାକ୍ତରଖାନା ଓ ଏମ୍‌କେସିଜି ମେଡ଼ିକାଲକୁ ପଠାଯାଇଥିଲା। ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ଏଫଏମଟିକୁ ପଠାଯାଇଥିଲା। ଗୁରୁତରମାନଙ୍କ ମଧ୍ୟରୁ ଏମ୍‌କେସିଜି ଟ୍ରମାକେୟାର ସେଣ୍ଟରରେ ୨ଜଣ, ସର୍ଜରୀରେ ୭ ଜଣ ଓ କାଜୁଆଲିଟିରେ ୪ଜଣଙ୍କୁ ଭର୍ତ୍ତି କରାଯାଇଛି। ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପରିବହନ କମିଶନର ଅମିତାଭ ଠାକୁର, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଡିଆଇଜି ତଥା ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଡା.ସାର୍ଥକ ଷଡଙ୍ଗୀ, ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତଗିରଙ୍କସହିତଅନ୍ୟମାନେଘଟଣାରଅନୁଧ୍ୟାନକରିଛନ୍ତି।

## ଘଟଣାର ତଦନ୍ତ କରାଯିବ: ମନ୍ତ୍ରୀ ବିଭୂତି

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏମ୍‌କେସିଜି ମେଡିକାଲରେ ପହଞ୍ଚି ଗୁରୁତରଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ। ଏନେଇ ଏକ କ୍ରାସ ଇନଭେଷ୍ଟିଗେଶନ ଟିମ ଗଠିତ ହୋଇଛି। ଏଥିରେ ରୋଡ ସେଫଟି ବିଶେଷଜ୍ଞ, ପୋଲିସ ଓ ଏମଭିଆଇ ରହିବେ।



ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏମ୍‌କେସିଜି ମେଡିକାଲରେ ଜଣେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ଘଟଣାର ସବୁଦିଗକୁ ନେଇ ଯୁଗ୍ମ ତଦନ୍ତ କରାଯିବ ବୋଲି କହିଛନ୍ତି। ରାସ୍ତାରେ ଦୁର୍ଘଟଣା କମାଇବା ଲାଗି ଇଣ୍ଟିଗ୍ରେଟେଡ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଇଏମ୍‌ଏସ୍) ବ୍ୟବସ୍ଥା କରାଯିବ। ଏହା ଦ୍ୱାରା ଗାଡି ଗତିର ବେଗ ଉପରେ ଅଙ୍କୁଶ ଲାଗିବ ବୋଲି କହିଛନ୍ତି। ପରେ ମନ୍ତ୍ରୀ ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ଜିଲା ପ୍ରଶାସନ ଆହତମାନଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ।

# ଢାକାରୁ ସ୍ମାର୍ଟ ସୁଇଚ୍‌ରେ ଅପରେଟ୍ କରୁଥିଲେ

## ସିମ୍‌ବକ୍ସ ନେଟ୍‌ୱର୍କ

- ମାଷ୍ଟରମାଇଣ୍ଡ୍ ଆଶାଦ୍ଦୁରଙ୍କ ଫଟୋ ଜାରିକଲା ପୋଲିସ
- ବଙ୍ଗୀୟ ଏଜେଣ୍ଟ ରାଜୁଙ୍କ ରିମାଣ୍ଡ ସରିଲା
- ଆଉ ୭ ଦିନିଆ ରିମାଣ୍ଡ ଆଣିବାକୁ ହେବ ଆବେଦନ





ଭୁବନେଶ୍ୱର,୨୨।୮ (ସତ୍ୟଜିତ୍ ରାଉତ)

ସିମ୍‌ବକ୍ସ ନେଟ୍‌ୱର୍କ ମାମଲାରେ କମିଶନରେଟ୍ ପୋଲିସ ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳଙ୍କୁ ରିମାଣ୍ଡରେ ଆଣି ଜେରା କରିବାବେଳେ ନୂଆ ନୂଆ ତଥ୍ୟ ମିଳିବାରେ ଲାଗିଛି। ମାଷ୍ଟରମାଇଣ୍ଡ ବାଂଲାଦେଶର ଆଶାଦ୍ଦୁର ଜମାନ୍‌ଙ୍କ ଫଟୋ ମିଳିଥିବାବେଳେ ତାଙ୍କ ବିଷୟରେ ମଧ୍ୟ ପୋଲିସ ଅଧିକ କିଛି ଜାଣିବାକୁ ପାଇଛି। ଆଶାଦ୍ଦୁର ବାଂଲାଦେଶର ଢାକାରେ ରହି ସିମ୍‌ବକ୍ସ ସେଟ୍‌ଅପ୍‌କୁ ସ୍ମାର୍ଟ ସୁଇଚ୍ ଜରିଆରେ ଅପରେଟ୍ କରୁଥିଲେ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା ଗୁରୁବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

କମିଶନରଙ୍କ ସୂଚନା ଅନୁଯାୟୀ, ଆଶାଦ୍ଦୁର ଢାକାରେ 'ଆଇକନ୍ ଟେକ୍ନୋଲୋଜି' ନାଁରେ ଏକ ସଫ୍ଟୱେୟାର କମ୍ପାନୀ କରିଛନ୍ତି। ସେ ଭୁବନେଶ୍ୱର ଓ ରାଞ୍ଚିରେ ଥିବା ସିମ୍‌ବକ୍ସ ସେଟ୍‌ଅପ୍‌ରେ ଦୁଇଟି ସ୍ମାର୍ଟ ସୁଇଚ୍ ଲଗାଇଥିଲେ। ଏହି ସ୍ମାର୍ଟ ସୁଇଚ୍ ଜରିଆରେ ଆଶାଦ୍ଦୁର ସିମ୍‌ବକ୍ସକୁ ଢାକାରୁ ଅପରେଟ୍ କରିପାରୁଥିଲେ। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଓ ଗୃହ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍ସ(ଡିଓଟି) ଟିମ୍ ରାଜୁଙ୍କୁ ଜେରା କରି ବହୁ ତଥ୍ୟ ପାଇଛି। ଅନ୍ୟପଟେ ସିମ୍‌ବକ୍ସ ସମେତ ଜବତ ହୋଇଥିବା କିଛି ସିମ୍‌ର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଆସିଥିବାବେଳେ ଏହାକୁ କମିଶନରେଟ ପୋଲିସ ଟିମ୍ ଯାଞ୍ଚ କରୁଛି। ଏଥିସହ ସିମ୍‌ଗୁଡିକରୁ କଲ୍ ଯାଇଥିବା ଲୋକମାନଙ୍କ ତଥ୍ୟ ହାସଲ କରାଯାଉଛି। ତେବେ ରାଜୁଙ୍କ ୫ ଦିନିଆ ରିମାଣ୍ଡ ଅବଧି ସରୁଥିବା ବେଳେ ତାଙ୍କୁ ପୁଣି ଥରେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରିମାଣ୍ଡରେ ଅଣାଯିବ। ୭ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି କମିଶନର ପଣ୍ଡା କହିଛନ୍ତି। ତେବେ ଆଶାଦ୍ଦୁରଙ୍କ ଫଟୋ ଦେଖାଇ ଘର ମାଲିକ, ପଡ଼ୋଶୀଙ୍କୁ ପଚରାଉଚରା କରାଯାଇ ପ୍ରମାଣ ଯୋଗାଡ଼ କରାଯିବା ସହ ଇଣ୍ଟରପୋଲ୍ ସହାୟତାରେ ରାଜୁଙ୍କୁ ଗିରଫ କରାଯିବ ବୋଲି କମିଶନର ପଣ୍ଡା କହିଛନ୍ତି। ଉଲ୍ଲେଖ୍ୟ ଯୋଗ୍ୟ, ଗୋଇନ୍ଦା ସୂଚନା ଆଧାରରେ କମିଶନରେଟ୍ ପୋଲିସ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମଙ୍ଗରାଜ ପଏଣ୍ଟ ନିକଟ ମହାଦେବ ନଗରସ୍ଥିତ କୋଠା (ଖାନ୍ ମଞ୍ଜିଲ୍)ରେ ଚଢ଼ାଉ କରିଥିଲା। ଗତ ୧୬ ତାରିଖରେ ରାଜୁଙ୍କୁ ଗିରଫ କରିବା ସହ ୭ଟି ସିମ୍‌ବକ୍ସ, ୫୦୦ରୁ ଉର୍ଦ୍ଧ୍ୱ ସିମ୍ ଆଦି ଜବତ କରିଥିଲା। ପରେ କଟକ ଏବଂ ରାଞ୍ଚିରେ ଏହି ନେଟ୍‌ୱର୍କର ଗୁମର ଖୋଲିବା ଆରମ୍ଭ ହୋଇଥିଲା।

## କାଠ ବେପାରୀଙ୍କ ଆକ୍ରମଣରେ ବନରକ୍ଷୀ ଗୁରୁତର

ବାରିପଦା,୨୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ଭାଲିଆ ଅଞ୍ଚଳରେ କାଠ ବେପାରୀଙ୍କ ଆକ୍ରମଣରେ ବନରକ୍ଷୀ ରାଜଧନ ସିଂ ଗୁରୁତର ହୋଇଛନ୍ତି। ସବୁଜ ବାହିନୀ ସଦସ୍ୟଙ୍କ ସହାୟତାରେ ବେଆଇନ କାଠ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଧରି ବେତନଟୀ ରେଞ୍ଜ କାର୍ଯ୍ୟାଳୟକୁ ଆଣୁଥିବା ବେଳେ ୮ରୁ ୧୦ ଜଣ ତାଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।




## ପିଉସୀଙ୍କୁ ହତ୍ୟା କରି ପୁତୁରା ଗିରଫ

ରାଇରଙ୍ଗପୁର,୨୨।୮ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ପୋଡ଼ା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାରୁ ଜଣେ ଯୁବକ ସମ୍ପର୍କୀୟ ପିଉସୀଙ୍କୁ କୋଦାଳରେ ହାଣି ହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ରୁକ୍ମଣୀ ଗଡ଼ସରା। ଏନେଇ ପୋଲିସ ଏକ ମାମଲା(ନଂ.୧୧୧/୨୪) ରୁଜୁ କରି ଅଭିଯୁକ୍ତ ରେଙ୍ଗା ଗଡ଼ସରାଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କୋଦାଳ ଜବତ ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଏବଂ ତିରିଂ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ତଦନ୍ତ ଜାରି ରଖିଛନ୍ତି।

# ଭଡ଼ାଘରୁ ବହୁ ସିମ୍‌କାର୍ଡ, ପାସ୍‌ବୁକ୍ ସହ ମୋବାଇଲ ଜବତ

### ସାଇବର ଅପରାଧ ସନ୍ଦେହରେ ଚଢ଼ାଉ

ଭଦ୍ରକ,୨୨।୮ (ସନାତନ ରାଉତ)

ସାଇବର ଅପରାଧ ସନ୍ଦେହରେ ଭଦ୍ରକ ଟାଉନ ଥାନା ପୋଲିସ ଗୁରୁବାର ଅପରାହ୍ନରେ ଆଚାର୍ଯ୍ୟନଗରସ୍ଥିତ ଏକ ଭଡ଼ାଘରେ ଚଢ଼ାଉ କରିଛି। ଉକ୍ତ ଘରୁ ବହୁ ସିମ୍‌କାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ଚେକ୍‌ବୁକ୍, ଷ୍ଟାମ୍ପ, ଏଟିଏମ୍ କାର୍ଡ୍ ସହ ବିଭିନ୍ନ ଗାଡ଼ି ନମ୍ବର ପ୍ଲେଟ୍ ଓ ମୋବାଇଲ ଫୋନ୍ ପୋଲିସ ଜବତ କରିଛି। ଏଥିସହ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ସେହି ଘରେ ରହୁଥିବା ଅନ୍ୟ ସାଥୀମାନେ ଫେରାର ହୋଇଯାଇଥିବା ବେଳେ ଏଥିରେ ଅନେକ ଯୁବକଙ୍କ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉକ୍ତ ଘରେ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ କେତେଜଣ ଯୁବକ ଭଡ଼ାରେ ରହୁଛନ୍ତି। ଏବେ କଟକ, ଭୁବନେଶ୍ୱର ଓ ଝାଡ଼ଖଣ୍ଡରେ ସିମ୍‌ବକ୍ସ ଠାବ ହୋଇଥିବାବେଳେ ଭଡ଼ାଘରୁ ଏତେ ପରିମାଣର ସାମଗ୍ରୀ ଜବତ ହେବା ନେଇ ସନ୍ଦେହ ଘନୀଭୂତ ହୋଇଛି।



ଜବତ ସିମ୍‌କାର୍ଡ, ମୋବାଇଲ ଓ ପାସ୍‌ବୁକ୍।

ଏ ସମ୍ପର୍କରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏହି ଜାଗାରେ କେତେଜଣ ଯୁବକ ରହୁଥିବା ବେଳେ କିଛି ସନ୍ଦେହଜନକ କାର୍ଯ୍ୟ ଚାଲୁଥିବା ଖବର ମିଳିଥିଲା। ଚଢ଼ାଉ କରିବା ପରେ ଏସବୁ ସାମଗ୍ରୀ ଜବତ ହୋଇଛି। ମୋବାଇଲ ଫୋନ୍, ସିମ୍‌କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ଆକାଉଣ୍ଟ ଯାଞ୍ଚ କରିବା ପରେ ସମସ୍ତ ଘଟଣା ଜଣାପଡ଼ିବ। ସିମ୍‌ବକ୍ସ ବିଷୟ ଅଲଗା ଅଛି। ଏହା ସାଇବର ଅପରାଧ ସନ୍ଦେହ ହେଉଛି। ତଦନ୍ତ ଚାଲିଥିବାରୁ ଏ ବିଷୟରେ ଅଧିକ କିଛି ସୂଚନା ଦେଇହେବ ନାହିଁ ବୋଲି ସେ କହିଛନ୍ତି।

# ଖଣି ସର୍ଭେ ବେଳେ ଅଧିକାରୀଙ୍କୁ ଆକ୍ରମଣ

### ୪ ଆହତ, ୨ ଗାଡ଼ି ଭାଙ୍ଗିଦେଲେ

ଖୋର୍ଦ୍ଧା/ନିରାକାରପୁର, ୨୨।୮ (ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବଢ଼ିଚାଲିଛି। ଏପରିକି ଖଣିରେ ଚଢ଼ାଉ ସମୟରେ ପ୍ରଶାସନିକ ଅଧିକାରୀମାନଙ୍କୁ ଆକ୍ରମଣ କରିବାକୁ ମାଫିଆମାନେ ପଛାଉନାହାନ୍ତି। କିଛି ମାସ ପୂର୍ବେ ଖୋର୍ଦ୍ଧା ଥାନା ଅନ୍ତର୍ଗତ ଶରଧାପୁର ନିକଟ ଖଣିରେ ଚଢ଼ାଉ ବେଳେ ଖଣି ଅଧିକାରୀ ଜଗନ ବେହେରାଙ୍କୁ ମାଫିଆମାନେ ମାରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁବାର ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରିଆରେ ପୁଣି ଥରେ ତାଙ୍କୁ ଆକ୍ରମଣ ହୋଇଛି। ଖଣି ଅଞ୍ଚଳ ସର୍ଭେ କରିବାକୁ ଯାଇଥିବା ଖଣି ଅଧିକାରୀ ବେହେରାଙ୍କ ସମେତ ଏକ ପ୍ରତିନିଧି ଟିମ୍‌କୁ ମାଫିଆମାନେ ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ତେବେ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଅପରାହ୍ନ ସାଢ଼େ ୩ଟାରେ ଟାଙ୍ଗୀ ତହସିଲ ଅନ୍ତର୍ଗତ ବଡ଼ପୋଖରିଆ ଅଞ୍ଚଳକୁ ଖଣି ଅଧିକାରୀ ବେହେରା, ଏସିଏଫ୍ ସୁଶାନ୍ତ ବନ୍ଧ, ପରିବେଶ ବିଜ୍ଞାନୀ ସ୍ମୃତିରଞ୍ଜନ ପ୍ରଧାନ, ଭୂତତ୍ତ୍ୱବିତ୍ ସୁଶାନ୍ତ ବେହେରା, ରେଭିନ୍ୟୁ ସୁପରଭାଇଜର ଟୁଟୁ ସ୍ୱାଇଁ ପ୍ରମୁଖ ସର୍ଭେ କରିବାକୁ ଯାଇଥିଲେ। ଏହି ପ୍ରତିନିଧି ଟିମ୍ ଉକ୍ତ ଅଞ୍ଚଳ ବୁଲି ଦେଖୁଥିବା ବେଳେ ହଠାତ୍ କେତେଜଣ ମାଫିଆ ଓ ତାଙ୍କ ସମର୍ଥକମାନେ ଖଣିରେ ଚଢ଼ାଉ କରୁଥିବା ସନ୍ଦେହରେ ଅତର୍କିତ ଭାବେ ସେମାନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ଖଣି ଅଧିକାରୀ ବେହେରା, ଏସିଏଫ୍ ବନ୍ଧ ଆହତ ହୋଇଥିବା ବେଳେ ୨ଜଣ ଗାଡି ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି।




# ଗଞ୍ଜାମର ଦେଶୀ ମଦ ରାଜଧାନୀରେ ଜବତ

- ରାଜଧାନୀର ବିଭିନ୍ନ ବସ୍ତିରେ ଅବକାରୀ ଚଢାଉ
- ୧୦ ଅଭିଯୁକ୍ତଙ୍କଠାରୁ ୮୦୦ ଲିଟର ମଦ ଜବତ

ଭୁବନେଶ୍ୱର,୨୨।୮ (ସୂର୍ଯ୍ୟକାନ୍ତ ବେହେରା)

ବ୍ରହ୍ମପୁର ଚିକିଟିରେ ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ଘଟଣା ପରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ମଦ ମୃତ୍ୟୁକୁ ନେଇ ବିରୋଧୀ ମଧ୍ୟ ସରକାରଙ୍କୁ ଟାର୍ଗେଟ କରିଥିବାରୁ ରାଜ୍ୟ ରାଜନୀତି ସରଗରମ ହୋଇଛି। ଇତିମଧ୍ୟରେ ଅବକାରୀ ବିଭାଗ ମଧ୍ୟ ବେଆଇନ ମଦ ଚୋରା ଚାଲାଣକାରୀଙ୍କ ବିରୋଧରେ ନଜର ରଖି ଚଢାଉ ପ୍ରକ୍ରିୟାକୁ ଜୋରଦାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହାସତ୍ତ୍ୱେ ପୋଲିସ ଓ ଅବକାରୀ ଟିମ୍‌କୁ ଭୟ ନ କରି ଗୁରୁବାର ଜଣେ ବ୍ୟକ୍ତି ଗଞ୍ଜାମ ଖଲ୍ଲିକୋଟରୁ ବେଆଇନ ଭାବେ ଅଟୋ ଯୋଗେ ରାଜଧାନୀ ଭୁବନେଶ୍ୱରକୁ ଦେଶୀ ମଦ ଚୋରାଚାଲାଣ କରୁଥିବା ବେଳେ ଅବକାରୀ ଟିମ୍ ହାତରେ ଧରାପଡ଼ିଛନ୍ତି। ଅଟୋରୁ ବାଇକ୍‌କୁ ମଦ କଢ଼ାଯାଉଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳରେ ଅବକାରୀ ଟିମ୍ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଗଞ୍ଜାମର ଅଟୋ ଚାଳକ ଚକ୍ରଧର ପ୍ରଧାନ ଓ ମୁଖ୍ୟ ଅଭିଯୁକ୍ତ ତଥା ବାଇକରେ ନେବାକୁ ଉଦ୍ୟମ କରୁଥିବା ବିପିନ ନାହକଙ୍କୁ ମଧ୍ୟ ଗିରଫ କରିଛି। ଉଭୟଙ୍କଠାରୁ ୫୫୦ ଲିଟର ଦେଶୀ ମଦ ଜବତ କରିଛି। ବିପିନ ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ମଦ ବିକ୍ରି କରିଥାନ୍ତି ବୋଲି ଅବକାରୀ ଟିମ୍ ତଦନ୍ତ ବେଳେ ଜାଣିବାକୁ ପାଇଛି।

ଅନ୍ୟପଟେ ଭୁବନେଶ୍ୱରର କାର୍‌ଗିଲ ବସ୍ତି, ସିଆର୍‌ପି ଛକସ୍ଥିତ ମୁଣ୍ଡାସାହି ଆଦି ଅଞ୍ଚଳରେ ଚଢାଉ କରି ୨୫୦ ଲିଟର ଦେଶୀ ମଦ ସହ ମୋଟ ୮ଜଣଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ଏନେଇ ଅବକାରୀ ଡିଏସ୍‌ପି ରାଜକିଶୋର ସ୍ୱାଇଁ କହିଛନ୍ତି, ରାଜଧାନୀରେ ବେଆଇନ ନିଶାଦ୍ରବ୍ୟ ଉପରେ ନଜର ରଖାଯାଇ ସ୍ୱତନ୍ତ୍ର ଡ୍ରାଇଭ କରାଯାଉଛି। ଦେଶୀ ମଦ ଚୋରା ଚାଲାଣ ଓ ବେଆଇନ ମଦ ବିକ୍ରି କରୁଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆଗକୁ ମଧ୍ୟ ଏହି ଚଢାଉ ଜୋରଦାର କରାଯିବ ବୋଲି ସେ କହିଛନ୍ତି।



ଜବତ ଦେଶୀମଦ ସହ ଗିରଫ ଦୁଇ ଅଭିଯୁକ୍ତ ଏବଂ ଅଟୋ, ମୋଟରସାଇକେଲ।

## ୨ ଦିନରେ ସାରା ରାଜ୍ୟରୁ ୨୬୨ ଗିରଫ

ଭୁବନେଶ୍ୱର,୨୨।୮ (ସୂର୍ଯ୍ୟକାନ୍ତ ବେହେରା): ବ୍ରହ୍ମପୁର ଚିକିଟି ଅଞ୍ଚଳରେ ବିଷାକ୍ତ ମଦ ମୃତ୍ୟୁ ଘଟଣା ପରେ ଅବକାରୀ ବିଭାଗ ଏହାକୁ ଗୁରୁତର ସହ ନେଇଛି। ଅବକାରୀ କମିଶନର ନରସିଂହ ଭୋଳ ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ଚଢ଼ାଉକୁ ଜୋରଦାର କରିଛନ୍ତି। ବେଆଇନ ମଦ ଭାଟି ଓ ମଦ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨ ଦିନରେ ୩୭୩ଟି ଅବକାରୀ ମାମଲା ରୁଜୁ କରିବା ସହ ୨୬୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ୨୦,୭୪୬ ଲିଟର ଦେଶୀ ରନ୍ଧା ଚୋରା ମଦ ଜବତ ହୋଇଛି।

ସେହିପରି ବେଆଇନ ଭାବେ ମଦ ଚୋରା ଚାଲାଣ କରିବା ଅଭିଯୋଗରେ ୨୬ ଗାଡ଼ି ଜବତ ହୋଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ମୋଟ ୨୦ ଜଣ କେବଳ ମାଲିକ ରହିଛନ୍ତି। ସେମାନେ ସରକାରୀ ଜାଗା କିମ୍ବା ଜଙ୍ଗଲ ଜମିରେ ମଦଭାଟି କରିଛନ୍ତି। ସେଗୁଡିକୁ ଚିହ୍ନଟ କରାଯାଇ ଖୁବ୍‌ଶୀଘ୍ର ଭଙ୍ଗାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ବେଆଇନ ମଦରୁ ଅମାପ ସମ୍ପତ୍ତି ହାତେଇଥିବା ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା

-ଗୃହିଣାଂ ରକ୍ଷା ପଞ୍ଚମୀ

# ଆଶାର କିରଣ



ଆନ୍ନା ହୁସର୍ସ୍କା

୨୦୨୩ରେ ଆଫ୍‌ଗାନିସ୍ତାନରେ ମିଳିତ ଜାତିସଂଘର ତିନୋଟି ଏଜେନ୍ସି ଦ୍ୱାରା ଏକ ସର୍ଭେ କରାଯାଇଥିଲା। ଏଥିରେ ଏକ ଭୟଙ୍କର ବାସ୍ତବତା ସାମ୍‌ନାକୁ ଆସିଥିଲା। ଆଫ୍‌ଗାନିସ୍ତାନର ମହିଳାଙ୍କ ମଧ୍ୟରୁ ପ୍ରାୟ ଏକପଞ୍ଚମାଂଶ ୩ମାସ ମଧ୍ୟରେ ସେମାନଙ୍କ ପରିବାରର ସଦସ୍ୟଙ୍କ ବ୍ୟତୀତ ବାହାରେ କାହା ସହ କଥାବାର୍ତ୍ତା କରି ନ ଥିବା ଜଣାପଡ଼ିଥିଲା। ଏହି ଉଦ୍‌ବେଗଜନକ ପରିସଂଖ୍ୟାନ ଆଫ୍‌ଗାନିସ୍ତାନରେ ମହିଳାଙ୍କୁ ଅଲଗା କରି ରଖାଯାଇଥିବା ଭଳି ଗମ୍ଭୀର ସ୍ଥିତିକୁ ଦର୍ଶାଏ। ମହିଳାଙ୍କ ମଧ୍ୟରୁ ଅନେକେ ନିଜ ଘରେ ଆବଦ୍ଧ ରହନ୍ତି। ବାଧ୍ୟତାମୂଳକ ଭାବେ ଅଲଗା କରି ରଖାଯିବା ଦ୍ୱାରା ସାରା ଦେଶରେ ବାଳିକା ଏବଂ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଇଛି। ସେହି ସମାନ ସର୍ଭେରେ, ୪ଜଣ ମହିଳାଙ୍କ ମଧ୍ୟରୁ ୩ ଜଣ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ କିମ୍ବା ବହୁତ ଖରାପ ଥିବା କହିଥିଲେ। ଝିଅମାନେ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ପାଇପାରୁନାହାନ୍ତି ଏବଂ ସେମାନଙ୍କ ପାଇଁ ସୀମିତ ରୋଜଗାର ସୁଯୋଗ ଥିବାରୁ ବାଧ୍ୟତାମୂଳକ ବାଲ୍ୟବିବାହ, ଶିଶୁ ଶ୍ରମିକ ଏବଂ ଘରୋଇ ହିଂସା ବୃଦ୍ଧି ପାଇଛି। ଏହାସହ ମହିଳାମାନେ ଦେଶ ଛାଡ଼ି ପଳାୟନ କରିବାକୁ ଚାହୁଁଥିବାରୁ ବେଆଇନ ଦେଶାନ୍ତର ବଢ଼ିବାରେ ଲାଗିଛି।

ତେବେ ନିକଟରେ ପ୍ରକାଶିତ ହ୍ୟୁମାନ ରାଇଟ୍ସ ୱାଚ୍ ରିପୋର୍ଟରୁ ଜଣାପଡ଼ିଛି ଯେ ମହିଳାମାନଙ୍କର ସ୍ୱାଧୀନତା ତଥା ନିଯୁକ୍ତି ଉପରେ ତାଲିବାନ୍ ଲଗାଇଥିବା ପ୍ରତିବନ୍ଧକ ମହିଳା ଓ ବାଳିକାମାନଙ୍କୁ ସ୍ୱାସ୍ଥ୍ୟସେବା ପାଇବାରେ ବାଧା ସୃଷ୍ଟି କରିଛି। ତାଲିବାନ୍ ମହିଳା ଶିକ୍ଷା ଉପରେ ନିଷେଧାଦେଶ ଜାରି କରିଛି, ଯାହା ଆଗାମୀ ପିଢ଼ିର ମହିଳା ସ୍ୱାସ୍ଥ୍ୟସେବା କର୍ମୀଙ୍କ ପ୍ରାୟ ସବୁ ପ୍ରକାର ପ୍ରଶିକ୍ଷଣକୁ ବନ୍ଦ କରିଦେଇଛି।

ପରିଣାମ ସ୍ୱରୂପ, ଆଫଗାନ ଝିଅମାନଙ୍କର ଏକ ପୂରା ପିଢ଼ି ବିନା ବୃତ୍ତିଗତ ଯୋଗ୍ୟତା କିମ୍ବା ଦରକାରୀ କୌଶଳରେ ବୟସ୍କ ବର୍ଗରେ ପଦାର୍ପଣ କରିବାକୁ ଯାଉଛନ୍ତି। ଜାନୁଆରୀ ୨୦୨୩ରେ ଜାତିସଂଘ ଦ୍ୱାରା କରାଯାଇଥିବା ଏକ ସର୍ଭେ ଅନୁଯାୟୀ, ଆଫ୍‌ଗାନିସ୍ତାନର ୯୦ ପ୍ରତିଶତ ମହିଳାଙ୍କର ସେମାନଙ୍କ ପରିବାରରେ ଭଲ କିମ୍ବା ସମ୍ପୂର୍ଣ୍ଣ ପ୍ରଭାବ ଥିବା ଜଣାଇଥିଲେ। ସେହି ବର୍ଷ ନଭେମ୍ବର ସୁଦ୍ଧା ଏହି ପ୍ରତିଶତ ୩୯କୁ ଖସି ଆସିଥିଲା, ଯାହା ମହିଳାମାନଙ୍କ ପ୍ରଭାବ ଓ



ଆତ୍ମସମ୍ମାନର ଅତ୍ୟଧିକ କ୍ଷୁଣ୍ଣ ସ୍ଥିତିକୁ ପ୍ରତିଫଳିତ କରୁଛି।

ଆଫଗାନ ଝିଅ ଓ ମହିଳାମାନଙ୍କୁ ସଙ୍ଗଠନ, ଶିକ୍ଷା ଏବଂ ରୋଜଗାରର ଅଧିକାରରୁ ବଞ୍ଚିତ କରାଯାଇଥିଲେ ମଧ୍ୟ ସେଠାରେ ଅନେକ ଉତ୍ସାହଜନକ ବିକାଶ ଘଟିଛି। ବର୍ଷେ କିମ୍ବା ୨ ବର୍ଷ ମଧ୍ୟରେ କାବୁଲ ଏବଂ ସମଗ୍ର ଦେଶରେ କମ୍ୟୁନିଟି ଗ୍ରୁପ୍‌ଗୁଡ଼ିକ ବାଣିଜ୍ୟ ମେଳା ସବୁ ଆୟୋଜନ କରିଛନ୍ତି, ଯେଉଁଠାରେ ମହିଳାମାନେ ଉଭୟ ପୁରୁଷ ଏବଂ ମହିଳା ପରିଦର୍ଶକଙ୍କ ପାଇଁ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ସବୁଆଡ଼େ ଆୟୋଜିତ ସମାନ ପ୍ରକାର କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଥିବା ହସ୍ତକଳା ଓ ହସ୍ତତନ୍ତ ସାମଗ୍ରୀଠାରୁ ଏହି ମେଳାଗୁଡ଼ିକ ଅଧିକ କିଛି ପ୍ରଦର୍ଶିତ କରିଥାନ୍ତି। ମହିଳାଙ୍କ ମାଲିକାନାରେ ଚାଲୁଥିବା କ୍ଷୁଦ୍ର ବ୍ୟବସାୟ ଏବଂ କର୍ମଶାଳାରୁ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ମଧ୍ୟ ପ୍ରଦର୍ଶନ କରାଯାଇଥାଏ। କାବୁଲରେ ବହୁ ସଂଖ୍ୟାରେ ମହିଳା ନେତୃତ୍ୱାଧୀନ ଇ-ବାଣିଜ୍ୟ ସୁବିଧା ମହିଳାମାନଙ୍କୁ ସେମାନଙ୍କର ସାମଗ୍ରୀକୁ ଅନ୍‌ଲାଇନରେ ବିକ୍ରି କରିବାରେ ସକ୍ଷମ କରାଇବା ସହ ସେମାନଙ୍କ ଆର୍ଥିକ ବିକାଶରେ ସହାୟକ ହେଉଛି। ଏଭଳି ଆଶାର କିରଣ ଅନ୍ୟ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିପାରିବ। ବ୍ରେଡ୍ ଫର୍ ଓମେନ୍ ପ୍ରୋଜେକ୍ଟ ଏହାର ଏକ ବଳିଷ୍ଠ ଦୃଷ୍ଟାନ୍ତ। ଆଫ୍‌ଗାନିସ୍ତାନରେ କାର୍ଯ୍ୟରତ ଅଳ୍ପ କେତେକ ଅନ୍ତର୍ଜାତୀୟ ସଙ୍ଗଠନ ମଧ୍ୟରୁ ଇଟାଲୀର ଏନ୍‌ଜିଓ ନୋଭେ ନେତୃତ୍ୱରେ ଏହି ପ୍ରୋଜେକ୍ଟ ପରିଚାଳିତ ହେଉଛି। ଏହା କାବୁଲର ପାରିପାର୍ଶ୍ୱିକ ଅଞ୍ଚଳରେ ପାରମ୍ପରିକ ଭାବେ ମହିଳାଙ୍କ ମାଲିକାନାରେ ଚାଲୁଥିବା ବେକେରିଗୁଡ଼ିକୁ ପୁନରୁଦ୍ଧାରକରି କ୍ଷୁଧା ଏବଂ ଭୟଙ୍କର ଦାରିଦ୍ର୍ୟର ମୁକାବିଲା କରିବାକୁ ଲକ୍ଷ୍ୟ ରଖିଛି।

୨୦୧୩ ମସିହାରୁ ନୋଭେ ଆଫଗାନିସ୍ତାନର ଜଟିଳ ରାଜନୈତିକ ଦୃଶ୍ୟପଟକୁ ନିୟନ୍ତ୍ରିତ କରୁଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ମହିଳା-ମାଲିକାନାରେ ଥିବା ବେକେରିଗୁଡ଼ିକର ପୁନରୁଦ୍ଧାର ଓ ନିର୍ମାଣ ଲାଗି ବୈଷୟିକ ତଥା ଆର୍ଥିକ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଥିଲା। ତନ୍ଦୁର ଓଭେନ କିଣିବାରେ ସାହାଯ୍ୟ କରିବା ସହ ବିଜ୍‌ନେସ୍ ପରିଚାଳନା ଏବଂ ଆକାଉଣ୍ଟିଂରେ ମୌଳିକ ତାଲିମ ପ୍ରଦାନ ଉପରେ ଏହା ଧ୍ୟାନ ଦେଇଥିଲା। ବର୍ତ୍ତମାନ ଏହି ସଙ୍ଗଠନ ତିନୋଟି ବେକେରିକୁ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଅଟା, ଗ୍ୟାସ୍ ଏବଂ ଜାଳେଣି କାଠ ଯୋଗାଇଦେଉଛି। ପ୍ରତ୍ୟେକ ବେକେରିରେ ୩ଜଣ ମହିଳା ନିୟୋଜିତ ହୋଇଛନ୍ତି ଓ ସେମାନଙ୍କୁ ମାସିକ ବେତନ ପ୍ରଦାନ କରାଯାଉଛି। ଜଣେ ବେକର, ଜଣେ ଆସିଷ୍ଟାଣ୍ଟ ଏବଂ ଜଣେ ତୃତୀୟ କର୍ମଚାରୀ ରହିଛନ୍ତି। ସେମାନଙ୍କର ଦାୟିତ୍ୱ ହେଉଛି ନିର୍ଦ୍ଧାରିତ ସଂଖ୍ୟକ ନାନ୍ ଗରିବ ମହିଳାମାନଙ୍କୁ ପ୍ରତିଦିନ ବଣ୍ଟନ କରିବା। ଗରିବ ମହିଳାମାନେ ତାହା ନେଇଛନ୍ତି କି ନାହିଁ ନିଶ୍ଚିତ କରିବାକୁ ସେମାନଙ୍କଠାରୁ ଟପଚିହ୍ନ (ଯେହେତୁ ଅନେକ ନିରକ୍ଷର) ଏହି କର୍ମଚାରୀମାନେ ନେଇଥାନ୍ତି।

ଏ ପର୍ଯ୍ୟନ୍ତ କେବଳ ତିନୋଟି ବେକେରିର ପୁନରୁଦ୍ଧାର କରାଯାଇଛି। ଏବେ ସେସବୁ ଖାଦ୍ୟ ପ୍ରାପ୍ତି ସ୍ଥାନ ନୁହେଁ ବରଂ ଏହାଠାରୁ ଅଧିକ କିଛି ମହତ୍ତ୍ୱ ବହନ କରୁଛି। ବେକେରିଗୁଡ଼ିକ ସାମାଜିକ କେନ୍ଦ୍ର ପାଲଟିଛି, ଯେଉଁ ମହିଳାମାନେ ସେଗୁଡ଼ିକୁ ଦେଖିବାକୁ ଆସୁଛନ୍ତି ବାସ୍ତବରେ ସେମାନେ ଘରୁ ବାହାରିବା ଲାଗି ସୁଯୋଗ ପାଉଛନ୍ତି। ସେମାନେ ସାଥୀମାନଙ୍କୁ ଭେଟିବା, ଭାବ ଓ ଅଭିଜ୍ଞତା ବିନିମୟ କରିବା ଏପରିକି ହସିବା ପାଇଁ ଏକ ସୁଯୋଗ ପାଉଛନ୍ତି। ଏହି ମହିଳାମାନଙ୍କ ମଧ୍ୟରୁ ଅନେକେ ଆଫ୍‌ଗାନିସ୍ତାନର ସବୁଠାରୁ ଦରିଦ୍ର ଏବଂ ଅସୁରକ୍ଷିତ ସମୁଦାୟରୁ ଆସିଛନ୍ତି। ସେମାନେ ପ୍ରାୟତଃ ସେମାନଙ୍କ ପରିବାରର ମୁଖ୍ୟ ରୋଜଗାରିଆ, କାରଣ ସେମାନେ ବିଧବା କିମ୍ବା ଭିନ୍ନକ୍ଷମ ସ୍ୱାମୀଙ୍କ ସହ ରୁହନ୍ତି। ସୀମିତ ରୋଜଗାର ସୁଯୋଗକୁ ଦୃଷ୍ଟିରେ ରଖି ସେମାନେ ପ୍ରତିଦିନ ୫ଟି ନାନ୍‌ର ଭାଉଚର ନେବାର ଅଧିକାର ପାଇଥାନ୍ତି। କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଦାନଠାରୁ ଯଥେଷ୍ଟ ଅଧିକ। ଯେଉଁମାନେ ନିଜର ଚକଟା ଅଟା ଆଣନ୍ତି ସେମାନଙ୍କୁ ଏହି ତିନିଟି ବେକେରି ପାରିଶ୍ରମିକ ଦେଇଥାନ୍ତି। ଏହି ବ୍ୟବସାୟ ଏ ପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହୋଇନାହିଁ, ତଥାପି ତିନୋଟି ବେକେରି ସେମାନଙ୍କର ଶିଳ୍ପକୁ ଆଗକୁ ବଢ଼ାଇବାକୁ ଦୃଢ଼ ନିଶ୍ଚିତ ଅଛନ୍ତି। ନୂତନ ସ୍କିଲ୍ ଏବଂ ଉଦ୍ୟୋଗୀ ମନୋଭାବକୁ ବ୍ୟବହାରକରି ଗରିବ ମହିଳାମାନଙ୍କ ଜୀବନରେ ଉନ୍ନତି ଆଣିବା ସହ ସେମାନଙ୍କ ସମାଜକୁ ସହଯୋଗ କରୁଛନ୍ତି। ଦେଖିବାକୁ ଗଲେ ଏଭଳି ମହିଳାମାନେ ଆଫ୍‌ଗାନିସ୍ତାନର ବିଶାଳ ସାଗର ସମ ନିର୍ଯାତିତ ମହିଳାଙ୍କ ମଧ୍ୟରେ ଏକ ବୁନ୍ଦା ସଦୃଶ। ତଥାପି ମହିଳା ତଥା ବାଳିକାମାନଙ୍କ ପ୍ରତି ହେଉଥିବା ଅମାନୁଷିକ ବ୍ୟବହାର ହ୍ରାସକରିବା ଦିଗରେ ଏହିପରି ପ୍ରକଳ୍ପଗୁଡ଼ିକ କାର୍ଯ୍ୟରତ ଏବଂ ଏହା ସେମାନଙ୍କର ଏକ ପ୍ରତିବଦ୍ଧକାରୀ ପ୍ରାରମ୍ଭିକ ପଦକ୍ଷେପକୁ ପ୍ରତିପାଦିତ କରେ।

**ପୋଲାଣ୍ଡର ଜଣେ ସାମ୍ବାଦିକ ଏବଂ ରାଜନୈତିକ ସମୀକ୍ଷକ**

# ପ୍ରାକୃତିକ କୃଷି



ସୌରଜିତ ପ୍ରଧାନୀ

ନିକଟରେ ବିଶ୍ୱସ୍ତରୀୟ ପ୍ରମୁଖ ପତ୍ରିକା 'ଇକୋନୋମିଷ୍ଟ'ରେ 'ବିଶ୍ୱର ପରବର୍ତ୍ତୀ ଖାଦ୍ୟ ମହାଶକ୍ତି' ଶୀର୍ଷକରେ ପ୍ରକାଶିତ ଏକ ଲେଖାରେ ଭାରତୀୟ କୃଷି କ୍ଷେତ୍ରର ସମ୍ଭାବନା ଉପରେ ଆଲୋକପାତ କରାଯାଇଛି। ବିଶ୍ୱ ଖାଦ୍ୟ ମହାଶକ୍ତିର ମାନ୍ୟତା ପାଇବାକୁ ହେଲେ ଅଧିକ ଅମଳକ୍ଷମ ଫସଲ ଉପରେ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। କେନ୍ଦ୍ର ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ଭାରତରେ ଉତ୍ପାଦକତା ବୃଦ୍ଧି ପାଇଁ ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ନ୍ୟାଶନାଲ ମିଶନ ଅନ ନାଚୁରାଲ ଫାର୍ମିଂ (ଏନ୍‌ଏମ୍‌ଏନ୍‌ଏଫ୍)ର ଅଂଶ ସ୍ୱରୂପ ପ୍ରାକୃତିକ ଚାଷ ବା ରାସାୟନିକ ମୁକ୍ତ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ସରକାର ଯୋଜନା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ଚାଷର ଉପକାରିତା ବିଷୟରେ କୃଷକମାନଙ୍କୁ ଶିକ୍ଷିତ କରିବା, ଯାହାଫଳରେ ସେମାନେ ଏହାକୁ ସ୍ୱେଚ୍ଛାକୃତ ଭାବେ ଗ୍ରହଣ କରିବେ। କେମିକାଲ ଆଧାରିତ ଚାଷରୁ ପ୍ରାକୃତିକ ଚାଷ ଆଡ଼େ ମୁହାଁଇବା ପାଇଁ ଚାଷୀଙ୍କୁ ଗ୍ରହଣୀୟ ଆଚରଣଗତ ପରିବର୍ତ୍ତନର ଆବଶ୍ୟକତା ରହିଛି।

ପ୍ରାକୃତିକ କୃଷିରେ ରାସାୟନିକ ଓ କୀଟନାଶକ ପ୍ରୟୋଗ ହୁଏ ନାହିଁ। ଏହା ପାରମ୍ପରିକ ସ୍ୱଦେଶୀ ପଦ୍ଧତିକୁ ପ୍ରୋତ୍ସାହନ ଦେଉଛି, ଯାହା ମୁଖ୍ୟତଃ ବାୟୋମାସ ରିସାଇକ୍ଲିଂ, ଗୋବରର ବ୍ୟବହାର, ଜୈବିକ ଉପାୟରେ କୀଟପତଙ୍ଗ ନିୟନ୍ତ୍ରଣ କରିବା ସହ ସିନ୍ଥେଟିକ କେମିକାଲ ଇନ୍‌ପୁଟକୁ ବାଦ୍ ଦେବା ଉପରେ ଆଧାରିତ। ନ୍ୟୁଟ୍ରିଏଣ୍ଟ ସାଇକ୍ଲିଂରେ ଉନ୍ନତି ଆଣି ମାଟିରେ ଜୈବିକ ପଦାର୍ଥ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରାକୃତିକ କୃଷିକୁ ସମର୍ଥନ କରିବାର ଉଦ୍ଦେଶ୍ୟ ହେଉଛି ଏହା କୃଷକମାନଙ୍କର ଆୟ ବୃଦ୍ଧି କରିବାର କ୍ଷମତା ରଖିଥାଏ। ଏହା ସହିତ ମାଟିର ଉର୍ବରତାକୁ ପୁନଃ ସ୍ଥାପନ କରିବା ଏବଂ ପରିବେଶର ସ୍ୱାସ୍ଥ୍ୟକୁ ବଜାୟ ରଖିବା ଭଳି ଅନେକ ଲାଭ ଦେଇଥାଏ। କିନ୍ତୁ ଏହାକୁ ଦୀର୍ଘମିଆଦୀ ଭାବେ କୃଷକମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା 'ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟାର' ଅଂଶବିଶେଷ ହେବା ଆବଶ୍ୟକ।

ରାସାୟନିକ କୃଷିରୁ ପ୍ରାକୃତିକ କୃଷିକୁ ପରିବର୍ତ୍ତନ କରିବା ପୂର୍ବରୁ ଏହାର ପୁଙ୍ଖାନୁପୁଙ୍ଖ ମୂଲ୍ୟାୟନ ଏବଂ ଅନୁଧ୍ୟାନ କରାଯିବା ଆବଶ୍ୟକ। କିଛି ବର୍ଷ ତଳେ ଶ୍ରୀଲଙ୍କା ଆର୍ଥିକ ସଙ୍କଟ ଦେଇ ଗତି କରିଥିଲା, ଯେତେବେଳେ ସେମାନେ ପ୍ରାକୃତିକ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସରକାର ସାର ଓ କେମିକାଲ ଆମଦାନୀ ଉପରେ କଟକଣା ଜାରି କରିଥିଲେ। ପ୍ରାକୃତିକ କୃଷି ପାଇଁ କୃଷକମାନେ ପ୍ରାକୃତିକ ସାର ପାଇପାରିନଥିଲେ। ଫଳରେ ଧାନ ଉତ୍ପାଦନରେ ଯଥେଷ୍ଟ ହ୍ରାସ ଘଟିଥିଲା ଏବଂ ଶ୍ରୀଲଙ୍କାର ଖାଦ୍ୟ ସୁରକ୍ଷାକୁ ବିପଦରେ ପକାଇଲା। ଖାଦ୍ୟ ସାମଗ୍ରୀର ବୃଦ୍ଧି, ମୁଦ୍ରାସ୍ଫୀତି ଇତ୍ୟାଦି ଶ୍ରୀଲଙ୍କାରେ ଏକ ଆର୍ଥିକ ବିଶୃଙ୍ଖଳା ସୃଷ୍ଟି କରିଥିଲା, ଯାହା ଶେଷରେ ସରକାରର ପତନର କାରଣ ହେଲା। ଭାରତରେ ବ୍ୟାପକ ପ୍ରାକୃତିକ କୃଷିକୁ କାର୍ଯ୍ୟକାରୀ କରିବା ପାଇଁ ଅନେକ ପ୍ରତିବନ୍ଧକ ରହିଛି। ତଥାପି ରାସାୟନିକ ଚାଷରୁ ପ୍ରାକୃତିକ ଚାଷକୁ ପରିବର୍ତ୍ତନ କରିବା ନେଇ ବିଶେଷଜ୍ଞଙ୍କ ନିକଟରେ ଉପାୟ ରହିଛି। ପ୍ରାକୃତିକ କୃଷି ଉପରେ ପ୍ରୟୋଗ ଏକ ଦୀର୍ଘ ପ୍ରକ୍ରିୟା ହେବା ଉଚିତ। ଏହାକୁ ଦେଶବ୍ୟାପୀ ପ୍ରଚଳନ କରିବା ପୂର୍ବରୁ ତରବରିଆ ଭାବେ ପ୍ରୟୋଗ କରାଯିବା ଉଚିତ ନୁହେଁ। ବୈଜ୍ଞାନିକମାନେ ବିଭିନ୍ନ ପ୍ରକାରର ମୃତ୍ତିକାର ଅଧ୍ୟୟନ କରିବା ଆବଶ୍ୟକ। ଅତୀତରେ ଏକାଧିକ ସଂସ୍ଥା ଭାରତରେ ପ୍ରାକୃତିକ କୃଷି ଉପରେ ଅଧ୍ୟୟନ କରିଛନ୍ତି। ସେମାନଙ୍କ ଅନୁସନ୍ଧାନ ବିପରୀତ ହୋଇଛି, ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି।

ଭାରତ ଭଳି ଜନବହୁଳ ଦେଶରେ ହଠାତ୍ ପ୍ରାକୃତିକ କୃଷିକୁ ଆପଣେଇବା ଏକ ସଫଳ ମଡେଲ ହୋଇ ନ ପାରେ। ପ୍ରଥମେ ସ୍ଥାନୀୟ ସ୍ତରରେ ଏହାକୁ ଗ୍ରହଣ କରିବାକୁ ପଡ଼ିବ। ଯଦି ଭାରତ ପ୍ରାକୃତିକ ଚାଷକୁ ଆପଣାଇବ, ତା'ହେଲେ ମାତ୍ର ଏକ ତୃତୀୟାଂଶ ଲୋକ ନିଜର ଖାଦ୍ୟ ଆବଶ୍ୟକତା ପୂରଣ କରିପାରିବେ। ଗହମ ଓ ଚାଉଳ ହେଉଛି ମୁଖ୍ୟ ଖାଦ୍ୟ। ପ୍ରାକୃତିକ କୃଷି ମାଧ୍ୟମରେ ଏଗୁଡ଼ିକର ଅମଳ କମ ହେବ। ପ୍ରଥମେ ପ୍ରାକୃତିକ ଚାଷ ମାଧ୍ୟମରେ ପରିପୂରକ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଇପାରେ ଏବଂ ସେଗୁଡ଼ିକ ଅମଳକୁ ବିଶ୍ଳେଷଣ ଓ ଅନୁଶୀଳନ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ ସ୍ତରରେ ପରୀକ୍ଷାମୂଳକ ଭାବେ ପ୍ରଥମେ ପଦକ୍ଷେପ ନିଆଯିବା ଆବଶ୍ୟକ। ପରେ ଏହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବା ଉଚିତ।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ବିଶ୍ୱ କବି ରବୀନ୍ଦ୍ରନାଥ ଟାଗୋରଙ୍କ ବିଚାରଧାରାକୁ ଆଧାର କରି ପଶ୍ଚିମବଙ୍ଗ ମୁର୍ଶିଦାବାଦର ବାଗଡାବ୍ରା ଜଙ୍ଗଲ ଏରିଆରେ ଗଛ ତଳେ ଏକ ସ୍କୁଲ ଚାଲିଛି। ଏହାର ପ୍ରତିଷ୍ଠାତା ହେଉଛନ୍ତି ଶାନ୍ତି ନିକେତନର ପୂର୍ବତନ ଛାତ୍ର ଅଂଶୁମାନ ଠାକୁର। ସେ ଏବେ ମୁର୍ଶିଦାବାଦ ଫାରାକ୍କାସ୍ଥିତ ପ୍ରଫେସର ସୟିଦ ନୁରୁଲ ହାସନ କଲେଜରେ ବଙ୍ଗଳା ସାହିତ୍ୟର ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିବା ସହ ତା' ମଧ୍ୟରୁ ସମୟ ବାହାର କରି ସ୍କୁଲ ପରିଚାଳନା କରୁଛନ୍ତି। ପିଲାମାନେ ସରକାରୀ ପାଠ୍ୟକ୍ରମ ସହ ପ୍ରକୃତି, ସଂସ୍କୃତି ଓ ଏଣ୍ଟରପ୍ରିନ୍ୟୁରଶିପ ସମ୍ପର୍କରେ ପଢୁଛନ୍ତି। ପ୍ରଥମେ ୨୦୨୧ରେ ଏହି ସ୍କୁଲ ୫ ଜଣ ପିଲାଙ୍କୁ ନେଇ ଆରମ୍ଭ କରାଯାଇଥିଲା, ଯେଉଁମାନେ କୋଭିଡ୍ ସମୟରେ ଅଧାରୁ ପାଠ ଛାଡ଼ି ଦେଇଥିଲେ। ସ୍କୁଲ ଆରମ୍ଭ ହେବାର ସପ୍ତାହକ ସଧରେ ପିଲା ସଂଖ୍ୟା ୨୦ରେ ପହଞ୍ଚିଥିଲା ଏବଂ ଏବେ ଏହା ୧୦୫ରେ ପହଞ୍ଚିଛି। ସ୍କୁଲରେ ୭ ଜଣ ଶିକ୍ଷକ ମଧ୍ୟ ରହିଛନ୍ତି। ଗଛମୂଳେ ଚାଲୁଥିବା ଏହି ସ୍କୁଲର ନାଁ ହେଉଛି ' ଅନିର୍ବାଣ ଗଛେର୍ ଇସ୍କୁଲ'। ବିଶେଷକରି ନିମ୍ବ ଓ ଆମ୍ବ ଗଛ ମୂଳରେ ପିଲାଙ୍କୁ ପଢ଼ାଯାଉଛି। ପିଲାମାନେ ସକାଳ ୬ଟାରେ ସ୍କୁଲ ଯାଉଛନ୍ତି ଓ ସେଠାରେ ସମସ୍ତଙ୍କୁ ଜଳଖିଆ ମଧ୍ୟ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ଅଗଷ୍ଟ ୧୯୭୫**

- ମାସିକ ୫୦୦ରୁ ୧୦୦୦ ଟଙ୍କା ଦରମା ପାଇଥିବା କର୍ମଚାରୀଙ୍କୁ କର୍ମଚାରୀ ରାଷ୍ଟ୍ରୀୟ ବୀମାର ଅନ୍ତର୍ଭୁକ୍ତ କରିବା ପାଇଁ ବୀମା ଆଇନକୁ ସଂଶୋଧନ କରାଯାଇଛି।
- ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ଭାରତୀୟ ରେଲ୍‌ୱେକୁ ୧୧ କୋଟି ଡଲାର ଋଣ ମଞ୍ଜୁର କରିଛି।
- ବାଂଲାଦେଶରେ ଘଟିଥିବା ସାମରିକ ବିଦ୍ରୋହରେ ଶେଖ ମୁଜିବର ରହମାନଙ୍କ ପତ୍ନୀ, ୩ ପୁତ୍ର, ୨ ପୁତ୍ରବଧୂଙ୍କ ସମେତ ୧୮ ଜଣ ଆତ୍ମୀୟଙ୍କୁ ହତ୍ୟା କରାଯାଇଥିବା ନେଇ କଲମ୍ବିଆ ବେତାର ବ୍ୟବସ୍ଥାର ପ୍ରତିନିଧି ରିଚାର୍ଡ ଥ୍ରେଲକେଲ୍‌ଡ ପ୍ରକାଶ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 7 | | | 8 | 1 |
| | | 1 | 2 | | | 4 | | |
| 8 | | | | 1 | | | | |
| 9 | | 8 | 6 | | | | | |
| | | 2 | | | | 9 | | |
| 3 | | | | | | | 6 | 8 |
| | | | 7 | 9 | | 3 | | |
| | 5 | 6 | | | 3 | | | |
| | 3 | | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 1 | 9 | 4 | 2 | 3 | 6 | 8 |
| 4 | 3 | 8 | 1 | 6 | 5 | 9 | 2 | 7 |
| 2 | 9 | 6 | 7 | 3 | 8 | 5 | 4 | 1 |
| 7 | 4 | 2 | 6 | 8 | 3 | 1 | 5 | 9 |
| 1 | 6 | 3 | 5 | 7 | 9 | 2 | 8 | 4 |
| 9 | 8 | 5 | 4 | 2 | 1 | 7 | 3 | 6 |
| 3 | 2 | 4 | 8 | 9 | 7 | 6 | 1 | 5 |
| 6 | 1 | 9 | 2 | 5 | 4 | 8 | 7 | 3 |
| 8 | 5 | 7 | 3 | 1 | 6 | 4 | 9 | 2 |

ଗତକାଲିର ଉତ୍ତର

# ଆମ ବସ୍ ଓ ମାନବୀୟ ଗୁଣ



ଡ. ମାନିନୀ ବିଶ୍ୱାଳ

ପାଠକମାନେ ନିଶ୍ଚିତ ଭାବେ ଶୀର୍ଷକଟିକୁ ପଢ଼ି ଆଶ୍ଚର୍ଯ୍ୟଚକିତ ହେବେ। ମନେମନେ ଭାବିବେ 'ଆମ ବସ୍' ସହ ମାନବୀୟଗୁଣର ପୁଣି କି ସମ୍ପର୍କ ରହିଛି ? ଆଜ୍ଞା ରହିଛି, ନିଶ୍ଚିତ ରୂପେ ଏକ ନିବିଡ଼ ସମ୍ପର୍କ। ଆମ ଘର, ଆମ ପରିବାର, ଆମ ଗାଁ, ଆମ ରାଜ୍ୟ, ଆମ ଦେଶ କହିଲାବେଳେ ସମସ୍ତଙ୍କର ମନରେ ଏମାନଙ୍କ ପ୍ରତି ଆତ୍ମୀୟତା ଭାବ ଚାଲିଆସେ। ଏମାନଙ୍କ ବିରୋଧରେ କେତେବେଳେ କେହି କିଛି କହିଲେ ମନରେ କ୍ରୋଧ ଭାବ ଚାଲିଆସେ। ଆପଣାପଣ, ମମତ୍ୱବୋଧ ଏ ସବୁ କଥା ବିଚାର କଲାବେଳେ ଓଡ଼ିଶା ସରକାରଙ୍କ ଦ୍ୱାରା ଚାଲୁଥିବା ଆମ ବସ୍ (ପୂର୍ବରୁ ଯାହା ମୋ ବସ୍ ଥିଲା) କଥା ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ମନରେ ଆଲୋଡନ ସୃଷ୍ଟି କରେ।

ଓଡ଼ିଶା ସରକାର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆମ ବସ୍‌ର ପରିକଳ୍ପନା କଲେ। କୌଣସି ନା କୌଣସି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ 'ଆମ ବସ୍' ନାମକରଣର ପରିକଳ୍ପନା ଏବଂ ଯୋଜନା କାର୍ଯ୍ୟକାରୀ ହେଲା। ନିଃସନ୍ଦେହରେ କୁହାଯାଇପାରେ ଯେ ନିୟମିତ ରୂପେ ଯାତାୟାତ କରୁଥିବା ଶତାଧିକ ଲୋକ ଏଥିପାଇଁ ଲାଭାନ୍ୱିତ ହେଉଛନ୍ତି। ମୁଁ ମଧ୍ୟ ସେହି ଲୋକଙ୍କ ଭିତରୁ ଜଣେ। ମୁଁ ଗୋଟିଏ ସରକାରୀ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବାରୁ ସରକାରୀ ଛୁଟି ଏବଂ ରବିବାର ବ୍ୟତୀତ ପ୍ରତ୍ୟେକ ଦିନ 'ଆମ ବସ୍' ର ସହାୟତାରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଏ। ଏଠି କହିରଖିବାକୁ ଚାହେଁ ଯେ 'ଆମ ବସ୍' କେବଳ ମାତ୍ର ଗୋଟିଏ ସାଧାରଣ ଯାନ ନୁହେଁ ବରଂ ଏହା ଏକ ମିନି ରାଜ୍ୟ। ଏହା କହିବା ମୂଳରେ ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି। ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ବିଭିନ୍ନ ଚିନ୍ତାଧାରାର ତଥା ନକାରାତ୍ମକ ଓ ସକାରାତ୍ମକ ଦୃଷ୍ଟିଭଙ୍ଗୀର ଲୋକ ଏଥିରେ ଯିବା ଆସିବା କରିଥାନ୍ତି। କହିବାର ଅଭିପ୍ରାୟ ହେଉଛି ସରକାର ଯେଉଁ ଉଦ୍ଦେଶ୍ୟ ବା ଦୃଷ୍ଟିଭଙ୍ଗୀକୁ ନେଇ 'ଆମ ବସ୍' ନାମର ପରିକଳ୍ପନା କଲେ ତାହା ସଫଳ ହୋଇପାରିନି। ଏଥିରେ ଯିବାଆସିବା କରୁଥିବା ଅନେକ ମୁଷ୍ଟିମେୟ ତଥା ସ୍ୱାର୍ଥପର ଲୋକଙ୍କ ନିକଟରେ ଦୟା, ମାୟା, କରୁଣା, ସହାନୁଭୂତି ଆଦି ମାନବୀୟ ଗୁଣ ନିଶ୍ଚିହ୍ନ ପ୍ରାୟ। ସେମାନେ ବସ୍‌ରେ ଚଢ଼ିଲାପରେ ସିଟ୍‌ଟିଏ ପାଇଁ ପାଗଳ। ପ୍ରକୃତରେ ଦେଖିବାକୁ ଗଲେ ସିଟ୍‌ଟିଏ ପାଇଁ କିଏ ବା ଲାଳାୟିତ ନୁହେଁ? କିନ୍ତୁ ତା' ବୋଲି ଯେ ସହାନୁଭୂତି ଛାଡି ସାଧାରଣ ସିଟ୍‌ଟିଏ ପାଇଁ ସେମାନଙ୍କୁ ଦେଖାଯାଏନି ବରିଷ୍ଠ ନାଗରିକ ବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ। ବସ୍‌ରେ ସ୍ପଷ୍ଟ ଭାବେ ଲେଖାଯାଇଥିବା ମହିଳା, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍ ପାଇଁ ମଧ୍ୟ ବାକ୍‌ବିତଣ୍ଡା।

ପରିତାପର ବିଷୟ, ବରିଷ୍ଠ ନାଗରିକ ବା ଅସୁସ୍ଥ ଜନତା ଗହଳି ଭିତରେ ଠିଆ ହୋଇଥିଲା ବେଳେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍‌ଗୁଡ଼ିକୁ ଯୁବକମାନେ ନିଃସଙ୍କୋଚରେ ଅକ୍ତିଆର କରିଥାନ୍ତି ଏବଂ ଲଜ୍ଜାହୀନ ଭାବେ କଣ୍ଡକ୍ଟର ସହ ଅଯୌକ୍ତିକ କଥା କହି ପରିବେଶକୁ ଅଶାନ୍ତ କରିଦିଅନ୍ତି। ଏଭଳି ବାତାବରଣ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ସେଠି ପାତ୍ରୀପାତ୍ରଙ୍କର ବୟସ, ଛୋଟ, ବଡ ଆଦି କିଛିର କାଣ୍ଡଜ୍ଞାନ ରହେନି । ତେଣୁ 'ଆମ ବସ୍' ମୋର ବସ୍ ନୁହେଁ ଏହା ପରର ବସ୍। ଏଠି ନିଜର ଲୋକ କେହି ନ ଥାନ୍ତି ବରଂ ସମସ୍ତେ ପର। ଏଠି ଆତ୍ମୀୟତା ଭାବ କିମ୍ବା ଆପଣାପଣ ଭାବ ଆସିବ ବା କେଉଁଠୁ? ଅଯୌକ୍ତିକ ବା ଭିତ୍ତିହୀନ କଥାରେ ଯୁକ୍ତିକରି ଅନ୍ୟର ଅପମାନ କରୁଥିବା ଲୋକ ନିଜେ ଯେ ନିଜର ଅଜାଣତରେ କେତେ ତଳକୁ ଖସିଯାଇଥାଏ, ତାକୁ ଜଣାପଡେନି। କିନ୍ତୁ ଅଲକ୍ଷ୍ୟରେ ସେ ନିଜର ଅମଣିଷପଣିଆର ପ୍ରମାଣ ସମସ୍ତଙ୍କ ନିକଟରେ ଛାଡିଯାଇଥାଏ। ଯଦି ତା'ର ଅବିମୃଶ୍ୟକାରିତା ବିଷୟରେ କେହି ସହୃଦୟ ବ୍ୟକ୍ତି କିଛି କହନ୍ତି, ସେଠି ସେ ନିଜକୁ ଅପରାଜେୟ ବା ନିର୍ଦ୍ଦୋଷ ସାବ୍ୟସ୍ତ କରି ଅତ୍ୟନ୍ତ ଚତୁରତାର ସହିତ ନିଜର ପାରିବାପଣିଆର ବାହୁସ୍ଫୋଟ ମାରନ୍ତି। ବିଶେଷ ରୂପେ ନିଜକୁ ଆଧୁନିକା ଭାବୁଥିବା କେତେଜଣ ଯୁବତୀ 'ନାରୀ' ସଶକ୍ତୀକରଣର ଅର୍ଥକୁ କଦର୍ଥ କରି ଏପରି ସଶକ୍ତବାକ୍ ପ୍ରହାର କରନ୍ତି ଯେ ଶୁଣୁଥିବା ବ୍ୟକ୍ତି ଚୁପ୍ ନ ରହି ଆଉ କିଛି କହିବା ପାଇଁ ସାହସ କରେନି। ସେଥିପାଇଁ ଯୋଜନାକୁ ସରକାରଙ୍କର ଦୋଷତ୍ରୁଟି ବୋଲିବା ଅପେକ୍ଷା ନିଜର ଦୋଷ ଦୁର୍ବଳତା ପ୍ରତି ଦୃଷ୍ଟି ଦେବା ତତ୍ ସହିତ ସଂଶୋଧନ କରିବା ଆବଶ୍ୟକ।



ଗୋଟିଏ ଦେଶ ବା ଜାତିକୁ ସର୍ବଶ୍ରେଷ୍ଠ ଏବଂ ତାଙ୍କର ଜାତୀୟ ଚରିତ୍ର ମହାନ୍ ବୋଲି ସେତେବେଳେ କୁହାଯିବ, ଯେତେବେଳେ ସେହି ଦେଶର ନାଗରିକ ନିଜର ଅଧିକାରଠାରୁ କର୍ତ୍ତବ୍ୟ ସମ୍ପର୍କରେ ଅଧିକ ସଚେତନ ହୋଇଥିବେ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଯୋଜନା ସରକାର ପ୍ରଣୟନ କରୁଛନ୍ତି, କିନ୍ତୁ ସାଧାରଣ ନାଗରିକ ନିଜର ଅପରିଣାମଦର୍ଶିତା ଏବଂ ଅପରିପକ୍ୱତା ଦୃଷ୍ଟିରୁ ସେସବୁ ଯୋଜନାକୁ ଫଳପ୍ରଦ କରିବା ପୂର୍ବରୁ ଭଣ୍ଡୁର କରିଦେଉଛନ୍ତି। ଜଣା ପଡୁଛି , ଆମେ ଜାତୀୟ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନ ଉପରେ ବେଶି ଦୃଷ୍ଟିକେନ୍ଦ୍ରିତ କରୁଛୁ। ଆମର ଜାତୀୟ ଚରିତ୍ର ଖୁବ୍ ନିମ୍ନସ୍ତରର ବୋଲି ଅନ୍ୟ ରାଜ୍ୟ ଓ ଦେଶ ନିକଟରେ ଅଲକ୍ଷ୍ୟରେ ପ୍ରମାଣ ଛାଡି ଦେଉଛୁ।

ଆମେ ନିଜ ଦୋଷ ଦୁର୍ବଳତାକୁ ଆଢୁଆଳରେ ରଖି ଅନ୍ୟକୁ ଦୋଷୀସାବ୍ୟସ୍ତ କରିବାକୁ ଭଲ ପାଉ। ନିଜର କର୍ତ୍ତବ୍ୟକୁ ଭୁଲିଯାଇ ପ୍ରତ୍ୟେକଙ୍କର କର୍ତ୍ତବ୍ୟକୁ ସ୍ମରଣ କରାଇ ଦେଉ। 'ସମସ୍ତେ ଖରାପ' ଆଉ ମୁଁ ଗୋଟାପଣେ ଭଲ ଏ ବିଚାରଧାରା ଆମକୁ ଆମୂଳଚୂଳ ସଂକ୍ରମଣ କରି ରଖିଛି। ଯଦି ମହାତ୍ମା ଗାନ୍ଧୀ ଉକ୍ତି 'ଅନ୍ୟକୁ ଦୋଷ ଦେବା ପୂର୍ବରୁ ପ୍ରଥମେ ନିଜକୁ ସଂଶୋଧନ କର'କୁ ମନେପକାଇ କାମରେ ଲଗାଇବା ତା'ହେଲେ ସମାଜରେ ଏତେ ଅଶାନ୍ତି ଅସନ୍ତୋଷ ବା ହିଂସା ଦେଖାଯିବ ନାହିଁ।

ମଣିଷ ଅନେକ ସମୟରେ ଅମଣିଷ ଭଳି କାମ କରେ। ମନେ ରଖିବାକୁ ହେବ ଯେ,ନିଜର ମାନବୀୟ ଗୁଣ ଦ୍ୱାରା ଅନ୍ୟକୁ ସାହାଯ୍ୟ କରିପାରିଲେ ସେ ନିଜର ଶ୍ରେଷ୍ଠତ୍ୱ ଜାହିର କରିପାରିବ। ଜୀବନରେ କିଛି ପାଇବା ପୂର୍ବରୁ ଅନ୍ୟକୁ କିଛି ଦେଇ ଶିଖିବା ଉଚିତ। ସାହାଯ୍ୟ କରିବା ମନୋବୃତ୍ତି ଥିଲେ ଯେକୌଣସି ଉପାୟରେ ଆମେ ଅନ୍ୟକୁ ସହଯୋଗର ହସ୍ତ ସଂପ୍ରସାରଣ କରିପାରିବା। ତା'ହେଲେ ଯାଇ ମନୁଷ୍ୟ ଜୀବନ ସାର୍ଥକ ହୋଇପାରିବ। ଦୈନନ୍ଦିନ ଜୀବନରେ ଆମ ଦୃଷ୍ଟିରେ ବହୁ ଦୁଃଖୀ, ଅଭାବୀ ବ୍ୟକ୍ତି ଦେଖାଯାନ୍ତି। ନିଜ ଦ୍ୱାରା ଯେତିକି ସମ୍ଭବ ସେତିକି ସାହାଯ୍ୟ କରିବା ଦରକାର ନ ହେଲେ ବିଶ୍ୱନିୟନ୍ତାଙ୍କ ସୃଷ୍ଟିରେ ସର୍ବଶ୍ରେଷ୍ଠ ଜୀବ ରୂପେ ପରିଗଣିତ ହେଉଥିବା ମଣିଷ ନିକୃଷ୍ଟ ଜୀବରୂପେ ପରିଗଣିତ ହେବ, ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ।

**ସହକାରୀ ପ୍ରାଧ୍ୟାପିକା, ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ, କଟକ**

## ପାଠକ ଶ୍ରେଷ୍ଠ ବିଚାରକ

### ବିନାଶ ଆଡ଼କୁ ପୃଥିବୀ

ମହାଶୟ,

ଆଜିକାଲିର ପରିସ୍ଥିତିରେ ଆମ ପରିବେଶ ଏତେ ମାତ୍ରାରେ ପ୍ରଦୂଷିତ ହୋଇଛି ଯେ ତାହାର କଳ୍ପନା କରାଯାଇ ନ ପାରେ । କିଛି ବର୍ଷ ପୂର୍ବେ ମଣିଷର ପରମାୟୁ ୧୦୦ବର୍ଷରୁ ଊର୍ଦ୍ଧ୍ୱ ଥିବାବେଳେ ବର୍ତ୍ତମାନ ତାହା ୬୫ ରୁ ୭୦ ବର୍ଷକୁ ଖସିଆସିଛି । ମଣିଷ ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି କଳକାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ। ଆଉ ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶ ପ୍ରଦୂଷଣ କରିଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର କାରଣ। ତେବେ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ । ନିଜକୁ ସୁସ୍ଥ ରଖିବାକୁ ହେଲେ ପ୍ରଥମେ ପରିବେଶ ପ୍ରତି ସଚେତନ ହେବା ଉଚିତ। ଅହେତୁକ ଭାବେ ଜଙ୍ଗଲ ନଷ୍ଟ, ମାତ୍ରାଧିକ କଳକାରଖାନା, ବହୁଳ ପଲିଥିନ୍‌ର ଉପଯୋଗ, ରାସାୟନିକ ସାମଗ୍ରୀର ବହୁଳ ବ୍ୟବହାର ଯୋଗୁ ପୃଥିବୀ ଧୀରେଧୀରେ ବିନାଶ ଆଡ଼କୁ ଗତି କରୁଛି । ଏଥିରୁ ରକ୍ଷା ପାଇବା ପାଇଁ ପ୍ଲାଷ୍ଟିକ ବ୍ୟବହାର କମ୍ କରିବା ଏବଂ ଅଧିକ ବୃକ୍ଷରୋପଣ କରିବା ଉଚିତ। ସରକାରୀ ବା ବେସରକାରୀ ସ୍ତରରେ ବୃକ୍ଷ ରୋପଣ କରିବା ସହିତ ବାୟୁପ୍ରଦୂଷଣ ନ କରିବା ପାଇଁ ସଚେତନତା ସୃଷ୍ଟି କରାଯିବା ଦରକାର।

**-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଫଗୁଣ ନିଶାବାସେ ଝୁରଇ ଦୟିତ
ଫଗୁଣ ଆସେ କେତେ ଆସଇ ଚଇତ
କୁସୁମ ଦେଖି ଆସେ କୋକିଳ ଗାୟିକା
ଫେରଇ ନାହିଁ କିଆଁ ପରାଣ-ନାୟିକା ?
ଯେ ଜନ ଯାଏ ଛାଡ଼ି ଫେରଇ ନାହିଁ ତ
ଫଗୁଣ ନିଶାବାସେ ଝୁରଇ ଦୟିତ।
-(ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆଶିଷ


@ ଦୟାନନ୍ଦ


@ ଶ୍ରୀକାନ୍ତ


@ ବିଷ୍ଣୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ

# ତୁଷୁରା ଥାନାଧିକାରୀଙ୍କୁ ମାଡ଼ ମାରିଲେ ଲୋକେ

■ ନିରୀହ ଯୁବକଙ୍କୁ ମାଡ଼ ଅଭିଯୋଗ

■ ସାଦା ପୋଷାକରେ ୱାରେଣ୍ଟ ଧରିଯିବା ମହଙ୍ଗା ପଡ଼ିଲା

ଦେଓଗାଁ /ଗୁଡଭେଲା,୨୨।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ/ମନୋଜ ଜୈନ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ବଙ୍ଗଳାଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ୨ଜଣ ଯୁବକଙ୍କୁ ତୁଷୁରା ଥାନାଧିକାରୀ ମାଡ ମାରିବା ପରେ ନିକଟରେ ଥିବା ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଥାନା ଅଧିକାରୀଙ୍କୁ ମାଡ ମାରିବା ଘଟଣା ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି। ସାଧା ପୋଷାକରେ ୱାରେଣ୍ଟି ଧରିବାକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଥିବା କୁହାଯାଉଛି । ପ୍ରକାଶ ଯେ, ସନ୍ଧ୍ୟାରେ ଦେଓଗାଁର ୨ଜଣ ଯୁବକ ସୋନଗଡ ବ୍ରିଜ ଆଡକୁ ବୁଲିବା ପାଇଁ ଯାଇଥିବା ବେଳେ ହଠାତ୍ ତୁଷୁରା ଥାନାଧିକାରୀ ଶଶୀଭୂଷଣ ମିଶ୍ର ଓ କନଷ୍ଟେବଲ ଅରୁଣ ଜେନା ସାଧା ପୋଷାକରେ ଆସି ତୁମେଏଠି କ'ଣ କରୁଛ ବୋଲି କହି ଗାଳିଗୁଲଜ କରିଥିଲେ। ପରେ ମୋବାଇଲରେ ଫଟୋ ଉଠାଉଛୁ କହି ମୋବାଇଲକୁ ଛଡାଇ ନଦୀ ଭିତରକୁ ଫିଙ୍ଗି ଦେଇଥିଲେ ବୋଲି ସଂପୃକ୍ତ ଯୁବକ ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ନିରୀହ ଯୁବକଙ୍କୁ ମାଡ ମାରିବାରୁ ସାଧାରଣ ଲୋକେ ସାଧା ପୋଷାକରେ ଥିବା ଥାନାଧିକାରୀଙ୍କୁ ମାଡ ମାରିବା ଖବର ପାଇ ଦେଓଗାଁ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ଘଟଣାସ୍ଥଳକୁ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ତୁଷୁରା ପୋଲିସ ନିରୀହ ଯୁବକଙ୍କୁ ଏଭଳି ଆଚରଣ ଦେଖାଇବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏ ନେଇ ଥାନାଧିକାରୀ ଗଡତ୍ୟାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ।

# ପାତାଳୀ ଶ୍ରୀକ୍ଷେତ୍ରରୁ ହୁଣ୍ଡି ଭାଙ୍ଗି ଲୁଟ୍


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।


ଚୋରି ପରେ ଫିଙ୍ଗିଦେଇଥିବା ହୁଣ୍ଡି।

ଅମରପାଲି/ଉଲୁଣ୍ଡା,୨୨।୮ (ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ୍ ଅନ୍ତର୍ଗତ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରରୁ ବୁଧବାର ବିଳମ୍ବିତ ରାତିରେ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଲୁଟ୍‌ପାଟ କରିଛନ୍ତି। ପାତାଳୀ ଶ୍ରୀକ୍ଷେତ୍ରସ୍ଥିତ ଛଳିଆ ପାହାଡ଼ରେ ଥିବା ଜଗନ୍ନାଥ ମନ୍ଦିରର ଗେଟ୍ ଓ କବାଟର ତାଲା କାଟି ହୁଣ୍ଡି ସମେତ ତିନୋଟି ଆମ୍ପ୍ଲିଫାୟାର, ବାକ୍ସରେ ଥିବା ମହାପ୍ରଭୁଙ୍କ ପାଟଶାଢ଼ି, ଗାମୁଛା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳେ ପୂଜକ ପହଞ୍ଚିଲା ପରେ ମନ୍ଦିର ତାଲା କଟା ଅବସ୍ଥାରେ ଥିବା ଦେଖି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବର ପାଇ ବୀରମହାରାଜପୁର ଥାନା ଉପଖଣ୍ଡୀୟ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ଥାନା ଅଧିକାରୀ ଶୋଭାକର ସେଟ୍, ହରିହର ଯୋର ଫାଣ୍ଡି ଅଧିକାରୀ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମନ୍ଦିର ପଛପଟୁ ପୋଲିସ ତାଲା ଭଙ୍ଗାଯିବା ଅବସ୍ଥାରେ ପଡିଥିବା ହୁଣ୍ଡିକୁ ଜବତ କରିଛି। ସନ୍ଦେହରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି। ବାରମ୍ବାର ପାତାଳୀ ଶ୍ରୀକ୍ଷେତ୍ରରେ ଚୋରି ହେଉଥିବାରୁ ଭକ୍ତ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମନ୍ଦିରରେ ରାତିରେ କେହି ରହୁ ନ ଥିବାରୁ ଚୋରମାନେ ସହଜରେ ଚୋରି କରୁଛନ୍ତି। ଏ ନେଇ ବୀରମହାରାଜପୁର ଥାନାରେ ଏକ ମାମଲା (୨୬୨/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ସେଟ୍ କହିଛନ୍ତି।

OFFICE OF THE PRINCIPAL / SECRETARY
PANCHAYAT HIGHER SECONDARY SCHOOL, BARANGAKACHHAR
At./P.O - Barangakachhar, Via - Bargaon, Dist : Sundargarh - 770016
e-mail : pcbk2012@gmail.com, Mob - 7894720514
Letter No. : 9044 Date - 20.08.2024
WANTED
Part time Guest Faculty
Lecturer-in-Economics (For +2 Arts) and Lecturer-in-Chemistry (For +2 Science). Candidates having requisite qualification 55% of marks in Post Graduate may apply 10 days from publication to office of undersigned. The post is purely temporary.
Sd./- Principal-Cum-Secretary
Panchayat Higher Secondary School, Barangakachhar

ଦ.ପୂ. ରେଳପଥ - ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ. : ୨୩-ଇଏଲ୍-ଡବ୍ଲ୍ୟୁଟି-୨୦୨୪-୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଏଡିଇଇ (ଜି)/ବଣ୍ଡମୁଣ୍ଡା, ଏସ୍ଏସ୍ଇଇ(ଜି)/ଚକ୍ରଧରପୁର ଏବଂ ଏସ୍ଏସ୍ଇଇ(ଜି)/ଡାଙ୍ଗୋଆପୋଷୀଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ରେଳବାଇ ଏରିଆରେ ଭେଣ୍ଡରମାନଙ୍କ ପାଇଁ ପ୍ରିପେଡ୍ ଏନର୍ଜି ମିଟରର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୨୧,୦୩,୧୫୪.୪୪। **ଇଏମ୍‌ଡି:** ₹୪୨,୧୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ବନ୍ଦ ହେବା/ଖୋଲାଯିବା ତାରିଖ:** ୧୮।୦୯।୨୦୨୪, ୧୫.୦୦ ଘଟିକା। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-507)

# ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ବାପ ଓ ଦୁଇ ପୁଅଙ୍କୁ ଆଜୀବନ କାରାଦଣ୍ଡ

■ ୨୦୧୮ ମସିହାରେ ହୋଇଥିଲା ହତ୍ୟାକାଣ୍ଡ

■ ବଲାଙ୍ଗୀର ସେସନ୍ସ କୋର୍ଟରେ ରାୟ ପ୍ରକାଶ

ବଲାଙ୍ଗୀର,୨୨।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସେସନ୍ସ କୋର୍ଟରେ ଗୁରୁବାର ୨୦୧୮ ମସିହାରେ ସଂଘଟିତ ଏକ ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇଥିଲା। ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବଞ୍ଜାରୀ ଗାଁର ଟଙ୍କରାମ ପାଣ୍ଡେ ହତ୍ୟା ମାମଲାର ବିଚାର କରି ଜିଲା ସେସନ୍ସ ଜଜ୍ ଡ. ପବିତ୍ର ମୋହନ ସାମଲ ତିନି ଅଭିଯୁକ୍ତ ମାୟାଧର ପୋଡ଼ ଓ ତାଙ୍କ ଦୁଇ ପୁଅ ସୁରୁ ପୋଡ଼ ଓ ସାଗର ପୋଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟରେ ଏକ ବର୍ଷ ଲେଖାଏ ଅଧିକ କାରାଦଣ୍ଡାଦେଶ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ଅଭାବରୁ କୋର୍ଟ ଅନ୍ୟତମ ଅଭିଯୁକ୍ତ ଶୁକବତୀ ପୋଡ଼ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ୨୦୧୮ ମସିହାରେ ବଞ୍ଜାରୀ ଗାଁରେ ମାୟାଧର ପୋଡ଼ ଏକ ସରକାରୀ ଜମିରେ ଇନ୍ଦିରା ଆବାସ ତିଆରି କରୁଥିଲେ। ଏହାକୁ ଟଙ୍କରାମ ପାଣ୍ଡେ ବିରୋଧ କରିଥିଲେ। ଏହି ଘଟଣାରୁ ଉତ୍ତ୍ୟକ୍ତ ହୋଇ ମାୟାଧର ଏବଂ ତାଙ୍କ ଦୁଇ ପୁଅ ସୁରୁ ଓ ସାଗର ଶାବଳ, ଠେଙ୍ଗା ଏବଂ ପଥରରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସେଠାରୁ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଟଙ୍କରାମଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଟଙ୍କରାମଙ୍କ ପୁଅ କରୁଣାକର ପାଣ୍ଡେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (୪୩/୨୦୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏହି ମାମଲାରେ କୋର୍ଟରେ ୧୯ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ଏହି ମାମଲାକୁ ସରକାରୀ ଓକିଲ ସୁବାସ ଚନ୍ଦ୍ର ମୋହାନ୍ତ ପରିଚାଳନା କରିଥିଲେ।

INDUSTRIAL PROMOTION AND INVESTMENT CORPORATION OF ODISHA LIMITED
IPICOL
(An ISO 9001-2008 Certified State Level Nodal Agency)
IPICOL House, Janpath, Bhubaneswar - 751022, Odisha
Tel : 0674-2542601 Fax : 0674-2543766 No.CAD-898
RfP for SELECTION of AN EVENT MANAGEMENT AGENCY
Proposals from eligible bidders are invited for selection of an EVENT MANAGEMENT AGENCY. For tender details please visit www.ipicolodisha.com.
Deadline for submission of Pre-Bid Query : 27 August 2024
Last date for submission of proposals : 05:00 PM on 31 August, 2024
OIPR-14005/11/0005/2425

PUBLIC NOTICE
Notice is hereby given to all concerned that, Damayanti Nayak W/o Dillip Kumar Nayak, At/PO - Rengali, PS - Katarbaga, Dist. - Sambalpur has sworn an **affidavit on dt.27.04.2024** and has reported to **IIC, Rengali on dt.08.06.2024** regarding loss of original link **Regd. Sale Deed No. 494, dt.29.10.2002 of Registering Officer, Rengali and ROR vide Khata No. 497/701 of Mouza - Rengali, Tah-Rengali, Dist.- Sambalpur in the name of Laxmibai Agrawal W/o Baijanath Agrawal.**
Damayanti Nayak W/o Dillip Kumar Nayak and Sumit Kumar Nayak has applied to the **M/s CHOLAMANDALAM INVESTMENT AND FINANCE COMPANY LIMITED (CIFCL)**, Sambalpur to avail loan on the above property by mortgaging the said property documents.
All concerned therefore, having any claim over the property purchased under the said document **Regd. Sale Deed No. 494, dt.29.10.2002 of Registering Officer, Rengali and ROR vide Khata No. 497/701 of Mouza - Rengali, Tah - Rengali, Dist - Sambalpur in the name of Laxmibai Agrawal W/o Baijanath Agrawal** is required to file her claim with the undersigned within 15 (Fifteen) days from the date of publication of this notice failing which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15 (Fifteen) days of publication of this notice.
Sambalpur
Dt.19.08.2024
Sd./- (A.K.Debta)
Advocate, M/S CHOLAMANDALAM INVESTMENT AND FINANCE COMPANY LIMITED (CIFCL)
At/PO - Modipara, PS - Town, Dist.-Sambalpur
Mobile No. - 9437158519

SUIIT
Sambalpur University Institute of Information Technology
Advt. No.:1001/ SUIIT Date: 22 / 08 / 2024

| DIRECT/SPOT ADMISSION | Date |
|---|---|
| DIRECT ADMISSION | 28th Aug. 2024 |
| B. Tech Lateral Entry (CSE/CSE with specialization in ICS/ CSE with specialization in AI&ML/ ECE/EEE) | |
| Master in Computer Application based on OJEE rank (Only SC/ST Candidates) | |
| SPOT ADMISSION | |
| Master in Computer Application(Only SC/ST Candidates) | |
| M. Sc Computer Sc. (All Categories) | |
| M. Tech Computer Sc. and Engg. (All Categories) | |

INSTRUCTIONS
❖ Direct Admission (OJEE rank holder for MCA (only SC/ST) /Lateral Entry B. Tech): Interested Candidates report directly to Administrative Officer, SUIIT during 10AM to 12:00 Noon on 28.08.2024.
❖ Spot Admission (MCA(only SC/ST)/ M. Sc /M. Tech for All categories): Interested candidates for spot admission should report to the Administrative Officer, SUIIT during 10AM to 12 noon on 28.08.2024. There will be an entrance examination for one hour duration at 12:15 PM for all the programmes. Admission will be done on the same day, as per SUIIT admission guideline.
All B. Tech admissions will be done through OJEE Councelling-2024
FOR DETAIL INFORMATION ON ADMISSION VISIT: www.suiit.ac.in
CONTACT NUMBERS: 9437284982/9938983624 / 9438074077
Email:admin.office@suiit.ac.in
Sd/
Director , SUIIT

# ଫୁଟବଲ ଚୟନ ପ୍ରତିଯୋଗିତା

ବିନିକା,୨୨।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଉଶୁଣୀ ହାଇସ୍କୁଲ ଖେଳପଡିଆରେ ଫୁଟବଲ ଚୟନ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମସାଗର କାଲସେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବାଉଶୁଣୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦେହେରି, ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବକ୍ତା ଭାବେ ସିଆରସିସି ଜୟନାରାୟଣ ପୂଝାରୀ, ସମ୍ମାନୀତ ଅତିଥି ଭାବେ ଖେଳାକୁଦର ସମ୍ପାଦକ ମନୋଜ ପାତ୍ର, ସିଆରସିସି ନୀଳାଚଳ ସା ଯୋଗଦେଇଥିଲେ। ହରିଶ୍ଚନ୍ଦ୍ର ମାଝୀ ସଭା ସଂଯୋଜନା କରିଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୪ଟି ଦଳ ଅଂଶଗ୍ରହଣ କରିଥିଲେ । ସେଥି ମଧ୍ୟରୁ ବାଳକ ବିଭାଗରୁ ୧୪ଜଣ ଏବଂ ବାଳିକା ବିଭାଗରୁ ୧୪ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଖେଳକୁ ପିତାମ୍ବର ବାଗ, ନରସିଂହ ସେଠି, ଜୀବନ ଥନାପତି, ପିଣ୍ଟୁ ପ୍ରଧାନ, ସୁକାନ୍ତ ବାଗ ଏବଂ ରୋହିତ ପୁଟେଲ ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ଗଙ୍ଗାଧର ପ୍ରଧାନ, ଧନ୍ୟବାଦ ଦେଇଥିଲେ।

# ବାଟବଣା ହାତୀ ଛୁଆକୁ ଉଦ୍ଧାର କଲା ବନ ବିଭାଗ


ହାତୀ ଧରିବା ପାଇଁ ନିୟୋଜିତ ବନ ବିଭାଗ କର୍ମଚାରୀ।

ଦେଓଗାଁ,୨୨।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ବାବିଯୋର ଅଇଁଲାବନ ଭିତରେ ବୁଲୁଥିବା ଏକ ହାତୀ ଛୁଆକୁ ଗୁରୁବାର ବନବିଭାଗ ଉଦ୍ଧାର କରିଛି । ଗତ ଦୁଇ ଦିନ ହେଲା ତୁଷୁରା ଓ ଦେଓଗାଁ ଅଞ୍ଚଳରେ ଉକ୍ତ ହାତୀ ଚଳପ୍ରଚଳ କରୁଥିବା ବେଳେ ବନ ବିଭାଗ କର୍ମଚାରୀ ଏହାକୁ ଧରିବାରେ ସକ୍ଷମ ହୋଇ ପାରି ନ ଥିଲେ। ବୁଧବାର ରାତି ତମାମ ହାତୀର ଗତିବିଧିକୁ ନଜର ରଖିଥିଲା ବନ ବିଭାଗ। ସକାଳେ କଳାହାଣ୍ଡି ଉତ୍ତର ବନଖଣ୍ଡର ରାପିଡ୍ ରେସପନ୍ସ ଟିମ୍ ସହାୟତାରେ ହାତୀ ଛୁଆକୁ ଅପରାହ୍ନ ପ୍ରାୟ ୩ ଟା ସମୟରେ ବାବିଯୋର ଅଇଁଲାବନ ନିକଟରେ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ହାତୀ ସଂଜ୍ଞାହୀନ ହେବା ପରେ ସାଲାଇନ ଦିଆଯିବା ସହ ଚିକିତ୍ସା କରାଯାଇଥିଲା। ପ୍ରାୟ ଦୁଇରୁ ତିନି ଘଣ୍ଟା ଧରି ଚିକିତ୍ସା ପରେ ରକ୍ଷକ ଭ୍ୟାନ୍‌ରେ ହାତୀକୁ ବଲାଙ୍ଗୀର ନିଆଯାଇଥିଲା। ଏହି ହାତୀ ଛୁଆକୁ ଧରିବା ପାଇଁ ବଲାଙ୍ଗୀର, ସଇଁନ୍ତଲା, ଲୋଇସିଂହା, ଦେଓଗାଁ ବନବିଭାଗର ପ୍ରାୟ ୬୦ ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ନୂଆଁପଡା ଜିଲା ଖଡିଆଳରୁ ଏକ ଡାକ୍ତରୀ ଟିମ୍ ଆସି ହାତୀର ଚିକିତ୍ସା କରିଥିଲେ। ହାତୀକୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ସମ୍ପୂର୍ଣ୍ଣ ଚିକିତ୍ସା ପରେ ହାତୀକୁ କୌଣସି ଏକ ସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ଡିଏଫଓ ସୁଦର୍ଶନ ବେହେରା ସୂଚନା ଦେଇଛନ୍ତି।

IN THE DEBTS RECOVERY TRIBUNAL: CUTTACK
C-71, SECTOR-7, CDA, CUTTACK-753014
O.A. No. 404/2023
Utkal Grameen Bank ...Applicant
Vs.
Nabina Majhi & others ...Defendants
1. **Bijay Kumar Majhi,** aged about 56 yrs., S/o- Late Pitabasa Majhi, of Vill.: Patramunda, Badaguda, PO: Taragaon, Dist.: Nabarangpur-764059.
SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED
Take notice that the applicant has instituted **OA No. 404/23** in the Debts Recovery Tribunal, Cuttack for recovery of **Rs.29,86,352.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **25.09.2024 at 10.30 AM** positively as to why the reliefs prayed for should not be granted.
Take notice that in case of your default the original application shall be heard and disposed off exparte in your absence.
Given under hand and seal of this Tribunal on this **30th day of month July of 2024.**
By orders of this Tribunal
Sd/- (NIKHILA RANJAN PATI)
Registrar
Debts Recovery Tribunal

NOTICE INVITING TENDER No.C-456
OFFICE OF THE NOTIFIED AREA COUNCIL, RANPUR
NAYAGARH (ODISHA), PIN - 752026
e-Mail : eoranpurnac.ranpur@gmail.com
Tender Call Notice No. 2982 dt.21.08.2024
E-Procurement Notice No.: RNP NAC-02/2024-25

| | | |
|---|---|---|
| 1 | Name of the work | Individual Civil Construction as per DTCN |
| 2 | No. of Works | 01 Nos. |
| 3 | Value of Work | 68.65 Lakhs |
| 4 | Class of Contractor | 'B' |
| 5 | Period of Completion | 120 Days |
| 6 | Date of Publication | 22.08.2024 |
| 7 | Date and Time of availability of document in the portal | From Dt.23.08.2024 at 11 AM to Dt. 09.09.2024 up to 5 PM |
| 8 | Last Date / Time for receipt of bids in portal | Dt. 09.09.2024 up to 5 PM |
| 9 | Date and Time of opening of Technical Bid | Dt. 10.09.2024 at 11.30 AM |
| 10 | Date and Time of opening of Financial Bid | Intimation will be given through Email |
| | Name and address of the officer inviting bid | Sd./- Executive Officer NAC, Ranpur |

Further details can be seen from e-Procurement portal https://tendersodisha.gov.in
OIPR-13196/11/0005/2425

कार्यपालक अभियंता का कार्यालय,
ग्रामीण विकास विशेष प्रमंडल, जमशेदपुर
ई–निविदा आमंत्रण सूचना
ई0–निविदा सूचना संख्या– E-RDSD/JSR/07/2024-25/RE/2nd Call
1. कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (रू0) | अग्रधन की राशि (रू0) | परिमाण विपत्र का मूल्य (रू0) | कार्य पूर्ण करने की अवधि | निविदा Call सं0 |
|---|---|---|---|---|---|---|
| 1 | पूर्वी सिंहभूम जिला के पोटका प्रखण्ड अंतर्गत तेंतला पंचायत के ग्राम तेंतला एवं बंधुआ के बीच नदी पर पुलिया निर्माण। | 3,47,78,900.00 | 6,96,000.00 | 10,000.00 | 18 माह | 2nd Call |

2. वेबसाइट में निविदा प्रकाशन की तिथि – 27.08.2024
3. ई–निविदा प्राप्ति की तिथि एवं समय – दिनांक 27.08.2024 से दिनांक 06.09.2024 को अपराह्न 05:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
5. ई–निविदा खोलने की तिथि एवं समय – 09.09.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
7. ई–निविदा प्रकोष्ठ का दूरभाष सं0 – 09431990319
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल, जमशेदपुर
PR 333401 Rural Development(24-25)#D

झारखण्ड सरकार कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमंडल, सरायकेला–खरसावाँ।
–: ई– अल्पकालीन पुनर्निविदा आमंत्रण सूचना :
ई– पुनर्निविदा संख्या :– 14/2024-25/EE/RWD/SRK दिनांक 21.08.2024
1.कार्य का नाम

| क्र. सं. | ID No. / पैकेज संख्या | प्रखण्ड का नाम | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|---|
| 1. | RWD/ SERAIKELA-KHARSAWAN/ST PKG-01/ 2023-24 | नीमडीह | जामडीह रेलवे क्रोसिंग से सिरका तक पथ का सुदृढ़ीकरण। (लम्बाई– 2.75 कि0मी0) | 1367.109 | तेरह करोड़ सड़सठ लाख दस हजार नौ सौ मात्र। | 12 माह | 4th Call |
| | | नीमडीह | बान्दु से पड़कीडीह पथ तक पथ का सुदृढ़ीकरण। (लम्बाई– 0.860 कि0मी0) | | | | |
| | | नीमडीह | हुडरू पाथरडीह पी0डब्ल्यू0डी0 रोड़ से लाकड़ी तक पथ का सुदृढ़ीकरण। (लम्बाई– 6.26 कि0मी0) | | | | |
| | | नीमडीह | हेंसालोंग से उड़िया तक पथ का सुदृढ़ीकरण। (लम्बाई– 2.65 कि0मी0) | | | | |
| | | नीमडीह | रामनगर बान्दु रोड़ से पुरियारा मोड़ पी0डब्ल्यू0डी0 रोड़ तक पथ का सुदृढ़ीकरण। (लम्बाई– 2.455 कि0मी0) | | | | |
| | | नीमडीह | एन0एच–32 बारेदा रोड़ से माकुला तक पथ का सुदृढ़ीकरण। (लम्बाई– 3.950 कि0मी0) | | | | |
| | | नीमडीह | पितकी रेलवे गेट से कुशपुतुल तक पथ का सुदृढ़ीकरण। (लम्बाई– 5.37 कि0मी0) | | | | |

2. वेबसाईट में निविदा प्रकाशन की तिथि :– 28.08.2024
3. ई–निविदा प्राप्ति की अंतिम तिथि एवं समय :– 09.09.2024 अपराह्न 5:00 बजे तक।
4. निविदा खोलने की तिथि एवं समय :– 10.09.2024 को अपराह्न 03:30 बजे।
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, सरायकेला –खरसावाँ।
8. ई–निविदा प्रकोष्ठ का दूरभाष संख्या :– 7209661815
विस्तृत जानकारी के लिए वेबसाईट jharkhandtender.gov.in में देखा जा सकता है।
कार्यपालक अभियंता
ग्रामीण कार्य विभाग, कार्य प्रमंडल, सरायकेला–खरसावाँ।
PR 333448 Rural Work Department(24-25)D

## ଆଇନ ସଚେତନତା ଶିବିର

କେସିଙ୍ଗା,୨୨।୮(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ତାଲୁକ ଆଇନସେବା ସମିତି ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଗୁରୁବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ମଶ୍ରେଣୀ ବିଚାରବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଧନଞ୍ଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କ ନାମଲେଖା ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ବିଦ୍ୟାଳୟର ସହକାରୀ ଶିକ୍ଷକ ହେମନ୍ତ କୁମାର ବାଗ, ଅନନ୍ତ ବାଗଯୋଗଦେଇଥିଲେ।

## ପୋଷ୍ଟ ମାଷ୍ଟରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲାଞ୍ଜିଗଡ଼,୨୨।୮(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ନର୍ଲା ସବ୍‌ଡିଭିଜନ ଅନ୍ତର୍ଗତ ଲାଞ୍ଜିଗଡ଼ରୋଡ୍ କିଡିଙ୍ଗ ଶାଖା ଡାକପାଳ (ପୋଷ୍ଟ ମାଷ୍ଟର) ଅନନ୍ତ ଛତ୍ରିଆଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉପ ଡାକପାଳ ସତ୍ୟନାରାୟଣ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଣିମୁଣ୍ଡା ଶାଖା ଡାକପାଳ ଅଜିତ ଭୋଇ, ଲାଞ୍ଜିଗଡ଼ ରୋଡ୍ ଶାଖା ଉପ ଡାକପାଳ ସଂଘମିତ୍ରା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ।

# ଜଣେ ଶିକ୍ଷକରେ ଚାଲିଛି ୬୦ ସ୍କୁଲ

ଭବାନୀପାଟଣା,୨୨।୮ (ଉତ୍ତମ କୁମାର ଦାଶ)



ଜୁନାଗଡ଼ ବ୍ଲକର ଏକ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଗୃହରେ ବସିଛନ୍ତି ୫ ଶ୍ରେଣୀର ଛାତ୍ରୀଛାତ୍ର।

**କଳାହାଣ୍ଡି ଜିଲା**

**■ ଅଫିସ କାମରେ ଶିକ୍ଷକ ଗଲେ ସ୍କୁଲ ବନ୍ଦ**

କଳାହାଣ୍ଡି ଜିଲାରେ ଶିକ୍ଷା ବିଭାଗର ବିଚିତ୍ର ନୀତି ଦେଖିବାକୁ ମିଳୁଛି। ଯେଉଁଠି ଦରକାର ଅଛି ସେଠି ଶିକ୍ଷକ ନିଯୁକ୍ତି କରାଯାଉ ନ ଥିବାବେଳେ ଆବଶ୍ୟକ ନ ଥିବା ସ୍କୁଲରେ ଶିକ୍ଷକ ନିଯୁକ୍ତି କରାଯାଉଥିବା ଅଭିଯୋଗ ଆସିଛି। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ମାସ ସୁଦ୍ଧା ଜିଲାର ୬୦ ସ୍କୁଲ ଜଣେ ଶିକ୍ଷକରେ ଚାଲିଛି। ଜଣେ ଶିକ୍ଷକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଚାଲିଛି। ପୁଣି ସେହି ଶିକ୍ଷକଙ୍କ କୌଣସି ଅଫିସ କାମ ହେଉ ବା ଦେହ ଖରାପ ହେଲେ ସ୍କୁଲରେ ତାଲା ପଡୁଛି।

ଜିଲାର ଅନ୍ତର୍ଲା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଥିବାବେଳେ ଏଠାରେ ୫୬ ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଗତ ୩୧ ତାରିଖରେ ଜଣେ ଶିକ୍ଷୟିତ୍ରୀ ଅବସର ନେବା ପରେ ଏହି ସ୍କୁଲରେ ଜଣେ ଶିକ୍ଷକରେ ପାଠ ପଢ଼ା ଚାଲିଛି । ସେହିଭଳି କାନ୍ଦୁଲବନ୍ଦ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଥିବା ବେଳେ ୧୬ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସ୍ଥାୟୀ ଶିକ୍ଷକ ନ ଥିବାରୁ ଅନ୍ୟ ସ୍କୁଲରୁ ଡେପୁଟେଶନରେ ଆସି ପାଠ ପଢ଼ାଉଛନ୍ତି। ଗତ ୧ ତାରିଖରେ ଏଠାରେ ଥିବା ଜଣେ ଶିକ୍ଷକ ସିଆର୍‌ସିସି ଦାୟିତ୍ୱ ନେବାରୁ ଜଣେ ଶିକ୍ଷକରେ ଚାଲିଛି ପାଠପଢ଼ା। ଜୁନାଗଡ଼ ଶିକ୍ଷା ବିଭାଗ ଅଧୀନରେ ପ୍ରାୟ ୨୦୦ଟି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ୬୧୫ ଜଣ ଶିକ୍ଷକ ଅଛନ୍ତି। ବର୍ତ୍ତମାନ ଆଉ ୧୧୩ ଶିକ୍ଷକ ଦରକାର ଥିବା ନେଇ ଜିଲା ଶିକ୍ଷା ବିଭାଗକୁ ଜଣାଯାଇଛି। କେବଳ ଜୁନାଗଡ଼ ନୁହେଁ ଜିଲାର ଭବାନୀପାଟଣା, କେସିଙ୍ଗା, କୋକସରା, ଜୟପାଟଣା, ଗୋଲାମୁଣ୍ଡା,ଏମ୍ ରାମପୁର, କର୍ଲାମୁଣ୍ଡା, ନର୍ଲା, ଲାଞ୍ଜିଗଡ଼ ଓ କଳମପୁର ଆଦି ବ୍ଲକର ଅନେକ ସ୍କୁଲ ଜଣେ ଶିକ୍ଷକରେ ଚାଲିଛି। ଏପରି କି ୭୦ରୁ ଶହେ ଭିତରେ ଛାତ୍ରୀଛାତ୍ର ରହିଥିବା ସ୍କୁଲରେ ମଧ୍ୟ ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ଫଳରେ ସେଠାରେ ଶିକ୍ଷାଦାନ କେମିତି ହେଉଥିବ ତାହା ସହଜେ ଅନୁମେୟ। ବିଭିନ୍ନ ସ୍କୁଲରେ ନିଯୁକ୍ତି ଥିବା ଶିକ୍ଷକ ଅବସର ନେଲା ପରେ ଏହି ସମସ୍ୟା ଦେଖାଦେଉଛି। ଏହା ଭିତରେ ନୂତନ ୮୧୧ ଜଣ ଶିକ୍ଷକ ନିଯୁକ୍ତି ହେବା ସହ ଯେଉଁ ସ୍କୁଲରେ ଜଣେ ଶିକ୍ଷକ ଅଛନ୍ତି ସେଠାରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତ ଦିଆଯିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜଳପ୍ରପାତରେ ନିଖୋଜ ଯୁବକଙ୍କ ମୃତଦେହ ଜବତ

ନୂଆପଡ଼ା,୨୨।୮ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା ଭରୁଆମୁଣ୍ଡା ପଞ୍ଚାୟତ ଲୋଦ୍ରା ଗାଁ ସ୍ଥିତ ସୁନାବେଡା ଅଭୟାରଣ୍ୟରେ ଅବସ୍ଥିତ ଗୋଧସ ଜଳପ୍ରପାତରେ ବୁଡି ନିଖୋଜ ଥିବା ଯୁବକଙ୍କ ମୃତଦେହ ଦୀର୍ଘ ୪୫ ଘଣ୍ଟା ପରେ ପାଣିରୁ ଉଦ୍ଧାର ହୋଇଛି। ସୂଚନା ମୁତାବକ ଗତ ମଙ୍ଗଳବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଆନନ୍ଦ ନଗରର କେତେଜଣ ଯୁବକ ଗୋଧସ ଜଳ ପ୍ରପାତକୁ ବୁଲିବା ପାଇଁ ଆସିଥିଲେ। ହେଲେ ଜଳ ପ୍ରପାତରେ ଗାଧୋଇବା ସମୟରେ ସୁନ୍ଦର ସେନ ଗୁରୁ (୨୦) ବୁଡି ନିଖୋଜ ହୋଇଯାଇଥିଲେ । ଏ ନେଇ ଧରମବନ୍ଧା ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଜଳପ୍ରପାତରେ ଦୁଇ ଦିନ ଖୋଜାଖୋଜି କରିଥିଲେ ଧେ ସଫଳ ହୋଇ ନ ଥିଲେ। ଏଣେ ପରିବାର ଲୋକେ ସୁନ୍ଦରଙ୍କୁ ପାଇବା ପାଇଁ ନୂଆପଡାରେ ଅପେକ୍ଷା କରିଥିଲେ। ଗୁରୁବାର ସକାଳେ ଅଗ୍ନିଶମ ବିଭାଗ କର୍ମଚାରୀ ପୁଣି ଖୋଜିବା ସମୟରେ ଜଳ ପ୍ରପାତରେ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ଧରମବନ୍ଧା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆଦିବାସୀ ଏକତା ପରିଷଦର ଦାବିପତ୍ର



ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

କଳମପୁର,୨୨।୮(ଗଣେଶରାମ ବାଗ)

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ କଳମପୁର ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଆଦିବାସୀଙ୍କ ସଂସ୍କୃତି, ଐତିହ୍ୟ, ପରମ୍ପରାର ସୁରକ୍ଷା ସହ ଜଙ୍ଗଲ ସୁରକ୍ଷା ଅଧିନିୟମ ୨୦୨୩କୁ ବିରୋଧ କରି ଦାବିପତ୍ର ପ୍ରଦାନ କରାଯାଇଛି। ଘରୋଇ କମ୍ପାନୀକୁ ଜଙ୍ଗଲ ଜମି ଯୋଗାଇବା ପାଇଁ ଆଦିବାସୀମାନଙ୍କୁ ବିସ୍ଥାପିତ କରାଯାଉଛି। ଯଦି ଏହା ଲାଗିରହେ ତେବେ ଆଦିବାସୀମାନେ ବସବାସ କରୁଥିବା ଅଞ୍ଚଳରେ ସଂଖ୍ୟାଲଘୁ ହୋଇ ଅନୁସୂଚିତ ତାଲିକାରୁ ବାଦ ପଡ଼ିବେ। ତେଣୁ ଏହାକୁ ତୁରନ୍ତ ବନ୍ଦ କରି ଆଦିବାସୀଙ୍କ ଜଙ୍ଗଲ ଜମି, ଭାଷା, ସଂସ୍କୃତି ସୁରକ୍ଷା କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କଳମପୁର ବ୍ଲକ ଆଦିବାସୀ ସଂଘ ସଭାପତି ଦୁଃଖିରାମ ମାଝିଙ୍କ ନେତୃତ୍ୱରେ ଭାରତ ମୁକ୍ତି ମୋର୍ଚ୍ଚା କଳାହାଣ୍ଡି ଜିଲା ସଭାପତି ମାଧବ ସୁନାନୀ, ସମ୍ରାଟ ମାଝି, ଗଣେଶ ଦଳେଇ, କରୁଣାକର ଚିନ୍ଦା, ବିଜୟ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲିଙ୍ଗଭିତ୍ତିକ ଭେଦଭାବ ତାଲିମ ଶିବିର




କୋମନା,୨୨।୮(ସୋବିନ ଛତ୍ରିଆ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଭାଗୀ ବିକାଶ ଅଭିଯାନ ଆନୁକୂଲ୍ୟରେ ନୂଆପଡ଼ା ଜିଲା କୋମନା ବ୍ଲକ୍ ବିଲେନଜୋର ସ୍ଥିତ ତାଲିମ କେନ୍ଦ୍ର ପରିସରରେ ଲିଙ୍ଗଭିତ୍ତିକ ଭେଦଭାବ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲରକି, ଶୁକଲିମୁଣ୍ଡି, ଦାନଖୋଲା, ସେମେଲପାଲି ଓ କଣ୍ଟାପାଲି ଗ୍ରାମର ମହିଳା ଚାଷୀମାନେ ଯୋଗଦାନ କରିଥିଲେ। ଏହି ୩ଦିନିଆ ଶିବିରରେ ଗୌରଚନ୍ଦ୍ର ରାଜପଲିଆ ତାଲିମଦାତା ଭାବେ ଯୋଗଦେଇ ଭିଡିଓଗ୍ରାଫି ଇତ୍ୟାଦିର ବ୍ୟବହାରକରି ବିଭିନ୍ନ ଖେଳ ମାଧ୍ୟମରେ ତାଲିମ ପ୍ରଦାନ କରିଥିଲେ। କୋମନା ଏଏଚ୍‌ଓ ଆରାଧନା ଶବର ଶିବିରାର୍ଥୀଙ୍କୁ ଲିଙ୍ଗଭିତ୍ତିକ ଭେଦଭାବ ଉପରେ ବୁଝାଇଥିଲେ। ତାଲିମ କାର୍ଯ୍ୟକ୍ରମକୁ ମୋନାଲିସା ମହାନନ୍ଦ ପରିଚାଳନା କରିଥିବା ବେଳେ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦାଦନ ଶ୍ରମିକମୁକ୍ତ ଜିଲା ଗଠନ ଲକ୍ଷ୍ୟ

ନୂଆପଡ଼ା,୨୨।୮ (ମକାରୁ ବେମାଲ)

**ଜିଲା ପ୍ରଶାସନର ଅଭିନବ ପ୍ରୟାସ**

ନୂଆପଡ଼ା ଜିଲାର ବହୁ ଶ୍ରମିକ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅତ୍ୟନ୍ତ ଦୟନୀୟ ଭାବେ ଜୀବନଯାପନ କରୁଛନ୍ତି । ସ୍ଥଳ ବିଶେଷରେ ସେମାନଙ୍କ ପ୍ରାଣହାନି ମଧ୍ୟ ଘଟୁଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଅଭିଯାନ ପ୍ରୟାସ ଆରମ୍ଭ ହୋଇଛି। ଜିଲାପାଳ ମଧୁସୂଦନ ଦାସ ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲାଙ୍କୁ ଜିଲାର ସମସ୍ତ ଶ୍ରମିକଙ୍କ ଡାଟାବେଶ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କାମ ଖୋଜୁଥିବା ଓ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ଶ୍ରମିକମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିବ। ସେମାନଙ୍କ ଠିକଣା, ଶିକ୍ଷାଗତ ଯୋଗ୍ୟତା, ମୋବାଇଲ ନମ୍ବର, ଶ୍ରମିକ କାର୍ଡ ନମ୍ବର, ଜବ କାର୍ଡ ନମ୍ବର, ବର୍ତ୍ତମାନର ଜୀବିକା ସମ୍ବନ୍ଧରେ ତଥ୍ୟ ରହିବ। ପଞ୍ଚାୟତିରାଜ ସଂସ୍ଥା ସାହାଯ୍ୟରେ ଜିଲା ଶ୍ରମ ଅଧିକାରୀ ଏହାକୁ ପ୍ରସ୍ତୁତ କରିବେ। ଏହି କାର୍ଯ୍ୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ବିଡିଓ ଓ ପିଡି ସହଯୋଗ କରିବେ। ଜିଲାପାଳ ଦାସଙ୍କ ସୂଚନା ଅନୁଯାୟୀ, ଏବେ ରାଜ୍ୟ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ଶ୍ରମିକମାନଙ୍କ ପାଇଁ ବିଭିନ୍ନ ସହାୟତା ଉପଲବ୍ଧ ଅଛି। ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା, ପ୍ରସୂତି କାଳୀନ ସହାୟତା ୧୦ ହଜାର, ଝିଅପୁଅ ପାଠପଢ଼ା ଖର୍ଚ୍ଚ ୨ ହଜାରରୁ ୪୦ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ୨ ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫ ହଜାର ଟଙ୍କାର ସହାୟତା ରାଶି ତୁରନ୍ତ ଯୋଗାଇଦେବା ବ୍ୟବସ୍ଥା କରାଯିବ। ଏହାସହିତ ପ୍ରବାସୀ ଶ୍ରମିକ ପ୍ରଥାକୁ ନିରୁତ୍ସାହିତ କରିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଅଧିକ ଲୋକାଭିମୁଖୀ କରି ପ୍ରତି ଶ୍ରମିକ ପାଇଁ ନିଜ ଅଞ୍ଚଳରେ ରୋଜଗାର ଯୋଗାଇ ଦିଆଯିବ। ଏ ଦିଗରେ ସମସ୍ତେ ସହଯୋଗ କଲେ ନୂଆପଡ଼ା ଜିଲାକୁ ଦାଦନ ମୁକ୍ତ କରିପାରିବା ବୋଲି ଜିଲାପାଳ କହିଛନ୍ତି।

## ମୃତା ଟ୍ରେନି ଡାକ୍ତରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି

ଖଡ଼ିଆଳ,୨୨।୮(ସୁଜିତ କୁମାର ପ୍ରଧାନ)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ନୂଆପଡ଼ା ଜିଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ। ଏଥିରେ ସମ୍ପୃକ୍ତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପୂର୍ବକ ପୀଡ଼ିତା ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଏହାସହ ମୃତା ଟ୍ରେନି ଡାକ୍ତରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରର କୃଷ୍ଣଚନ୍ଦ୍ର ରଥ, ଭୂଷଣ ବାବୁ, ସୁଜାତା ସୁବୁଦ୍ଧି, ସୁମିତା ବିଶାଳ, ସେବାପ୍ରଭା ବେହେରା, କାମେଶ୍ୱର ରାଓ ପ୍ରମୁଖ କର୍ମଚାରୀ ସାମିଲ ହୋଇଥିଲେ।



କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରିଥିବା ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ।

## ନୂଆପଡ଼ା କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

ନୂଆପଡ଼ା,୨୨।୮ (ମକାରୁ ବେମାଲ)

ସ୍ଥାନୀୟ ମିନି ଷ୍ଟାଡିୟମରେ ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ସପ୍ତମ ନୂଆପଡ଼ା କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ ମୁଖ୍ୟଅତିଥି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଲକର, କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ସିନାପାଲି ବ୍ଲକ ଉପାଧ୍ୟକ୍ଷ ମୀନା ଘିବେଲା, ଫୁଟ୍‌ବଲ ଆସୋସିଏଶନ ସଭାପତି ପ୍ରକାଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ନୂଆପଡ଼ା ଓ ଖଡିଆଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ ସ୍କୋର ହୋଇପାରି ନ ଥିଲା। ଫଳରେ ଟ୍ରାଇବ୍ରେକରରେ ଖଡିଆଳକୁ ୪-୧ ଗୋଲରେ ପରାସ୍ତ କରି ନୂଆପଡା ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ ଖରିଆର ରୋଡ ଏନ୍‌ଏସି ଓ ବୋଡେନ ମଧ୍ୟରେ ହୋଇଥିଲା। ବୋଡେନ ଦଳ ୧-୦ରେ ଖରିଆର ରୋଡକୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ହରିହର ସାହୁ, ବଳରାମ ସରାଫ, ଦିନେଶ ସତନାମୀ, ଏମ୍ କୁମାର ଖର୍ସେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଶୁକ୍ରବାର ସିନାପାଲି ସହ କୋମନା ଓ ନୂଆପଡା ଏନ୍‌ଏସି ସହ ଖରିଆର ରୋଡ ମଧ୍ୟରେ ମ୍ୟାଚ ହେବ ।

## ଦେଶୀ ମଦ ଜବତ, ୨ ଗିରଫ

ଜୟପାଟଣା,୨୨।୮ (ଓମ୍ ପ୍ରକାଶ ବୈଠାରୁ)



କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ଅବକାରୀ ବିଭାଗ ଚଢ଼ାଉ କରି ଦେଶୀ ମଦ ଜବତ ସହ ଏଥିରେ ସମ୍ପୃକ୍ତ ଥିବା ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜୟପାଟଣା ଥାନା ମୁଖିଗୁଡା ପଞ୍ଚାୟତ ରାଣୀବାହାଲ ଶାନ୍ତିପଡ଼ାର ଲବଣୀ ରାଉତଙ୍କ ଘରେ ଦେଶୀ ମଦ କାରବାର ଚାଲିଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଏହି ସମୟରେ ତାଙ୍କ ଘରୁ ୮୦ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲା। ସେହିପରି ବଡପୂଜାରୀ ଗୁଡା ପଞ୍ଚାୟତ ବଡଗୁଡ଼ା ଗ୍ରାମ ରାସ୍ତାରେ ରନ୍ଧା ମଦ ରପ୍ତାନୀ ହେଉଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ସେଠାରୁ ୪୫ ଲିଟର ମହୁଲି ମଦ ସହିତ ମୋଟରସାଇକେଲ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ବିନୋଦ ଗୋଡ଼ଙ୍କୁ ଗିରଫ କରାଯାଇଥିଲା। ସେହିପରି ଡୁମୁଡ଼ିଖୋଲ ଜଙ୍ଗଲରେ ରନ୍ଧା ମଦ ତିଆରି ହେଉଥିବାବେଳେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ହେଲେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ସେଠାରୁ ୧୮୦୦ ଲିଟର ମହୁଲି ମଦ ଜବତ ହୋଇଥିଲା। ଜୟପାଟଣା ଅବକାରୀ ଉପନିରୀକ୍ଷକ ନରେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

## କଳାହାଣ୍ଡିର କରାଟେ ଛାତ୍ରଙ୍କ ସଫଳତା

ଲାଞ୍ଜିଗଡ଼,୨୨।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲାର ୮ ଜଣ କରାଟେ ପ୍ରତିଯୋଗୀ ଝାରସୁଗୁଡ଼ାଠାରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗନେଇ ସଫଳତା ହାସଲ କରିଛନ୍ତି। ମୋଟ ୮ ପ୍ରତିଯୋଗୀଙ୍କ ମଧ୍ୟରୁ ୬ ଜଣ ପ୍ରଥମ, ଜଣେ ଦ୍ୱିତୀୟ ଜଣେ ତୃତୀୟ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଝାରସୁଗୁଡା ଜିଲା ବ୍ରଜରାଜନଗର ଏସ୍‌ଓସିପି ଡିଏଭି ପବ୍ଲିକ ସ୍କୁଲଠାରେ ଗୁରୁବାର ପ୍ରତିଯୋଗିତା ହୋଇଥିଲା। ଏଥିରେ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୮ ଜଣ କରାଟେ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ୩୦ରୁ ୩୫ କେଜି ବର୍ଗରେ ଛାତ୍ର ପୁଷ୍ପେନ୍ଦୁ ବିଶ୍ୱାଳ, ୪୦ରୁ ୪୫ କେଜି ବର୍ଗରେ ହିତେଶ କୁମାର ମହାଖୁଡ଼, ୪୫ରୁ ୫୦କେଜି ବର୍ଗରେ ସୌନକ ଶୁଭଦର୍ଶୀ ସାହୁ, ୫୦ରୁ ୫୫ କେଜି ବର୍ଗରେ କିରନ ବେମାଲ, ୫୦ରୁ ୫୫ କେଜି ବର୍ଗରେ ଅର୍ପିତା ବାଡ଼ତିଆ, ୮୦ରୁ ୮୫କେଜି ବର୍ଗରେ ଆୟୁଷ ଦୁବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୫୦ରୁ ୫୫ କେଜି ବର୍ଗରେ ଗଙ୍ଗାଧର ମଲ୍ଲିକ ଦ୍ୱିତୀୟ ଓ ୩୦ରୁ ୩୫ କେଜି ବର୍ଗରେ କୁସୁମପ୍ରଭା ମାଝି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସ୍କୁଲର ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସଫଳତା ହାସଲ କରିଥିବା ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।




କୃତୀ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକମାନେ।

## ଶୃଙ୍ଖଳିତ, ଲୋକାଭିମୁଖୀ ହେବ ପରିବହନ ବ୍ୟବସ୍ଥା

ଭବାନୀପାଟଣା,୨୨।୮(ଉତ୍ତମ କୁମାର ଦାଶ)



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଜିଲାସ୍ତରୀୟ ଓଏସ୍‌ଆର୍‌ଟିସି ନୋଡାଲ କମିଟି ବୈଠକ**

କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳରେ ମୁଖ୍ୟମନ୍ତ୍ରୀ ବସ୍ ସେବା ପହଞ୍ଚାଇ ସମସ୍ୟାର ସମାଧାନ କରାଯିବ। ଜିଲାର ଦୁର୍ଗମ ଅଞ୍ଚଳରେ ବସ୍ ସେବା ପହଞ୍ଚାଇବା, ବାଦ୍ ପଡ଼ିଥିବା ରୁଟ୍‌ଗୁଡିକୁ ଚିହ୍ନଟ କରି ବସ୍ ସେବା ଯୋଗାଇଦେବା ସହିତ ଜିଲାର ସମସ୍ତ ବ୍ଲକ ସହିତ ରାଜ୍ୟ ଓ ରାଜ୍ୟ ବାହାରର ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକୁ ବସ୍ ସେବା ଉପଲବ୍ଧ କରାଇବାକୁ ରାଜ୍ୟ ସଡ଼କ ଓ ପରିବହନ ବିଭାଗ ଉଦ୍ୟମ ଜାରି ରଖିଛି। ଏ ଦିଗରେ ଜିଲା ଓ ବ୍ଲକ ପ୍ରଶାସନ, ଜନ ପ୍ରତିନିଧି, ଘରୋଇ ବସ୍ ମାଲିକ ସଂଘ, ବୁଦ୍ଧିଜୀବୀଙ୍କ ମତକୁ ଗ୍ରହଣ କରାଯାଇ ରାଜ୍ୟସ୍ତରୀୟ ବୈଠକରେ ଅନୁମୋଦନ କରାଯିବ ବୋଲି ବୁଧବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଓଏସ୍‌ଆର୍‌ଟିସି ନୋଡାଲ କମିଟି ବୈଠକରେ ମତପ୍ରକାଶ ପାଇଛି।

ବୈଠକରେ ରାଜ୍ୟ ସଡ଼କ ଓ ପରିବହନ ବିଭାଗ ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ ଯୋଗଦେଇ ପରିବହନ ବ୍ୟବସ୍ଥା ଶୃଙ୍ଖଳିତ, ଲୋକାଭିମୁଖୀ ହେବ ବୋଲି ମତ ଦେଇଥିଲେ। ଜିଲାପାଳ ସଚିନ ପାୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଜିଲାପାଳ ତଥା ମୁଖ୍ୟମନ୍ତ୍ରୀ ବସ୍‌ସେବା ନୋଡାଲ ଅଫିସର ତନ୍ମୟ ଦରୱାନ, ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପର୍ଣ୍ଣା ରାଉତ, ଲୋକ ସଭା ସାଂସଦଙ୍କ ପ୍ରତିନିଧି ଅନିଲ କୁମାର ନନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସଭାପତି ପ୍ରବୋଧ ରଥଙ୍କ ନେତୃତ୍ୱରେ କର୍ମକର୍ତ୍ତା ବୈଠକରେ ସାମିଲ ହୋଇଥିଲେ। ସେହିପରି ଲୋକଙ୍କ ଦାବି ଓ ଅଭିଯୋଗ ଆଧାରରେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର, ଗୋଲାମୁଣ୍ଡା ବିଡିଓ ଶ୍ରୀଧର ପଣ୍ଡା, ଜୁନାଗଡ଼ ବିଡିଓ ଦେବାଶିଷ କର, ଥୁଆମୂଳ ରାମପୁର ବିଡିଓ ଦିତୀଚନ୍ଦ୍ର ମାଝୀ, ଭବାନୀପାଟଣା ବିଡିଓ ଚନ୍ଦନ କୁମାର ଭୋଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପ୍ରାରମ୍ଭରେ ଓଏସ୍‌ଆର୍‌ଟିସି ତଥା ଆମ ବସ୍‌ଷ୍ଟାଣ୍ଡ ଜିଲା ପ୍ରବନ୍ଧକ ସ୍ୱଦେଶ କୁମାର ପାତ୍ର ସ୍ୱାଗତ ଅଭିଭାଷଣ ଓ ଅତିରିକ୍ତ ଜିଲାପାଳ ଦରୱାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପଲଶାଗୋରା ମୁରାସୁର ଦରବାର ପାଇଁ କଳାକାର ବରଣ



ମନମୁଣ୍ଡା,୨୨।୮ (ବେଣୁଧର ପଧାନ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା ସ୍ୱସ୍ତିକ କ୍ଲବ ଦ୍ୱାରା ଆୟୋଜିତ ହେବାକୁ ଥିବା ମୁରାସୁର ଦରବାର ପାଇଁ କଳାକାର ବରଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ଅଭିନେତା ହୃଷୀକେଶ ଭୋଇଙ୍କୁ ମୁରାସୁର ଭୂମିକାରେ ଅଭିନୟ କରିବା ପାଇଁ ବରଣ କରାଯାଇଥିବା ବେଳେ ମହାମନ୍ତ୍ରୀ ଭୂମିକାରେ ନନ୍ଦିଘୋଷ ମହାପାତ୍ରଙ୍କୁ ସ୍ୱସ୍ତିକ କ୍ଲବ ତରଫରୁ ନଡ଼ିଆ ଓ ଫୁଲମାଳ ଦେଇ ବରଣ କରାଯାଇଛି । ଚଳିତବର୍ଷ ମଧ ଗଜଲକ୍ଷ୍ମୀ ପୂଜା ଅବସରରେ ଅକ୍ଟୋବର ମାସ ୧୬ତାରିଖରୁ ୨୩ତାରିଖ ପର୍ଯ୍ୟନ୍ତ ମରାସୁର ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି । ଏହି ବରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମିଳନ ଡାଙ୍ଗ, କମିଟିର ସଭାପତି ଶାନ୍ତନୁ ମହାପାତ୍ର, ସମ୍ପାଦକ ବିଘ୍ନେଶ ପ୍ରଧାନ, ଉପଦେଷ୍ଟା ସୁଧୀର ପଣ୍ଡା,ରଞ୍ଜନ ମିଶ୍ର,ରଞ୍ଜନ ପଣ୍ଡା,ଅସୀମ ଅଭିଷେକ ପଣ୍ଡା, ସନ୍ତୋଷ ସାହୁ, କୁନ୍ଦନ ଦନ୍ତା, ଅଚ୍ୟୁତ ଖମାରୀ, କୁନା ଭୋଇ, ମହେନ୍ଦ୍ର ପ୍ରଧାନ, ଅଭିନେତା ମନୋଜ ମହାନ୍ତି, ସରପଞ୍ଚ ସୌଦାମିନୀ ମଲ୍ଲିକ, ଗିରିଶଚନ୍ଦ୍ର ଦଳବେହେରା, ମୁନା ମିଶ୍ର, ଦେବାନନ୍ଦ ମହାପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଗଙ୍ଗାଧର ସାହିତ୍ୟ ଓଡ଼ିଆ ଅସ୍ମିତାକୁ ସମୃଦ୍ଧ କରିଛି

ଅମରପାଲି,୨୨।୮ (ପୀତାମ୍ବର ସାହୁ)




ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ।

**କଳାପଥର ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲରେ ଗଙ୍ଗାଧର ଜୟନ୍ତୀ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୩ତମ ଜୟନ୍ତୀ ଉତ୍ସବ ପାଳିତ ହେଇଯାଇଛି।। ଏହି ଅବସରରେ ଅନୁଷ୍ଠିତ ସଭାରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଦେବଯାନୀ ମେଶ୍ରୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ଥାନୀୟ କଲେଜ ଓଡ଼ିଆ ଓ ଭାଷା ସାହିତ୍ୟ ବିଭାଗ ଅଧ୍ୟାପକ ରାମ ପଧାନ ସାଂପ୍ରତିକ ସମୟରେ ଗଙ୍ଗାଧର ସାହିତ୍ୟର ଉପାଦେୟତା ଓ ସବୁଜ ବିପ୍ଳବ ଉପରେ ବକ୍ତବ୍ୟ ରଖିଥିଲେ।

ସମ୍ବଲପୁରସ୍ଥିତ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ଉପ ସଚିବ ତଥା ଗଙ୍ଗାଧର ମେହେର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ସହ ପରୀକ୍ଷା ନିୟନ୍ତ୍ରକ ଡ.ରଘୁନାଥ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ କବିଙ୍କ କାବ୍ୟକୃତି ଉପରେ ଆଲୋକପାତ କରିବା ସହ ଗଙ୍ଗାଧର ମେହେର ଆର୍ଥିକ କ୍ଷେତ୍ରରେ ଦରିଦ୍ର ନ ଥିଲେ ବୋଲି ଯୁକ୍ତି ଉପସ୍ଥାପନା କରିଥିଲେ । ଏହାପରେ ଛାତ୍ର ମହେଶଦତ୍ତ ମିଶ୍ର ଓ ଛାତ୍ରୀ ସୋନାଲିକା ଗରିଆ ଗଙ୍ଗାଧରଙ୍କ ଜୀବନି ସମ୍ପର୍କରେ ଆଲୋଚନା କରିବା ସହ କବିଙ୍କ ସାରସ୍ୱତ ସୃଷ୍ଟି ଓଡ଼ିଆ ଅସ୍ମିତାକୁ ସମୃଦ୍ଧ କରିଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ସହ ସ୍ୱଭାବ କବିଙ୍କ ରଚିତ କବିତା ଅବୃତ୍ତି ଓ ରଚିତ କାବ୍ୟ କବିତା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଏବଂ ମୁଖ୍ୟବକ୍ତାଙ୍କୁ ଶିକ୍ଷାନୁଷ୍ଠାନ ତରଫରୁ ଉପଢୌକନ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶୋକସଭାରେ ମଞ୍ଚ କଳାକାର ଉପାସୀଙ୍କ ସ୍ମୃତିଚାରଣ

ସୋନପୁର,୨୨।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ପ୍ରଥମ ମହିଳା ମଞ୍ଚ କଳାକାର, ସ୍ୱାସ୍ଥ୍ୟ ସେବିକା ଉପାସୀ ଦେବୀଙ୍କ ୯୩ ବର୍ଷ ବୟସରେ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ଗୁରୁବାର ମହାନଦୀ ସାହିତ୍ୟ ସଂସଦ ସଭାଗୃହରେ ମହାନଦୀ ସାହିତ୍ୟ ସଂସଦର ସଭାପତି ଶ୍ୟାମାଓଁ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ନାଟ ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ, ଭୀମ ଭୋଇ କଳା ପରିଷଦର ସମ୍ପାଦକ ସଂଗୀତ ନିର୍ଦ୍ଦେଶକ ଉମେଶ କୁମାର, ପଏଁରୀର ସଭାପତି ଲଡୁ କିଶୋର ମଲ୍ଲିକ, ସମ୍ପାଦକ ନୃତ୍ୟ ନିର୍ଦ୍ଦେଶକ ଚୌଧୁରୀ ବିଭାର, ନାଟ୍ୟଚକ୍ରର ନିର୍ଦ୍ଦେଶକ ମନୋଜ କୁମାର ବାରିକ, ସଭ୍ୟ କବି ବିଘ୍ନରାଜ ପଣ୍ଡା ଏବଂ ବେଣୁଧର ପ୍ରଧାନ ଉପାସୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ସୁବର୍ଣ୍ଣପୁର ନାଟ୍ୟଧାରର ଅଗ୍ରଣୀ ବିଦ୍ଧାଣୀ ମଞ୍ଚ ନିର୍ଦ୍ଦେଶକ ସ୍ୱର୍ଗତଃ ଡାକ୍ତର ଯୁଧିଷ୍ଠିର ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ ଗୁଡ଼ିକରେ ୧୯୫୬-୬୬ ମସିହାରେ ଉପାସୀ ମହିଳା କଳାକାରଭାବେ ଅଭିନୟ କରି ସେ ସମୟରେ ଇତିହାସ ସୃଷ୍ଟି କରିଥିଲେ। ଉପାସୀ ଦେବୀଙ୍କ ଅଭିନୟରୁ ପ୍ରେରଣା ପାଇ ପରେ ଅନ୍ୟ ମହିଳା କଳାକାର ସୁବର୍ଣ୍ଣପୁର ମଞ୍ଚକଳାକୁ ଋଦ୍ଧିମନ୍ତ କରିଥିଲେ। ମଞ୍ଚ ଅଭିନୟ କ୍ଷେତ୍ରରେ ଜଣେ ସାହସୀ ମହିଳା ଭାବେ ତଥା ସ୍ୱାସ୍ଥ୍ୟ ସେବିକା ଭାବେ ତାଙ୍କର ଅକୁଣ୍ଠ ସେବା ମନୋଭାବ ତାଙ୍କୁ ଚିରକାଳ ସ୍ମରଣୀୟ କରି ରଖିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଶେଷରେ ମହାନଦୀ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ କବି ସୌରଭ ରଞ୍ଜନ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଶୋକସଭାରେ ଉପସ୍ଥିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ।

# ୬୫୬ ଛାତ୍ରୀଛାତ୍ର ହେବେ ପୁରସ୍କୃତ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ସୋନପୁର,୨୨।୮ (ମୃତ୍ୟୁଞ୍ଜୟ ଶତପଥୀ)

**ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ପାଇଁ ପ୍ରସ୍ତୁତି**

ସେପ୍ଟେମ୍ବର ୫ ତାରିଖ ଗୁରୁ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ଜିଲାରେ ଆୟୋଜନ କରିବା ପାଇଁ ଜିଲା ପ୍ରଶାସନ ତରଫରୁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଭାଗୃହରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, କାର୍ଯ୍ୟକ୍ରମର ସଂଯୋଜକ ତଥା ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସଂପୃକ୍ତ ଶିକ୍ଷା ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ନିମନ୍ତେ ପ୍ରଦାନ କରାଯାଉଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ସୁବର୍ଣ୍ଣପୁର ଜିଲାରେ ୬୫୬ ଜଣରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପୁରସ୍କାର ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲାର ୨୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପୁରସ୍କାର ମଧ ପ୍ରଦାନ କରାଯିବ। ଜିଲାସ୍ତରରେ ଏହି ପୁରସ୍କାର ରାଶି ୧୦ ହଜାର ଟଙ୍କା, ବ୍ଲକସ୍ତରରେ ୫ ହଜାର ଓ ମେରିଟ ସ୍କଲାରଶିପ ପାଇଁ ୫୦ହଜାର ଟଙ୍କା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ସମସ୍ତ ଜିଲାସ୍ତରରେ ପୂର୍ବାହ୍ଣ ୧୦ଟାରେ ଆରମ୍ଭ ହେବ ଏବଂ ମଧ୍ୟାହ୍ନ ୧୨ ଘଟିକାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମକୁ ସମସ୍ତ ଜିଲା ସ୍ତରରେ ପ୍ରସାରଣ କରାଯିବ। ଚଳିତ ବର୍ଷ ହାଇସ୍କୁଲ ପରୀକ୍ଷା ଫଳାଫଳ ଆଧାରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଓଡ଼ିଆ ଭାଷା ସାହିତ୍ୟରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ପିଲାଙ୍କୁ ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପୁରସ୍କାର ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ସ୍ଥାନ ନିରୂପଣ, ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ତଥା ଶୃଙ୍ଖଳିତ ଗମନା ଗମନ ପାଇଁ ପୋଲିସ ପ୍ରଶାସନର ସହଯୋଗ, ଛାତ୍ରୀଛାତ୍ର ତଥା ଗାଇଡ଼ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଯିବା ଆସିବା ପାଇଁ ଆରଟିଓଙ୍କ ମାଧ୍ୟମରେ ଯାନ ଯୋଗାଣ, ଆବଶ୍ୟକ ଶୌଚାଳୟ ଓ ପାନୀୟଜଳ ଆଦି ବ୍ୟବସ୍ଥା ସହ ଆନୁସଙ୍ଗିକ ବ୍ୟବସ୍ଥା ସମ୍ବନ୍ଧରେ ବିଚାର ବିମର୍ଷ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ, ବ୍ୟବସ୍ଥିତ ତଥା ସୁଚାରୁ ସମ୍ପାଦନ ପାଇଁ ଅଧ୍ୟକ୍ଷ ତଥା ଜିଲା ଉନ୍ନୟନ ଅଧିକାରୀ ମେହେର ବୈଠକରେ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ

ମନମୁଣ୍ଡା,୨୨।୮ (ବେଣୁଧର ପଧାନ)

ବୁଧବାର ରାତିରେ ମନମୁଣ୍ଡା ଥାନା ଢୋଲପଡା ଗ୍ରାମ ନିକଟରେ ଏକ ପିକ୍‌ଅପ ଭ୍ୟାନ୍‌ରୁ ୧୮ କେଜି ଗଞ୍ଜେଇ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଜବତ କରିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମନମୁଣ୍ଡା ଥାନା ପାଇକବାହାଲ ର ନୀଳମଣି ରାଜହଂସ ଓ ବିହାର ରାଜ୍ୟ ସପୁର ଜିଲାର ଶୁଭମ ରାମ। ବୌଦ୍ଧ ମୋବାଇଲ ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିବା ସମୟରେ ମନମୁଣ୍ଡା ଥାନା ଶଗଡ଼ା ପଞ୍ଚାୟତ ଅନ୍ତର୍ଗତ ଢୋଲପଡା ଗ୍ରାମରେ ଚଢାଉ କରି ପିକ୍‌ଅପ (ନଂ ଓଡି ୧୭ ଇ ୨୫୨୨) ଭ୍ୟାନ୍ ସହ ଗଞ୍ଜେଇ ଜବତ୍ କରିଥିଲେ । ଗୁରୁବାର ଉଭୟ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିବା ମୋବାଇଲ ସ୍କ୍ୱାଡ୍ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## ରାସ୍ତା ଜବରଦଖଲ ଉଚ୍ଛେଦ ନେଇ ତହସିଲଦାରଙ୍କୁ ଦାବିପତ୍ର

ବିନିକା,୨୨।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ଅନ୍ତର୍ଗତ ଜୁଲୁଣ୍ଡା ଗ୍ରାମ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିବା ନେଇ ଗୁରୁବାର ଗ୍ରାମବାସୀ ତହସିଲଦାର ସୀତାରାମ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ଚଳିତ ମାସ ୨ତାରିଖରେ ସମ୍ପୃକ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିବାର ଥିଲା। ୨୦ଦିନ ବିତି ଯାଇଥିଲେ ମଧ ଜବରଦଖଲ କାରୀଙ୍କୁ ଅଦ୍ୟାବଧି ସେହି ସ୍ଥାନରୁ ହଟା ଯାଇନାହିଁ। ଫଳରେ ଗ୍ରାମ୍ୟ ରାସ୍ତାର ମଧ୍ୟସ୍ଥଳର କାମ ଅସମ୍ପୂର୍ଣ୍ଣ ରହିଛି । ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଯିବା ଆସିବାରେ ଅସୁବିଧା ଭୋଗୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଜବରଦଖଲ ଉଚ୍ଛେଦ କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମାପ୍ତ କରିବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତିତ।

## ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ବାଉଁଶୁଣୀ,୨୨।୮ (ଦେବାଶିଷ ନେପାକ)

ଗୁରୁବାର ପୂର୍ବାହ୍ଣରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ବୌଦ୍ଧ ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମ୍ୟାଲେରିଆ ଓ ଅନ୍ୟ ସଂକ୍ରାମକ ରୋଗର ସ୍ଥିତି ଓ ଚାଲିଥିବା ନିରାକରଣ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଛନ୍ତି ମିଳିଥିବା ସୂଚନା ଅନୁଯାୟୀ, ଡା. ପ୍ରଧାନ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବୌଦ୍ଧ ବ୍ଲକର ଗୋଛାପଡ଼ା, କମ୍ପରା, ଦହ୍ୟା ଆଦି ସ୍ୱାସ୍ଥ୍ୟ ଉପ କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହିତ ଏପିଡେମିଓଲୋଜିଷ୍ଟ ଅର୍ଣ୍ଣପୂର୍ଣ୍ଣା ପାତ୍ର, ପରାମର୍ଶଦାତା ଆଲୋକ କୁମାର ମିଶ୍ର ଉପସ୍ଥିତ ଥିଲେ ।

## ଅଭିଯୁକ୍ତ ସ୍ୱାମୀ ନିର୍ଦ୍ଦୋଷରେ ଖଲାସ

ବାଉଁଶୁଣୀ,୨୨।୮ (ଦେବାଶିଷ ନେପାକ): ଗୁରୁବାର ବୌଦ୍ଧ ଜିଲା ଦୌରାଜଜ୍ ପ୍ରମିଳା ମେହେର ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ଇନ୍ଦ୍ରଜିତ ମେହେରଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଛନ୍ତି । ମୋଟ ୧୪ ଜଣ ସାକ୍ଷୀ ଓ ପୋଲିସର ଦସ୍ତାବିଜକୁ ବିଚାରକୁ ନେଇ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ଅଭିଯୁକ୍ତ ସ୍ୱାମୀ ଇନ୍ଦ୍ରଜିତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରାଜୀବ କୁମାର ଦଲାଲ ମାମଲା ପରିଚାଳନା କରୁଥିଲେ । ପ୍ରମିଳାଙ୍କ ଭାଇ ରଜତ ମେହେର ତାଙ୍କ ଭଉଣୀଙ୍କ ମୃତ୍ୟୁ ନେଇ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ । ପରେ ଉକ୍ତ ମାମଲା ବୌଦ୍ଧ ଜିଲାଜଜ୍‌ଙ୍କ ଅଦାଲତରେ ବିଚାରଧୀନ ଥିବା ବେଳେ ଆଜି ରାୟ ପ୍ରକାଶ ପାଇଛି ।

## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ମେହେର ଜୟନ୍ତୀ



ସଂସ୍କୃତି ଦିବସ ଓ ମେହେର ଜୟନ୍ତୀ ପାଳନ ସଭାରେ ମଞ୍ଚାସୀନ ଅତିଥି ।

ବିନିକା, ୨୨।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଗୁରୁବାର ସଂସ୍କୃତି ଦିବସ ଓ ସଭା କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅଧକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ଅଧ୍ୟାପକ ନିରଞ୍ଜନ ପାଣ୍ଡିଆ, ସ୍ୱତନ୍ତ୍ର ଅତିଥିଭାବେ ସାହିତ୍ୟିକ ଉସତ କର, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଧନେଶ୍ୱର ସାହୁ, ବାଣୀ ପ୍ରସାଦ ବିଶ୍ୱାଳ ଯୋଗଦେଇ ସଂସ୍କୃତି ଦିବସ ପାଳନର ଉଦ୍ଦେଶ୍ୟ ଓ ଗଙ୍ଗାଧର ମେହେରଙ୍କ ବିଭିନ୍ନ ଲେଖା ଓ କାବ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଭାରତୀ ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପିକା ପ୍ରମିତା କୁମାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ବେଦ ପଠନ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପେଟ୍ରୋଲ ପମ୍ପ ପଚ୍ଛପଟ ବାଇପାସ୍ ରାସ୍ତା ମରଣଯନ୍ତା



ଗର୍ତ୍ତ ହୋଇ ଶୋଚନୀୟ ହୋଇ ଯାଇଥିବା ରାସ୍ତା ।

ତରଭା, ୨୨।୮ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ସହରର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ତରଭାର ଉଭୟପାର୍ଶ୍ୱରେ ଦୁଇଟି ବାଇପାସ ରାସ୍ତା ନିମାଣ ହୋଇଛି। ବ୍ଲକ ପଛ ପଟ ରାସ୍ତାର ବିଭିନ୍ନ ସ୍ଥାନରେ ପାଣି ଜମି ଥିବାବେଳ ପେଟ୍ରୋଲ ପମ୍ପ ପଛପଟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ପେଟ୍ରୋଲ ପମ୍ପଠାରୁ ବଡବନ୍ଧ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଦୁଇରୁ ତିନିଫୁଟର ଗର୍ତ୍ତ ସୃଷ୍ଟି ହୋଇଛି। ଅନେକ ସମୟରେ ଏହି ରାସ୍ତା ଦେଇ ଯାଉଥିବା ଗାଡି ଗୁଡିକ ଗର୍ତ୍ତରେ ଫଶି ରହୁଛି। ଯଦ୍ୱାରା ଅନ୍ୟ ଗାଡିଗୁଡିକ ଯିବା ଆସିବା କରିପାରୁନାହିଁ। ଏନେଇ ଅଭିଯୋଗ କଲେ କେହି ଶୁଣୁନାହାନ୍ତି ବୋଲି ଲୋକେ କହନ୍ତି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୧୦ ଦଫା ଦାବିରେ ନର୍ସିଂ କର୍ମଚାରୀ ସଂଘର ଧାରଣା




ବୌଦ୍ଧ ମେଡିକାଲ ଆଗରେ ଧାରଣାରତ ନର୍ସିଂ କର୍ମଚାରୀ ।

ବୌଦ୍ଧ,୨୨।୮ (ଅଜିତ କୁମାର ବାରିକ)

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଆହ୍ୱାନକ୍ରମେ ୧୦ ଦଫା ଦାବିରେ ବୌଦ୍ଧ ଜିଲାର ୯୭ ଜଣ ନର୍ସିଂ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦାବିଗୁଡିକ ମଧ୍ୟରେ ୧୨।୧୧।୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରମାନଙ୍କର ୬ ବର୍ଷିଆ ଚୁକ୍ତିକୁ ମୂଳ ଚାକିରୀ ସୀମାରେ ମିଶାଇ ପଦୋନ୍ନତି ଓ ସମସ୍ତ ସୁବିଧା ପ୍ରଦାନ, ଯୋଗ୍ୟ ନର୍ସିଂ ଅଫିସରମାନଙ୍କୁ ବରିଷ୍ଠତା ଭିତିରେ ପଦୋନ୍ନତି, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ସରକାରୀ ନର୍ସିଂ ଅଫିସରମାନଙ୍କୁ ସିଏଚଓ ପଦବୀରୁ ଫେରାଇ ଆଣି କ୍ୟାଡର ପୋଷ୍ଟରେ ନିଯୁକ୍ତି, ବିଭିନ୍ନ ଚିକିତ୍ସାଳୟରେ ଦୀର୍ଘବର୍ଷ ଧରି ସେବା ଯୋଗାଉଥିବା ନର୍ସିଂ କର୍ମଚାରୀଙ୍କୁ ନିୟମିତ କରାଯିବା, କେବିକେ ତଥା କେବିକେ ଯୁକ୍ତ ଜିଲାରେ କାର୍ଯ୍ୟ କରୁଥିବା ନର୍ସିଂ ଅଫିସର ଓ କର୍ମଚାରୀଙ୍କ ପାଇଁ ସ୍ଥାନ ଭିତ୍ତିକ ପ୍ରୋତ୍ସାହନ ରାଶି ପ୍ରଦାନ ଓ ନର୍ସିଂ କର୍ମଚାରୀମାନେ ଜରୁରୀକାଳୀନ ସେବା ଯୋଗାଇ ଦେଉଥିବା ବେଳେ ସରକାରୀ ଛୁଟି ବଦଳରେ କ୍ଷତିପୂରଣ ଛୁଟି ବା ଦରମା ପ୍ରଦାନ କରାଯିବା ସମ୍ବନ୍ଧରେ ନିର୍ଦ୍ଦେଶନାମା ଜାରି କରାଯିବାକୁ ଦାବି କରାଯାଇଛି। ଏହାବ୍ୟତୀତ ନର୍ସିଂ କର୍ମଚାରୀମାନେ ଦିନ ରାତି ସେବା ଯୋଗାଉଥିବା ବେଳେ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବାକୁ ଦାବି କରାଯାଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ସରକାର କୌଣସି ପଦକ୍ଷେପ ନ ନେଲେ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ନର୍ସିଂ କର୍ମଚାରୀ ସଂଘର ସଭାପତି ଭାରତୀ ବେହେରା, ସଂପାଦକ ସ୍ୱର୍ଣ୍ଣପ୍ରଭା ପୋଢଙ୍କ ସମେତ ଉପସଭାପତି ଆରତୀ ସେଠୀ ଓ ଜ୍ଞାନରଞ୍ଜନ ମିଶ୍ର, ସହସଂପାଦକ ଦ୍ରୌପଦୀ ମଲ୍ଲିକ, ଆଶିଷ ମଲ୍ଲିକ ଓ ଲଳିତା ସାହୁ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।

## ହରଭଙ୍ଗାରେ ମା’ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ




ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଉଛି ।

ବୌଦ୍ଧ,୨୨।୮ (ଅଜିତ କୁମାର ବାରିକ)

ଗୁରୁବାର ବିଶ୍ୱ ପରିବେଶ ଦିବସ ଅବସରରେ ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବିଡିଓ ଶରତ କୁମାର ସେଠୀ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ଯୋଗ ଦେଇଥିଲେ । ଅତିଥିମାନେ ବୃକ୍ଷ ହିଁ ଜୀବନ କହିବା ସହ ବୃକ୍ଷ ପରିବେଶକୁ ସନ୍ତୁଳନ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଚାରିଛକ ରାମସେନା ସଂଘ, ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘ କର୍ମକର୍ତ୍ତା, ସମିତିସଭ୍ୟ ଓ ବ୍ଲକ କର୍ମଚାରୀ ସାମିଲ ଥିଲେ ।

## ସଂକ୍ଷେପରେ

### ରେଳ ଧାରଣାରୁ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ସୁନ୍ଦରଗଡ଼/ହେମଗିର,୨୨।୮ (ଜୟ ନାରାୟଣ ମେଣ୍ଡୁଲି/ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଡୁଡୁକା କଲେଜ ପଛଦେଇ ଯାଇଥିବା ସରଡେଗା-ଝାରସୁଗୁଡା ରେଳପଥ ଧାରଣାରୁ ଗୁରୁବାର ସକାଳେ ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ରେଲୱେ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ବରାପାଲି ନିକଟସ୍ଥ କେନ୍ଦାଯୋର ଗ୍ରାମର ସୁନୀତା କାଲୋ(୨୨)। ରାଉରକେଲା ରେଲୱେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଜଣାପଡି ନାହିଁ। ଗତ ୨ ମାସ ତଳେ କେନ୍ଦାଯୋର ଗ୍ରାମର କ୍ଷୀରୋଦ କାଲୋଙ୍କୁ ସେ ବିବାହ କରିଥିଲେ।

### ସି-ସେକ୍ଟର ଦୁର୍ଗାପୂଜା କମିଟି ଗଠନ

ବନ୍ଧମୁଣ୍ଡା,୨୨।୮(ସୁବ୍ରତ ଦେ): ଦୁର୍ଗାପୂଜା ଆୟୋଜନ ପାଇଁ ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ଦୁର୍ଗାପୂଜା କମିଟି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦୁର୍ଗାପୂଜା ଆୟୋଜନ ପାଇଁ ଏକ ନୂତନ କମିଟି ଗଠନ କରାଯାଇଛି। ନୂଆ କମିଟିରେ ବିଜୟ ହାଲୱାଇ ପୁଣି ଥରେ ସଭାପତିଭାବେ ନିର୍ବାଚିତ ହୋଇଥିଲେ। ଏହା ବ୍ୟତୀତ ଶିଶିର ମାନ୍ନା ଏବଂ ମନୋଜ ପ୍ରସାଦଙ୍କୁ ଉପସଭାପତି, ଜୟନ୍ତ ଚାଟାର୍ଜୀ ଏବଂ ରାମୁଙ୍କୁ କାର୍ଯ୍ୟକାରୀ ସଭାପତି, ଉଜ୍ଜ୍ୱଳ ଭଟ୍ଟାଚାର୍ଯ୍ୟ ଏବଂ ମଙ୍ଗା ରେଡ୍ଡୀ, ଜୟନ୍ତ ଦାସ ଏବଂ ଅନନ୍ତ ମୁଖାର୍ଜୀଙ୍କୁ କୋଷାଧ୍ୟକ୍ଷ, ସଞ୍ଜୟ ଚୌଧୁରୀ, ନାରାୟଣ ତନ୍ତୀ, ଅଭିଜିତ ଦତ୍ତ ଏବଂ ସୁବ୍ରତ ଦେଙ୍କୁ ସାଂସ୍କୃତିକ ସଚିବ ଭାବେ ଚୟନ କରାଯାଇଛି।



କୁଆଁରମୁଣ୍ଡା ମଙ୍ଗଳବାର ବଜାରରେ ରାଜପଥ ପାର୍ଶ୍ୱରେ ଜଣେ ବାଳିକା ଦଉଡ଼ି ଉପରେ ଥାଳି ରଖି ଆଣ୍ଠୁରେ ଚାଲୁଛନ୍ତି। (ଫଟୋ: ମହେନ୍ଦ୍ର କୁମାର ସାହୁ)

# ପ୍ରସ୍ତାବିତ ଆଦର୍ଶ ଗ୍ରାମ ପରିଦର୍ଶନକଲେ ଜିଲାପାଳ

ଲହୁଣୀପଡା,୨୨।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଗୁରୁବାର ପ୍ରଧାନମନ୍ତ୍ରୀ ଜନଜାତି ମହନ୍ୟାୟ ଅଭିଯାନର ପ୍ରସ୍ତାବିତ ୪ଟି ଆଦର୍ଶ ଗ୍ରାମ ପରିଦର୍ଶନ କରିଛନ୍ତି। ସମ୍ପୃକ୍ତ ବିଭାଗୀୟ ଜିଲା ଅଧିକାରୀଙ୍କ ସହିତ ଉପଖଣ୍ଡ ଓ ବ୍ଲକ ପ୍ରଶାସନ ଅଧିକାରୀମାନେ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ। ଅପରାହ୍ନରେ ଲହୁଣୀପଡା ବ୍ଲକ ଖୁଣ୍ଟାଗାଁଠାରେ ଅବସ୍ଥିତ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜିଲାପାଳ, କାର୍ଯ୍ୟ ନିର୍ବାହୀ ଜିଲା ପରିଷଦ, ଜିଲା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବଣେଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କୃଷି ବିଭାଗ, ଉଦ୍ୟାନ ବିଭାଗ, ଚିକିତ୍ସା ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ ଓ ଶିଶୁ ବିକାଶ ସମେତ ବହୁ ସରକାରୀ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବସବାସ କରୁଥିବା ପାଉଡି ଭୂୟାଁ ଗ୍ରାମ ମଧ୍ୟରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନଜାତି ମହାନ୍ୟାୟ ଅଭିଯାନ ଯୋଜନାରେ ୪ ଟି ଆଦର୍ଶ ଗ୍ରାମ ସେଥି ମଧ୍ୟରୁ ଫୁଲଝର ପଞ୍ଚାୟତର ପଟାମୁଣ୍ଡ ଓ କୁଲିପୋଷ ପଞ୍ଚାୟତର କୁଲିପୋଷ କଲୋନୀ,ତାଳବାହାଲି ପଞ୍ଚାୟତର ବୁଢାଭୂଇଁ ଏବଂ ହଳଦୀକୁଦର ପଞ୍ଚାୟତର ସାନଜଲ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗଠନ କରିବା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାପାଳ ଆଲୋଚନା କରିବା ସହିତ ପରାମର୍ଶ ଦେଇଥିଲେ।

# ଘାରିଲାଣି ଡେଙ୍ଗୁ, ମ୍ୟାଲେରିଆ ଭୟ

ବରଗଡ,୨୨।୮(ପ୍ରେମାନନ୍ଦ ଖମାରୀ)

■ ଯୁଆଡ଼େ ଦେଖିଲେ ଜମିଛି ନର୍ଦ୍ଦମା ପାଣି
■ ଜାଣିଶୁଣି ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା
■ ପ୍ରୟୋଗ ହେଉନି ମଶା ଘଉଡ଼ାଇବା ଧୂଆଁ

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ବଢ଼ି ଚାଲିଛି। ଏଥିରୁ ବରଗଡ଼ ଜିଲା ମଧ୍ୟ ବାଦ୍ ପଡ଼ିନାହିଁ। ଜିଲାରେ ଏପର୍ଯ୍ୟନ୍ତ ୩ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି। ମାତ୍ର ବେସରକାରୀ ଭାବେ ଏହା ଆହୁରି ଅଧିକ ବୋଲି ଅନୁମାନ କରାଯାଉଛି। ସେହିପରି ଏଥର ଡେଙ୍ଗୁ ରୋଗରେ ଏପର୍ଯ୍ୟନ୍ତ ଜିଲାର କେହି ମୃତ୍ୟୁବରଣ କରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ରେକର୍ଡ଼ରେ ନାହିଁ। ଅନ୍ୟପଟେ ଏହି ଜିଲାର ପାଇକମାଳ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମର ଜଣେ ରୋଗୀ ଡେଙ୍ଗୁରେ ଆକ୍ରାନ୍ତ ହୋଇ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ଏଭଳି ଆକ୍ରାନ୍ତ ଏବଂ ମୃତକଙ୍କ ଖବର ମିଳିବା ପରେ ଜିଲାରେ ଡେଙ୍ଗୁ ସଂକ୍ରମଣ ଭୟ ଦେଖାଯାଇଛି। ଜିଲାରେ ଭୁଷୁଡ଼ି ପଡ଼ିଥିବା ପରିମଳ ବ୍ୟବସ୍ଥା ଏଭଳି ଭୟକୁ ଆହୁରି ବଢ଼ାଇ ଦେଇଛି। ଏ ସମ୍ପର୍କରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସାଧୁଚରଣ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଏପର୍ଯ୍ୟନ୍ତ ଜିଲାରେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ନେଇ ତାଙ୍କ ପାଖରେ ସୂଚନା ନାହିଁ। ରକ୍ତ ନମୁନା ପରୀକ୍ଷାରୁ ଜିଲାର ପାଇକମାଳରେ ଜଣେ ଏବଂ ବୁକ୍ରାମୁଣ୍ଡାର ୨ଜଣ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା ବୋଲି ସେ କହିଥିଲେ। ସେହିପରି ଜୁଲାଇ ମାସରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ିଥିଲା। କିନ୍ତୁ ଏବେ ତାହା ନିୟନ୍ତ୍ରଣାଧୀନ ଥିବାବେଳେ ଡେଙ୍ଗୁ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଡା. ଦାଶ କହିଛନ୍ତି।

ଗତ କିଛିଦିନ ହେଲା ଜିଲାରେ ଅଳ୍ପଦିନ ବ୍ୟବଧାନରେ ତୁହାକୁ ତୁହା ବର୍ଷା ଲାଗି ରହୁଛି। ଅନେକ ସ୍ଥାନରେ ବର୍ଷାଜଳ ଏବଂ ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ନାହିଁ। ଫଳରେ ସେଭଳି ପାଣି ଦୀର୍ଘଦିନ ଧରି ସେହି ସ୍ଥାନରେ ଜମି ରହୁଛି। ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ଡେଙ୍ଗୁ ରୋଗ ସୃଷ୍ଟି କରୁଥିବା ଏଡ଼ିସ୍ ମଶାର ବିସ୍ତାର ପାଇଁ ଅନୁକୂଳ ହୋଇ ପଡ଼ିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ବଢ଼ି ଚାଲିଛି ଚୋରି, ପୋଲିସ ହାତ ଖାଲି

ବଡ଼ଗାଁ,୨୨।୮(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଚୋରି ବଢ଼ି ଚାଲିଛି। ପ୍ରତି ମାସରେ ୩ରୁ ୪ଟି ସ୍ଥାନରୁ ଚୋରି ହେଉଥିଲେ ମଧ ପୋଲିସ ଚୋରଙ୍କୁ ଧରିବାରେ ସଫଳ ହୋଇପାରୁନାହିଁ। ମଙ୍ଗଳବାର କଣ୍ଟିଆମୁରା ଗାଁ ନିକଟ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଏକ ଶୋ'ରୁମରୁ ଚୋରି ହୋଇଥିଲା। ସେହି ରାତିରେ ଚୋରମାନେ ଟିକିଲିପଡ଼ା ପଞ୍ଚାୟତ ଅଫିସ ପାର୍ଶ୍ୱରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଗ୍ରାମାଞ୍ଚଳ ଶାଖା ସେବା କେନ୍ଦ୍ରରୁ ଚୋରି କରିଛନ୍ତି। ଚୋରମାନେ ମୁଖ୍ୟ କବାଟର ତାଲା ଭାଙ୍ଗି ପଶିଥିଲେ। ସେବା କେନ୍ଦ୍ରରେ ଲଗାଯାଇଥିବା ଇନ୍‌ଭର୍ଟର, ଡେସ୍କଟପ ଓ ୭ଶହ ଟଙ୍କା ନେଇଯାଇଥିଲା ବେଳେ ଧରା ନ ପଡ଼ିବା ପାଇଁ ସିସିଟିଭି କ୍ୟାମେରାର ହାର୍ଡ ଡିସ୍କକୁ ଖୋଲି ନେଇଯାଇଛନ୍ତି। ଚୋରି ବଢ଼ି ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଏନ୍‌ଟିପିସି ଦର୍ଲିପାଲି ୫ଏସ୍ କର୍ମକ୍ଷେତ୍ର ପରିଚାଳନା ପ୍ରଣାଳୀକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛି



ସୁନ୍ଦରଗଡ,୨୨।୮(ଜୟ ନାରାୟଣ ମେଣ୍ଡୁଲି)

ଏନଟିପିସି ଦର୍ଲିପାଲିଠାରେ ବୁଧବାର କ୍ୟୁସିଏଫଆଇ ଦ୍ୱାରା ପ୍ରଥମ ୫ଏସ ସର୍ଭିଲାନ୍ସ ଅଡିଟ କରାଯାଇଥିଲା। ଏହି ୫ଏସ ଅଡିଟ କ୍ୟୁସିଏଫଆଇ ବାରାଣାସୀ ଦଳ ଦ୍ୱାରା କରାଯାଇଥିଲା। ୫ଏସ ଅଡିଟ ଟିମରେ ସଚିବ ଅରୁଣ ମୋୟ ଚକ୍ରବର୍ତ୍ତୀ ଏବଂ ଅରୁଣା ସିଂ ସାମିଲ ଥିଲେ। ଗତ ୧୯ତାରିଖରୁ ୨୪ ପର୍ଯ୍ୟନ୍ତ ଅଡିଟ କରିଥିଲେ। ୫ଏସ ଅଡିଟ ସର୍ଭେ ସମୟରେ ଏନଟିପିସି ଦର୍ଲିପାଲିର ସମସ୍ତ ୧୬ଟି ଜୋନ ଅଡିଟ କରାଯାଇଥିଲା। ନଭେମ୍ବର ୨୦୨୩ରେ ଏନଟିପିସି ଦର୍ଲିପାଲିକୁ କ୍ୱାଲିଟି ସର୍କଲ ଫୋରମ ଅଫ ଇଣ୍ଡିଆ ଦ୍ୱାରା ସାର୍ଟିଫିକେଟ ଦିଆଯାଇଛି। ୫ଏସର ସାର୍ଟିଫିକେଟ ୩୦ ନଭେମ୍ବର୨୦୨୬ ପର୍ଯ୍ୟନ୍ତ ବୈଧ ଅଟେ। ଏହାକୁ ପ୍ରତି ୬ ମାସରେ କ୍ୟୁସିଏଫଆଇ ବୈଧ କରିବାକୁ ହେବ। ଉଭୟ ଓ ଆଣ୍ଡ ଏମ ବିଭାଗ ଏବଂ ଅଣ ଓ ଆଣ୍ଡ ଏମ ବିଭାଗରେ ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଦଳକୁ ୫- ଏସ ନିୟୋଜନ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ପ୍ରମୁଖ ହର୍ଷ ନାଥ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଏହି ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ହରେ ରାମ ସିଂ, ଜିଏମ ସମସ୍ତ ବିଭାଗର ମୁଖ୍ୟ, ସମସ୍ତ ୫ଏସ ଜୋନର ମୁଖ୍ୟ ଏବଂ ସବ ଜୋନ ମୁଖ୍ୟ ଉପସ୍ଥିତ ଥିଲେ।

# ରିମ୍ସରେ ୟୁଜି ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୨୨।୮(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ରିମ୍ସ କଲେଜ ପରିସରରେ ଥିବା ଶୌର୍ଯ୍ୟ ପଟ୍ଟନାୟକ ଅଡିଟୋରିୟମ୍ କକ୍ଷରେ ଗୁରୁବାର ୟୁଜି-୨୦୨୪ ପାଠ୍ୟକ୍ରମ ବିବିଏ ଓ ବିବିଏ-ଜେମ୍‌ସି ବିଦ୍ୟାର୍ଥୀମାନଙ୍କ ଲାଗି ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ବରିଷ୍ଠ ଅଧ୍ୟାପିକା ଝେଲମ୍ ନାୟକ କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ର ପଠନ କରିଥିଲେ। ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରିମ୍ସର ଅଧ୍ୟକ୍ଷା ନଳିନୀ ପ୍ରଭା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରିମ୍ସର ସମ୍ପାଦକ ଡକ୍ଟର ଆର୍ଯ୍ୟ ପଟ୍ଟନାୟକ ଯୋଗଦେଇ ଛାତ୍ର ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ ନିଜକୁ ଶୃଙ୍ଖଳିତ ରଖିବା ସହ ଶିଳ୍ପକ୍ଷେତ୍ରରେ ଆବଶ୍ୟକତା ଲାଗି ନିଜକୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରିମ୍ସର ନିର୍ଦ୍ଦେଶକ କରୁଣାକର ପାତ୍ର, ଗବେଷଣା ଓ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଡକ୍ଟର ଶ୍ରୀକୁମାର, ଡିନ୍ ସନ୍ତୋଷ କୁମାର ବିଶ୍ୱାଳ, ଡକ୍ଟର ସୁବ୍ରତ ପ୍ରସାଦ ପଟ୍ଟନାୟକ,



କାର୍ଯ୍ୟକ୍ରମରେ ଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଅଧ୍ୟାପକ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପ୍ରଧାନ ନିଜ ବକ୍ତବ୍ୟ ରଖିଥିଲେ। ପରେ ନୂତନ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ରିମ୍ସର ଶୈକ୍ଷିକ ଓ ଶୃଙ୍ଖଳିତ ବ୍ୟବସ୍ଥା ସମ୍ବନ୍ଧୀୟ ଏକ କ୍ଷୁଦ୍ର ଭିଡିଓ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସ୍ୱାତି ଦାସ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଅଧ୍ୟାପକ ପ୍ରଫେସର ତ୍ରିଲୋଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ୍ମଦିନରେ ୧୩୦ ଚାରା ରୋପଣ କଲେ ସରିତ

ସବୁଜ ସ୍ମୃତି ଅଭିଯାନର ନିଆରା ପଦକ୍ଷେପ

ସୁନ୍ଦରଗଡ,୨୨।୮(ଜୟ ନାରାୟଣ ମେଣ୍ଡୁଲି)

ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଥିବା ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଝୁରିମାଲ ଗ୍ରାମର ସରିତ ଉପାଧ୍ୟାୟ ନିଜର ୧୩ତମ ଜନ୍ମ ଦିନରେ ୧୩୦ଟି ଗଛ ଲଗାଇ ଏହାର ଆଜୀବନ ସୁରକ୍ଷାର ଶପଥ ନେଇ ସମସ୍ତଙ୍କୁ ପରିବେଶ ସଚେତନତାର ବାର୍ତ୍ତା ଦେଇଛନ୍ତି। ସୁନ୍ଦରଗଡ ରିଭରଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲର କୃତି ଛାତ୍ର ସରିତ ପିଲାଟି ଦିନରୁ ଜଙ୍ଗଲ ଓ ପରିବେଶ ଉପରେ ବିଶେଷ ରୁଚି ରଖିବା ସଙ୍ଗେ ସଙ୍ଗେ ଅନେକ ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ତାଙ୍କ ଜନ୍ମ ଦିବସ ଉପଲକ୍ଷେ ସବୁଜ ସ୍ମୃତି ଅଭିଯାନ ତରଫରୁ ଟାଙ୍ଗରପାଲି ବ୍ଲକ ଗମ୍ଭାରୀଠାରେ ୩ ଏକର ପରିମିତ ଜମିରେ ଏକ ସ୍ମୃତି ଉଦ୍ୟାନ ଆରମ୍ଭ କରାଯାଇଛି। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ ଏହି ସ୍ମୃତି ଉଦ୍ୟାନକୁ ଉଦ୍‌ଘାଟନ କରିବା ସହିତ ଏନ୍ତୁଡି ଶାଳରୁ ମଶାଣୀ ଭୂଇଁ ପର୍ଯ୍ୟନ୍ତ ବୃକ୍ଷ ହିଁ ଏକମାତ୍ର ସାଥି ବୋଲି କହିଥିଲେ। ସମସ୍ତଙ୍କୁ ବୃକ୍ଷରୋପଣ



ନିମନ୍ତେ ଆଗ୍ରହୀ ହେବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ବନପାଳ ଦୋଳଗୋବିନ୍ଦ ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ପର୍ବ, ପର୍ବାଣି, ଜନ୍ମଦିନ, ବିବାହ ବାର୍ଷିକୀ ତଥା ବିଭିନ୍ନ କ୍ଷେତ୍ରରେ ସଫଳତା, ନୂତନ ଯାନବାହନ କ୍ରୟ ଇତ୍ୟାଦି ସ୍ମରଣୀୟ ଦିବସରେ ନିଜ ସାଧ ମତେ ଗଛ ଲଗାଇ ଏହାର ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନିଜର ୧୩ତମ ଜନ୍ମ ଦିବସ ପାଳନ କରୁଥିବା ସରିତ ନିଜ ପରିବାର ବର୍ଗ ତଥା ଗମ୍ଭାରୀ ବନ ସୁରକ୍ଷା ସମିତିର ସଭ୍ୟା ସଭ୍ୟଙ୍କ ସହଯୋଗରେ ପିପଲ, ଆଗସ୍ତି, ନିମ୍ବ, ସିମାକାୟାନ, ଆମ୍ବଡା, ଆମ୍ବ, ହରିଡା, ଓଉ, ଜାମୁକୋଳି, ବାହାଡା, ଅର୍ଜୁନ, ବେଲ,ବଉଳ, କୋଳି, କୃଷ୍ଣଚୂଡା ଆଦି ୧୩୦ଟି ଗଛ ଲଗାଇ ଏହାର ଆଜୀବନ ସୁରକ୍ଷା ନେବାପାଇଁ ଶପଥ କରିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ସହଯୋଗରେ ବିକଶିତ ହୋଇଥିବା ଏହି ସ୍ମୃତି ଉଦ୍ୟାନରେ ନିଜ ଗାଁ ତଥା ଆଖପାଖ ଅଞ୍ଚଳର ସମସ୍ତ ଜନସାଧାରଣ ନିଜ ନିଜ ପରିବାରର ସ୍ମରଣୀୟ ଦିବସରେ ବୃକ୍ଷରୋପଣ କରିବେ ତଥା ବନ ସୁରକ୍ଷା ସମିତି ତରଫରୁ ଏହାର ସୁରକ୍ଷା କରାଯିବ ବୋଲି ବଡବାହାଲପଡା ବନ ସୁରକ୍ଷା ସମିତିର ବରିଷ୍ଠ ସଭ୍ୟ ନିରଞ୍ଜନ ମାଝୀ ପ୍ରତିଶ୍ରୁତି ଦେଇଥିଲେ। ଗୋଟିଏ ବର୍ଷ ମଧ୍ୟରେ ଏହି ସବୁଜ ସ୍ମୃତି ଅଭିଜାନ ତରଫରୁ ୧୨୩୧୨ ବୃକ୍ଷ ରୋପଣ କରାଯାଇଛି। ଚଳିତ ବର୍ଷ ମଧ୍ୟରେ ୫୦ ହଜାରରୁ ଉର୍ଦ୍ଧ୍ୱ ଗଛ ରୋପଣ କରାଯିବ ବୋଲି ସୂଚନା ଦେଇଥିଲେ ଅଭିଯାନର ପ୍ରତିଷ୍ଠାତା ତଥା ବରିଷ୍ଠ ସାମାଜିକ କର୍ମୀ ଦିଗାମ୍ବର ଉପାଧ୍ୟାୟ।

# ୩ ଥାନାରେ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୨୨।୮(ସଙ୍ଗୀତା ଜେନା)

ଆସନ୍ତା ପାର୍ବଣ ଋତୁରେ ବ୍ୟାଙ୍କ, ସୁନାଗହଣା ଦୋକାନ, ଶପିଂ ମଲ୍ ସମେତ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନମାନଙ୍କରେ ପୂଜାବଜାର ଆୟୋଜନ ହେବ। ଏହାକୁ ଅଧିକ ସୁରକ୍ଷିତ କରିବା ପାଇଁ ରାଉରକେଲା ପୋଲିସ ପକ୍ଷରୁ ପ୍ରୟାସ କରାଯାଇଛି। ଗୁରୁବାର ଏ ନେଇ ଓଡ଼ିଶା ସୀମାବର୍ତ୍ତୀ ବିଶ୍ରା, ଟାଙ୍ଗରପାଲୀ ତଥା ଉଦିତନଗର ଥାନାରେ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବ୍ୟାଙ୍କର ଅଧିକାରୀ, ସୁନାଗହଣା ଦୋକାନର ସ୍ୱତ୍ତ୍ୱାଧିକାରୀ ଓ କର୍ମଚାରୀ, ଶପିଂମଲ୍ ଅଧିକାରୀ, ବିଭିନ୍ନ ମାର୍କେଟ କମିଟି ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଜୋନ୍-୨ର ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ବିଶ୍ରା ଥାନାରେ ଥାନାଧିକାରୀ ପ୍ରଦୀପ ନାୟକ, ଟାଙ୍ଗରପାଲୀରେ ଥାନାଧିକାରୀ ରାମେଶ୍ୱର ସିଂହ ଓ ଉଦିତନଗର ଥାନାଧିକାରୀ ନିରଂଜନ ସେଠୀଙ୍କ ସମେତ ଅନ୍ୟ ଥାନା କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ଉପସ୍ଥିତ ଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

# ପାଉଡ଼ି ଭୂୟାଁ କଲୋନିରେ ଗଛ ଲଗାଇଲେ ଜିଲାପାଳ

ଲହୁଣୀପଡ଼ା,୨୨।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ କୁଲିପୋଷ ପାଉଡି ଭୂୟାଁ କଲୋନୀ ସାହିରେ ଗୁରୁବାର ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଦୁଃଖ ବନ୍ଧୁ ନାୟକ, ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ, ଲହୁଣୀପଡ଼ା ବିଡ଼ିଓ ଅନୁରାଗ ମିଶ୍ର, ତହସିଲଦାର ବାବୁଲ ପେରେଇ, କୁଲିପୋଷ ରେଞ୍ଜର ସୁଚିସ୍ମିତା ଦାସ, ପିଏ ଆଇଟିଡିଏ ବିଶଦର୍ଶୀ ସାହୁ, କୁଲିପୋଷ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଲହୁଣୀପଡ଼ା ବ୍ଲକର ତତ୍ତ୍ୱାବଧାନରେ ଏବଂ କୁଲିପୋଷ ବନାଞ୍ଚଳର ସହଯୋଗରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପୂର୍ବରୁ କୁଲିପୋଷ ପାଉଡି ଭୂୟାଁ କଲୋନୀ ସ୍ଥିତ ମାତୃ ଓ ଶିଶୁ ପୋଷଣ କେନ୍ଦ୍ର ତଥା ଶିଶୁ ଗୃହ ପରିସରରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ପାଉଡି ଭୂୟାଁ କଲୋନୀର ଜନ ସାଧାରଣଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସରକାରୀ ସହାୟତା ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିବା ସହିତ ପାଉଡି ଭୂୟାଁ କଲୋନୀ ଲୋକଙ୍କ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ।



ଜିଲାପାଳ ଓ ଅନ୍ୟମାନେ ବୃକ୍ଷ ରୋପଣ କରୁଛନ୍ତି।

# ୨ ଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଲହୁଣୀପଡ଼ା,୨୨।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କୁଡେଇକଲା ପଞ୍ଚାୟତ ଚାନ୍ଦିଲ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଗୁରୁବାର ୧୭ବର୍ଷରୁ କମ ବାଳିକାବାଳକଙ୍କ ମଧ୍ୟରେ ୬୯ତମ ଜିଲା ସ୍ତରୀୟ ୨ ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ,ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲାପରିଷଦ ଦୁଃଖ ବନ୍ଧୁ ନାୟକ, ବଣେଇ ଆଇଟିଡିଏ ପିଏ ବିଶ୍ୱଦର୍ଶୀ ସାହୁ, ବିଡିଓ ଅନୁରାଗ ମିଶ୍ର, ବଣେଇ ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡ, କୋଇଡା ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା ଯୋଗ ଦେଇଥିବା ବେଳେ ଲହୁଣୀପଡ଼ା ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରା ଅଧକ୍ଷତା କରିଥିଲେ। ଚାନ୍ଦିଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ୍ୱର ପ୍ରଧାନ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଖେଳ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ କ୍ରୀଡା ପତାକାକୁ ଉତ୍ତୋଳନ କରିବା ସହିତ ମସାଲ ପ୍ରଜ୍ୱଳନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠିତ ଜିଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ବାଳିକା ଓ ବାଳକ ଦଳ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଚମ୍ପିୟାନ ହୋଇ ଟ୍ରଫି ନେଇ ଆସନ୍ତୁ ବୋଲି ବକ୍ତବ୍ୟ ମାଧ୍ୟମରେ ଜିଲାପାଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୁନ୍ଦରଗଡ ଜିଲାର ୧୭ ଟି ବ୍ଲକ ମଧ୍ୟରୁ ୧୭ ଟି ବାଳକ ଦଳ ଓ ୧୨ ଟି ବାଳିକା ଦଳ ଅଂଶ ଗ୍ରହଣ କରିଥିବା ବେଳେ ବାଳକ ବର୍ଗର ପ୍ରତିଯୋଗିତା ଚାନ୍ଦିଲ ଖେଳ ପଡିଆ ଏବଂ ବାଳିକା ପ୍ରତିଯୋଗିତା ଗମଲେଇ ଖେଳ ପଡିଆଠାରେ ଆୟୋଜିତ ହୋଇଥିଲା।




ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ଦେବଗଡ଼ ଜିଲ୍ଲାରେ ସୁନାଖଣି





ଦେବଗଡ଼,୨୨।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଆଡସ ଗ୍ରାମପଞ୍ଚାୟତ ଅଞ୍ଚଳରେ ସୁନା ରହିଥିବା ସୂଚନା ମିଳିଛି। ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅଣତାରକା ପ୍ରଶ୍ନର ଉତ୍ତର ଦେଇ ଗୁରୁବାର ବିଧାନସଭାରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଲିଖିତ ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି। ରାଜ୍ୟର କେଉଁ ଜିଲାରେ କେତୋଟି ଲେଖାଏଁ ସୁନା ଖଣି ଚିହ୍ନଟ କରାଯାଇଛି। ଉକ୍ତ ଖଣିଗୁଡିକର ବର୍ତ୍ତମାନ ସ୍ଥିତି କ'ଣ ଏବଂ ସୁନାଖଣି ଉତ୍ତୋଳନ କରି ରାଜ୍ୟ ସରକାର ନିଜେ ପ୍ରୋସେସିଂ ୟୁନିଟ ଖୋଲିବାକୁ ପଦକ୍ଷେପ ନେବେ କି ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ତେବେ ଭୂ-ବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ତଥା ଜିଏସ୍ଆଇ ଦ୍ୱାରା ତମ୍ବାପଥର ପାଇଁ ଜି-୨ସ୍ତରରେ ଅନ୍ୱେଷଣ କରିବା ବେଳେ ଦେବଗଡ ଜିଲା ରିଆମାଳ ବ୍ଲକ ଆଡସ

## ବିଧାନସଭାରେ ସୂଚନା ଦେଲେ ଖଣିମନ୍ତ୍ରୀ

ଗ୍ରାମପଞ୍ଚାୟତ ଅଞ୍ଚଳରେ ସୁନା ପଥରର ସନ୍ଧାନ ମିଳିଛି। ଉକ୍ତ ଅଞ୍ଚଳରେ ସୁନା ରହିଥିବା ବେଳେ ଏହି ଖଣିଜ ବ୍ଲକକୁ ନିଲାମ ପାଇଁ ପ୍ରସ୍ତୁତ କରାଯାଉଥିବା ଇସ୍ପାତ ଓ ଖଣି ମନ୍ତ୍ରୀ ଉତ୍ତର ଦେଇଛନ୍ତି। ଆଡସ ଗ୍ରାମପଞ୍ଚାୟତ ଆଡସ ସମେତ ରାମପାଲି, କୁଡାପଡା, ହିଲାଙ୍ଗ ଆଦି ଗ୍ରାମରେ ସର୍ଭେ କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ୧୯୮୫ରେ ସର୍ଭେ କାମ ଶୁଭାରମ୍ଭ ହୋଇଥିଲା। ମାତ୍ର ଦୀର୍ଘ ବର୍ଷର ବ୍ୟବଧାନ ପରେ ୨୦୧୮ରୁ ଲଗାତାର ସର୍ଭେ କାର୍ଯ୍ୟ ଜାରି ରହିଛି। ବିଶେଷକରି ଆଡସ ଗ୍ରାମର ବିଭିନ୍ନ ସ୍ଥାନରେ ଡ୍ରିଲ୍ କରାଯାଇ ଅନୁସନ୍ଧାନ କରାଯାଉଛି। ଆଡସ ଜନବସତି ଏବଂ ନିକଟସ୍ଥ ସଂରକ୍ଷିତ ଜଙ୍ଗଲର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଶହ ଶହ ଫୁଟ ଡ୍ରିଲ୍ କରାଯାଇ ମାଟି ସଂଗ୍ରହ କରାଯାଇଛି। ଅନୁସନ୍ଧାନକାରୀ ସଂସ୍ଥା ପକ୍ଷରୁ ଗ୍ରାମର ବିଭିନ୍ନ ସ୍ଥାନ ଚିହ୍ନଟ ହେବା ସହ ନମ୍ବରିଂ କରାଯାଇଛି। ସ୍ଥାନୀୟ କେତେଜଣ ଲୋକ ସର୍ଭେ କାର୍ଯ୍ୟରେ ଶ୍ରମିକ କାମ କରୁଥିବା ବେଳେ ସେଠାରୁ ସୁନା ଓ ତମ୍ବା ବାହାରୁଥିବା ଦେଖିବାକୁ ପାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ପ୍ରସ୍ତୁତି ବୈଠକ

ଦେବଗଡ଼,୨୨।୮(ଶଶାଙ୍କ ଶେଖର ଝାଙ୍କର)

ଭାରତୀୟ ନିର୍ବାଚନ ଆୟୋଗ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଦେବଗଡ଼ ନିର୍ବାଚନମଣ୍ଡଳୀରେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସମ୍ପୂର୍ଣ୍ଣ କରି ତା୦୧।୧।୨୦୨୫ରିଖକୁ ଯୋଗ୍ୟ ତାରିଖ ରୂପେ ଗ୍ରହଣ କରି ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ବୁଥସ୍ତରୀୟ ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟ ଦେବଗଡ଼ ଜିଲା ବାରକୋଟ ବ୍ଲକ ସମ୍ମିଳନୀ କକ୍ଷ ତଥା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ଼ ଉପଜିଲାପାଳ ପରୀକ୍ଷିତ ସାହୁ, ବାରକୋଟ ଗ୍ରାମପଞ୍ଚାୟତ ବିକାଶ ଅଧିକାରୀ ରଞ୍ଜିତ କୁମାର ଗୁଡୁ ଏବଂ ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସୌମିତ୍ରି ପ୍ରସାଦ ଦେହୁରୀ ଯୋଗଦେଇ ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ବିଏଲୋ ଆପ ମାଧ୍ୟମରେ କିପରି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ସମସ୍ତ ଭୋଟରଙ୍କ ବିବରଣୀ ଯାଞ୍ଚ କରିବେ, ମତଦାତା ବିବରଣୀରେ ତ୍ରୁଟିଥିଲେ ସଂଶୋଧନ କରିବେ, ଭୋଟର ହେବା ପାଇଁ ଯୋଗ୍ୟ ନୂତନ ଭୋଟରଙ୍କୁ ଚିହ୍ନଟ କରି ମତଦାତା ତାଲିକାରେ ପଞ୍ଜୀକରଣ କରିବେ ଏବଂ ମୃତ ଓ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ମତଦାତା ଭୋଟରଙ୍କୁ ତାଲିକାରୁ ବାଦ ଦେବେ ସେହି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ବ୍ଲକର ସମସ୍ତ ବୁଥସ୍ତରୀୟ ଅଧିକାରୀ ଏବଂ ବିଏଲୋ ସୁପରଭାଇଜରମାନେ ଯୋଗଦାନ କରିଥିଲେ। ସେହିପରି ଦେବଗଡ଼ ମ୍ୟୁନିସିପାଲିଟିରେ ସମସ୍ତ ବୁଥସ୍ତରୀୟ ଅଧିକାରୀ ଏବଂ ବିଏଲୋ ସୁପରଭାଇଜରମାନେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଭୋଟର ତାଲିକାରେ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ଜନସାଧାରଣ ଅଂଶ ଗ୍ରହଣ କରି ଭୋଟର ତାଲିକାରେ ଥିବା ନିଜର ତଥ୍ୟ ଯାଞ୍ଚ କରିପାରିବେ ଏବଂ ତ୍ରୁଟିଥିଲେ ସଂଶୋଧନ ପାଇଁ ବୁଥସ୍ତରୀୟ ଅଧିକାରୀଙ୍କ ସାହାଯ୍ୟ ନେଇପାରିବେ। ଏଥି ସହିତ ତାରିଖ ୧।୧।୨୦୨୫ ସୁଦ୍ଧା ୧୮ ବର୍ଷ ହେଉଥିବା ସମସ୍ତ ଯୁବବର୍ଗ ନୂତନ ଭୋଟର ରୂପେ ନିଜକୁ ପଞ୍ଜୀକୃତ କରିପାରିବେ। ଏତଦ ବ୍ୟତୀତ ୧।୪।୨୦୨୫, ୧।୭।୨୦୨୫ ଏବଂ ୧।୧୦।୨୦୨୫ରେ ଯାହାର ବୟସ ୧୮ବର୍ଷ ହେଉଥିବା ସେମାନେ ମଧ୍ୟ ମତଦାତା ସୂଚୀରେ ନିଜର ନାମ ପଞ୍ଜୀକୃତ କରିବା ପାଇଁ ଆଗୁଆ ଭାବରେ ଆବେଦନ କରିପାରିବେ ବୋଲି ଉପଜିଲାପାଳ ସାହୁ ସୂଚନା ପ୍ରଦାନ କରିଥିଲେ।



ଭୋଟର ତାଲିକା ପ୍ରସ୍ତୁତି ନେଇ ଆଲୋଚନା କରାଯାଉଛି।

# ଉତ୍କଳ କଳିଙ୍ଗ ମହିଳା ସେନା ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା

ବ୍ରଜରାଜନଗର,୨୨।୮(ବିଜୟ ବରାଡ଼)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଚାଲିଛି। ଏହାର ପ୍ରତିବାଦ ସ୍ୱରୂପ ଗୁରୁବାର ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଉତ୍କଳ କଳିଙ୍ଗ ମହିଳା ସେନା ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ଶତାଧିକ ମହିଳା ହାତରେ କ୍ୟାଣ୍ଡେଲ ଓ ଫ୍ଲାଗକାର୍ଡ ଧରି ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ସର୍ବସାଧାରଣରେ ଫାସି ଦେବା ପାଇଁ ଦାବି କରିଥିଲେ। ତା ସହିତ ଅପାରଗ ମମତା ସରକାର ଜଣେ ନାରୀ ହୋଇ ଯେଭଳି ଭାବେ ଦୋଷୀଙ୍କୁ ସୁରକ୍ଷା

## ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା

ଦେଉଛନ୍ତି, ସେ ଗାଦି ଛାଡନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଶୋଭାଯାତ୍ରା ପୁରୁଣା ବସଷ୍ଟାଣ୍ଡରୁ ବାହାରି ଦୁର୍ଗା ମନ୍ଦିର, ମୁଖ୍ୟ ବଜାର୍ ଚାନ୍ଦିନୀ ଛକ, ଥାନା ରୋଡ ଦେଇ ହନୁମାନ ମନ୍ଦିରଠାରେ ପହଞ୍ଚିଥିଲା। ସେଠାରେ ମୃତ ଡାକ୍ତରାଣୀଙ୍କ ଅମର ଆତ୍ମାର ଶାନ୍ତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ସେନାର ସଭାପତି ସାଧନା ସାମନ୍ତରାୟ, ସଙ୍ଗୀତା ସୁନା, ରେଣୁବାଳା ସାହୁ, ରୁନୁ ବାଗ, ଦ୍ରୌପଦୀ ମେହେର, ଅର୍ଚ୍ଚନା ସିଂ, ମନୋରମା ସାହୁ, ସୁପ୍ରଭା ପତି, ଦମୟନ୍ତୀ ମହାକୁଡ ପ୍ରମୁଖ ସାମିଲ ଥିଲେ।




ଉତ୍କଳ କଳିଙ୍ଗ ମହିଳା ସେନା ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା କରାଯାଉଛି।

# ଦେବଗଡ଼ ଜିଲା ସିନିୟର ମହିଳା ଫୁଟ୍‌ବଲ ଦଳର ବରଗଡ଼ ଗସ୍ତ



ବରଗଡ଼ ଗସ୍ତ କରିଥିବା ଦେବଗଡ଼ ଜିଲା ସିନିୟର ମହିଳା ଫୁଟ୍‌ବଲ ଟିମ୍‌ର ଖେଳାଳି ଓ ଅନ୍ୟମାନେ।

ଦେବଗଡ଼,୨୨।୮(ଶଶାଙ୍କ ଶେଖର ଝାଙ୍କର)

ଅଗଷ୍ଟ ୨୩ ତାରିଖ(ଶୁକ୍ରବାର)ଠାରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ବରଗଡ ଜିଲାର ୪ଟି ସ୍ଥାନରେ ଆୟୋଜିତ ହେବାକୁ ଥିବା ଆନ୍ତଃଜିଲା ସିନିୟର ମହିଳା ଫୁଟବଲ 'ପି.ସି.ବେହେରା ଟ୍ରଫି'ରେ ଅଂଶଗ୍ରହଣ ପାଇଁ ଗୁରୁବାର ଦେବଗଡ ଜିଲା ସିନିୟର ମହିଳା ଫୁଟବଲ ବରଗଡ ଜିଲା ସୋହେଲା ଅଭିମୁଖେ ଯାତ୍ରା କରିଥିବା ଜଣାପଡିଛି। ଦେବଗଡ ଜିଲା ମହିଳା ଦଳ ଆସନ୍ତା ୨୪ ତାରିଖରେ ପ୍ରଥମ ମ୍ୟାଚ ଜଗତସିଂହପୁର ସହିତ ଖେଳିବେ ବୋଲି ଜିଲା କ୍ରୀଡା ସଂସଦ ପକ୍ଷରୁ ସୂଚନା ମିଳିଛି। ଗୁରୁବାର ଦେବଗଡ ଜିଲା ସିନିୟର ମହିଳା ଫୁଟବଲ ବରଗଡ ଅଭିମୁଖେ ଯାତ୍ରା କରିବା ସମୟରେ ଜିଲା କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଭ୍ୟ, ବରିଷ୍ଠ ଖେଳାଳି ଏବଂ ଫୁଟବଲ ପ୍ରେମୀ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସଫଳତା କାମନା କରିଥିଲେ।

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଦେବଗଡ଼,୨୨।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢେଲ ଗ୍ରାମରେ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ରାଷ୍ଟ୍ରୀୟ ଡାଇରୀ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ଆଗାମୀ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବେଳେ ଏଥିରେ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ଉପରେ ମହିଳାଚାଷୀଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଜଣାପଡିଛି। ସମ୍ବଲପୁରର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘ ନେତୃତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଢେଲ ଗ୍ରାମ ପଞ୍ଚାୟତ ସରପଞ୍ଚ ସବିତା ବେହେରା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଦୀପକ କୁମାର ଷଡଙ୍ଗୀ, ଆୟୋଜକ ସଂଘର ସଭାନେତ୍ରୀ କମଳିନୀ ସାହୁ ଓ ସମ୍ପାଦିକା ସରିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ଉପସ୍ଥିର ମହିଳ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଢେଲ ଦୁଗ୍ଧ ଉତ୍ପାଦକ ମହିଳା ସମବାୟ ସମିତିର ବହୁ ସଦସ୍ୟା ଉପସ୍ଥିତ ରହି ପ୍ରଶିକ୍ଷଣ ଲାଭ କରୁଥିବା ଜଣାପଡିଛି।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ସମ୍ବଲପୁର ପୋଲିସ ୧୨-୦ ଗୋଲରେ ବିଜୟୀ

ସମ୍ବଲପୁର,୨୨।୮(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ସୁପରଲିଗ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ଦୁଇଟି ମ୍ୟାଚ ଖେଳାଯାଇଥିଲା। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ସମ୍ବଲପୁର ପୋଲିସ ଓ ଅଏଁଲାପାଲି ଦଳ ମଧ୍ୟରେ ହୋଇଥିଲା। ଏଥିରେ ସମ୍ବଲପୁର ପୋଲିସ ଦଳ ଅଇଁଲାପାଲି ଦଳକୁ ଏକତରଫା ୧୨-୦ ଗୋଲର ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ ମେହେର ଆସୋସିଏଶନ ଓ ଅଫତାବ କ୍ଲବ ମଧ୍ୟରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଥିଲେ। ରେଫରି ଭାବେ କଣ୍ଟ ବେହେରା, ଲିଙ୍ଗରାଜ ପ୍ରଧାନ, ରାଜାରାମ ଓରାମ ଓ ପରେଶ ଭୋଇ ପରିଚାଳନା କରିଥିଲେ।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ

ବ୍ରଜରାଜନଗର,୨୨।୮(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଗୁରୁବାର ସ୍ୱଭାକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ରଞ୍ଜନ ନାୟକ ସଭାପତିତ୍ୱ କରି ସାହିତ୍ୟର ମୌଳିକତା ଓ ସକିୟତା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ବସନ୍ତ ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗନ୍ନାଥ ଓ ସରସ୍ୱତୀ କବି ଗଙ୍ଗାଧର ମେହେରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ନିଜର ଅଭିଭାଷଣରେ ଗଙ୍ଗାଧର ମେହେରଙ୍କ ସଂଘର୍ଷ ଜିବନ ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ବିଭାଗ ମୁଖ୍ୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଶ୍ରୀକର ଭୋଇ ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ, ଶୈକ୍ଷିକ ମୁଖ୍ୟ ବିଜୟ ସାହୁ, ବାଣିଜ୍ୟ ବିଭାଗ ମୁଖ୍ୟ ବିକ୍ରମ ପ୍ରଧାନ, ରାଜନୀତି ବିଭାଗ ମୁଖ୍ୟ ପଦ୍ମାବତୀ ମହାପାତ୍ର ମଞ୍ଚାସୀନ ରହିଥିଲେ। ଇତିହାସ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ଛାତ୍ରୀଛାତ୍ରମାନେ ଗଙ୍ଗାଧରଙ୍କ ସାରସ୍ୱତ ସାଧନାରେ ଅନୁପ୍ରାଣିତ ଓ ଅନୁଗାମୀ ହେବେ ସେ ଉପରେ ମନ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ସଭା ସଂଯୋଜନା କରିଥିଲେ। ରାଜନୀତି ବିଭାଗ ମୁଖ୍ୟ ପଦ୍ମାବତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ମେହେରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ସ୍ମାରକପତ୍ର

ଦେବଗଡ଼,୨୨।୮(ଶଶାଙ୍କ ଶେଖର ଝାଙ୍କର)



ନର୍ସମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଓଡିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୁରୁବାର ଓଡିଶା ନର୍ସିଂ କର୍ମଚାରୀ ସଂଘ ସଦସ୍ୟ ସଦସ୍ୟା ଓ କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱମୋହନ ମିଶ୍ରଙ୍କୁ ସାକ୍ଷାତ କରି ଉପରୋକ୍ତ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନୁରୂପ ଭାବେ ଜିଲାର ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ବା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଧିକାରୀଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଉଦ୍ଦେଶ୍ୟରେ ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରଦାନ କରାଯାଇଥିବା ୧୦ ଦଫା ଦାବି ମଧ୍ୟରେ ୨୦୧୩ ନଭେମ୍ବର ୧୨ ତାରିଖ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରମାନଙ୍କ ୬ବର୍ଷର ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ

## ୧୦ ଦଫା ଦାବି

ପଦୋନ୍ନତି ପ୍ରଦାନ ସହିତ ସମସ୍ତ ଆର୍ଥିକ ସୁବିଧା ଯୋଗାଇଦେବା, ଯୋଗ୍ୟ ନର୍ସିଂ ଅଫିସରମାନଙ୍କୁ ବରିଷ୍ଠତା ଭିତିରେ ସିନିୟର ନର୍ସିଂ ଅଫିସର ପଦବୀରେ ତୁରନ୍ତ ପଦୋନ୍ନତି ସହିତ ସହକାରୀ ନର୍ସିଂ ଅଧୀକ୍ଷକ ପଦବୀରେ ପଦୋନ୍ନତି ପାଇଁ ଆବଶ୍ୟକ ଅବଧିକୁ କମ କରି ୧୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ ଅଫିସରମାନଙ୍କ ଏକ ସମୟରେ ଦୁଇଟି ପଦୋନ୍ନତି ଦିଆଯିବା, ନିୟମିତ ହୋଇ ନ ଥିବା ଅବଶିଷ୍ଟ ନର୍ସିଂ ଅଫିସରମାନଙ୍କ ନିଯୁକ୍ତିକୁ ତୁରନ୍ତ ନିୟମିତ କରାଯିବା, ନର୍ସିଂ ଅଫିସରମାନଙ୍କ ଡ୍ରେସ କୋଡ ପରିବର୍ତ୍ତନ କରାଯିବା ସହ ନର୍ସିଂ ସେବା କ୍ୟାଡରରେ ଥିବା ପ୍ରଶାସନିକ ପଦବୀରେ ଡ୍ରେସ କୋଡର ପରିବର୍ତ୍ତନ କରାଯିବା ଓ ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ହେଉଥିବା ନର୍ସିଂ ଅଫିସରମାନଙ୍କ ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସରକାରଙ୍କ ପୂର୍ବ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯିବା ଆଦି ଦାବି ଥିବା ଜଣାପଡିଛି।

## ସଂକ୍ଷେପରେ

### ରାସ୍ତା ପାଇଁ ବ୍ଲକ୍ ଘେରିଲେ ଛତ୍ରିଆପଡ଼ାବାସୀ

**ବ୍ଲକ କାର୍ଯ୍ୟାଳୟକୁ ଧସେଇ ପଶିଲେ**

ବେଲପଡ଼ା,୨୨।୮(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଭରୁଆପାଲି ଗ୍ରାମର ଛତ୍ରିଆପଡାକୁ ଯିବା ପାଇଁ ନିତିଦିନିଆ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏହି ରାସ୍ତା ଅବ୍ୟବସ୍ଥା ନେଇ ସ୍ଥାନୀୟ ସରପଞ୍ଚ, ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ପଡ଼ାର ଶତାଧିକ ମହିଳା ପୁରୁଷ ଗୁରୁବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏପରି କି ପଡାବାସୀ ବିଡିଓଙ୍କ ଅଫିସ ଭିତରକୁ ଧସାଇ ପଶିଯାଇ ରାସ୍ତା ଦୂରବସ୍ଥା ସମ୍ପର୍କରେ ବିଡିଓଙ୍କୁ ଅବଗତ କରି ତୁରନ୍ତ ରାସ୍ତା କାମ କରାଇବା ପାଇଁ ଦାବି କରିଥିଲେ । ବିଡିଓ ରାଜେଶ ମେହେର ସରପଞ୍ଚଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ତୁରନ୍ତ ରାସ୍ତା କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଲିଖିତ ପ୍ରତିଶ୍ରୁତି ଦେବା ପାଇଁ ଗ୍ରାମବାସୀ ଅଡି ବସିଥିଲେ । ପରେ ବିଡିଓ ମେହେର, ଏବିଡିଓ ସାରଥୀ ସାହୁ, ଦେବେନ୍ଦ୍ର ସାହୁ ,ବ୍ଲକ ଉପାଧ୍ୟକ୍ଷ ଦୁର୍ଯୋଧନ କୁମ୍ଭାର ଆନ୍ଦୋଳନରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଡିଓ ଆସନ୍ତା ଏକ ସପ୍ତାହ ମଧ୍ୟରେ ରାସ୍ତା କାମ ହେବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଭରୁଆପାଲି ଗାଁର ଛତ୍ରିଆପଡା ରାସ୍ତାରେ ଭରୁଆପାଲି ପଞ୍ଚାୟତର ଖରବାହାଲି, ଫୁଲକାନି ଓ ଶାଗୁନଭାଡି ଲୋକେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଯିବା ଆସିବା କରିଥାନ୍ତି । କିନ୍ତୁ ବର୍ଷା ଦିନେ ରାସ୍ତାରେ ହୋଇଥିବା ଖାଲରେ ଆଣ୍ଠୁଏ ପାଣି ଜମା ହେଉଛି। ଫଳରେ ଗମନାଗମନ ବାଧାପ୍ରାପ୍ତ ହେବା ସହ ଦୈନିକ ଛୋଟ ବଡ଼ ଦୁର୍ଘଟଣା ହେଉଛି। ଘେରାଉରେ ପଡାର ରବି ଛତ୍ରିଆ, ହେତୁରାମ ଛତ୍ରିଆ, ଉଦ୍ଧବ ଛତ୍ରିଆ, ଲାଲଗାଲି ପରୁଆ, ମଦନ କେତକୀ, ଲକ୍ଷ୍ମଣ କରୁଆ,କାର୍ତ୍ତିକ କରୁଆ, ଗୌରାଙ୍ଗ କରୁଆ,ଅପିଲ ଛତ୍ରିଆ, ହେତ୍ର କରୁଆ, ଦଶରଥ କରୁଆ, କାନ୍ତ ଛତ୍ରିଆ ଓ ଅନ୍ୟମାନେ ସାମିଲ ହୋଇଥିଲେ ।

### ଗାଁ ସଫେଇ କରି ସ୍ୱଚ୍ଛତାର ବାର୍ତ୍ତା ଦେଲେ ଅପାମରାବାସୀ



ଦେଓଗାଁ,୨୨।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲ ପଞ୍ଚାୟତ ଅନ୍ତର୍ଗତ ଅପାମରା ଗାଁର ପୁରୁଷମାନେ ଗାଁ ସଫେଇ କରି ସ୍ୱଚ୍ଛତା ଓ ସୁସ୍ଥତାର ବାର୍ତ୍ତା ଦେଇଛନ୍ତି। ବୁଧବାର ଭାରତ ବନ୍ଦ ହେଉଥିବା ପରିପ୍ରେକ୍ଷୀରେ ଗାଁର ସମସ୍ତ ଯୁବକ ଏକାଠି ହୋଇ ଉକ୍ତ ଦିନ ଗାଁ ସଫେଇ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ ଏହି ଦିନ ଗାଁର ଯୁବକ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଗାଁ ଦାଣ୍ଡ, ସ୍କୁଲ , ଅଙ୍ଗନବାଡି ପରିସର, ଗାଁ ପୋଖରୀ ଚାରିପାର୍ଶ୍ୱକୁ ସଫେଇ କରି ଗାଁକୁ ସଫାସୁତୁରା ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଗାଁର ଏପରିଏ କତା ମନୋଭାବକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବର୍ଦ୍ଧିତ ଭତ୍ତା ଦାବିକରି ରାଜ୍ୟପାଳଙ୍କୁ ଦାବିପତ୍ର



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ନେତା ଓ କର୍ମୀଙ୍କ ଧାରଣା ।

ବଲାଙ୍ଗୀର,୨୨।୮(ବୀରେନ୍ଦ୍ର କୁମାର ଝାଙ୍କର)

ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଦାବି କରି ବଲାଙ୍ଗୀର ବିଜେଡି ପକ୍ଷରୁ ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ନିର୍ବାଚନ ପୂର୍ବରୁ ଭାଜପା ଭତ୍ତା ବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏବେ ନିର୍ବାଚନ ଜିତି କ୍ଷମତାସୀନ ହେବା ପରେ ବି ପ୍ରତିଶ୍ରୁତି ପାଳନ କରୁ ନ ଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ନିର୍ଦ୍ଦେଶରେ ବିଜୁ ଜନତା ଦଳର ବିଭିନ୍ନ ଛାମୁଆ ସଙ୍ଗଠନର ନେତା ଓ କର୍ମୀମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଭାଜପା ଘୋଷିତ ଭତ୍ତା ତୁରନ୍ତ ପ୍ରଦାନ କରୁ ବୋଲି ଦାବି କରିଥିଲେ। ସମସ୍ତ ହିତାଧିକାରୀଙ୍କୁ ୩ ହଜାର ଟଙ୍କା ଭତ୍ତା

**ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ**

ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଧାରଣା ଓ ବିକ୍ଷୋଭରେ ବଲାଙ୍ଗୀର, ଦେଓଗାଁ ବ୍ଲକ ଏବଂ ବଲାଙ୍ଗୀର ପୌରାଞ୍ଚଳର ବହୁ ହିତାଧିକାରୀ ମଧ୍ୟ ସାମିଲ ଥିଲେ। ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, କାଉନସିଲର ନନ୍ଦନୀ ପୋଢ଼, ଶମ୍ଭୁ ନାଗ, ବିଜେଡି ନେତା ପାଣ୍ଡବ କୁମ୍ଭାର, କୈଳାସ ମହାନ୍ତି, ପ୍ରଭାସ ପାଣିଗ୍ରାହୀ, ବିଧୁଭୂଷଣ ତ୍ରିପାଠୀ, ଲକ୍ଷ୍ମଣ ମେହେର, ଧ୍ରୁବ ଜୁଏଲ୍, ସଞ୍ଜୀବ ମିଶ୍ର, ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ ଓ ଅନ୍ୟମାନେ ଧାରଣାରେ ବସିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଗଙ୍ଗାଧରଙ୍କ ସାରସ୍ୱତ ସୃଷ୍ଟି ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ଦର୍ପଣ



ପ୍ରାକ୍ତନ ସଭାପତି ଜଗନ୍ନାଥ ପଣ୍ଡାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି ।

ଟିଟିଲାଗଡ,୨୨।୮(ଶରତ ମିଶ୍ର)

**ଗଙ୍ଗାଧରଙ୍କ ଜୟନ୍ତୀ ପାଳିତ**

ଗଙ୍ଗାଧରଙ୍କ ସାହିତ୍ୟ କୃତିକୁ ରୋମନ୍ଥନ କଲେ ମାତୃଭାଷା, ମାତୃଭୂମି, ଓଡିଶାର ଐତିହ୍ୟ, ପଶ୍ଚିମ ଓଡିଶାର ସଂସ୍କୃତି ତଥା ପରିପୁଷ୍ଟ ଜନଜୀବନର ପ୍ରକୃତ ପରିଚୟ ମିଳେ। ଗଙ୍ଗାଧରଙ୍କ ଉଚ୍ଚାଙ୍ଗ ସାରସ୍ୱତ ସୃଷ୍ଟି ହିଁ ଓଡିଆ ଅସ୍ମିତାର ପ୍ରକୃତ ଦର୍ପଣ ବୋଲି ଟିଟିଲାଗଡ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ସଭାରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଜ୍ୟୋତିପ୍ରକାଶ ଗଡତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସହାୟକ ଜିଲାପାଳ ସନ୍ଦୀପ କୁମାର ଚନ୍ଦ୍ରକାର ଓ ମୁଖ୍ୟବକ୍ତା ଭାବରେ ସୋନପୁର ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ସୌରଭ ରଞ୍ଜନ ଖମାରୀ ମଞ୍ଚାସୀନ ଥିଲେ। ଚିନ୍ତାମଣି ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସୋହନ ମାଝୀଙ୍କ ପରିଚାଳନାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ସାହିତ୍ୟିକ ଯୁଗଳ କିଶୋର ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଲେଖକ ସେବକ ଚରଣ ଦାଶଙ୍କ 'ଲଘୁଚେତନା' ପୁସ୍ତକ ଉନ୍ମୋଚିତ ହୋଇଥିଲା ଏବଂ ଦାଶ ପୁସ୍ତକ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ୮୦ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ପ୍ରାକ୍ତନ ସଭାପତି ଜଗନ୍ନାଥ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହରର ସର୍ବପୁରାତନ ଏହି ସାରସ୍ୱତ ଅନୁଷ୍ଠାନକୁ ସଂସ୍କୃତି ବିଭାଗ ତରଫରୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସଭାପତି ଗଡତ୍ୟା ଅନୁରୋଧ କରିଥିଲେ। ସଂପାଦକ ପ୍ରମୋଦ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ୭ ଦିନ ଭିତରେ ଦୁର୍ନୀତିର ତଦନ୍ତ ନ କଲେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବୁ

ଲାଠୋର,୨୨।୮(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଗତ ୩ ବର୍ଷ ହେବ ନିୟମିତ ଭାବରେ ଏମ୍‌ଜିଏନଆରଇଜିଏସ ଯୋଜନାର ମାଟି କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଆସୁଛି। ଏହାର ତଦନ୍ତ କରିବା ପାଇଁ ଜଲପାଙ୍କେଲ ଗ୍ରାମବାସୀ ଖପ୍ରାଖୋଲ ବିଡ଼ିଓଙ୍କୁ ଏକ ମାସ ପୂର୍ବେ ଅଭିଯୋଗପତ୍ର ଦାଖଲ କରିଥିଲେ। କିନ୍ତୁ ଅଦ୍ୟାବଧି ତଦନ୍ତ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୭ ଦିନ ଭିତରେ ଘଟଣାର ତଦନ୍ତ ନ କଲେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବୁ ବୋଲି ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗକାରୀମାନେ ଦର୍ଶାଇଛନ୍ତି ଯେ, ଫୁଲଝର ପିଢ଼ଗୁଡି ରାସ୍ତାରୁ ଝଲିଆଲିଟି ପର୍ଯ୍ୟନ୍ତ ମେଟାଲିଂ କାମରେ ଦୁର୍ନୀତି ହୋଇଛି। ଜଲପାଙ୍କେଲ ଗ୍ରାମର ଷ୍ଟେଜର ଷ୍ଟ୍ରେଞ୍ଚ ଖୋଳା କାମ ନାଁରେ ଟଙ୍କା ହଡ଼ପ, ଖଲିଆମୁଡା ମାଟି ବୁହା କାମରେ ଶ୍ରମିକ ବଦଳରେ ମେଶିନ ଲଗାଇବା,କନ୍ଦେଇଛାପର ଗ୍ରାମର ଷ୍ଟେଜର ଷ୍ଟ୍ରେଞ୍ଚ କାମରେ ଦୁର୍ନୀତି, ଏମଜିଏନଆରଇଜିଏସ ଯୋଜନାରେ ହେଉଥିବା ପ୍ରତ୍ୟେକ କାମରେ ମେଟେରିଆଲ କାମ ନ କରି କାମ ହୋଇଛି କହି ଟଙ୍କା ଆତ୍ମସାତ,



ଶ୍ରମିକ ବଦଳରେ ମେଶିନରେ କାମ କରାଯାଉଛି ।

**ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଦୁର୍ନୀତି ଅଭିଯୋଗ**

ବର୍ତ୍ତମାନ ବର୍ଷା ଦିନରେ କାମ ହେଉ ନ ଥିଲେ ମଧ୍ୟ ଫୁଲଝର ଏବଂ ଜଲପାଙ୍କେଲ ଗ୍ରାମରେ ମାଟି କାମ ହେଉଥିବା ଦର୍ଶାଇ ଶ୍ରମିକଙ୍କ ଉପସ୍ଥାନ ପକାଯାଉଥିବା ଭଳି ଦୁର୍ନୀତି ହେଉଛି। ଏହିସବୁ ଘଟଣାକୁ ନେଇ ପ୍ରଥମେ ଗ୍ରାମବାସୀ ଖପ୍ରାଖୋଲ ଏପିଓ ପ୍ରଶାନ୍ତ ସାହୁଙ୍କୁ ଅଭିଯୋଗ କରିଥିଲେ । କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ବିଡ଼ିଓଙ୍କୁ ଗତମାସ ୧୯ ତାରିଖରେ ଅଭିଯୋଗପତ୍ର ଦେଇଥିଲେ। ହେଲେ ଆଜିଯାଏ ଘଟଣାର ତଦନ୍ତ କରାଯାଇ ନାହିଁ। ଏନେଇ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରେ ଏପିଓଙ୍କୁ କହି ଏକ ଟିମ୍ ଗଠନ କରି ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଏପିଓଙ୍କ ନିକଟରେ ପୂର୍ବରୁ ଅଭିଯୋଗ ହୋଇଥିବା ବେଳେ ଏବେ ପୁଣି ତାଙ୍କୁ ପଚାରି ଟିମ୍ ଗଠନ କରାଗଲେ ତଦନ୍ତ କେତେ ସ୍ୱଚ୍ଛ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ବିଭିନ୍ନ ଯୋଜନାର କଲେ ସମୀକ୍ଷା



ଖପ୍ରାଖୋଲ,୨୨।୮(ଅଭୟ ତ୍ରିପାଠୀ)

**ଲୋକ ସଭା ସଦସ୍ୟାଙ୍କ ଖପ୍ରାଖୋଲ ବ୍ଲକ ଗସ୍ତ**

ବଲାଙ୍ଗୀର ଲୋକସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓ ଗୁରୁବାର ଖପ୍ରାଖୋଲ ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ବ୍ଲକ ସଭାଗୃହ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସେ ବିଭିନ୍ନ ଉନ୍ନୟନ କାମର ସମୀକ୍ଷା କରିଥିଲେ। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର କାର୍ଯ୍ୟକାରିତା, କାର୍ଯ୍ୟ ରୂପାୟନ, ଖର୍ଚ୍ଚ ଆଦି ଉପରେ ସମୀକ୍ଷା କରିଥିଲେ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁପାଳନ, ଜାତୀୟ ସାମାଜିକ ସୁରକ୍ଷା, ଖାଦ୍ୟ ଯୋଗାଣ ଆଦି ଯୋଜନାର ସମୀକ୍ଷା କରିଥିଲେ। ଏହି ଅବସରରେ ବ୍ଲକ ପରିସରରେ ଏକ ଚାରା ରୋପଣ କରିଥିବା ବେଳେ ୫ ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସମୀକ୍ଷା ବୈଠକରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଏଇ କୁଳମଣି ଭୋଇ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଡ଼ା ସୁରଜ ଦୀପ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯିନିତା ବରୁଆ, ଏପିଓ ପ୍ରଶାନ୍ତ କୁମାର ସାହୁ, ପଦ୍ମ କୁମାର ସିଂ ବରିହା, ସନ୍ତୋଷ ଭାଇଁସାଲ, ଉପେନ୍ଦ୍ର ଭୋଇ, ଦଶରଥ ପାଣିଗ୍ରାହୀ, ଦେବକାନ୍ତ ପାଣିଗ୍ରାହୀ ପ୍ରମୁଖ ଦଳୀୟ କର୍ମୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଦୁର୍ଦ୍ଧାନ୍ତ ସୌମ୍ୟରଞ୍ଜନଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ

ବଲାଙ୍ଗୀର,୨୨।୮(ବୀରେନ୍ଦ୍ର କୁମାର ଝାଙ୍କର)

- ଆକ୍ରମଣକାରୀଙ୍କୁ ଖୋଜୁଛି ପୋଲିସ
- ଗୁରୁତର ସୌମ୍ୟରଞ୍ଜନଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର

ଦୁର୍ଦ୍ଧାନ୍ତ ଅପରାଧୀ ସୌମ୍ୟରଞ୍ଜନ ଦାସଙ୍କୁ ବଲାଙ୍ଗୀର ସହର ମାଲପଡା ମେଟାକାନୀ ମନ୍ଦିର ନିକଟରେ ବୁଧବାର ବିଳମ୍ବିତ ରାତିରେ କେତେଜଣ ଯୁବକ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ କରିଥିବା ଜଣାପଡିଛି। ରକ୍ତାକ୍ତ ଅବସ୍ଥାରେ ଘଟଣାସ୍ଥଳରୁ ପୋଲିସ ସୌମ୍ୟଙ୍କୁ ଉଦ୍ଧାର କରିବା ପରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ପରେ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ପଠାଇ ଦିଆଯାଇଛି। କେଉଁ କାରଣରୁ ସୌମ୍ୟଙ୍କୁ ଆକ୍ରମଣ କରାଯାଇଛି ଏବଂ କେଉଁମାନେ ତାଙ୍କୁ ଆକ୍ରମଣ କରିଛନ୍ତି ସେନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇନାହିଁ। ବଲାଙ୍ଗୀର ସଦର ଏସଡିପିଓ ପ୍ରଦୀପ କୁମାର ସାହୁଙ୍କୁ ପଚରାଯିବାରୁ ଦୁର୍ଦ୍ଧାନ୍ତ ଅପରାଧୀ ସୌମ୍ୟରଞ୍ଜନ ଆକ୍ରମଣ ସମ୍ପର୍କରେ ମୁହଁ ଖୋଲିନାହିଁ ବୋଲି କହିଛନ୍ତି। ଗୋଟିଏ ପୋଲିସ ଟିମ୍ ଆହତଙ୍କ ସହ ଯାଇଥିବା ବେଳେ ଆଉ ଏକ ଟିମ୍ ଆକ୍ରମଣକାରୀଙ୍କୁ ଖୋଜୁଛି ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ସୌମ୍ୟରଞ୍ଜନ ବଲାଙ୍ଗୀର ସହର ମେଟାକାନୀ ମନ୍ଦିର ନିକଟରେ ଥିବା ବେଳେ ବିଳମ୍ବିତ ରାତିରେ ପ୍ରାୟ ୧୦-୧୨ ଜଣ ଯୁବକ ଖଣ୍ଡା ଧରି ସେଠାରେ ପହଞ୍ଚି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ତାଙ୍କୁ ଚୋଟ ପରେ ଚୋଟ ମାରି ସେଠାରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ପୋଲିସ ପହଞ୍ଚି ଆହତ ସୌମ୍ୟଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ସୌମ୍ୟ ଏକ ଦୁର୍ଦ୍ଧାନ୍ତ ଅପରାଧୀ ଭାବେ ଜଣାଶୁଣା। ତାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବାରୁ କୌଣସି ଏକ ପୁରୁଣା ବିବାଦରୁ ଏହି କାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ଘଟଣା ଉପରେ ନଜର ରଖିଛି । ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅଭିଯାନ ଆରମ୍ଭ କରିଛି ବୋଲି ଏସଡିପିଓ କହିଛନ୍ତି। ସହରର କେତେଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିବା ଆଲୋଚନା ହେଉଛି। ଏହି ଆକ୍ରମଣ ପରେ ସହରରେ ଗୋଷ୍ଠୀ ଅପରାଧ ବୃଦ୍ଧି ପାଉଥିବା ଚର୍ଚ୍ଚା ଜୋର ଧରିଛି। ବଲାଙ୍ଗୀର ପୋଲିସକୁ ଚ୍ୟାଲେଞ୍ଜ କରି ଅପରାଧୀମାନେ ଖୋଲାଖୋଲି ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ରରେ ରାସ୍ତା ଉପରେ ଅପରାଧ ଘଟାଇବା ଆରମ୍ଭ କରି ଦେଇଛନ୍ତି। ଏହି ଘଟଣା ପରେ ବଲାଙ୍ଗୀର ସହରର ମାଲପଡା, କଂସାରୀପଡା, ଟିକ୍ରାପଡା ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

# ବୁଢ଼ୀପଦର ପଞ୍ଚାୟତରେ ବିଶ୍ୱ ପରିବେଶ ଦିବସ ପାଳିତ



ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବିଡିଓ ଓ ଅନ୍ୟମାନେ ।

ଲୋଇସିଂହା,୨୨।୮(ସୁଶାନ୍ତ ବାରିକ)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁଢୀପଦର ପଞ୍ଚାୟତ ପକ୍ଷରୁ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ, ସିଆରପି,ଏମବିକେ, ସ୍ୱୟଂ ସହାୟିକା ମହିଳା ଓ ଗ୍ରାମବାସୀଙ୍କୁ ନେଇ ପଞ୍ଚାୟତ ପରିସରରେ ଆୟୋଜିତ ସଭାରେ ସରପଞ୍ଚ ଲକ୍ଷ୍ମୀ ପଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଡିଓ ଅକ୍ଷୟପାଣି ଉଦ୍ଧୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଅନୁଯାୟୀ ଏକ ପେଡଁ ମା' କେ ନାମରେ ଲଗାଇବାକୁ ଅନୁରୋଧ କରିଥିଲେ। ସଭା କାର୍ଯ୍ୟ ପରେ ମୁଖ୍ୟଅତିଥି, ପଞ୍ଚାୟତ ଷ୍ଟାଫ୍ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ ସ୍ଥାନୀୟ ଖେଳପଡିଆକୁ ଯାଇ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପିଇଓ ପ୍ରହଲ୍ଲାଦ ବେହେରା, ଯୋଗାଣ ସହାୟକ ରଶ୍ମିରଞ୍ଜନ ବିଶି, ସାମାଜିକ କର୍ମୀ ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# କୃଷି ବିଭାଗ ପକ୍ଷରୁ ହେଉନି ତଦନ୍ତ, ଚାଷୀ ଚିନ୍ତାରେ

ଲୋଇସିଂହା,୨୨।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟା ସ୍ଥିତ ଜଣେ ବ୍ୟବସାୟୀଙ୍କ ଦୋକାନରୁ ଗୁର୍ଜିଭଟା, ଯୋଗୀସର୍ଡା, ଅଗଲାପାଲି, ଛେଲବାହାଲ, ଗୋପାଳପୁର ଆଦି ଅଞ୍ଚଳର ଚାଷୀମାନେ ଲଟାମରା (ଘାସମରା) ଔଷଧ ନେଇ ଚାଷ ଜମିରେ ପ୍ରୟୋଗ କଲା ପରେ ଏହାର ପାର୍ଶ୍ୱ ପ୍ରତିକ୍ରିୟାରେ ଧାନଗଛ କ୍ଷତିଗ୍ରସ୍ତ ହୋଇଛି। ଇତିମଧ୍ୟରେ ଏହି ଘଟଣାକୁ ଦୁଇ ସପ୍ତାହ ବିତି ଯାଇଥିଲେ ସୁଦ୍ଧା ବ୍ଲକ କୃଷି ବିଭାଗ ପକ୍ଷରୁ ତଦନ୍ତ ହେଉନାହିଁ। ଫଳରେ ଏହାକୁ ନେଇ କ୍ଷତିଗ୍ରସ୍ତ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ଔଷଧ କମ୍ପାନୀ ଏବଂ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ କୃଷି ବିଭାଗ ତତ୍ପର ଥିବା ସାଧାରଣରେ ଆଲୋଚନା ହେଉଛି । ଚାଷପୋଯୋଗୀ ବର୍ଷା ପରେ ଚାଷୀ ଚାଷ କାର୍ଯ୍ୟରେ ଲାଗି ପଡିଛନ୍ତି । ଏହି ସମୟରେ ଗ୍ରାମ୍ୟ

**ଲଟାମରା ବିଷ ପକାଇ ଚାଷ କ୍ଷତିଗ୍ରସ୍ତ ଘଟଣା**




କୃଷି କର୍ମଚାରୀ ଗ୍ରାମାଞ୍ଚଳର ଚାଷୀଙ୍କ ସୁବିଧା ଅସୁବିଧା ବୁଝିବା କଥା । କିନ୍ତୁ ତାହା ହେଉନାହିଁ । ଅଗଷ୍ଟ ପ୍ରଥମାର୍ଦ୍ଧରେ ଅଞ୍ଚଳର ଚାଷୀମାନେ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ପାଖରେ ନ ପାଇ ଗୁର୍ଜିଭଟାସ୍ଥିତ ଏକ ଔଷଧ ଦୋକାନୀଙ୍କ ନିକଟକୁ ଯାଇ ଲଟାମରା ଔଷଧ ଆଣିଥିଲେ। ସେତେବଳେ ଦୋକାନୀ ଜଣକ ଚାଷୀଙ୍କୁ କେନ୍‌ପ୍ରିଟ ଓ ଭିରାମ ପାଉଡର ଦେଇ ଏହାକୁ ମିଶ୍ରଣ କରି ସିଞ୍ଚନ କରିବାକୁ କହିଥିଲେ । କିନ୍ତୁ ସେହି ଔଷଧ ଜମିରେ ପ୍ରୟୋଗ କରିବାର ଦିନକ ପରେ ତାର ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଜମିର ଲଟା ମରିବା ପରିବର୍ତ୍ତେ ଧାନଗଛ ପୋଡି ଧଳା ହୋଇଯାଇଥିବା ଦେଖି ଚାଷୀ ଚିନ୍ତିତ ହୋଇପଡିଥିଲେ। ଏନେଇ ଚାଷୀମାନେ ସଂପୃକ୍ତ ବ୍ୟବସାୟୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲ ସୁଦ୍ଧା ସେ ଘଟଣାକୁ ସେତେଟା ଗୁରୁତ୍ୱ ଦେଇ ନ ଥିଲେ । ଅପରପକ୍ଷେ ବ୍ଲକ କୃଷି ବିଭାଗ ମଧ୍ୟ ଏ ନେଇ ଟେର ପାଇ ନ ଥିଲେ । ଏ ସଂକ୍ରାନ୍ତରେ ବ୍ଲକ ସହକାରୀ କୃଷି ଅଧିକାରୀ ରୋହନ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଡିଜିଟାଲ୍ ଫସଲ ସର୍ବେକ୍ଷଣ ଟ୍ରେନିଂରେ ଥିବାରୁ ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ ଏହାର ତଦନ୍ତ କରି ରିପୋର୍ଟ ଦେବେ ବୋଲି ଗତ ୧୦ତାରିଖରେ କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ବ୍ଲକ ସହକାରୀ କୃଷି ଅଧିକାରୀ ସାହୁଙ୍କୁ ପଚାରିବାରୁ ଗ୍ରାମ୍ୟ କୃଷି କର୍ମଚାରୀ ରିପୋର୍ଟ କରି ନ ଥିବା କହିଥିଲେ। ଏହାପରେ ଏ ନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଗ୍ରାମ୍ୟ କୃଷି କର୍ମଚାରୀ କ୍ଷତିଗ୍ରସ୍ତ କ୍ଷେତ୍ର ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ ଚାଷୀଙ୍କୁ ପଚରାଉଚରା କରିଥିଲେ । ପରେ ଗ୍ରାମ୍ୟ କୃଷି କର୍ମଚାରୀ ଔଷଧ ପଡି କ୍ଷତିଗ୍ରସ୍ତ ହୋଇଥିବା ଧାନଚାଷରେ ସୁଧାର ଆସୁଛି ବୋଲି ଜଣାଇଥିବା ସହକାରୀ କୃଷି ଅଧିକାରୀ ସାହୁ କହିଛନ୍ତି । କିନ୍ତୁ ବାସ୍ତବରେ ପୁରା ମାତ୍ରାରେ ଧାନଫସଲ ସୁଧାର ହୋଇ ନ ଥିବା ଓ ଚାଷ ବହୁ ପଛରେ ପଡିଥିବା ଅଗଲାପାଲି ଗାଁର କେତେଜଣ ଚାଷୀ କହିଛନ୍ତି । ଏଣୁ ସମ୍ପୃକ୍ତ ଦୋକାନୀ ଜଣକ ଦେଇଥିବା ଔଷଧ ଅସଲି କି ନକଲି ତାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚାଷୀ ମହଲରେ ଦାବି ହେଉଛି।

## ଜଳପ୍ରପାତରେ ନିଖୋଜ ଯୁବକଙ୍କ ମୃତଦେହ ଜବତ

ନୂଆପଡ଼ା,୨୨।୮ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା ଭରୁଆମୁଣ୍ଡା ପଞ୍ଚାୟତ ଲୋଡ୍ରା ଗାଁ ସ୍ଥିତ ସୁନାବେଡା ଅଭୟାରଣ୍ୟରେ ଅବସ୍ଥିତ ଗୋଧସ ଜଳପ୍ରପାତରେ ବୁଡି ନିଖୋଜ ଥିବା ଯୁବକଙ୍କ ମୃତଦେହ ଦୀର୍ଘ ୪୫ ଘଣ୍ଟା ପରେ ପାଣିରୁ ଉଦ୍ଧାର ହୋଇଛି। ସୂଚନା ମୁତାବକ ଗତ ମଙ୍ଗଳବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଆନନ୍ଦ ନଗରର କେତେଜଣ ଯୁବକ ଗୋଧସ ଜଳ ପ୍ରପାତକୁ ବୁଲିବା ପାଇଁ ଆସିଥିଲେ। ହେଲେ ଜଳ ପ୍ରପାତରେ ଗାଧୋଇବା ସମୟରେ ସୁନ୍ଦର ସେନ ଗୁରୁ (୨୦) ବୁଡି ନିଖୋଜ ହୋଇଯାଇଥିଲେ । ଏ ନେଇ ଧରମବନ୍ଧା ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଜଳପ୍ରପାତରେ ଦୁଇ ଦିନ ଖୋଜାଖୋଜି କରିଥିଲେ ଧେ ସଫଳ ହୋଇ ନ ଥିଲେ। ଏଣେ ପରିବାର ଲୋକେ ସୁନ୍ଦରଙ୍କୁ ପାଇବା ପାଇଁ ନୂଆପଡାରେ ଅପେକ୍ଷା କରିଥିଲେ। ଗୁରୁବାର ସକାଳେ ଅଗ୍ନିଶମ ବିଭାଗ କର୍ମଚାରୀ ପୁଣି ଖୋଜିବା ସମୟରେ ଜଳ ପ୍ରପାତରେ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ଧରମବନ୍ଧା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ଘାରିଲାଣି ଡେଙ୍ଗୁ, ମ୍ୟାଲେରିଆ ଭୟ

ବରଗଡ,୨୨।୮(ପ୍ରେମାନନ୍ଦ ଖମାରୀ)


ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିସରରେ ଜମି ରହିଥିବା ନର୍ଦ୍ଦମା ପାଣି।

- ଯୁଆଡ଼େ ଦେଖିଲେ ଜମିଛି ନର୍ଦ୍ଦମା ପାଣି
- ଜାଣିଶୁଣି ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା
- ପ୍ରୟୋଗ ହେଉନି ମଶା ଘଉଡ଼ାଇବା ଧୂଆଁ

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ବଢ଼ି ଚାଲିଛି। ଏଥିରୁ ବରଗଡ଼ ଜିଲା ମଧ୍ୟ ବାଦ୍ ପଡ଼ିନାହିଁ। ଜିଲାରେ ଏପର୍ଯ୍ୟନ୍ତ ୩ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି। ମାତ୍ର ବେସରକାରୀ ଭାବେ ଏହା ଆହୁରି ଅଧିକ ବୋଲି ଅନୁମାନ କରାଯାଉଛି। ସେହିପରି ଏଥର ଡେଙ୍ଗୁ ରୋଗରେ ଏପର୍ଯ୍ୟନ୍ତ ଜିଲାର କେହି ମୃତ୍ୟୁବରଣ କରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ରେକର୍ଡ଼ରେ ନାହିଁ। ଅନ୍ୟପଟେ ଏହି ଜିଲାର ପାଇକମାଳ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମର ଜଣେ ରୋଗୀ ଡେଙ୍ଗୁରେ ଆକ୍ରାନ୍ତ ହୋଇ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ଏଭଳି ଆକ୍ରାନ୍ତ ଏବଂ ମୃତକଙ୍କ ଖବର ମିଳିବା ପରେ ଜିଲାରେ ଡେଙ୍ଗୁ ସଂକ୍ରମଣ ଭୟ ଦେଖାଯାଇଛି। ଜିଲାରେ ଭୁଷୁଡ଼ି ପଡ଼ିଥିବା ପରିମଳ ବ୍ୟବସ୍ଥା ଏଭଳି ଭୟକୁ ଆହୁରି ବଢ଼ାଇ ଦେଇଛି। ଏ ସମ୍ପର୍କରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସାଧୁଚରଣ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଏପର୍ଯ୍ୟନ୍ତ ଜିଲାରେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ନେଇ ତାଙ୍କ ପାଖରେ ସୂଚନା ନାହିଁ। ରକ୍ତ ନମୁନା ପରୀକ୍ଷାରୁ ଜିଲାର ପାଇକମାଳରେ ଜଣେ ଏବଂ ବୁକ୍ରାମୁଣ୍ଡାର ୨ଜଣ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା ବୋଲି ସେ କହିଥିଲେ। ସେହିପରି ଜୁଲାଇ ମାସରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ିଥିଲା। କିନ୍ତୁ ଏବେ ତାହା ନିୟନ୍ତ୍ରଣାଧୀନ ଥିବାବେଳେ ଡେଙ୍ଗୁ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଡା. ଦାଶ କହିଛନ୍ତି।

ଗତ କିଛିଦିନ ହେଲା ଜିଲାରେ ଅଳ୍ପଦିନ ବ୍ୟବଧାନରେ ତୁହାକୁ ତୁହା ବର୍ଷା ଲାଗି ରହୁଛି। ଅନେକ ସ୍ଥାନରେ ବର୍ଷାଜଳ ଏବଂ ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ନାହିଁ। ଫଳରେ ସେଭଳି ପାଣି ଦୀର୍ଘଦିନ ଧରି ସେହି ସ୍ଥାନରେ ଜମି ରହୁଛି। ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ଡେଙ୍ଗୁ ରୋଗ ସୃଷ୍ଟି କରୁଥିବା ଏଡ଼ିସ୍ ମଶାର ବିସ୍ତାର ପାଇଁ ଅନୁକୂଳ ହୋଇ ପଡ଼ିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି। ତେବେ ରାଜ୍ୟରେ ବର୍ତ୍ତମାନ ଡେଙ୍ଗୁ ସଂକ୍ରମଣ ଚିନ୍ତାର ବିଷୟ ପାଲଟି ଥିବାବେଳେ ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଆଖି ବୁଜି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଖୋଦ୍ ଜିଲା ସଦର ମହକୁମା ତଥା ବରଗଡ଼ ସହରରେ ଏଭଳି ପରିବେଶ ସୃଷ୍ଟି ହୋଇଛି। ସହରର ଯୁଆଡ଼େ ଦେଖିଲେ ନର୍ଦ୍ଦମା ପାଣି ଜମି ରହିଛି। ଗଳିକନ୍ଦିର ଡ୍ରେନଠାରୁ ଆରମ୍ଭ କରି ସରକାରୀ ବସଷ୍ଟାଣ୍ଡ ତଥା ବିଭିନ୍ନ ସ୍ଥାନରେ ଦୀର୍ଘଦିନ ଧରି ପାଣି ଜମି ରହିଛି। ସରକାରୀ ବସ୍‌ଷ୍ଟାଣ୍ଡର ସେହି ସମସ୍ୟା ନୂଆ ହୋଇ ନ ଥିବାବେଳେ ସହରରେ ଅବ୍ୟବସ୍ଥିତ ଡ୍ରେନେଜ ବ୍ୟବସ୍ଥା ମଧ୍ୟ ବହୁତ ପୁରୁଣା। ଏହା ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ କାହାକୁ ଅଜଣା, ଅଛପା ନୁହେଁ। କିନ୍ତୁ ସରକାରୀ ବସଷ୍ଟାଣ୍ଡରୁ ସେଭଳି ନର୍ଦ୍ଦମା ପାଣି ନିଷ୍କାସନ ହେଉ କିମ୍ବା ଅବ୍ୟବସ୍ଥିତ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଉଭୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବରୁ ବର୍ଷ ବର୍ଷ ଧରି ସେଭଳି ସମସ୍ୟା ପଡ଼ି ରହିଥିବାବେଳେ ଲୋକେ ସେଥିପାଇଁ କେବଳ ହଟହଟା ହେଉଛନ୍ତି, ତାହା ନୁହେଁ, ବିଭିନ୍ନ ସଂକ୍ରାମକ ରୋଗରେ ମଧ୍ୟ ଆକ୍ରାନ୍ତ ହେଉଥିବା ସାଧାରଣରେ ଆଲୋଚନା ହେଉଛି।

କେବଳ ସେତିକି ନୁହେଁ, ଯେତେବେଳେ ଡେଙ୍ଗୁ କିମ୍ବା ମ୍ୟାଲେରିଆ ଭଳି ସଂକ୍ରାମକ ରୋଗର ସଂକ୍ରମଣ ବଢ଼ି ଚାଲିଥାଏ, ସେତେବେଳେ ପୌର ପ୍ରଶାସନ ସ୍ୱତନ୍ତ୍ର ଗାଡ଼ିରେ ମଶା ଘଉଡ଼ାଇବା ଧୂଆଁ ପ୍ରୟୋଗ କରିଥାଏ। କିନ୍ତୁ ଏବେ ସଂକ୍ରମଣ ଆଶଙ୍କା ବଢ଼ି ଚାଲିଥିଲେ ସୁଦ୍ଧା ପୌର ବିଭାଗ ଏପର୍ଯ୍ୟନ୍ତ ମଶା ଘଉଡ଼ାଇବା ଧୂଆଁ ପ୍ରୟୋଗ କରୁଥିବା ପରିଲକ୍ଷିତ ହୋଇନାହିଁ। ସେହିପରି ବସଷ୍ଟାଣ୍ଡ ଭଳି ପାଣି ଜମି ରହୁଥିବା ସ୍ଥାନରେ ବ୍ଲିଚିଂ ପାଉଡ଼ର ସୁଦ୍ଧା ପକାଯାଉନାହିଁ। କେବଳ ବରଗଡ଼ ସହରରେ ଏଭଳି ସ୍ଥିତି ନାହିଁ। ସାରା ଜିଲାରେ ଡେଙ୍ଗୁ, ମ୍ୟାଲେରିଆ ଭୟ ରହିଛି। କେବଳ ସଚେତନତାରେ ସୀମିତ ନ ରହି ପ୍ରଶାସନ ପକ୍ଷରୁ ବରଗଡ଼ ସରକାରୀ ବସଷ୍ଟାଣ୍ଡ ଭଳି ସ୍ଥାନରେ ଜମି ରହିଥିବା ନର୍ଦ୍ଦମା ପାଣି ନିଷ୍କାସନ ସହିତ ମଶା ଘଉଡ଼ାଇବା ଧୂଆଁ ପ୍ରୟୋଗ ନ କଲେ ଆଗକୁ ଡେଙ୍ଗୁ, ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ମତପ୍ରକାଶ ପାଇଛି।

## ବ୍ରାଉନ ସୁଗାର ଜବତ: ୩ ଗିରଫ

ସୋହେଲା,୨୨।୮(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ଲାଲମନ୍ଦିର ଛକ ପାଖ ଉପରପଡ଼ାରେ ବେଆଇନ ନିଶା କାରବାର ଏବଂ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ବହୁ ଦିନରୁ ଅଭିଯୋଗ ହେଉଥିଲା। ସୋହେଲା ଥାନା ସବ୍‌ଇନ୍ସପେକ୍ଟର ଅରୂପ ବାରେକଙ୍କ ନେତୃତ୍ୱରେ ମହିଳା ସବ୍‌ଇନ୍ସପେକ୍ଟର ଅନିମା ଏକ୍କା ଓ ଅନ୍ୟ ପୋଲିସ କର୍ମଚାରୀ ଉପରପଡାରେ ଚଢ଼ାଉ କରିଥିଲେ। ଏଥିରେ ସମ୍ପୃକ୍ତ ୨ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରୁକସାର ବେଗମ(୩୦), ଅଫରୋଜା ବାନୋ (୪୦) ଏବଂ ତାଙ୍କ ପୁଅ ଶେଖ ନିୟାଜ ଅହମ୍ମଦ(୨୧)। ପୋଲିସ କେସ୍ ନଂ. ୩୨୫ରେ ଏନ୍‌ଡିପିଏସ୍‌ର ୨୧(କ) ଧାରା ଅନୁସାରେ ମାମଲା ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପ୍ରଣୟ କୁମାର ମୁର୍ମୁ ସୂଚନା ଦେଇଛନ୍ତି। ପୋଲିସ ସେମାନଙ୍କ ନିକଟରୁ ୪ଗ୍ରାମ୍ ୧୬୦ ମିଲିଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଇନ୍ସପେକ୍ଟର ବାରେକ ଘଟଣାର ତଦନ୍ତ କରୁଛନ୍ତି। ଚଢ଼ାଉରେ ହାବିଲଦାର ପ୍ରହ୍ଲାଦ ପାତ୍ର, କନଷ୍ଟେବଲ ପ୍ରତାପ ସାହୁ ଏବଂ ସବିତା ବାଗ ସାମିଲ ଥିଲେ।

## ନାବାଳିକାଙ୍କୁ ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ବିଜେପୁର ଥାନା ଅଞ୍ଚଳରେ ୨୦୨୧ ଏପ୍ରିଲ ମାସରେ ନାବାଳିକାଙ୍କୁ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବରଗଡ଼ ପକ୍ସୋ କୋର୍ଟରେ ଏହି ମାମଲା ଚାଲିଥିଲା। ବିଚାରପତି ଏହି ମାମଲାରେ ଅଭିଯୁକ୍ତ ସଞ୍ଜୟ ତନସନାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ମୃତ ନାବାଳିକାଙ୍କ ପରିବାର ଲୋକଙ୍କୁ ସାଢ଼େ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି, ୨୦୨୧ ଏପ୍ରିଲ ୩୦ତାରିଖରେ ଏକ କୂଅରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପରିବାର ଲୋକଙ୍କ ଏତଲାକ୍ରମେ ପୋଲିସ ତଦନ୍ତ ଚଳାଇଥିଲା ଏବଂ ହତ୍ୟା ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ କରିଥିଲା।


ଅତିରିକ୍ତ ଜିଲାପାଳଙ୍କ ସହିତ ଏସଏଚଜି ପ୍ରତିନିଧିବୃନ୍ଦ ଆଲୋଚନା କରୁଛନ୍ତି।

## ଶିଶୁକନ୍ୟାର ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ପାଇକମାଳ,୨୨।୮(ବଡ଼ ଶତପଥୀ)

**ସାହାଯ୍ୟ ପାଇଁ ନିବେଦନ**

ବରଗଡ଼ ଜିଲା ପାଇକମାଳ ବ୍ଲକ ଗୁରୁଣ୍ଡା ଗ୍ରାମର ଲିଲି ଛତର (୧୦) ଅଗଷ୍ଟ ୧୫ରେ ଗରମ ଭାତହାଣ୍ଡିରେ ପଡ଼ିଯିବାରୁ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ଓ ପରେ ଭିମ୍‌ସାର ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ପାଇଁ କୁହାଯାଇଥିଲା। ହେଲେ ଅର୍ଥ ଅଭାବରୁ ପରିବାର ଲୋକେ ତାଙ୍କୁ କଟକ ନେଇ ପାରି ନ ଥିଲେ। ବର୍ତ୍ତମାନ ଘରେ ତାଙ୍କର ଦେଶୀ ଚିକିତ୍ସା କରାଯାଉଛି। ବାପା ବିଶ୍ୱନାଥ ଛତର ଜଣେ ଦିନମଜୁରିଆ ଓ ମା' ରଶ୍ମିତା ଗୃହଣୀ। ତାଙ୍କର ଆଉ ୩ ସନ୍ତାନ ଅଛନ୍ତି। ଅତ୍ୟନ୍ତ ଗରିବ ଶ୍ରେଣୀରେ ହୋଇଥିବାରୁ ଲିଲିର ଉତ୍ତମ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ତେଣୁ ବିଶ୍ୱନାଥ ଝିଅର ଚିକିତ୍ସା ପାଇଁ ସରକାର ତଥା ବଦାନ୍ୟ ବ୍ୟକ୍ତିଙ୍କୁ ସହାୟତା ପାଇଁ ଗୁହାରି କରିଛନ୍ତି।

## କାହ୍ନୁ ଚରଣ ନାଥ ହେଲେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ

ବୌଦ୍ଧ,୨୨।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ନୂତନ ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି କୁଶଙ୍ଗ ପଞ୍ଚାୟତର ସମିତି ସଭ୍ୟ କାହ୍ନୁ ଚରଣ ନାଥ । ପୂର୍ବରୁ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ଥିଲେ ସରୋଜ କୁମାର ପ୍ରଧାନ। ସେ ଚଳିତ ନିର୍ବାଚନରେ ବୌଦ୍ଧ ବିଧାୟକ ଭାବେ ନିର୍ବାଚିତ ହେବା ପରେ ଉପାଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିଲେ । ଇସ୍ତଫା ଦେବା ପରେ ଗୁରୁବାର ଦିନ ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ହରଭଙ୍ଗା ବ୍ଲକ ୨୨ ଗୋଟିପଞ୍ଚାୟତ ରହିଥିବା ବେଳେ ଭାଜପା ସମର୍ଥିତ ପ୍ରାର୍ଥୀ କାହ୍ନଚରଣ ନାଥ ଉପାଧ୍ୟକ୍ଷ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ । କିନ୍ତୁ ନିର୍ଦ୍ଧାରତ ସମୟ ମଧ୍ୟରେ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବାରୁ ନିର୍ବାଚନ ଅଧିକାରୀ କାହ୍ନୁଚରଣ ନାଥଙ୍କୁ ବିଜୟୀ ଘୋଷଣା କରିଥିଲେ । ବୌଦ୍ଧ ଜିଲା ବିଜେଡିର ଗଡ଼ ଥିବା ବେଳେ ଦଳ ପକ୍ଷରୁ କୌଣସି ସମର୍ଥିତ ପ୍ରାର୍ଥୀ ନ ଦେବା କି ଦଳର କୌଣସି ସମିତି ସଭ୍ୟ ନିର୍ବାଚନକୁ ନ ଆସିବା ନେଇ ରାଜନୀତି ମହଲରେ ଆଲୋଚନାର ବିଷୟ ହୋଇଛି।


ନିଜ ସମର୍ଥକଙ୍କ ଗହଣରେ ନୂତନ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ।

## ଜିଲାପାଳଙ୍କୁ ଫେରାଦ ହେଲା ଏସ୍‌ଏଚ୍‌ଜି

ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ୨୦୨୪-୨୫ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରୁ ଜିଲାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗୁଡ଼ିକୁ ବାଦ୍ ଦିଆଯାଇଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗତ ୧୨ତାରିଖରେ ଏ ନେଇ ଏସ୍‌ଏଚ୍‌ଜିର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। କିନ୍ତୁ ସେମାନଙ୍କୁ ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିବା ନେଇ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କିଛି ଠୋସ୍ ପ୍ରତିଶ୍ରୁତି ମିଳି ନ ଥିବାରୁ ଗୁରୁବାର ଏସ୍‌ଏଚ୍‌ଜିର କର୍ମକର୍ତ୍ତାମାନେ ପୁଣି ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଭେଟି ସେମାନେ ସେ ନେଇ ପଚାରି ବୁଝିଥିଲେ। ତେବେ ଏକ ବୈଠକ ବସିବ ଏବଂ ସେହି ବୈଠକର ନିଷ୍ପତ୍ତି ଅନୁଯାୟୀ ଧାନ ସଂଗ୍ରହ ପ୍ରକ୍ରିୟାରେ ଏସ୍‌ଏଚ୍‌ଜି ଗୁଡ଼ିକୁ ସାମିଲ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ।

ପ୍ରକାଶ ଯେ, ଜିଲାର ୫୪ ଏସ୍‌ଏଚ୍‌ଜି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇ ଆସୁଥିଲେ। ଚାଷୀ ପଞ୍ଜୀକରଣଠାରୁ ଆରମ୍ଭ କରି ସମ୍ପୃକ୍ତ ଏସ୍‌ଏଚ୍‌ଜି ଗୁଡ଼ିକୁ ଚାଷୀଙ୍କଠାରୁ ଧାନ କିଣାବିକା ମଧ୍ୟ କରୁଥିଲେ। ଏହାଦ୍ୱାରା ଚାଷୀମାନେ ଉପକୃତ ହେଉଥିବାବେଳେ ଧାନ ସଂଗ୍ରହ କାର୍ଯ୍ୟ ବାବଦକୁ ନିର୍ଦ୍ଧାରିତ ଟଙ୍କା ପାଇ ଏସ୍‌ଏଚ୍‌ଜି ଗୁଡ଼ିକ ମଧ୍ୟ ଲାଭାନ୍ୱିତ ହୋଇଆସୁଥିଲେ। କିନ୍ତୁ ଏଥର ଜିଲାର ସମସ୍ତ ଏସ୍‌ଏଚ୍‌ଜିକୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ଏସ୍‌ଏଚ୍‌ଜିଗୁଡ଼ିକୁ ଚାଷୀ ପଞ୍ଜୀକରଣ ପାଇଁ ପ୍ରଥମେ ଚିଠି କରାଯାଇ ପ୍ରଶିକ୍ଷଣ ଦିଆଯିବା ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କୁ ସେଥିରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଥିବାରୁ ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସେମାନଙ୍କୁ ସାମିଲ କରାଯିବ କି ନାହିଁ, ସେଥିପ୍ରତି ଏସ୍‌ଏଚ୍‌ଜି ଗୁଡ଼ିକ ଦ୍ୱନ୍ଦ୍ୱରେ ଅଛନ୍ତି। ଜିଲାର ବିଭିନ୍ନ ବ୍ଲକର ଅନେକ ଏସ୍‌ଏଚ୍‌ଜି ପ୍ରତିନିଧି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

## ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଶିକ୍ଷଣ


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀବୃନ୍ଦ।

ବରଗଡ,୨୨।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବରଗଡ଼ ଏବଂ ଭଟଲି ବ୍ଲକର ୧୮ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଏକଦିବସୀୟ ଶ୍ରେଣୀଗୃହ ପ୍ରବନ୍ଧ ଓ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପତଙ୍ଗ ଅନୁଷ୍ଠାନ ପକ୍ଷରୁ ବରଡ଼ୋଲ ଗଣେଶ ପେଲେସ୍‌ରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଅଙ୍କିତା ନାହାକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବନସ୍ମିତା ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାଧାକାନ୍ତ ମେହେର ଶ୍ରେଣୀଗୃହରେ ଗଣିତ ପରିଚାଳନା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଅଙ୍ଗନୱାଡ଼ି କର୍ମୀମାନେ ପତଙ୍ଗ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ପରିଦର୍ଶନ କରିଥିଲେ। ସେଭଳି ଏକ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ପ୍ରସ୍ତୁତ ପାଇଁ ସେମାନେ ଆଗ୍ରହ ପ୍ରକାଶ କରିଥିଲେ।

## ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ବରପାଲି,୨୨।୮ (ଚିତ୍ତରଞ୍ଜନ ସାହୁ)

ବରପାଲି ସ୍ଥାନୀୟ ସୁବଳ ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସୁବଳ ସାହୁଙ୍କ ୭ମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଥମେ ସାହୁଙ୍କ ପ୍ରତିଛବିରେ ସ୍ତ୍ରୀ ରୀତା ସାହୁଙ୍କ ସହ ଟ୍ରଷ୍ଟର ଉପଦେଷ୍ଟା ଅଚ୍ୟୁତାନନ୍ଦ ଦାସ, ଅଚ୍ୟୁତାନନ୍ଦ ପଣ୍ଡା, ବ୍ଲକ୍ ଅଧକ୍ଷା ରୀନା ଥଇତ, ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହୀର ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆହାର କେନ୍ଦ୍ରଠାରେ ଆହାର ବଣ୍ଟନ କରାଯାଇଥିଲା। ପରେ ବରପାଲି ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅପରାହ୍ନ ୪ଟାରେ ପାର୍ବତୀ ଗିରି ବୃଦ୍ଧା ଆଶ୍ରମଠାରେ ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦକ ବନ୍ତରାମ ସେଠ୍‌ଙ୍କ ସମେତ ମନମୋହନ ସ୍ୱାଇଁ, ଫକିର ବେହେରା, ଜିତେନ ସୁନା, ବିକାଶ ସାହୁ, ଅଶ୍ୱିନୀ ପରିଡ଼ା, ପ୍ରମୋଦ ମେହେର, ଜହ୍ନ ବାଗ, କବି ନାଗ, କୁନ୍ତ ଭୋସାଗର, ଅନିଲ ସେଠ, ବିଜନ ଦାଶ, ପର୍ଶୁରାମ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବରଗଡ,୨୨।୮(ପ୍ରେମାନନ୍ଦ ଖମାରୀ)

ଏସ୍‌ସି, ଏସ୍‌ଟି ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ବିରୋଧ କରିଛି। ଏହି କ୍ରମରେ ଗୁରୁବାର ବରଗଡ଼ ଜିଲା ବିଏସ୍‌ପି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ୨ଦଫା ଦାବି କରାଯାଇଛି। ଗତ ୧ତାରିଖରେ ସୁପ୍ରିମକୋର୍ଟ ଏସସି, ଏସଟି ସଂରକ୍ଷଣ ଉପରେ ଦେଇଥିବା ରାୟର ପୁନର୍ବିଚାର କରାଯିବା ଏବଂ ପାର୍ଲାମେଣ୍ଟରେ ବିଲ୍ ପାସ୍ କରି ଏସ୍‌ସି, ଏସ୍‌ଟି ସଂରକ୍ଷଣକୁ ସମ୍ବିଧାନର ନବମ ଅନୁସୂଚୀରେ ସାମିଲ କରିବାକୁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ବିଏସ୍‌ପିର ଜିଲା ପ୍ରଭାରୀ ଜୟରାମ ବାଘ, ଜିଲା ସାଧାରଣ ସମ୍ପାଦକ ସରୋଜ କୁମ୍ଭାର, ଜୟଶଙ୍କର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

# ଭତ୍ତା ଆଳରେ ଭୁଆଁ ବୁଲାଇଛି ଭାଜପା

ବରଗଡ,୨୨।୮(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଗାନ୍ଧୀଛକରେ ବିଜେଡ଼ିର ଧାରଣା।

- ସୁଭଦ୍ରା ଯୋଜନାରେ ବି ନୀରବ
- ବରଗଡ଼ରେ ବିଜେଡ଼ିର ଧାରଣା
- ଭାଜପା ବିରୋଧରେ ଗର୍ଜିଲେ

ନିର୍ବାଚନ ସମୟରେ କେନ୍ଦ୍ର ଓ ରାଜ୍ୟ ଭାଜପା ନେତାମାନେ ରାଜ୍ୟବାସୀଙ୍କୁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲେ। ଡବଲ ଇଞ୍ଜିନ ସରକାର ଆସିଲେ ପ୍ରତିବର୍ଗର ଭତ୍ତାଧାରୀଙ୍କୁ ୩ହଜାର ଟଙ୍କା ଭତ୍ତା ପ୍ରଦାନ, ସୁଭଦ୍ରା ଯୋଜନାରେ ପ୍ରତି ମହିଳାଙ୍କୁ ୫୦ହଜାର ଟଙ୍କା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି କହିଥିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ଭାଜପାର ସେହିସବୁ ପ୍ରତିଶ୍ରୁତି ଭୋଟରଙ୍କୁ ଭୂଆଁ ବୁଲାଇବା ପାଇଁ ଥିଲା, ତାହା ଏବେ ସ୍ପଷ୍ଟ ହୋଇଯାଇଛି ବୋଲି ବିଜେଡି ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଗୁରୁବାର ବରଗଡ଼ ଗାନ୍ଧୀଛକରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଥିଲା।

ବିଜେଡିର ଜିଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାରଣାରେ ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ନିର୍ବାଚନୀ ପ୍ରତିଶ୍ରୁତି ରଖିବାରେ ଭାଜପା ବିଫଳ ହୋଇଛି। କ୍ଷମତାକୁ ଆସିବାର ୩ମାସ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଡବଲ ଇଞ୍ଜିନ ସରକାର ସୁଭଦ୍ରା ଯୋଜନାର ରୂପରେଖ ସ୍ପଷ୍ଟ କରିପାରିନାହିଁ। ସେହିପରି ସବୁବର୍ଗର ଭତ୍ତାଧାରୀଙ୍କ ଭତ୍ତା ୩ହଜାର ଟଙ୍କାକୁ ବୃଦ୍ଧି ନ କରି କେବଳ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀ ଓ ୮୦ପ୍ରତିଶତ ବିକଳାଙ୍ଗ ହୋଇଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ୩୫୦୦ ଟଙ୍କା ଘୋଷଣା କରି ରାଜ୍ୟବାସୀଙ୍କୁ ପ୍ରତାରଣା କରାଯାଇଛି। ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କ ଭାବାବେଗ ସହିତ ଖେଳିଛି। ନିର୍ବାଚନ ସମୟରେ ଭାଜପା ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି, ଡବଲ ଇଞ୍ଜିନ ସରକାର ତୁରନ୍ତ ସେହି ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ବିଜେଡ଼ି ଦାବି କରିଛି।

ଏହା କରା ନ ଗଲେ ଆଗାମୀ ଦିନରେ ରାଜ୍ୟବାସୀ ଏହାର ଉଚିତ୍ ଜବାବ ଦେବେ। ବିଜେଡି ପ୍ରତି ୱାର୍ଡ଼, ପ୍ରତି ପଞ୍ଚାୟତକୁ ଯାଇ ଭାଜପାର ମିଥ୍ୟା ପ୍ରତିଶ୍ରୁତି ଉପରେ ଜନ ସଚେତନତା କାର୍ଯ୍ୟକ୍ରମ କରିବ ବୋଲି ଆଚାର୍ଯ୍ୟ କହିଥିଲେ। ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିତୁ ଭୋଇ, ହିମାଂଶୁ ଦାଶ, ବିଜେଡି ନେତ୍ରୀ ଅନୁରାଧା ଅଗ୍ରୱାଲ, କାଉନସିଲର ଉମାଚରଣ ରାଉତଙ୍କ ସମେତ ସମସ୍ତ କାଉନସିଲର, ସରପଞ୍ଚ ଉପସ୍ଥିତ ଥିଲେ।

# କମୁନି ଡେଙ୍ଗୁ ଭୟ, ସଚେତନତା ଜରୁରୀ



ଜଗଦା ଅଞ୍ଚଳରେ ବିପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥା।

ରାଉରକେଲା,୨୨।୮(ସଙ୍ଗୀତା ଜେନା)

ଦିନକୁ ଦିନ ଇସ୍ପାତ ସହରରେ ଡେଙ୍ଗୁର ଭୟାବହତା ବୃଦ୍ଧି ପାଇବାରେ ଲାଗିଛି। ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ସମେତ ଇସ୍ପାତ ଅଞ୍ଚଳରେ ରୋଗୀ ଦୈନିକ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ଓ ଅନ୍ୟ ହସ୍ପିଟାଲ ଗୁଡ଼ିକରେ ଭର୍ତ୍ତି ହେଉଛନ୍ତି। ଜିଲାରେ ଡେଙ୍ଗୁ ଗ୍ରାଫ୍ ଉଦ୍‌ବେଗଜନକ ହୋଇପଡିଛି। ଆର୍‌ଏମ୍‌ସି ଅନ୍ତର୍ଗତ କୋଏଲନଗର, ଜଗଦା, ଝିରପାଣି ଓ ଇସ୍ପାତ ଅଞ୍ଚଳ ଅନ୍ତର୍ଗତ ସେକ୍ଟର ୧୬, ୧୭ ଓ ୧୮ ସମେତ ବିଭିନ୍ନ ସ୍ଥାନରୁ ଶତାଧିକ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଡେଙ୍ଗୁ ବ୍ୟାପୁଥିବା ବେଳେ ଆର୍‌ଏମ୍‌ସି ପକ୍ଷରୁ ଜଗଦା ଓ ଅନ୍ୟ ଅଞ୍ଚଳରେ

## ଆର୍‌ଏମ୍‌ସି ସମେତ ଇସ୍ପାତ ଅଞ୍ଚଳରେ ପ୍ରଭାବ ବୃଦ୍ଧି

ଆଖିଦୃଶିଆ ପ୍ରତିକାର ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଜଗଦା ଓ କୋଏଲନଗର ଅଞ୍ଚଳରୁ ଅଧିକାଂଶ ସଂକ୍ରମିତ ରୋଗୀ ସ୍ଥାନୀୟ ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ହସ୍ପିଟାଲରେ ଅଗଷ୍ଟ ୧ରୁ ୧୮ ତାରିଖ ମଧ୍ୟରେ ପ୍ରାୟ ୧୦୬ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେହିପରି ଆରଜିଏଚ୍‌ରେ ଅଗଷ୍ଟ ୧୦ରୁ ୧୮ ତାରିଖ ମଧ୍ୟରେ ୧୫୩ ଜଣ ରୋଗୀ ଚିହ୍ନଟ ହେବା ସହ ଚିକିତ୍ସିତ ହେଉଛନ୍ତି। ଆର୍‌ଜିଏଚ୍‌ର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ପଣ୍ଡିତ ସାହୁଙ୍କ ସୂଚନା ଅନୁଯାୟୀ, ଜାନୁଆରୀ ୨୬ରୁ ଆଜି ପର୍ଯ୍ୟନ୍ତ ମୋଟ ଆଲେଇଜା ପଦ୍ଧତିରେ ୨୩୩୧ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୨୯୩ ଡେଙ୍ଗୁ ସଂକ୍ରମିତ ଓ ଅନ୍ୟମାନେ ଅଣସଂକ୍ରମିତ ରହିଛନ୍ତି। ଅପରପକ୍ଷେ ବିଭିନ୍ନ ଅଞ୍ଚଳରେ ବଣବୁଦା, ନାଳନର୍ଦ୍ଦମା ସଫେଇ ଠିକ୍ ଭାବେ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଯେଉଁଥିପାଇଁ ଡେଙ୍ଗୁ ଏବେ ମହାମାରୀ ରୂପ ଧାରଣ କରିବାକୁ ବସିଲାଣି ବୋଲି ଆଲୋଚନା ହେଉଛି। ଏ ନେଇ ଜନସ୍ୱାସ୍ଥ୍ୟ ପ୍ରୋଗ୍ରାମ ଅଫିସର ଶକ୍ତି ମହାପାତ୍ର କହିଛନ୍ତି, ସଂକ୍ରମିତ ଅଞ୍ଚଳରେ ଘର ଘର ବୁଲି ଲୋକଙ୍କୁ ସଚେତନ କରାଯାଉଛି। ଜଳ ଜମିବାକୁ ନିରୋଧ କରିବା ଦିଗରେ ଲୋକେ ଅଧିକ ଯତ୍ନବାନ ହେଉନାହାନ୍ତି। ଆଶା ଅଙ୍ଗନୱାଡ଼ି କର୍ମୀଙ୍କୁ ସଚେତନତା ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ବିଭିନ୍ନ ପଦକ୍ଷେପ ନେଲେ ସୁଦ୍ଧା ଲୋକେ ଅଧିକ ମାତ୍ରାରେ ସଚେତନ ହେଉ ନ ଥିବା ଦେଖାଯାଉଛି ବୋଲି ମହାପାତ୍ର କହିଥିଲେ।

### ଏମାନେ ଯାହା କୁହନ୍ତି...



“ ଜଗଦା ଅଞ୍ଚଳରେ ସଫେଇ କାର୍ଯ୍ୟ ଠିକ୍ ଭାବେ କରାଯାଉନାହିଁ। ଅଧିକାଂଶ ସ୍ଥାନରେ ନାଳନର୍ଦ୍ଦମା ସଫେଇ ହେଉନାହିଁ। ଫଳରେ ଡେଙ୍ଗୁ ବ୍ୟାପୁଛି। ଏପରିକି ଗୋଟିଏ ପରିବାରର ସମସ୍ତ ସଦସ୍ୟ ଡେଙ୍ଗୁରେ ଆକ୍ରାନ୍ତ ହୋଇପଡୁଛନ୍ତି। ଫଗିଂ (ଧୂଆଁ) ଓ ସଚେତନତାର ଅଭାବ ପରିଲକ୍ଷିତ ହେଉଛି।

–ନୀଲମ ରତ୍ନାକର, ଡେଙ୍ଗୁ ରୋଗୀ, ଜଗଦା



“ ଜିଲାରେ ଚଳିତ ବର୍ଷ ଅଧିକ ପରିମାଣରେ ଡେଙ୍ଗୁ ବ୍ୟାପିଛି। ଏହି ରୋଗର ପ୍ରାରମ୍ଭରେ ପୀଡ଼ିତମାନେ ଡେଙ୍ଗୁ ପରୀକ୍ଷଣ କରାଇନେବା ଅତ୍ୟନ୍ତ ଜରୁରୀ। ସଫେଇ ପ୍ରତି ଧ୍ୟାନ ଦେବା ସହିତ ଯତ୍ନ ନେବା ଦରକାର। ମୋର ଡେଙ୍ଗୁ ସଂକ୍ରମଣ ଚିହ୍ନଟ ପରେ ଆରଜିଏଚ୍‌ରେ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା।

–ସଞ୍ଜୟ ମାଝୀ, ଡେଙ୍ଗୁ ରୋଗୀ, ଜେଲ କର୍ମଚାରୀ

“ ଦୀର୍ଘ ଦିନରୁ ନାଳନର୍ଦ୍ଦମା ସଫେଇ ହେଉନାହିଁ। ଫଳରେ ମୋ ପୁଅକୁ ୩ ଦିନ ହେଲା ଡେଙ୍ଗୁ ଚିହ୍ନଟ ହୋଇଛି। ତାକୁ ଆରଜିଏଚ୍‌ରେ ଚିକିତ୍ସା କରାଯାଉଛି। ସଫେଇ ପ୍ରତି ଧ୍ୟାନ ଦେଲେ ଅଧିକ ଭଲ ହୁଅନ୍ତା।



–ଆରିଫ୍ ଅଲ୍ଲୀ, ଡେଙ୍ଗୁ ରୋଗୀଙ୍କ ପରିଜନ, ଅମରନାଥବସ୍ତି



“ ଝିଅକୁ ୭ଦିନ ହେଲା ଡେଙ୍ଗୁ ହୋଇଥିଲା। ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଛି। କର୍ତ୍ତୃପକ୍ଷଙ୍କ ନିକଟରେ ନାଳନର୍ଦ୍ଦମା ସଫେଇ କରିବାକୁ ବାରମ୍ବାର ଦାବି କରାଗଲେ ମଧ୍ୟ କେହି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ମୋ ପରିବାର ବ୍ୟତୀତ ଅନ୍ୟ ଲୋକ ଏହି ବସ୍ତିରେ ପୀଡ଼ିତ ହେଉଛନ୍ତି।

–ଉଦୟ ପାଶ୍ୱାନ, ରୋଗୀଙ୍କ ପରିଜନ, ଗୋପବନ୍ଧୁପାଲୀ



“ ବସ୍ତିମାନଙ୍କରେ ସଫେଇ ଠିକ୍ ଭାବେ ହେଉ ନ ଥିବା ଯୋଗୁ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଫଗିଂ ଓ ନାଳନର୍ଦ୍ଦମାରେ ମଶା ନିରୋଧ ତେଲ ସିଞ୍ଚନ କରାଯାଉନି। ତେଣୁ ମଶାବଂଶ ବୃଦ୍ଧି ପାଉଛି।

–ବିକାଶ ଜେନା, ବିଜେଡି ନେତା

## ଦ୍ୱିତୀୟ ଦିବସରେ ଷ୍ଟାଫ୍ ନର୍ସଙ୍କ ଧାରଣା



ଆରଜିଏଚ୍ ପରିସରରେ ଷ୍ଟାଫ୍ ନର୍ସମାନେ ଧାରଣାରେ ବସିଛନ୍ତି।

ରାଉରକେଲା,୨୨।୮(ସଙ୍ଗୀତା ଜେନା)

ଓଡ଼ିଶା ନର୍ସିଂ ଏମ୍ପ୍ଲଇଜ୍ ଆସୋସିଏଶନ (ଓଏନ୍‌ଏସ୍) ପକ୍ଷରୁ ବିଭିନ୍ନ ଦାବି ନେଇ ୧୪ ତାରିଖରୁ କଳାବ୍ୟାଜ୍ ଧାରଣ କରି ପ୍ରତିବାଦ କରାଯାଉଥିଲା। ହେଲେ ଉକ୍ତ ଆନ୍ଦୋଳନକୁ ଅଧିକ ଜୋରଦାର କରିବା ପାଇଁ ବୁଧବାରଠାରୁ ଟୋକନ୍ ଷ୍ଟ୍ରାଇକ୍ ଆରମ୍ଭ ହୋଇଛି। ଗୁରୁବାର ଉକ୍ତ ଷ୍ଟ୍ରାଇକ୍ ୨ୟ ଦିବସରେ ପହଞ୍ଚିଛି। ଦାବି ପୂରଣ ନ ହେଲେ ଆଗାମୀ ୨୬ ତାରିଖରେ ତୀବ୍ର ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ଶୁକ୍ରବାର ଭୁବନେଶ୍ୱରରେ ଏ ନେଇ ରାଜ୍ୟବ୍ୟାପୀ ବିଶାଳ ରାଲି ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ଓଏନ୍‌ଏସ୍‌ର ଆରଜିଏଚ୍ ଶାଖା ଉପସଭାପତି ଚନ୍ଦ୍ରକାନ୍ତି ସା, ସମ୍ପାଦିକା ସବିତାରାଣୀ ବେହେରା, ଡିଏନ୍‌ଏସ୍ ଲଳିତା ଖାଲଖୋ, ଯୁଗ୍ମ ସମ୍ପାଦିକା ପ୍ରମୋଦିନୀ ମହାପାତ୍ର, ଯୁଗ୍ମ କୋଷାଧ୍ୟକ୍ଷ ସୁକେଶିନୀ ଲେଙ୍କା, ତନୟା ମାଝୀ, ହିମାନୀ କୁଲୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଆସ'। ୨୬ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୨୭ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ୭୨ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ



ଆରଏସ୍‌ପି କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପି ପକ୍ଷରୁ ଇସ୍ପାତ ଷ୍ଟାଡିୟମଠାରେ ଆୟୋଜିତ ଏକ ସମ୍ମାନ ସମାରୋହରେ ଆରଏସ୍‌ପିର ୭୨ଜଣ କର୍ମଚାରୀଙ୍କୁ ନେହେରୁ ବିଶିଷ୍ଟ କର୍ମଚାରୀ–୨୦୨୩ ପୁରସ୍କାର ପ୍ରଦାନ କରାଯାଇଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ କର୍ମଚାରୀଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। କର୍ମଚାରୀମାନେ ନିଜ ଜୀବନସାଥୀଙ୍କ ଉପସ୍ଥିତିରେ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କୃତ ହୋଇଥିବା ବିଜେତାମାନଙ୍କୁ ପୁରସ୍କାର ଆକାରରେ ସୋଡେକ୍ସୋ କାର୍ଡ ଯୋଗେ ୧୦ହଜାର ଟଙ୍କାର ପୁରସ୍କାର ରାଶି ଓ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର କର୍ମଚାରୀମାନଙ୍କୁ ନିଜ ନିଜର କାର୍ଯ୍ୟ ଅଞ୍ଚଳରେ ପ୍ରତିବଦ୍ଧତା, ସମର୍ପିତ ପ୍ରୟାସ, ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ, କାରଖାନାର ଉତ୍ପାଦନ, ଉତ୍ପାଦକତା ଓ ବୈଷୟିକ ଅର୍ଥନୈତିକ ପରିମାପକତାର ଉନ୍ନତିରେ ରହିଥିବା ବରିଷ୍ଠ ଯୋଗଦାନ ହେତୁ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ସେପ୍ଟେମ୍ବର ୧୫ରେ ହେବ କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ସହରରେ ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀପୂଜା ଆଦିର ସୁପରିଚାଳନା ଲାଗି କେନ୍ଦ୍ରୀୟ ପୂଜା କମିଟି (ସିପିସି) ନିର୍ବାଚନ ସେପ୍ଟେମ୍ବର ୧୫ତାରିଖରେ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଏନେଇ ଗୁରୁବାର ଆରଏମ୍‌ସି ସମ୍ମିଳନୀ କକ୍ଷରେ ଆୟୋଜିତ କେନ୍ଦ୍ରୀୟ ପୂଜା କମିଟି ବୈଠକରେ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଅଧ୍ୟକ୍ଷତା କରି ନିର୍ବାଚନ ତାରିଖ ଘୋଷଣା କରିଥିଲେ। ସେ କହିଥିଲେ, ରାଉରକେଲା କେନ୍ଦ୍ରୀୟ ପୂଜା କମିଟିକୁ ସିଭିଲ ଟାଉନଶିପ୍ ଜୋନ, ଷ୍ଟିଲ ଟାଉନଶିପ୍ ଜୋନ ଏବଂ ଫର୍ଟିଲାଇଜର ଟାଉନଶିପ୍ ଏହିପରି ମୋଟ ୩ଟି ଜୋନରେ ବିଭକ୍ତ କରାଯାଇଛି। ଏହି ୩ଟି ଜୋନ ପାଇଁ ଧାର୍ଯ୍ୟ ତାରିଖରେ ଉପସଭାପତି, ଯୁଗ୍ମ ସଚିବ ଓ ଦୁଇ ଜଣ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନରେ ଭାଗ ନେବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନେ ସେପ୍ଟେମ୍ବର ୧ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାଉରକେଲା ଆଇଟିଡିଏ ସମ୍ମିଳନୀ କକ୍ଷରେ ନାମାଙ୍କନପତ୍ର ଦାଖଲ କରିବେ। ଅପରାହ୍ନ ୫ଟାରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ସେପ୍ଟେମ୍ବର ୨ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ ଏବଂ ସନ୍ଧ୍ୟା ୫ଟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ତେବେ ଏହି ନିର୍ବାଚନରେ ରାଉରକେଲାର ପ୍ରତ୍ୟେକ ପୂଜା କମିଟି ସଭାପତି କିମ୍ବା ସଚିବ ନିଜର ମତଦାନ ସାବ୍ୟସ୍ତ କରିପାରିବେ। ତେବେ ପୂଜା କମିଟି ନିର୍ବାଚନରେ ନିର୍ବାଚିତ ନୂତନ ସଦସ୍ୟଙ୍କ କାର୍ଯ୍ୟକାଳ ଏକବର୍ଷ ରହିବ ବୋଲି ଏଡିଏମ୍ କୁଲକର୍ଣ୍ଣି କହିଥିଲେ। ବୈଠକରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କ ସମେତ ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।

### ସରକାରୀ ଆରକ୍ଷୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

ରାଉରକେଲା,୨୨।୮(ଦିନେଶ ମିଶ୍ର): ରାଉରକେଲା ଲାୟନ୍ସ କ୍ଲବ ସହଯୋଗରେ ସରକାରୀ ଆରକ୍ଷୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲା ଗଭର୍ନର ଲାୟନ୍ସ ରାକେଶ କୁମାର ସିଂହ, ରାଉରକେଲା ବେଦବ୍ୟାସ ଗ୍ରେଟର ସଭାପତି ପ୍ରକାଶ ଚନ୍ଦ୍ର ଧଳ, ତ୍ରିବେଣୀ ସଭାପତି ପ୍ରମୋଦ କୁମାର ନାତୁଲ୍ୟ, ବେଦବ୍ୟାସ ଗ୍ରେଟରର ସମ୍ପାଦକ ଉଦୟ ପ୍ରକାଶ ସିଂହ, ଶୁଶିଲ କୁମାର ରାଉତ, ଶ୍ରୀଧର ମଲ୍ଲିକ, ରାଜେଶ ସାହାଣୀ, ସୌଭାଗ୍ୟ ସାହାଣୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା, ସବିତା ହୋତା ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ଏସ୍‌ପି ପକ୍ଷରୁ ଆୟୋଜିତ ମକ୍ ଡ୍ରିଲ।

## ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ ପାଇଁ ମକ୍ ଡ୍ରିଲ୍

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ)

ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ କରିବା ଓ କାର୍ଯ୍ୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରିତାକୁ ଆକଳନ କରିବା ଉଦ୍ଦେଶ୍ୟରେ ଆରଏସ୍‌ପି ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ ମକ୍‌ଡ୍ରିଲ ଆୟୋଜିତ ହୋଇଯାଇଛି। ବୈଧାନିକ ଆବଶ୍ୟକତା ଅନୁଯାୟୀ ଏହି ମକଡ୍ରିଲ ୱାଗଡ ୱାର୍କଶପ୍‌ର ପଶ୍ଚାତ ଭାଗରେ ଅଗ୍ନିକାଣ୍ଡ ଓ ବିସ୍ଫୋରଣର କାଳ୍ପନିକ ଦୃଶ୍ୟ ଉପରେ କେନ୍ଦ୍ରୀଭୂତ ହୋଇଥିଲା। ଏହି ଅବସରରେ ଟ୍ରାଫିକ ବିଭାଗର ସିଜିଏମ କୌଶିକ ସୁନ୍ୟାନି, ଅଗ୍ନିଶମ ବିଭାଗର ଡିଜିଏମ ଏମ୍. ଆଇ ଶଙ୍କୁସାରେ, ଟ୍ରାଫିକ ଏଣ୍ଡ କଞ୍ଚାମାଲ ବିଭାଗ ଏଜିଏମ ଏସ. ଆଇ ମାଲ୍ୟବନ୍ତ, ଟ୍ରାଫିକ ଏବଂ କଞ୍ଚାମାଲ ବିଭାଗର ସିନିୟର ମ୍ୟାନେଜର ବିନାୟକ ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ତିନୋଟି ଦଳ ଯଥା କମ୍ବାଟ ଦଳ, ରେସକ୍ୟୁ ଦଳ ଏବଂ ସହାୟକ ଦଳ ସାମିଲ ହୋଇଥିଲେ। ଏହି ଦଳଗୁଡିକ ଟ୍ରାଫିକ ଏଣ୍ଡ କଞ୍ଚାମାଲ ଏବଂ ଅଗ୍ନିଶମ ସେବା ବିଭାଗର ପ୍ରତିନିଧିଙ୍କୁ ନେଇ ଗଠିତ ହୋଇଥିଲା। ମକ୍‌ଡ୍ରିଲ କାଳୀନ ବିଭିନ୍ନ ଏଜେନ୍ସିର ପ୍ରତିକ୍ରିୟା ସମୟ ଏବଂ ଅଗ୍ନିକାଣ୍ଡ ଘଟଣା ସହିତ ଜଡିତ ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ନିୟମାବଳୀ ଅନୁପାଳନ ବିଷୟରେ ନିର୍ଦ୍ଦିଷ୍ଟ ମୂଲ୍ୟାଙ୍କନ କରାଯାଇଥିଲା। ସମସ୍ତ ସହଯୋଗୀ ୟୁନିଟ୍‌ଗୁଡିକର ମୁଖ୍ୟ ଓ ପ୍ରତିନିଧିମାନଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ମକ୍‌ଡ୍ରିଲ ବିଶ୍ଳେଷଣ କରାଯାଇଥିଲା। ଏଥିସହ ସାମର୍ଥ ଓ ଉନ୍ନତିସାଧ ବିଷୟବସ୍ତୁ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏକ ଉଚ୍ଚସ୍ତରର ପ୍ରସ୍ତୁତି ବଜାୟ ରଖିବା ଏବଂ ଯେକୌଣସି ଅପ୍ରତ୍ୟାଶିତ ସ୍ଥିତିର ପ୍ରଭାବଶାଳୀ ଭାବେ ସମାଧାନ କରିବା ପାଇଁ ଆର୍‌ଏସ୍‌ପି ପକ୍ଷରୁ ନିୟମିତ ଭାବେ ବିଭିନ୍ନ ରଣନୀତିକ ୟୁନିଟଗୁଡିକରେ ଏହିପରି ମକ୍ ଡ୍ରିଲ ଆୟୋଜନ କରାଯାଇଆସୁଛି।

## ଦିବଂଗତ ଡାକ୍ତରୀ ଛାତ୍ରୀଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ରାଉରକେଲା,୨୨।୮(ଦିନେଶ ମିଶ୍ର)

କଲିକତାରେ ବଳାତ୍କାର ଶିକାର ହୋଇ ମୃତ୍ୟୁବରଣ କରିଥିବା ଡାକ୍ତରୀ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସାମାଜିକ ଅନୁଷ୍ଠାନ ମାଣିକ ଫାଉଣ୍ଡେଶନ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଇସ୍ପାତ ମାର୍କେଟରୁ ବାହାରି ପରିବା ମାର୍କେଟ ଦେଇ ଆଇଜିଏଚ୍ ଗେଟ୍‌ଠାରେ ପହଞ୍ଚିଥିଲା। ଏହି ଅବସରରେ ବଳାତ୍କାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦାବି କରାଯାଇଥିଲା। ସେହିପରି ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ନୀରବ ପ୍ରାର୍ଥନା କରାଯାଇଥିଲା। ମାଣିକ ଫାଉଣ୍ଡେଶନ ସଭାପତି କାମିନୀ ମହନ୍ତଙ୍କ ନେତୃତ୍ୱ ଓ ପ୍ରତିଷ୍ଠାତା କାର୍ତ୍ତିକ ରାଉତଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲଲାଟେନ୍ଦୁ ଆଚାର୍ଯ୍ୟ, ସମାଜସେବୀ ସୁଧୀର ସୁନ୍ଦର ରାୟ, ସମରକାନ୍ତ ମଲ୍ଲିକ, ସଲିଳ ସାହୁ, ରାକେଶ ପଣ୍ଡା, କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ବାଂଲାଦେଶୀ ସନ୍ଦେହରେ ମାଡ଼ ମାମଲା: ୪ ଗିରଫ

ରାଉରକେଲା,୨୨।୮(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ସେକ୍ଟର–୨୧ ନୟାବଜାର ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ବାଲାଂଦେଶୀ ସନ୍ଦେହରେ ଯୁବକଙ୍କୁ ନିସ୍ଥୁକ ମାଡ଼ ମାମଲାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗୁରବାର ଅପରାହ୍ନରେ ଉକ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୬୬୮/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, ଛେଣ୍ଡର ଲେବର ସପ୍ଲାୟର ସୁମନ ସିଂହଙ୍କ କିଛି ପଶ୍ଚିମବଙ୍ଗର ଶ୍ରମିକ ସେକ୍ଟର–୨୧ରେ ରହୁଥିଲେ ଏବଂ ସେମାନେ ଆର୍‌ଏସ୍‌ପିରେ ଠିକା ଶ୍ରମିକ କାମ କରୁଥିଲେ। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ୧୦/୧୫ ଜଣ ଯୁବକ ସେମାନଙ୍କୁ ବାଂଲାଦେଶୀ କହି ନିସ୍ଥୁକ ମାଡ଼ ମାରିବା ସହ ଭୁଜାଲିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେବେ ଜୀବନ ବଞ୍ଚାଇ ୨ଜଣ ଶ୍ରମିକ ଘଟଣାସ୍ଥଳରୁ ପଳାଇ ଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଛି।

## ତ୍ରିଦିବସୀୟ ପାଲା ସମ୍ମିଳନୀ ଉଦ୍‌ଯାପିତ

ରାଉରକେଲା,୨୨।୮(ଦିନେଶ ମିଶ୍ର)

ଗୋପବନ୍ଧୁ ପାଠାଗାର ଓ ଛେଣ୍ଡ ସାଂସ୍କୃତିକ ସଂଘର ମିଳିତ ସହଯୋଗରେ ୩ ଦିନ ଧରି ଚାଲିଥିବା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ଓ ପାଲା ଗାୟକ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ବାଗ୍ମୀ କୃଷ୍ଣକେଶବ ଷଡଙ୍ଗୀ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ପରବର୍ତ୍ତୀ ଦୁଇ ଦିନ ଶ୍ରୀନିଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦର ସୁନ୍ଦରଗଡ ଜିଲା ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ୩ ଦିନରେ ମନୋରଞ୍ଜନ କର, ଅନିରୁଦ୍ଧ ପଣ୍ଡା, ଗୋପାଳ ପରିଡା, ଧୀରେନ୍ଦ୍ର କର, ସୁଜାତା ସ୍ୱାଇଁ, କଳ୍ପଲତା ରାଉତ, ବିଧୁଭୂଷଣ ପଣ୍ଡା, ଓ ବାସୁଦେବ ପଣ୍ଡା ପ୍ରମୁଖ ୯ଜଣ ଗାୟକ ପାଲା ପରିବେଷଣ କରିଥିଲେ। ଏଥିରେ ଉପେନ୍ଦ୍ର ନନ୍ଦ, ବୀରେନ୍ଦ୍ର କର, ନଳିନୀ ପାଣିଗ୍ରାହୀ, ଗୋଲକ ରାଉତା, ଶ୍ରୀନିବାସ ରଣାଙ୍କ ସହ ୨୦ ଜଣ ସଙ୍ଗୀତଜ୍ଞ ଓ ପାଳିଆ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଦିବସରେ ଇଞ୍ଜିନିୟର ସନ୍ତୋଷ କୁମାର ମିଶ୍ର, ଇଞ୍ଜିନିୟର ଅଭୟ କୁମାର ଦାସ, ଦିଲୀପ ମହାପାତ୍ର, ନଳିନୀପ୍ରଭା ପଟ୍ଟନାୟକ, ଶର୍ମିଷ୍ଠା କବି ଶତପଥୀ, ମହେନ୍ଦ୍ର କୁମାର ପଟ୍ଟନାୟକ, ଅର୍ଚ୍ଚନା ଶତପଥୀ, ଇଞ୍ଜିନିୟର ନବଘନ ସାହୁ ଓ ଅଜିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଦିବସରେ ସବୁ କଳାକାରମାନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପାଲା ଗାୟକ ପରିଷଦ ସଭାପତି ରାଜୀବ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋପବନ୍ଧୁ ପାଠାଗାରର କର୍ମକର୍ତ୍ତା ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ପାଲା କଳାକାର।

## ଉନ୍ନତ ସ୍ୱାସ୍ଥ୍ୟ, ଶିକ୍ଷା ହାସଲ ପାଇଁ ଅଭିନବ ଚିନ୍ତାଧାରା ସୃଷ୍ଟି ଲକ୍ଷ୍ୟ

### ଏନ୍‌ଆଇଟି ପକ୍ଷରୁ ବିକାଶ ଭାରତ ୨୦୪୭ କର୍ମଶାଳା

ରାଉରକେଲା,୨୨।୮(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ମାନବିକତା ଏବଂ ସାମାଜିକ ବିଜ୍ଞାନ ବିଭାଗ ପକ୍ଷରୁ ବିକାଶ ଭାରତ ୨୦୪୭ କର୍ମଶାଳା ଗୁରୁବାର ଏନ୍‌ଆଇଟି ସିନେଟ୍ ହଲ୍‌ରେ ଆୟୋଜିତ ହୋଇଯାଇଛି। ଆଗାମୀ ୨୦୪୭ ସୁଦ୍ଧା ଭାରତରେ ଉନ୍ନତ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ହାସଲ ପାଇଁ ଅଭିନବ ଚିନ୍ତାଧାରା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖି ଉକ୍ତ କର୍ମଶାଳା କରାଯାଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ଏସ୍‌ସିଏସ୍‌ଟିଆର୍‌ଟିଆଇର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓଟା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସୁନ୍ଦରଗଡ଼ ଜିଲା ପାଇଁ ଆବଶ୍ୟକ ସହାୟତା ଯୋଗାଇବା, ସ୍ୱାସ୍ଥ୍ୟ ତଥା ଶିକ୍ଷାଗତ ଭିତ୍ତିଭୂମି ଫାଟକୁ ଦୂର କରି ଇଣ୍ଟିଗ୍ରେଟେଡ୍ ଆଦିବାସୀ ବିକାଶ ଏଜେନ୍ସି (ଆଇଟିଡିଏ)କୁ ମଜଭୁତ କରିବା ଦରକାର। ଏହି ପ୍ରୟାସକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ପରି ପଦକ୍ଷେପ ସହ ସମନ୍ୱିତ କରାଯିବା ଏବଂ ପ୍ରଭାବଶାଳୀ ଭାବେ ସମର୍ଥନ କରିବା ଉଚିତ୍। ଜିଲାସ୍ତରରେ ସିଏସ୍‌ଆର୍ ପାଣ୍ଠି ବ୍ୟବହାର, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବୃଦ୍ଧି କରିବାକୁ ଓଟା ଗୁରୁତ୍ୱାରୋପ କରିଥିଲେ। ୟୁନିସେଫ୍‌ର ପୁଷ୍ଟିକର ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ପୁଷ୍ଟିକର ପୁଞ୍ଜିନିବେଶ: ବର୍ଦ୍ଧିତ ସ୍ୱାସ୍ଥ୍ୟ ପାଇଁ ରଣନୀତି ଏବଂ ସ୍ୱାସ୍ଥ୍ୟସେବା ଖର୍ଚ୍ଚରେ ହ୍ରାସ ପାଇଁ ପଦକ୍ଷେପ ଶୀର୍ଷକ ଉପସ୍ଥାପନ କରିଥିଲେ। ସେହିପରି ଡ. ରତ୍ନାକର ଦାସ ସ୍ୱାସ୍ଥ୍ୟସେବା ପ୍ରଯୁକ୍ତିର ଭବିଷ୍ୟତ ଉପରେ ମୂଲ୍ୟବାନ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। ଏନ୍‌ଆଇଟି ରାଉରକେଲା ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ ସରକାର ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ଉପସ୍ଥାପନ କରି ଆଲୋଚନା କରିଥିଲେ। ଜନସଂଖ୍ୟା ବୃଦ୍ଧି, କୃଷି ସମସ୍ୟା, ପରିବେଶ ପ୍ରଦୂଷଣ, ଜଳବାୟୁ ସଙ୍କଟ, ବେକାରୀ ସମସ୍ୟା, ନିମ୍ନ ଜୀବନଧାରଣ ମାନ, ପୁଷ୍ଟିହୀନତା, ଲିଙ୍ଗଗତ ବ୍ୟବଧାନ, ମାତୃ ଓ ଶିଶୁ ମୃତ୍ୟୁହାର ଆଦି ସମ୍ପର୍କରେ ପ୍ରଫେସର ସରକାର ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଜଳନ୍ଧର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ, ସାମଗ୍ରିକ ଉଚ୍ଚ ଗୁଣାତ୍ମକ, ସୁଲଭ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ହାସଲ ପାଇଁ ବିଭିନ୍ନ ସାମାଜିକ ଏବଂ ଆର୍ଥିକ ଆହ୍ୱାନର ମୁକାବିଲା କରିବା ଏହି କାର୍ଯ୍ୟର ଉଦ୍ଦେଶ୍ୟ ଅଟେ। ପକ୍କାଘର, ସ୍ୱାସ୍ଥ୍ୟସେବା ଖର୍ଚ୍ଚହ୍ରାସ କରିବା, ସ୍କୁଲମାନଙ୍କରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ବିଶେଷ କରି ସରକାରୀ ଯୋଜନାରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବା ଉଚିତ ବୋଲି ପ୍ରଧାନ କହିଥିଲେ। ସେହିପରି ରେଜିଷ୍ଟ୍ରାର ରୋହନ ଧୀମାନ୍ ଜୀବନରେ ପ୍ରତିଦିନ ସାଧନର ପୁନଃବ୍ୟବହାର ତଥା ଖାଦ୍ୟ, ଜଳ ଓ ବିଦ୍ୟୁତ୍ ଅପଚୟ ରୋକିବା ଦିଗରେ ଦାୟିତ୍ୱବାନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗୋଷ୍ଠୀ ଆଲୋଚନା କରାଯାଇଥିଲା। ଶିକ୍ଷାଗତ ପ୍ରସଙ୍ଗରେ ପରିବର୍ତ୍ତନକୁ କାର୍ଯ୍ୟକାରୀ କରିବା ଏବଂ ଚାଲୁଥିବା ସହଯୋଗ ଓ ଜ୍ଞାନ ପ୍ରସାରଣ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ଶେଷରେ ଅଂଶଗ୍ରହଣକାରୀଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା।



ସିନେଟ୍ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଂଶଗ୍ରହଣକାରୀ।

**ସଂକ୍ଷେପରେ**

## ୨୪ରେ ସହରରେ ବିଦ୍ୟୁତ୍ ଯୋଗାଣ ବନ୍ଦ

ସମ୍ବଲପୁର,୨୨।୮(ବି.ଶଙ୍କର)

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଡିଏଲ୍ ପକ୍ଷରୁ ଅଇଁଠାପାଲି ନିକଟବର୍ତ୍ତୀ ୩୩ କେଭି ଫିଡର୍ ଲାଇନର ରକ୍ଷଣାବେକ୍ଷଣ କାର୍ଯ୍ୟ ହେବ। ଜନସାଧାରଣଙ୍କ ସୁରକ୍ଷା ପାଇଁ ସମ୍ବଲପୁର ସହର ଅନ୍ତର୍ଗତ ଅଇଁଠାପାଲି, ଭାଲୁପାଲି, ବୁଢାରଜା, ପ୍ରଧାନପଡ଼ା, ଅନୁଗୁଳିଆପଡ଼ା, ଏସଆରଆଇଟି କଲୋନୀ, ଜଗନ୍ନାଥ କଲୋନୀ, ଫାଟକ, ଚେରୁଆପଡ଼ା, ବଲବସପୁର, ସମଲେଇଶ୍ୱରୀ ମନ୍ଦିର ଅଞ୍ଚଳ, ବାଲିବନ୍ଧା, ପଟ୍ଟନାୟକପଡ଼ା, ମୁଦିପଡ଼ା, ଲେବର କଲୋନୀ, ରେଲୱେ କଲୋନୀ, ବଙ୍ଗାଳିପଡ଼ା, ବଡ଼ବଜାର, ଲକ୍ଷ୍ମୀଡୁଙ୍ଗୁରୀ, ଦୁର୍ଗାପାଲି, ସହଯୋଗ ନଗର, ରେମେଡ଼, ବରେଇପାଲି, ଏବଂ କ୍ଷେତ୍ରରାଜପୁର ଆଦି ଅଞ୍ଚଳରେ ଆସନ୍ତା ୨୪ତାରିଖ ଶନିବାର ସକାଳ ୮ ଟାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍, କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ଏହି ସୂଚନା ଦେଇଛନ୍ତି। ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳର ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ୩ ବର୍ଷ ବିତିଲା, କାମ ସରୁନି

**ଚାରଭାଟି-ଧନୁପାଲି ରାସ୍ତା ଦୋହରୀକରଣ କାମ**

- ନିର୍ମାଣ ସରିଥିବା ଦ୍ୱିତୀୟ ସେତୁରେ ଜମା କରାଯାଉଛି ବାଲି, ଗେଟି
- ଜମି ଅଧିଗ୍ରହଣ କାରଣରୁ ସରୁନି କାମ: ଅଧୀକ୍ଷଣ ଯନ୍ତ୍ରୀ

ସମ୍ବଲପୁର,୨୨।୮(ଭବାନୀ ଶଙ୍କର ଭୋଇ)


ହରଡ଼ଯୋର ବ୍ରିଜ୍‌ରେ ବାଲି ଓ ଗେଟି ଗଦା କରି ରଖାଯାଇଛି।

ଚାରଭାଟି-ଧନୁପାଲି ରାସ୍ତାରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ୩ ବର୍ଷ ତଳେ ଆରମ୍ଭ ହୋଇଥିଲା କାମ। ଏହିକ୍ରମରେ ହରଡଯୋରରୁ ଧନୁପାଲିକୁ ସଂଯୋଗ କରୁଥିବା ରାସ୍ତାର ଦୋହରୀକରଣ କାମ ଏବେବି ଚାଲିଛି। ଗୋବିନ୍ଦତୋଲା ଛକରେ ରାସ୍ତା ଦୋହରୀ କରଣ ପାଇଁ ଘରଗୁଡିକ ଭଙ୍ଗାଯାଇଥିଲେ ହେଁ କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ସମ୍ବଲପୁରର ଏହା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ସତ୍ତ୍ୱେ ଏହାକୁ ଯେଭଳି ତତ୍ପରତାର ସହ କାମ ଶେଷ କରିବା କଥା ତାହା ପୂର୍ତ୍ତ ବିଭାଗ କରୁ ନ ଥିବା ପରିଲକ୍ଷିତ ହେଉଛି। ହରଡଯୋର ବ୍ରିଜ କାମ ସରିଥିଲେ ହେଁ ତାହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ। ଅପରପକ୍ଷରେ ଦୋହରୀକରଣ କାମ କରିଥିବା ଠିକାଦାର ବ୍ରିଜରେ ବାଲି, ଗେଟି ଇତ୍ୟାଦି ଜମା କରି ରଖୁଛନ୍ତି। ଫଳସ୍ୱରୂପ ପୁରୁଣା ବ୍ରିଜ ଉପରେ ଉଭୟ ପଟୁ ଆସୁଥିବା ଯାନବାହାନଗୁଡିକ ଯିବା ଆସିବା କରିବାକୁ ବାଧ ହେଉଛନ୍ତି। ସରକାରୀ ପାଣ୍ଠିରେ ବ୍ରିଜ ନିର୍ମାଣ ହେବା ପରେ ବି ଲୋକଙ୍କ କାମରେ ଲାଗି ନ ପାରିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମାନସ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାସ୍ତା ସମ୍ପ୍ରସାରଣରେ କିଛି ବ୍ୟକ୍ତିଗତ ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି। ଜମି ଅଧିଗ୍ରହଣ ପରେ ରାସ୍ତା ଦୋହରୀକରଣ ହେଲେ ହରଡଯୋରର ନବନିର୍ମିତ ଦ୍ୱିତୀୟ ବ୍ରିଜ କାର୍ଯ୍ୟକ୍ଷମ ହୋଇ ପାରିବ। ତେବେ ବ୍ରିଜ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ବ୍ରିଜ ଉପରେ ରାସ୍ତା କାମ କରୁଥିବା ଠିକାଦାର ବାଲି, ଗୋଡି ଆଦି ନିର୍ମାଣ ସାମଗ୍ରୀ ରଖୁଛନ୍ତି। ତେବେ ଠିକାଦାରଙ୍କୁ ଅନ୍ୟତ୍ର ନିଜ ସାମଗ୍ରୀ ରଖିବାକୁ କୁହାଯିବ ଏବଂ ଯଥାଶୀଘ୍ର ବ୍ରିଜକୁ କାର୍ଯ୍ୟକ୍ଷମ କରିବା ବ୍ୟବସ୍ଥା କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ସେଠୀ କହିଛନ୍ତି।

# ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର, ୨୨।୮(ପ୍ରମୋଦ ବହିଦାର)

**ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ନିର୍ଯାତନା**

ଜଣେ ୧୨ ବର୍ଷର ନାବାଳକଙ୍କୁ ଅପ୍ରାକୃତିକ ଯୌନ ନିର୍ଯାତନା ମାମଲାର ବିଚାର କରି ସମ୍ବଲପୁର ପୋକ୍‌ସୋ ଅଦାଲତ ଗୁରୁବାର ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ସୁମନ୍ତ ପ୍ରଧାନଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ପୋକ୍‌ସୋ ଆଇନ ଦଫା ୪ରେ ଅଭିଯୁକ୍ତଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅର୍ଥ ଅନାଦାୟ ଉଭୟ ମାମଲାରେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଲେଖାଏ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଶୁଣାଯାଇଛି। ତେବେ ଅଭିଯୁକ୍ତଙ୍କୁ ଉଭୟ ଦଣ୍ଡବିଧାନ ଏକସଙ୍ଗେ ଭୋଗିବାକୁ ସେ ତାଙ୍କ ରାୟରେ ପ୍ରକାଶ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୧୪ ମେ ୨୩ ତାରିଖରେ ଲୁହାପଙ୍କ ପଞ୍ଚାୟତ ଅଫିସ ନିକଟକୁ ପୀଡ଼ିତ ନାବାଳକ ତାଙ୍କର ଅନ୍ୟ ତିନି ବନ୍ଧୁଙ୍କ ସହିତ ଆମ୍ବ ଗୋଟାଇବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ସୁମନ୍ତ ସମ୍ପୃକ୍ତ ନାବାଳକଙ୍କୁ ପଞ୍ଚାୟତ ଅଫିସ ପଛପଟକୁ ନେଇ ତାଙ୍କ ସହିତ ବଳପୂର୍ବକ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ କରିଥିଲେ। ଏହାଦେଖି ତାଙ୍କ ବନ୍ଧୁମାନେ ସେଠାରୁ ପଳାଇ ଆସି ଗ୍ରାମର ଲୋକଙ୍କୁ ଘଟଣା ସମ୍ପର୍କରେ ଖବର ଦେଇଥିଲେ। ଗ୍ରାମର କେତେଜଣ ଲୋକେ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରିବା ସହ ତାଙ୍କ ମାତାପିତାଙ୍କୁ ଖବର ଦେଇଥିଲେ। ଏହି ସମୟରେ ସୁଯୋଗ ଦେଖି ଅଭିଯୁକ୍ତ ସେଠାରୁ ଫେରାର ହୋଇ ଯାଇଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ପୀଡ଼ିତଙ୍କ ମା' ରେଢ଼ାଖୋଲ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ରେଢ଼ାଖୋଲ ଥାନାରେ ଦଫା ୩୭୭, ପୋକ୍‌ସୋ ଆଇନ ଦଫା ୪ରେ ଏକ ମାମଲା (ନଂ. ୬୪/୧୪)ରୁଜୁ କରି ପୋଲିସ ଘଟଣାର ତଦନ୍ତ କରିଥିଲା। ଫେରାର ଅଭିଯୁକ୍ତ ସୁମନ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ବିଚାର ପୂର୍ବକ ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ସେନାପତି ୧୧ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ରାୟ ଶୁଣାଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ଏହି ମାମଲା ପରିଚାଳନା କରୁଥିଲେ।

## ଭିଜିଲାନ୍ସ ଜାଲରେ କୃଷି ବିଭାଗ ଲାବ୍ ଟେକ୍ନିସିଆନ

ବ୍ରଜରାଜନଗର/ଝାରସୁଗୁଡ଼ା, ୨୨।୮(ବିଜୟ ବରାଡ଼/ସଞ୍ଜୟ ମାଲି)

ଚୁକ୍ତିଭିତ୍ତିକ ଜଣେ କର୍ମଚାରୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଝାରସୁଗୁଡ଼ା ଜିଲା କୃଷି ବିଭାଗ ଲାବ୍ ଟେକ୍ନିସିଆନ ଗଣେଶ କଳସର। କୃଷି ବିଭାଗରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଗତ କିଛି ଦିନତଳେ କର୍ତ୍ତବ୍ୟରେ ଅବହେଳା ପାଇଁ ଚାକିରିରୁ ବାହାର କରି ଦିଆଯାଇଥିଲା।


ଗଣେଶ କଳସର।

ସମ୍ପୃକ୍ତ କର୍ମଚାରୀଙ୍କୁ ପୁଣି ଥରେ ଚାକିରିରେ ଯୋଗଦେବା ପାଇଁ ଗଣେଶ ୫୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଭିଯୋଗକାରୀ ଘଟଣା ସମ୍ପର୍କରେ ରାଉରକେଲା ସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଗୁରୁବାର ପୂର୍ବାହ୍ନରେ ଗଣେଶ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ପରେ ଗଣେଶଙ୍କଠାରୁ ଭିଜିଲାନ୍ସ ଟିମ୍ କେମିକାଲ ରଙ୍ଗବୋଳା ଟଙ୍କା ଜବତ କରିଥିଲା। ଗଣେଶଙ୍କୁ ଅଟକ ରଖି ଭିଜିଲାନ୍ସ ଅଧିକ ପଚରାଉଚରା କରୁଛି।


କାଦୁଅ ରାସ୍ତାରେ ଧାନ ତଳି ରୋଇ ପ୍ରତିବାଦ କରୁଛନ୍ତି ଗ୍ରାମବାସୀ।

# ତଳି ରୋଇ ପ୍ରତିବାଦ ଜଣାଇଲେ ମହିଳା

କୁଚିଣ୍ଡା,୨୨।୮(ବିରଞ୍ଚି ଦର୍ଶୀ)

**ସାନଜଟିଆପାଲି ଗ୍ରାମ ରାସ୍ତାରେ ଆଣ୍ଠୁଏ କାଦୁଅ**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତ ଅନ୍ତର୍ଗତ ସାନଜଟିଆପାଲି ଗ୍ରାମରେ ବର୍ଷା ଦିନେ ଆଣ୍ଠୁଏ କାଦୁଅରେ ଗ୍ରାମକୁ ପଶିବାକୁ ପଡିଥାଏ। ଏହି କାଦୁଅରେ ରାସ୍ତାରେ ପ୍ରତିଦିନ ସ୍କୁଲପିଲା ଓ ଗ୍ରାମବାସୀ ଯାତାୟାତ କରନ୍ତି। ପ୍ରତିବର୍ଷ ଗ୍ରାମ ସଭା ଓ ପଲ୍ଲୀସଭାରେ ଏହି ରାସ୍ତା ପାଇଁ ପ୍ରସ୍ତାବ ଦିଆଯାଉଛି। ଏପରକି ଏନେଇ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରାଯାଇଛି। ହେଲେ ଏଥିପ୍ରତି ପଞ୍ଚାୟତ କିମ୍ବା ବ୍ଲକ କର୍ତ୍ତୃପକ୍ଷ ଆନ୍ତରିକତା ଦେଖାଇ ନାହାନ୍ତି। ଏହାର ପ୍ରତିବାଦରେ ଗୁରୁବାର ଗ୍ରାମର ମହିଳା ପୁରୁଷ ରାସ୍ତାରେ ଧାନ ତଳି ରୋଇ ପ୍ରଶାସନ ଓ ସରକାରଙ୍କୁ ପ୍ରତିବାଦ ଜଣାଇଛନ୍ତି। ଗ୍ରାମର ପ୍ରାଥମିକ ସ୍କୁଲ ବନ୍ଦ ହୋଇଯିବାରୁ ପିଲାମାନେ ପାରୁଆଭାଡିକୁ ପଢିବାକୁ ଯିବା ଆସିବା କରନ୍ତି। ସାଇକେଲ, ଗାଡି ମୋଟର ଦୂରକଥା ଚାଲି କରିଯିବା ମଧ୍ୟ ମୁସ୍କିଲ ହୋଇଛି। ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନଯିବାରୁ ଗ୍ରାମବାସୀ ଗୁରୁବାର କାଦୁଅ ରାସ୍ତାରେ ଧାନ ତଳି ରୋଇ ଅଭିନବ ପ୍ରତିବାଦ ଜଣାଇଛନ୍ତି। ସାନଜଟିଆପାଲି ଗ୍ରାମର ଶାନ୍ତିଲତା ପଟେଲ, କଳ୍ପନା ବଢେଇ, ପ୍ରତିମା ନାଏକ, ସନ୍ଧ୍ୟାରାଣୀ ପଟେଲ, ଶୈଳବାଳା ସାହୁ, ଦମୟନ୍ତି ପଟେଲ, ମଲ୍ଲୀ ପୃଷେଠ, ହେମଲତା ସାହୁ, କୁନ୍ତଳା ପୃଷେଠ, ନଳିନ୍ଦ୍ର ପଟେଲ, ତୀର୍ଥରାଜ ପୃଷେଠ, ଦୀପକ ପଟେଲ ପ୍ରମୁଖଙ୍କ ନେତୃତ୍ୱରେ ଏହି ତଳି ରୁଆ କାର୍ଯ୍ୟ ହୋଇଥିଲା। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରୁ ଏଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

କୁଚିଣ୍ଡା,୨୨।୮(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ମହୁଲପାଲି ଥାନା ଡୁରେଇନିକ୍ରିମାଲ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୁଚିଣ୍ଡା କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଅଭିଯୁକ୍ତ ହେଲେ ପୂର୍ଣ୍ଣଚନ୍ଦ୍ର ଲୁହୁରା ଓରଫ ବାରିକ(୪୩)। ସଞ୍ଜୀବ ନାଏକଙ୍କ ରିପୋର୍ଟ ମୁତାବକ ମହୁଲପାଲି ପୋଲିସ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣରେ ଆହତ ସଞ୍ଜୀବ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ସନ୍ଧ୍ୟାରେ ଡୁରେଇନିକ୍ରିମାଲ ଲୁହୁରାପଡାର ସଞ୍ଜୟ ନାଏକଙ୍କୁ ତାଙ୍କ ପଡାର ପୂର୍ଣ୍ଣଚନ୍ଦ୍ର ଓରଫ ବାରିକ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ବ୍ଲେଡରେ ସଞ୍ଜୟଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ କରିଥିଲେ।


ଗିରଫ ପୂର୍ଣ୍ଣଚନ୍ଦ୍ର ଲୁହୁରା।

## କୃଷକ ନେତା ଶଶିଭୂଷଣ ତ୍ରିପାଠୀଙ୍କ ପରଲୋକ

ସମ୍ବଲପୁର,୨୨।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରର ଜଣାଶୁଣା ବ୍ୟକ୍ତିତ୍ୱ ତଥା ବରିଷ୍ଠ କୃଷକ ନେତା ଶଶିଭୂଷଣ ତ୍ରିପାଠୀଙ୍କର ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ଦୁର୍ଗାପାଲି ସ୍ଥିତ ରାଜଘାଟରେ ଅପରାହ୍ନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ସଞ୍ଜିବ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ। ତାଙ୍କର ଚାରିଝିଅ ଏବଂ ଏକ ମାତ୍ର ପୁଅ ଅଛନ୍ତି। କିଛିବର୍ଷ ପୂର୍ବେ ତାଙ୍କ ସହଧର୍ମିଣୀଙ୍କର ହୃଦ୍‌ଘାତରେ ପରଲୋକ ହୋଇଥିଲା। ତାଙ୍କ ପରଲୋକ ଖବର ପାଇ ସମ୍ବଲପୁରର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ସମାଜିକ କର୍ମୀ ଶଶୀଭୂଷଣଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜନସଂଘର ସଦସ୍ୟ ଭାବେ ସେ ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ଭାଜପା ପ୍ରତିଷ୍ଠା ହେବା ପରେ ସମ୍ବଲପୁରରେ ସେ ଦଳର ପ୍ରତିଷ୍ଠାତା ସଦସ୍ୟ ରହିଥିଲେ। ଏତଦ୍‌ଭିନ୍ନ ଜଣେ ସାମାଜିକ କର୍ମୀ ଭାବେ ଓଡ଼ିଶା ସାଂସ୍କୃତିକ ସମାଜ, ବ୍ରାହ୍ମଣ ସମାଜ, ପବ୍ଲିକ ଲାଇବ୍ରେରୀ ଆଦି ସମ୍ବଲପୁରରେ ବିଭିନ୍ନ ସଙ୍ଗଠନ ସହ ସେ ଜଡିତ ରହିଥିଲେ। ମହାଳୟା ଅବସରରେ ସାମୂହିକ ପିଣ୍ଡଦାନ କାର୍ଯ୍ୟକ୍ରମ ଆୟୋଜନରେ ଦୀର୍ଘ ୨୪ ବର୍ଷ ହେବ ସକ୍ରିୟ ଭାବେ ଅଂଶଗ୍ରହଣ କରିଆସୁଥିଲେ। ଏହାସହ ଚାଷୀ ମାନଙ୍କ


ଶଶିଭୂଷଣ ତ୍ରିପାଠୀ

ବିଭିନ୍ନ ସମସ୍ୟା ନେଇ ସେ ଅନେକ ସମୟରେ ପ୍ରଶାସନ ଏବଂ ସରକାର ଆଗରେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରୁଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଜଣେ ସକ୍ରିୟ ସଦସ୍ୟ ରହିଥିଲେ। ମୁଦିପଡା ଶୀତଳଷଷ୍ଠୀ କମିଟିର ସଦସ୍ୟ ଥିଲେ ଶଶୀଭୂଷଣ। ଶିବ ବିବାହ କାର୍ଯ୍ୟକ୍ରମରେ ସେ ସପ୍ତରଷୀ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ।

ସନ୍ଧ୍ୟାରେ ମୁଦିପଡା ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଏକ ଶୋକସଭା କରାଯାଇ ଶଶିଭୂଷଣଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭାପତି ଜଗଦୀଶ ପଣ୍ଡାଙ୍କ ସଭାପିତ୍ୱରେ ଅନୁଷ୍ଠିତ ଶୋକସଭାରେ ସୁନିଲ ଦାସ, ଖଡିରତ୍ନ ବେହେରା, ଅଭିରାମ ପଟେଲ, ଗତିକୃଷ୍ଣ ଷଡଙ୍ଗୀ, ବିନୋଦ ପଣ୍ଡା ପ୍ରମୁଖ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶଶିଭୂଷଣଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭାଜପା ଜିଲା ସଭାପତି ଗିରୀଶ ପଟେଲ, ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ ରଥ, ଶିକ୍ଷାବିତ୍ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ଗଭୀର ଶୋକପ୍ରକାଶ କରିଛନ୍ତି।

# ଚିନ୍ତା, ଚେତନାର ଊର୍ଦ୍ଧ୍ୱରେ ଶ୍ରୀଜଗନ୍ନାଥ

ସମ୍ବଲପୁର,୨୨।୮(ଭବାନୀ ଶଙ୍କର ଭୋଇ)

ଚିନ୍ତାକୁ ଚେତନାରେ ରୂପାନ୍ତରିତ କରିବା ସହ ଯାବତୀୟ ଆର୍ଥିକ, ସାଂସାରିକ ବାଧା ଓ ବ୍ୟାଧିର ଏକମାତ୍ର ମହୌଷଧି ହେଉଛି ଶ୍ରୀଜଗନ୍ନାଥ କଥାମୃତ। ଏହି ଔଷଧି ପାନ କଲେ ମୋହ ନଷ୍ଟ ହେବା ସାଙ୍ଗକୁ କାମ, କ୍ରୋଧ ପ୍ରଭୃତି ସମସ୍ତ ଦୋଷ ଦୂର ହୋଇ ମୁକ୍ତି ଓ ଭକ୍ତିପ୍ରାପ୍ତ ହୋଇଥାଏ। ସ୍ୱୀକାର ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଏହା କହିଛନ୍ତି ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ବାଗ୍ମୀ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ। ସେ କହିଛନ୍ତି, ଜଗନ୍ନାଥ କଥାମୃତରୂପୀ ଔଷଧ ସେବନର ବିଧି ହେଉଛି ଧ୍ୟାନ,ଦର୍ଶନ, ସ୍ମରଣ, ନିର୍ମାଲ୍ୟସେବନ ଓ ଶ୍ରୀକ୍ଷେତ୍ରକୁ ତୀର୍ଥାଟନ। ଚାରିବର୍ଣ୍ଣରେ ଚତୁର୍ବର୍ଗ ଫଳପ୍ରଦାନରେ ଧୁରନ୍ଧର ଶ୍ରୀଜଗନ୍ନାଥଙ୍କ ପ୍ରତି ଗଭୀର ଆସ୍ଥା ରଖିଲେ ସେ ତୁରନ୍ତ ତାଙ୍କର କରୁଣା ବର୍ଷଣ କରି କଲ୍ୟାଣ କରିଥାନ୍ତି ବୋଲି ପ୍ରମାଣ ଦେଇ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ସାହିତ୍ୟର ପ୍ରମାଣକୁ ଉଦ୍ଧୃତ କରି ଡାକ୍ତର ଷଡଙ୍ଗୀ ବ୍ୟାଖ୍ୟା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗରାଜୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର 'ଶ୍ରୀଜଗନ୍ନାଥାଷ୍ଟକମ୍' ପାଠ କରିଥିବା ବେଳେ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର କାଳିଦାସ ମିଶ୍ର, କାମଦେବ ସାହୁ, ସେବକ ତ୍ରିପାଠୀ, ଡ.ଜୟନ୍ତ କର ଶର୍ମା, ଅବସରପ୍ରାପ୍ତ ଜିଲା ଜଜ୍ ଶ୍ୟାମ ସୁନ୍ଦର ମିଶ୍ର, ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବିଜୟାନନ୍ଦ ବେହେରା, ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ, ଇଂ.ସୁଶାନ୍ତ କୁମାର ଗୁରୁ, ଡ.ପ୍ରଦୀପ ପଣ୍ଡା, ରାଜେନ୍ଦ୍ର କୁମାର ପଣ୍ଡା, ଉଦ୍ଧବ ମହାପାତ୍ର, ସରୋଜ କୁମାର ମହାପାତ୍ର, ପ୍ରାଣବନ୍ଧୁ ବେହେରା, ଡ.ଶ୍ୟାମ ଭୋଇ, ଡ. ଛନ୍ଦା ମିଶ୍ର, ସୁଜାତା ପଣ୍ଡା, ବିଶ୍ୱଭାରତୀ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମର ଉପସ୍ଥିତ ଅତିଥି ଏବଂ ବ୍ୟାଖାକାର।

**ଆଲୋଚନା ସଭାରେ ବକ୍ତାଙ୍କ ମତ**

# ଡାକ୍ତରଙ୍କ ସୁରକ୍ଷା ଦାବିରେ ସ୍ମାରକପତ୍ର

କୁଚିଣ୍ଡା,୨୨।୮(ବିରଞ୍ଚି ଦର୍ଶୀ)


ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ ଦାବିପତ୍ର ଗ୍ରହଣ କରୁଛନ୍ତି।

**ପଶ୍ଚିମବଙ୍ଗ ଟ୍ରେନି ଡାକ୍ତର ବଳାତ୍କାର, ହତ୍ୟା ଘଟଣା**

- କୁଚିଣ୍ଡା ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ

ପଶ୍ଚିମବଙ୍ଗରେ କାର୍ଯ୍ୟରତ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଛି। ହତ୍ୟାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଦୋଳନ ତେଜିବାରେ ଲାଗିଛି। ଗୁରୁବାର ସମ୍ବଲପୁର ଜିଲା କୁଚିଣ୍ଡା ଠାରେ ହିନ୍ଦୁ ସୁରକ୍ଷା ମଞ୍ଚ ଆହ୍ୱାନ କ୍ରମେ ଉପଖଣ୍ଡ ଡାକ୍ତରଖାନା ଷ୍ଟାଫ, ବିଶ୍ୱ ହିନ୍ଦୁ ପରିଷଦ, ମହିଳା ମୋର୍ଚ୍ଚା, କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପଶ୍ଚିମବଙ୍ଗରେ କାର୍ଯ୍ୟରତ ମହିଳା ଡାକ୍ତରଙ୍କୁ ବଳାତ୍କାର ସହ ଅତି ବିଭତ୍ସଭାବେ ହତ୍ୟା କରାଯିବା ଘଟଣା ଜନମାନସରେ ଗଭୀର ଭାବେ ଆଲୋଡନ ସୃଷ୍ଟି କରିଛି। ତେଣୁ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଓ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଘଟଣାର ନ୍ୟାୟ ଦାବି କରାଯାଇଛି।

ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଓ ଷ୍ଟାଫ ମାନଙ୍କୁ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ପୋଲିସ ପକ୍ଷରୁ ନାଇଟ ପାଟ୍ରୋଲିଂ ସହ ଏକ ଫାଣ୍ଡି ସ୍ଥାପନ କରିବାକୁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ଏସ୍‌ଡିଏମଓ ଡା.ସୁବୋଧ ନାୟକ ଓ ହିନ୍ଦୁ ସୁରକ୍ଷା ମଞ୍ଚ ଆବାହକ ପ୍ରଭାତ ଶର୍ମାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କୁଚିଣ୍ଡା ଡାକ୍ତରଖାନା ଡା.ଅନିତା ଓରାମ, ଡା.ପିନାକି ଭୂଷଣ ମିଶ୍ର, ଡା.ସତ୍ୟ ପ୍ରକାଶ ଦୋରା, ଡା.ସିଦ୍ଧାର୍ଥ ମିଶ୍ର, ଡା.ସାଇ ସୋଲାଙ୍କି ଷଡଙ୍ଗୀ, ଡା.ଚିତ୍ତରଞ୍ଜନ ଦାଶ, ଡା.କୁମାର ବିକ୍ରମ, ମେଡିକାଲ ମ୍ୟାନେଜର ଦୀପକ କୁମାର ନନ୍ଦ, ଏସଟିଓ ଲପିରାଣୀ ଦର୍ଶୀ, ରିପନ ପଟେଲ, ଲିଲି ଖରେନ ଟିଗା, ହିନ୍ଦୁ ସୁରକ୍ଷା ମଞ୍ଚର ଶୈଳେନ୍ଦ୍ର ଧଳ, ମହେଶ ରାୟ, ଅତୁଲ ଅଗ୍ରୱାଲ, ଅଙ୍ଗଦ ରାୟ, କଲେଜ ଛାତ୍ରୀ ଲିପ୍ସା କୁମୁରା, ଭୂମିସୁତା କୁମୁରାଙ୍କ ସମେତ ବହୁସଂଖ୍ୟକ ମେଡିକାଲ ଷ୍ଟାଫ ଓ କର୍ମଚାରୀ, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ ଦାବିପତ୍ର ଗ୍ରହଣ କରିଥିଲେ।



ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ସହ ମାସିକ ଦରମା ୨୬ହଜାର ଟଙ୍କା ଆଦି ବିଭିନ୍ନ ଦାବି ନେଇ ଓଡ଼ିଶା ଆଶାକର୍ମୀ ଆସୋସିଏଶନ ଓ ସିଆଇଟିୟୁ ରାଜ୍ୟ କମିଟି ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା। **(ଫଟୋ– ବିକାଶ ନାୟକ)**

# ଡିସେମ୍ବର ସୁଦ୍ଧା ଜମି ନ ଥିବା ସବୁ ଶିକ୍ଷାନୁଷ୍ଠାନକୁ ମିଳିବ ସରକାରୀ ପଟ୍ଟା

**ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)**

ଜମି ନ ଥିବା ସବୁ ଶିକ୍ଷାନୁଷ୍ଠାନକୁ ଡିସେମ୍ବର ସୁଦ୍ଧା ସରକାରୀ ପଟ୍ଟା ପ୍ରଦାନ କରାଯିବ। ୨୪ ବର୍ଷର ବିଜେଡି ସରକାର ସମୟରେ ଅନେକ ଶିକ୍ଷାନୁଷ୍ଠାନର ନିଜସ୍ୱ ଜମି ନାହିଁ। ଅନ୍ୟ କାହା ଜମିରେ ସ୍କୁଲ, କଲେଜ ଚାଲିଥିଲା। ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯେଉଁଠି ଜମିପଟ୍ଟା ନ ଥିବ ସେମାନଙ୍କୁ ଯୋଗାଇଦିଆଯିବ। ସେହିପରି ଅନ୍ୟ ସରକାରୀ କାର୍ଯ୍ୟାଳୟ ଯାହାର ଜମି ନାହିଁ ସେମାନଙ୍କୁ ମଧ୍ୟ ଯୋଗାଇ ଦିଆଯିବ ବୋଲି ଗୁରୁବାର ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେହିପରି ବିଭିନ୍ନ କାରଣରୁ ନିଜର ଜମି ହରାଇଥିବା ବିଭିନ୍ନ ସ୍ଥାନରେ ରହୁଥିବା ବିସ୍ଥାପିତମାନଙ୍କୁ ମଧ୍ୟ ପଟ୍ଟା ଦିଆଯିବ ବୋଲି ସେ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନ୍ତର୍ଗତ ୨୦୨୪-୨୫ ଆର୍ଥିକ ବର୍ଷ ବଜେଟରେ ସର୍ବମୋଟ୍ ୧୭୬୮ କୋଟି ୮୪ ଲକ୍ଷ ୪୦ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେଥିମଧ୍ୟରୁ ୧୭୬୮ କୋଟି ୫୪ ଲକ୍ଷ ୩୮ ହଜାର ଟଙ୍କା ଅନୁମୋଦିତ ଏବଂ ୩୦ ଲକ୍ଷ ୨ ହଜାର ଟଙ୍କା ନିର୍ଦ୍ଧେଶିତ ବରାଦ। ସେଥିମଧ୍ୟରୁ ବିଭିନ୍ନ କାର୍ଯ୍ୟାଳୟ ପ୍ରତିଷ୍ଠାନର ପ୍ରଶାସନିକ ବ୍ୟୟ ବରାଦ ସମୁଦାୟ ୧୨୯୬ କୋଟି ୩୭ ଲକ୍ଷ ୪୦ ହଜାର ଟଙ୍କା କରାଯାଇଛି। କାର୍ଯ୍ୟକ୍ରମ ବ୍ୟୟ ବରାଦ ବାବଦରେ ସର୍ବମୋଟ୍ ୪୭୨ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ପୂଜାରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ଆବାସିକ ତଥା ଅଣ ଆବାସିକ ନୂତନ କୋଠାବାଡ଼ି ନିର୍ମାଣ, ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକରେ ସୂଚନା ପ୍ରଯୁକ୍ତି ଭିତ୍ତିଭୂମିର ସୁଦୃଢ଼ୀକରଣ, ସରକାରୀ ଜମିର ସୁରକ୍ଷା, ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକର ସେବା ନିର୍ବାହ ପଦ୍ଧତିର ସୁଦୃଢ଼ୀକରଣ, ସରକାରୀ ଜମିର ସୁରକ୍ଷା, ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକ ଲାଗି ଆବଶ୍ୟକ ଆସବାବ ଓ ସଂଲଗ୍ନ ଉପକରଣ ସଂଗ୍ରହ ଆଦି ବିଭିନ୍ନ ଯୋଜନା କାର୍ଯ୍ୟାନ୍ୱୟନ କରିବା ଲାଗି ୨୦୨୪-୨୫ ବର୍ଷ ବଜେଟରେ ବ୍ୟୟ ବାବଦରେ ସମୁଦାୟ ୪୭୨ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବାସିନ୍ଦା ଆୟ ଓ ସମ୍ପତ୍ତି ଉତ୍ତରାଧିକାରୀ, ଅଭିଭାବକ, ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଜନସାଧାରଣଙ୍କଠାରୁ ଆଦାୟ କରାଯାଉଥିବା ସମସ୍ତ ପ୍ରକାର ଦେୟ ଛାଡ଼ କରାଯାଇଛି। ଏସବୁ ଅନ୍‌ଲାଇନ ଜରିଆରେ ମିଳିପାରିବ। ଏଣିକି ଭୂ-ରାଜସ୍ୱ 'ପାଉତି ମୋବାଇଲ ଆପ୍' ଜରିଆରେ ପଇଠ କରିହେବ। ଇ-ଷ୍ଟାମ୍ପିଂ ସାର୍ଟିଫିକେଟ ପ୍ରଦାନ ଲାଗି ଧାର୍ଯ୍ୟ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି।

# ଭୁବନେଶ୍ୱର ଏମ୍‌ସରେ ଜାରି ରହିବ ପ୍ରତୀକାତ୍ମକ ଆନ୍ଦୋଳନ

## ଆଜିଠୁ କାର୍ଯ୍ୟରେ ଯୋଗଦେବେ ଡାକ୍ତର

**ଭୁବନେଶ୍ୱର, ୨୨।୮ (ବନ୍ଦନା ସେଠୀ)**

କୋଲକାତା ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କ ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ଦେଶବ୍ୟାପୀ ପ୍ରତିବାଦ ଓ ଆନ୍ଦୋଳନ ଜାରି ରହିଛି। ତେବେ ବୁଧବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅନୁରୋଧ ପରେ ଦିଲ୍ଲୀ ଏମ୍‌ସ, ଆର୍‌ଏମ୍‌ଏଲ୍ ହସ୍ପିଟାଲର ଆବାସିକ ଡାକ୍ତରମାନେ ୧୧ ଦିନ ଧରି ଚଳାଇଥିବା ଧର୍ମଘଟ ପ୍ରତ୍ୟାହାର କରିନେଇଥିବାବେଳେ ଏମ୍‌ସ ଭୁବନେଶ୍ୱରର ଡାକ୍ତରମାନେ ମଧ୍ୟ କାର୍ଯ୍ୟକୁ ଫେରିବାକୁ ମଙ୍ଗିଛନ୍ତି। ତେବେ ଧର୍ମଘଟକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ କରି ଏହାକୁ ପ୍ରତୀକାତ୍ମକ ଭାବେ ଜାରି ରଖାଯିବ। ପ୍ରତ୍ୟେକ ଡାକ୍ତର, ଫ୍ୟାକଲ୍ଟି ଏବଂ କର୍ମଚାରୀ ହାତରେ କଳା ରିବନ୍ ବାନ୍ଧି ପ୍ରତିବାଦ ଜାରି ରଖିବେ ବୋଲି ଭୁବନେଶ୍ୱର ଏମ୍‌ସର ରେସିଡେନ୍ସ ଡକ୍ଟର ଆସୋସିଏଶନ ସଭାପତି ଡା. ଦୀପକ ଘୁଗେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଶୁକ୍ରବାରଠାରୁ ଏମ୍‌ସର ଡାକ୍ତରମାନେ ପୂର୍ବପରି ନିଜ କାର୍ଯ୍ୟରେ ଯୋଗଦେବେ। କିନ୍ତୁ ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଡାକ୍ତରମାନେ ଏକାଠି ହେବେ। ଏନେଇ ବିସ୍ତୃତ ଭାବେ ଖୁବ୍‌ଶୀଘ୍ର ସୂଚନା ଦିଆଯିବ ବୋଲି ଡା. ଘୁଗେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମହିଳା ଟ୍ରେନି ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ସହ ଡାକ୍ତରମାନଙ୍କ ସୁରକ୍ଷା ଦାବିକରି ସାରା ଦେଶରେ ଡାକ୍ତରମାନେ ଧର୍ମଘଟକୁ ଓହ୍ଲାଇଥିଲେ। ଭୁବନେଶ୍ୱର ଏମ୍‌ସ ପକ୍ଷରୁ ଅଗଷ୍ଟ ୧୨ରୁ ଧର୍ମଘଟ ଜାରି ରହିଥିଲା। ଏହି ସମୟରେ କେବଳ ଜରୁରିକାଳୀନ ଚିକିତ୍ସା ସେବା ଜାରି ରହିଥିବାବେଳେ ସମସ୍ତ ଓପିଡି ସେବା ବନ୍ଦ ରହିଥିବାରୁ ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ।

# ୧୪ ଜିଲାକୁ ଭୂମିକମ୍ପ ଭୟ

**ଭୁବନେଶ୍ୱର, ୨୨।୮ (ଅନିଲ ଦାସ)**

ରାଜ୍ୟର ୧୪ ଜିଲାକୁ ଭୂକମ୍ପ ଭୟ ରହିଛି। ସେହିପରି ରାଜ୍ୟର ଏକମାତ୍ର ଜିଲା ଭାବେ ଗଜପତିରେ ଅଧିକ ଭୂସ୍ଖଳନପ୍ରବଣ ଅଞ୍ଚଳ ରହିଛି। ଗଜପତିରେ ୧୨୯ଟି ଭୂସ୍ଖଳନ ପ୍ରବଣ ଅଞ୍ଚଳ ଅଛି। ରାଜ୍ୟର ୧୪ ଜିଲା ଜୋନ୍-୩ ଭୂକମ୍ପ ଅଞ୍ଚଳରେ ଆସୁଛି। ଜୋନ୍-୩ ଭୂକମ୍ପ ଅଞ୍ଚଳ ମଧ୍ୟରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ବାଲେଶ୍ୱର, ମୟୂରଭଞ୍ଜ ଆଦି ଜିଲା ରହିଛି। କଂଗ୍ରେସ ସଭ୍ୟ ପବିତ୍ର ସାଉଁନ୍ତାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଭୂସ୍ଖଳନକୁ ହ୍ରାସ ପାଇଁ ବିଭିନ୍ନ ବିଭାଗ, ପାଣିପାଗ ନିର୍ଦ୍ଦେଶାଳୟ, ଅମୃତା ବିଶ୍ୱବିଦ୍ୟାଳୟ, କେରଳ ମଧ୍ୟରେ ଲଗାତର ସମନ୍ୱୟ ବୈଠକ ବସୁଛି। ଅଧିକ ସର୍ଭେ ପାଇଁ ଓସ୍‌ଡମା ଏବଂ ଅମୃତା ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ତେବେ ରାଜ୍ୟ ସରକାର ଏନେଇ ଯୋଜନାବଦ୍ଧ ଭାବେ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରୁଥିବା ରାଜସ୍ୱମନ୍ତ୍ରୀ କହିଛନ୍ତି।

# ୧୦ ମାସରେ ଲକ୍ଷ୍ମୀ ବସ୍ କ୍ଷତି ହେଲାଣି ୩୭୪.୧୨ କୋଟି

**ଭୁବନେଶ୍ୱର, ୨୨।୮ (ଅନିଲଦାସ)**

ଗତ ୧୦ ମାସ ମଧ୍ୟରେ ଲକ୍ଷ୍ମୀ ବସ୍ ପରିଚାଳନାରେ ୩୭୪ କୋଟି ୮ ଲକ୍ଷ ୫୮ ହଜାର ଟଙ୍କା କ୍ଷତି ହେଲାଣି। ଭାଜପା ସଦସ୍ୟ ବିଭୂତି ଭୂଷଣ ପ୍ରଧାନଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଜେନା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଲକ୍ଷ୍ମୀ ବସ୍ ଯୋଜନାରେ ବର୍ଷକ ଭିତରେ ମୋଟ ୩୯୯ କୋଟି ୧୨ ଲକ୍ଷ ୪୪ ହଜାର ୬୪୦ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଥିରୁ ଆଦାୟ ହୋଇ ହୋଇଛି ମାତ୍ର ୨୫ କୋଟି ୩ ଲକ୍ଷ ୮୬ ହଜାର ଟଙ୍କା। ନିର୍ବାଚନର ମାତ୍ର କିଛି ମାସ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଆରମ୍ଭ କରିଥିବା ଏହି ବସ୍‌ସେବା ସରକାରଙ୍କ ପାଇଁ ଏକ ପ୍ରକାର ବୋଝ ପାଲଟିଛି। ଗ୍ରାମାଞ୍ଚଳ ପରିବହନ ବ୍ୟବସ୍ଥାକୁ ସୁଗମ କରିବାକୁ ଦୃଷ୍ଟିରେ ରଖି ତତ୍କାଳୀନ ବିଜେଡି ସରକାର ୨୦୨୩ ଅକ୍ଟୋବର ୧୨ ତାରିଖରେ ମାଲକାନଗିରି ଜିଲାରୁ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରିଥିଲେ। ନୂଆ ସରକାର ଆସିବା ପରେ ଲକ୍ଷ୍ମୀ ବସ୍ ରଙ୍ଗ ବଦଳିବା ସହ ଯୋଜନାର ନାଁ ବଦଳି ମୁଖ୍ୟମନ୍ତ୍ରୀ ବସ୍‌ସେବା ହୋଇଛି। କ୍ଷତିରେ ଚାଲିଥିବା ଏହି ଯୋଜନାର ଭବିଷ୍ୟତ ରୂପରେଖ କ'ଣ ହେବ ତା' ଉପରେ ଏବେ ସମସ୍ତଙ୍କ ନଜର।

# ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୨୨।୮ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନଠାରେ ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝରର ଭିତ୍ତିଭୂମି ବିକାଶ, ମାନବ ସମ୍ବଳର ନିଯୁକ୍ତି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଛନ୍ତି। ୨୦୨୩ ଫେବୃଆରୀରେ ଧରଣୀଧର ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ ହୋଇଛି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ସଂପ୍ରତି ଜିଲାର ୩୮ଟି କଲେଜ ଅନୁବନ୍ଧିତ ରହିଛି। କିନ୍ତୁ ବିଶ୍ୱବିଦ୍ୟାଳୟ ଭାବେ ଯେଉଁସବୁ ମୌଳିକ ସୁବିଧା ସୁଯୋଗ ଓ ଉନ୍ନତି ହେବା କଥା, ତାହା ଅଦ୍ୟାବଧି ହୋଇପାରିନାହିଁ। ଆଗାମୀ ୨ ବର୍ଷ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟକୁ ସ୍ୱୟଂସମ୍ପନ୍ନ କରିବା ପାଇଁ ଯାହାସବୁ ଆବଶ୍ୟକତା ରହିଛି, ସେସବୁ ଯଥାଶୀଘ୍ର ପୂରଣ କରିବା ଲାଗି ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନଭାବେ ନିର୍ମିତ ହୋଇଥିବା ବିଶ୍ୱବିଦ୍ୟାଳୟ ସାଉଥ୍ ବ୍ଲକର ଆସବାବପତ୍ର ପାଇଁ ଏବଂ ନର୍ଥ ବ୍ଲକ ନବୀକରଣ ପାଇଁ ଆବଶ୍ୟକୀୟ ଅର୍ଥ ଜିଲା ଖଣିଜ ପାଣ୍ଠିରୁ (ଡିଏମ୍‌ଏଫ୍) ଏବଂ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ


ମୋହନ ଚରଣ ମାଝୀ

(ଓମ୍ୱାଡସି)ପାଣ୍ଠିରୁ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନବୀକରଣ ନିହାତି ଆବଶ୍ୟକ ନ ଥିଲେ, ପୁରାତନ କୋଠାକୁ ନ ଭାଙ୍ଗିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନବୀକରଣ ପାଇଁ ଆବଶ୍ୟକ ହେଉଥିବା ଜମି ଲାଗି ଜବରଦଖଲ ହଟାଇବା ସହ ସେମାନଙ୍କର ଥଇଥାନ ବ୍ୟବସ୍ଥାକୁ ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ମାଣାଧୀନ ସାଉଥ୍ ବ୍ଲକର ସମସ୍ତ କାର୍ଯ୍ୟ ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି।

ଛାତ୍ରାବାସଗୁଡ଼ିକ ବହୁତ ପୁରୁଣା ହୋଇ ଶୋଚନୀୟ ଅବସ୍ଥାରେ ରହିଛି। ତେଣୁ ଛାତ୍ରୀଛାତ୍ରମାନଙ୍କ ପାଇଁ ୬ ମହଲା ବିଶିଷ୍ଟ ୬ଟି ହଷ୍ଟେଲ ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ପାଇଁ ଯଥାଶୀଘ୍ର ପରୀକ୍ଷା ନିୟନ୍ତ୍ରକ, ରେଜିଷ୍ଟ୍ରାର୍ ଓ ବିତ୍ତ ନିୟନ୍ତ୍ରକ ପଦବୀ ପୂରଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭବିଷ୍ୟତକୁ ଆଖି ଆଗରେ ରଖି ବିଶ୍ୱବିଦ୍ୟାଳୟ ପାଇଁ ଅଧିକ ଜମି ବନ୍ଦୋବସ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ କହିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଏବଂ ଆଭାସି ମାଧ୍ୟମରେ କେନ୍ଦୁଝର ଜିଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚ୍ୟୁତ ସାମନ୍ତ ଗିନି ସିଏନ୍‌ଟି ପ୍ରେସିଡେଣ୍ଟଙ୍କ ବରିଷ୍ଠ ପରାମର୍ଶଦାତା

**ଭୁବନେଶ୍ୱର, ୨୨।୮ (ଅନୁରାଧା ମହାରଣା)**

ଶିକ୍ଷାବିତ୍ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ହେଲେ ଗିନି ନ୍ୟାଶନାଲ କାଉନ୍‌ସିଲ ଟ୍ରାଞ୍ଜିଶନ (ସିଏନ୍‌ଟି) ପ୍ରେସିଡେଣ୍ଟଙ୍କ ବରିଷ୍ଠ ପରାମର୍ଶଦାତା। ଗିନିର ସିଏନ୍‌ଟି କ୍ୟାବିନେଟରେ ଏନେଇ ପ୍ରସ୍ତାବ ମଞ୍ଜୁର ହେବା ପରେ ଏନେଇ ଘୋଷଣା କରାଯାଇଛି। ଚଳିତବର୍ଷ ଜାନୁଆରୀରେ ଗିନି ସିଏନ୍‌ଟି ପ୍ରେସିଡେଣ୍ଟ ଡ. ଦନଶା କୋରୋମା କିଟ୍ ଓ କିସ ପରିଦର୍ଶନରେ ଆସିଥିଲେ। ସାମନ୍ତଙ୍କ କାର୍ଯ୍ୟ ଦକ୍ଷତା, ସମାଜସେବା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତାକୁ ଦେଖି ତାଙ୍କର ପରାମର୍ଶଦାତା ହେବା ପାଇଁ ପ୍ରସ୍ତାବ ଦେଇଥିଲେ। ଡ. ସାମନ୍ତ ଅବୈତନିକ ପରାମର୍ଶଦାତା ଭାବେ ଗିନି ଦେଶର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ବିକାଶ ଦିଗରେ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇଦେବେ। ସାମନ୍ତଙ୍କ ପ୍ରତିନିଧିଙ୍କୁ ଏ ସମ୍ପର୍କିତ ପତ୍ର ବ୍ୟକ୍ତିଗତ ଭାବେ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଆଫ୍ରିକା



ମହାଦେଶର ପଶ୍ଚିମାଞ୍ଚଳରେ ଥିବା ଏକ ଦେଶ ହେଉଛି ଗିନି। କୌଣସି ଦେଶର ବରିଷ୍ଠ ପରାମର୍ଶଦାତା ନିଯୁକ୍ତ ହେବାରେ ଡ. ସାମନ୍ତ ହେଉଛନ୍ତି ପ୍ରଥମ ଓଡ଼ିଆ। ଏହି ନିଯୁକ୍ତି ପାଇଁ ସେ ଗିନି ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ବିକାଶ ଦିଗରେ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପୂର୍ବରୁ ଡ. ସାମନ୍ତ ମଣିପୁର ସରକାରଙ୍କ ବରିଷ୍ଠ ପରାମର୍ଶଦାତା ରହିସାରିଛନ୍ତି।

# ବ୍ରହ୍ମପୁର ଅବକାରୀ ଇନ୍ସପେକ୍ଟର, ସବ୍-ଇନ୍ସପେକ୍ଟର ନିଲମ୍ବିତ

## ଟିକିଟି ବେଆଇନ ମଦ କାରବାର ଘଟଣା

## ବଦଳିଲେ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ

**ଭୁବନେଶ୍ୱର, ୨୨।୮ (ଅନିଲଦାସ)**

ଟିକିଟି ବିଷାକ୍ତ ମଦମୃତ୍ୟୁ ଘଟଣାରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବୁଧବାର ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କୁ ରାଜ୍ୟ ସରକାର ହଟାଇ ଦେଇଥିବା ବେଳେ ଗୁରୁବାର ଆଉ ୨ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସରକାରୀ କାର୍ଯ୍ୟରେ ଅବହେଳା, ଓଡ଼ିଶା ସରକାରଙ୍କ କର୍ମଚାରୀ ଆଚରଣବିଧି ନିୟମ ୧୯୫୯ ଧାରା-୩ର ଉଲ୍ଲଂଘନ କରିବା ଅଭିଯୋଗରେ ବ୍ରହ୍ମପୁର ଅବକାରୀ ଜିଲାରେ କାର୍ଯ୍ୟରତ ଅବକାରୀ ଇନ୍ସପେକ୍ଟର ରମେଶ ଚନ୍ଦ୍ର ମହାନ୍ତି ଏବଂ ସବ୍-ଇନ୍ସପେକ୍ଟର ପ୍ରସନ୍ନ କୁମାର ଜାଲିଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ଅବକାରୀ କମିଶନର ନରସିଂହ ଭୋଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିଲମ୍ବନ ଅବଧି ମଧ୍ୟରେ ଉଭୟଙ୍କ ମୁଖ୍ୟାଳୟ ଅବକାରୀ ଡେପୁଟି କମିଶନର (ଦକ୍ଷିଣାଞ୍ଚଳ ଜୋନ୍)ଙ୍କ ବିନା ଅନୁମତିରେ ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ବଦଳି କରାଯିବା ସହ ତୁରନ୍ତ କଟକସ୍ଥିତ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଅନ୍ୟପକ୍ଷରେ କେନ୍ଦୁଝର ଉପ-ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କୁ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ଭାବେ ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶକ ହେଲେ ମାମିନା ପଟ୍ଟନାୟକ

**ଭୁବନେଶ୍ୱର, ୨୨।୮ (ବନ୍ଦନା ସେଠୀ)**

ମାମିନା ପଟ୍ଟନାୟକଙ୍କୁ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ମାମିନା ପୂର୍ବରୁ ଜଏଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଭାବେ ନିଯୁକ୍ତ ଥିବାବେଳେ ତାଙ୍କୁ ୨୦୨୧ ସେପ୍ଟେମ୍ବର ୨୮ରେ ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ ଭୁବନେଶ୍ୱରର ଜେନେରାଲ ମ୍ୟାନେଜର (କ୍ୱାଲିଟି ଆସ୍ୟୁରାନ୍ସ) ଭାବେ ଅବସ୍ଥାପିତ କରାଯାଇଥିଲା। ଏବେ ତାଙ୍କୁ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି।



ଏଥିସହ ମାମିନା ଜଏଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର (ଇଣ୍ଟେଲିଜେନ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ) ଦାୟିତ୍ୱ ମଧ୍ୟ ତୁଲାଇବେ। ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ସୂଚନା ଦିଆଯାଇଛି।

## ଆଇଆଇଟି ଭୁବନେଶ୍ୱରର ନୂତନ ଉଦ୍ଭାବନ

# ସ୍ଥାୟୀ ବର୍ଜ୍ୟ ପରିଚାଳନା ପାଇଁ ସୌରଚାଳିତ ମାଇକ୍ରୋୱେଭ୍ ପାଇରୋଲିସିସ୍ ରିଆକ୍ଟର

**ଭୁବନେଶ୍ୱର, ୨୨।୮ (ଅନୁରାଧା ମହାରଣା)**

ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଗବେଷଣାକାରୀଙ୍କ ଦ୍ୱାରା ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସୌରଚାଳିତ ମାଇକ୍ରୋୱେଭ୍ ପାଇରୋଲିସିସ୍ ରିଆକ୍ଟର ବିକଶିତ କରାଯାଇଛି। ଶିକ୍ଷାନୁଷ୍ଠାନର ସ୍କୁଲ୍ ଅଫ୍ ଇନ୍‌ଫ୍ରାଷ୍ଟ୍ରକଚରର ଏକ ଗବେଷଣାକାରୀ ଦଳ ପୃଥକ୍ ତଥା ମିଶ୍ରିତ ବର୍ଜ୍ୟବସ୍ତୁରୁ ମୂଲ୍ୟବାନ୍ ଉତ୍ସ ପୁନରୁଦ୍ଧାର ପାଇଁ ଏହି ଉଦ୍ଭାବନ କରିଛନ୍ତି। ଏହି ନୂତନ ରିଆକ୍ଟରଟି ମାଇକ୍ରୋୱେଭ୍-ସହାୟକ ପାଇରୋଲିସିସ ବ୍ୟବହାର କରି ଫିଡ୍ ଷ୍ଟକ୍‌ର ବୈଶିଷ୍ଟ୍ୟ ଅନୁସାରେ କାର୍ବୋନେସିୟସ୍ ଉପାଦାନ





(ବାୟୋଚାର) ଓ ବାୟୋଅଏଲ ଭଳି ବର୍ଜ୍ୟବସ୍ତୁକୁ ଉପଯୋଗୀ ଦ୍ରବ୍ୟରେ ପରିଣତ କରିଥାଏ। ବର୍ତ୍ତମାନ ମୁଖ୍ୟତଃ ଦହନ, ବାୟୋଗ୍ୟାସ ପ୍ଲାଣ୍ଟ କିମ୍ବା ଲ୍ୟାଣ୍ଡଫିଲ ନିଷ୍କାସନ ଦ୍ୱାରା କଠିନ ବର୍ଜ୍ୟ ପରିଚାଳନା କରାଯାଉଥିବାବେଳେ ପୁନଃବ୍ୟବହାର ପାଇଁ ସୀମିତ ସୁଯୋଗ ପ୍ରଦାନ କରେ। ଦହନ ଲ୍ୟାଣ୍ଡଫିଲିଂର ଏକ ବିକଳ୍ପ ହୋଇଥିଲେ ମଧ୍ୟ ଅନେକ ସମୟରେ ଏଥିରୁ ବିଷାକ୍ତ ଗ୍ୟାସ ଓ ପାଉଁଶ ନିଷ୍କାସିତ ହେବା ଦ୍ୱାରା ଏହା ପରିବେଶ ପ୍ରଦୂଷଣ କରିଥାଏ। ତେବେ ଆଇଆଇଟି ଭୁବନେଶ୍ୱର ଦ୍ୱାରା ବିକଶିତ ରିଆକ୍ଟର ଏହି ସମସ୍ୟାର ସମାଧାନ କରିବା ସହ ମୂଲ୍ୟବାନ୍ ଶେଷ ଉତ୍ପାଦ ଉତ୍ପାଦନ କରିଥାଏ ବୋଲି ଗବେଷଣା ପ୍ରକଳ୍ପର ମୁଖ୍ୟ ଡ. ରେମ୍ୟା ନୀଲାନ୍‌ଚେରି କହିଛନ୍ତି। ଏହି ପ୍ରଯୁକ୍ତି ବିଦ୍ୟା ଉପରେ ଭାରତୀୟ ପେଟେଣ୍ଟ ମଞ୍ଜୁର ହୋଇଛି। କୃଷି, ପରିବହନ ଏବଂ ଶକ୍ତି ଉତ୍ପାଦନ ସମେତ ବିଭିନ୍ନ କ୍ଷେତ୍ରରେ ଏହି ଶେଷ ଉତ୍ପାଦଗୁଡ଼ିକର ସମ୍ଭାବ୍ୟତା ଏବଂ ପ୍ରୟୋଗିକତା ଉପରେ ଧ୍ୟାନ ଦିଆଯାଇଥିବା ସେ କହିଛନ୍ତି। ଏହି ପରିବେଶ ଅନୁକୂଳ ବୈଷୟିକ ଜ୍ଞାନକୌଶଳ ଦହନ ଓ ଅନ୍ୟ ପାରମ୍ପରିକ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତି ତୁଳନାରେ ସର୍ବନିମ୍ନ ପ୍ରଦୂଷଣ ସହିତ ରାଜସ୍ୱ ସୃଷ୍ଟି କରୁଥିବାରୁ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ପୌରସଂସ୍ଥା ଓ ଶିଳ୍ପସଂସ୍ଥା ଦ୍ୱାରା କାର୍ଯ୍ୟକାରୀ କରାଯାଇପାରିବ।

# ଖୋଲିଲା ହୀରାକୁଦ ଜଳଭଣ୍ଡାରର ୬ ଗେଟ୍

ସମ୍ବଲପୁର,୨୨।୮(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ୧୦ ଦିନ ଅନ୍ତରରେ ଗୁରୁବାର ପୁଣି ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ ଆରମ୍ଭ ହୋଇଛି। ଅପରାହ୍ଣରେ ଜଳଭଣ୍ଡାରର ବାମ ପଟେ ୪ଟିଓ ଡାହାଣପଟେ ୨ଟିଗେଟ୍ ଖୋଲାଯାଇଥିଲା। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୯୮ ହଜାର ୯୦୫ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଏହି ସମୟରେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୩୨ ହଜାର ୦୪୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ଜଳଭଣ୍ଡାରର ମୋଟ ୬ଟି ସ୍ଲୁଇସ୍ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ହାରାହାରି ୯୪ ହଜାର ୫୩୦ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୪ ହଜାର ୧୧୦ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୬୫୮ ଘନଫୁଟ, ଶାସନ କେନାଲରେ ୪୦୦ ଘନଫୁଟ, ସମ୍ବଲପୁର କେନାଲରେ ୭୬ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ହେଲ୍ଥପରିପାଳୀୟ ଜଳଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନଗୁଡ଼ିକୁ ମିଶି ୨୬୭ ଘନଫୁଟ ଜଳ ଯୋଗାଣ ହେଉଛି। ଏହି ସମୟରେ ଜଳଭଣ୍ଡାରର ଜଳସ୍ତର ୬୧୩.୪୩ ଫୁଟ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୩୦.୮୬ ମିଲିମିଟର ଓ ତଳ ମୁଣ୍ଡରେ ୨୧.୭୪ ମିଲିମିଟର ବର୍ଷା ରେକର୍ଡ ହୋଇଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜି ରେଙ୍ଗାଳିରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

## ୬ ଜିଲ୍ଲାକୁ କରାଗଲା ସତର୍କ

କଣିହାଁ, ୨୨।୮ (ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ଥିବା ରେଙ୍ଗାଳି ଡ୍ୟାମ୍‌ରୁ ଆସନ୍ତା ୨୩ ତାରିଖ ଶୁକ୍ରବାର ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ। ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୯ଟାରେ ଡ୍ୟାମ୍ ଗେଟ୍ ଖୋଲାଯିବ। ଏଥିସହ ସମଲ ଆନିକଟର ଗେଟ୍ ଖୋଲାଯିବାକୁ ଥିବାରୁ ତଳମୁଣ୍ଡରେ ବସବାସ କରୁଥିବା ନଦୀକୂଳ ବାସିନ୍ଦାଙ୍କୁ ଡ୍ୟାମ୍ କାର୍ଯ୍ୟାଳୟ ତରଫରୁ ଡକବାଜି ଯନ୍ତ୍ର ଦ୍ୱାରା ଗୁରୁବାର ସତର୍କ କରାଯାଇଛି। ସେହିପରି ବ୍ରାହ୍ମଣୀ ନଦୀର ତଳମୁଣ୍ଡରେ ଥିବା ଅନୁଗୋଳ, ଦେବଗଡ଼ ସମେତ ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାବାସୀଙ୍କୁ ସତର୍କ ରହିବା ପାଇଁ ସମ୍ପୃକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପତ୍ର ଦ୍ୱାରା ଅବଗତ କରାଯାଇଥିବା ରେଙ୍ଗାଳି ହେଡ୍‌ୱର୍କ ସର୍କଲ ସମଲ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଉପରମୁଣ୍ଡ ଅଞ୍ଚଳରେ ବର୍ଷା ଯୋଗୁ ରେଙ୍ଗାଳି ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧିପାଇଛି। ନଦୀବନ୍ଧର ସର୍ବାଧିକ ଜଳଧାରଣ କ୍ଷମତା ୧୩୩. ୫୦ ମିଟର ରହିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନେକ ସନ୍ତାନ ଯାହାର, ପାପର ସଜା ତାହାର।**

ସନ୍ତାନର ସଂଖ୍ୟା ଯେତେ କମ ହୁଏ ସେତେ ତାଙ୍କ ଲାଳନପାଳନ ଭଲରେ କରିବା ସେତେ ସହଜ ହୋଇଯାଏ। ପରନ୍ତୁ ସଂଖ୍ୟା ଅଧିକ ହୋଇଗଲେ ଅର୍ଥାଭାବରୁ ତାଙ୍କ ଭରଣପୋଷଣ କରିବା ନେଇ ନାନା ସମସ୍ୟା ସୃଷ୍ଟି ହୁଏ। ବହୁ ସନ୍ତାନ ପରିବାରରେ ସୁଖର ଅନ୍ତରାୟ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅକାମିକା, କାମ କରୁଛି ବଙ୍କାଙ୍କା।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତି କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। କାର୍ଯ୍ୟ କରିବାରେ ସେମାନଙ୍କ ଆଗ୍ରହ ରହି ନ ଥିବା ହେତୁ ସମସ୍ତ କାର୍ଯ୍ୟ ବେଢଙ୍ଗିଆ ହୋଇଯାଏ। ଯେଉଁମାନଙ୍କର କାର୍ଯ୍ୟ କରିବାରେ ଅଭ୍ୟାସ ନ ଥାଏ ତଥା ଆଗ୍ରହ ନ ଥାଏ ସେମାନଙ୍କ ଦ୍ୱାରା କରାଯାଉଥିବା ସକଳ କାର୍ଯ୍ୟ କେବେ ବି ସନ୍ତୋଷଜନକ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


No. K-06:

# ଜରୁରୀ ସୂଚନା

## ବାଂଲାଦେଶରେ ରହିଥିବା ଓଡ଼ିଆ ପ୍ରବାସୀ ଶ୍ରମିକମାନଙ୍କ ସଦୟ ଅବଗତି ନିମନ୍ତେ

➤ବାଂଲାଦେଶରେ ରହିଥିବା ଓଡ଼ିଆ ପ୍ରବାସୀ ଶ୍ରମିକଙ୍କର ସହାୟତା ପାଇଁ ଓଡ଼ିଶା ସରକାର ଟୋଲଫ୍ରି ହେଲ୍‌ପଲାଇନ୍ ନମ୍ବର ଜାରି କରିଛନ୍ତି । ଦୟାକରି ନିମ୍ନୋକ୍ତ ଟୋଲଫ୍ରି ନମ୍ବରରେ ଯୋଗାଯୋଗ କରନ୍ତୁ:-

❖ ଦେୟମୁକ୍ତ ହେଲ୍‌ପଲାଇନ୍ ନମ୍ବର: ୧୫୫୩୬୮/ ୧୮୦୦୩୪୫୬୭୦୩

❖ Odisha Toll–Free Helpline Number: 155368/18003456703

❖ ଇ–ମେଲ୍: scc.migrantworkers@gmail.com

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR-17002/11/0002/2425

No.CAD-878

OMC | ODISHA NEW OPPORTUNITIES

# OFFICE OF THE DIVISIONAL HEAD, BHUBANESWAR IDCO IDCO TOWER, BHUBANESWAR

Bid Identification No. Civil/EST/BCD-II/01/2024-25
Notice No.:1274 Dated 14.08.2024

**NOTICE INVITING TENDER THROUGH e-Procurement**

1. Name of the Work : Alternation & Additional Work for Existing (G+2) building in the premises of ELTI Campus, Bhubaneswar.
2. Value of the Work : Rs. 27.56 Lakh
3. Period of completion : 03 (Three) Calendar Months
4. Availability of tender online for Bidding :
   I. Start Date : 18:00 Hours of dt. 23.08.2024
   II. End Date : 17:00 Hours of dt. 02.09.2024
   III. Opening date : 11:00 Hours of dt. 03.09.2024

Tender details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head, BCD-II Division, IDCO, Bhubaneswar

OIPR-14003/11/0048/2425

# AKASH SHOVA BUILDING, SACHIVALAYA MARG, BHUBANESWAR - 751001

PABX No. 0674-2392801 / 0998 / 6437, FAX No. 0674-2390633 /085
Visit us at : http://www.bda.gov.in/

No. 821/EM Dated. 21.08.2024

**1st Corrigendum (Dtd. 21.08.2024)**

No.CAD-887: In pursuance of Bid identification no. 812/EM/BDA, dated 14.08.2024 the Bid documents will be available in the website from **23.08.2024 to 5.30 PM of 08.09.2024** and bid shall be opened at **11.30 A.M.** on dt. **09.09.2024.** All other terms & conditions remain unchanged.

Sd./- Engineer Member, BDA, Bhubaneswar

OIPR-13033/11/0118/2425

# OFFICE OF THE SUPERINTENDENT FAKIR MOHAN MEDICAL COLLEGE & HOSPITAL, BALASORE

(Formerly known as Government Medical College & Hospital, Balasore)
At/PO/Dist. - Balasore, Pin - 756001 (Odisha)

**TENDER NOTICE FOR MEDICINES & MEDICAL CONSUMABLE ITEMS OF FMMC&H, BALASORE (2024-25)**

Bid Ref. No. - 4034/S/FMMCHB Date : 16.08.2024

No.E-217: FMMC&H, Balasore invites sealed Tender from registered Firm/Agencies/Company for Medicines & Medical consumable items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt. 17.09.2024 upto 5 PM through Registered post/speed post/courier only and the same will be opened on dt. 18.09.2024, 11 AM at Office chamber of Superintendent, Remuna, FMMCH, Balasore. Application form as well as other details will be available and downloaded from district website www.baleswar.nic.in / www.blsmch.nic.in. Authority reserves every rights to reject all or any of the Tender without assign any reason thereof.

Sd./-Superintendent FMMC&H, Balasore

OIPR-10134/11/0012/2425

# ODISHA PUBLIC SERVICE COMMISSION, CUTTACK

**NOTICE**

**No. 4669/P.S.C.** **Dt.21.08.24**

No. D-: It is for information of all 98 (01 - w) provisionally qualified candidates of Inspector of Motor Vehicle/Addl. RTO (Enforcement)/Asst. Works Engineer, pursuant to Advt. No. 15 of 2023-24 that, the **Document Verification & Viva Voce Test** for the said post will be held from **29.08.2024 to 31.08.2024** in the Office of Commission, at 19, Dr. P.K. Parija Road, Cuttack - 753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & V.V. Test | Board | Time of reporting by the Candidates | Time of document Verification | Time of V.V. Test |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 100004, 100011, 100012, 100021, 100022, 100025, 100032, 100036, 100038, 100044, 100045, 100046 = **12 Candidates** | 29.08.2024 | Board - I | 08.00 A.M. | 8.30 A.M. | 10.45 A.M. |
| | 100047, 100048, 100051, 100053, 100063, 100071, 100074, 100079 = **08 Candidates** | | | 12.00 P.M. | 12.30 P.M. | 2.45 P.M. |
| 2 | 100081, 100086, 100089, 100091, 100103, 100108, 100115, 100122, 100123, 100124, 100125, 100130 = **12 Candidates** | 29.08.2024 | Board - II | 08.00 A.M. | 8.30 A.M. | 10.45 A.M. |
| | 100138, 100144, 100155, 100164, 100166, 100167, 100170, 100172 = **08 Candidates** | | | 12.00 P.M. | 12.30 P.M. | 2.45 P.M. |
| 3 | 100178, 100182, 100185, 100188, 100193, 100195, 100205, 100217, 100222, 100223, 100228, 100267 = **12 Candidates** | 30.08.2024 | Board - I | 08.00 A.M. | 8.30 A.M. | 10.45 A.M. |
| | 100268, 100303, 100308, 100325, 100329, 100397, 100403, 100411 = **08 Candidates** | | | 12.00 P.M. | 12.30 P.M. | 2.45 P.M. |
| 4 | 100420, 100432, 100466, 100510, 100528, 100533, 100534, 100604, 100619, 100631, 100667, 100669 = **12 Candidates** | 30.08.2024 | Board - II | 08.00 A.M. | 8.30 A.M. | 10.45 A.M. |
| | 100670, 100686, 100695, 100731, 100807, 100825, 100845, 100863 = **08 Candidates** | | | 12.00 P.M. | 12.30 P.M. | 2.45 P.M. |
| 5 | 100900, 100935, 100939, 100978, 100983, 101029, 101039, 101060, 101168 = **09 Candidates** | 31.08.2024 | Board - I | 08.00 A.M. | 8.30 A.M. | 10.45 A.M. |
| | 101188, 101227, 101235, 101260, 101280, 101293, 101295, 101301, 101311 = **09 Candidates** | | Board - II | 12.00 P.M. | 12.30 P.M. | 2.45 P.M. |

The candidates are required to produce following original documents along with self-attested photocopies of all certificates/documents at the time of document verification failing which their candidature will be rejected.

1. Hard copy of online application form duly signed in.
2. Attestation Form, Bio-Data Form (To be downloaded from the website of the Commission)
3. H.S.C. or equivalent certificate in support of declaration of age.
4. Intermediate/+2 examination certificate issued by the concerned Board/Council.
5. B.E./B.Tech. Degree Certificate in Automobile Engineering or Mechanical Engineering with Automobile Engineering as a subject issued by the concerned University. If any candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated must be furnished.
6. Marksheets of the above examinations passed (HSC to B.Tech/B.E. Degree)
7. Valid Driving Licence for Heavy Vehilcle, if any.
8. Odia Pass Certificate upto M.E. School standard.
9. Caste Certificate by Birth in support of claim as SC/ST/SEBC issued by the competent authority within the closing date of online application.
10. Discharge Certificate issued by the Commanding Officer of the Unit last served in case of Ex-Servicemen candidates.
    The Ex-Servicemen candidates are required to furnish an Affidavit in original indicating that:- "I have not got any appointment as an Ex-Servicemen against Civil Post against the Quota available for the said category".
11. Three recent passport size photographs, which has been uploaded with online application form.
12. No objection certificate (in case of in-service candidates), wherever applicable.
13. Any document in support of Identity (Aadhaar/DL/PAN Card/Voter ID Card).

**OIPR-12002/11/0068/2425** **Sd./- Secretary (I/C)**

# OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION,

JAL "O" PARIMAL BHAWAN, UNIT-V, BHUBANESWAR - 751001, ODISHA
Tel : 0674-2395734, FAX : 0674-2394946, e-mail : cerwssodisha@gmail.com

**Notice Inviting Tender(NIT)**
**NATIONAL COMPETITIVE BIDDING**
**Bid Identification No. EIC/RWS&S/02/2024-25**
No. 8901 Date : 20.08.2024

No.O-208: The Engineer-in-Chief, RWS&S, Odisha, Bhubaneswar, on behalf of Governor of Odisha invites tenders in double cover system in ONLINE MODE only (from Registered Manufacture / Authorized distributor / Dealer) for Supply of Field-Testing Kits (FTK) 7000 nos. in different districts in the State.

| | | | |
|---|---|---|---|
| 1 | Cost of Bid Document | : | Rs. 10,000/- (non-refundable) to be remitted in online |
| 2 | Class of Contractor | : | Registered manufacturers/Authorized distributor/Dealer |
| 3 | Availability of Bid Documents in the portal for Online Bidding | : | From 5 PM of 28.08.2024 to 17 hours of 18.09.2024 |
| 4 | Date and place of pre bid meeting | : | At 11.30 A.M. on dt. 04.09.2024 in the office of the EIC RWS&S Odisha, Bhubaneswar |
| 5 | Date & Place of Receipt of hard copy of bid documents | : | 19.09.2024 up to 17 hours in the Office of the EIC, RWS&S, Odisha, Bhubaneswar |
| 6 | Date of opening of Bid in Online | : | 20.09.2024 at 15 hours |
| 7 | Mode of submission of tender | : | Tenders should be submitted online in www.tendersorissa.gov.in |
| 8 | Name & address of officer inviting Bid | : | ENGINEER-IN-CHIEF, RWS&S, Jal "O" Parimal Bhawan, Unit-V, Bhubaneswar, Ph.: 0674-2395734/0674-2531533, e-mail : cerwssodisha@gmail.com |
| 9 | The bidders have to participate in ONLINE Bidding only for which the bidder must possess compatible Digital Signature Certificate (DSC) of Class II or Class III. Further details can be seen from the e-procurement portal http://tendersorissa.gov.in | | |
| 10 | Subsequent corrigendum if required shall be appeared in website | | |
| 11 | Authority reserves the right to reject any or all the tenders without assigning any reason thereof | | |

Name & address of officer inviting Bid : Engineer-in-Chief, RWSS Jal "O" Parimal Bhawan, Unit-V, Bhubaneswar, Ph : 0674-2395734/0674-2531533, e-mail : cerwssodisha@gmail.com

Further details can be seen from the e-procurement portal http://tendersodisha.gov.in

OIPR-25040/11/0002/2425 Sd./- Engineer-in-Chief, RWSS

# ପୌରପରିଷଦ କାର୍ଯ୍ୟାଳୟ, ଦେବଗଡ଼

ସଂଖ୍ୟା: ୧୮୪୫ ତା: ୧୭।୦୮।୨୦୨୪

**ନୋଟିସ**

No. C-450: ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଦେବଗଡ଼ ପୌରପରିଷଦ ୧୦ମ ସାଧାରଣ ଅଧିବେଶନ ନିଷ୍ପତ୍ତି କ୍ରମେ ନିମ୍ନ ସଇରାତ ସମ୍ପତ୍ତିଗୁଡ଼ିକୁ ୧ (ଏକ) ବର୍ଷ ପାଇଁ ତା୦୧।୦୯।୨୦୨୪ରିଖଠାରୁ ୩୧।୦୮।୨୦୨୫ ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷରକାରୀ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ତା୧୮।୦୮।୨୦୨୪ରିଖଠାରୁ ତା୨୮।୦୮।୨୦୨୪ରିଖ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ଟେଣ୍ଡର ଫର୍ମ ଟ.୧୦୦୦/-ଙ୍କା (ଏକ ହଜାର ଟଙ୍କା) ଦାଖଲ କରି ପୌରକାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ଫର୍ମ ତା୨୮।୦୮।୨୦୨୪ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ତା୨୯।୦୮।୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ଡକାଯିବା ସମୟରେ ନିମ୍ନ ବର୍ଣ୍ଣିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସମ୍ପତ୍ତି ପରିଚାଳନା କରିବେ ଏବଂ ପାଉଣା ଇତ୍ୟାଦି ଆଦାୟ କରିବେ।

**ସର୍ତ୍ତାବଳୀ**

୧. ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ଯେଉଁ ସଇରାତ ସମ୍ପତ୍ତିକୁ ଟେଣ୍ଡର ନେବାକୁ ଚାହାନ୍ତି ସେହି ସମ୍ପତ୍ତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ଦେବଗଡ଼ ପୌରପରିଷଦଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ଜଉମୁଦ ଲଫାପାରେ ପକାଇବେ, ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବ ନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ।

୨. ଯେଉଁ ବ୍ୟକ୍ତି ଉପରେ ପରିଷଦର ବକେୟା ପାଉଣା ଥିବ ସେମାନେ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ, ଯଦି କରିଥାନ୍ତି ଗ୍ରହଣୀୟ ହେବ ନାହିଁ।

୩. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବାପରେ ଟେଣ୍ଡରଧାରୀ ଉକ୍ତ ଦିନ ସଙ୍ଗେ ସଙ୍ଗେ ୫୦% ଟଙ୍କା ଦାଖଲ କରିବେ ଓ ଅନ୍ୟ ୫୦% ଟଙ୍କା ୨ (ଦୁଇ)ଟି କିସ୍ତିରେ ଯଥା ଟେଣ୍ଡର ପାଇବାର ୪(ଚାରି) ମାସ ମଧ୍ୟରେ ପ୍ରଥମ କିସ୍ତି ଓ ଟେଣ୍ଡର ପାଇବାର ୮ (ଆଠ) ମାସ ମଧ୍ୟରେ ୨ୟ କିସ୍ତି ଦାଖଲ କରିବେ ଓ ୩ (ତିନି) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପୌର କର୍ତ୍ତୃପକ୍ଷଙ୍କ ସହିତ ଚୁକ୍ତିନାମା ସମ୍ପାଦନ କରିବେ। ଏହାପରେ ତାଙ୍କୁ ଦୈନିକ ଟିକସ ମହାସୁଲ ଆଦାୟ କରିବା ନିମନ୍ତେ ଆଦେଶ ପ୍ରଦାନ କରାଯିବ।

୪. ଯେଉଁ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଧାର୍ଯ୍ୟ ହେବ, ଯଦି ସେହି ବ୍ୟକ୍ତି ଉପରୋକ୍ତ ସର୍ତ୍ତାବଳୀ ଅନୁସାରେ ଟଙ୍କା ପଇଠ ନ କରନ୍ତି ତାଙ୍କ ଟେଣ୍ଡରଟି ବି ରଦ୍ଦ କରାଯିବ। ସଙ୍ଗେ ସଙ୍ଗେ ଦେଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ।

୫. ଟେଣ୍ଡର ଧାରୀ ନିମ୍ନ ସମ୍ପତ୍ତି ପାଇଁ ପରିଷଦର ନିର୍ଦ୍ଧାରିତ ଧାର୍ଯ୍ୟସ୍ଥାନରୁ ମହାସୁଲ ଆଦାୟ କରିବେ।

୬. ଦୈବଦୁର୍ବିପାକ କିମ୍ବା କୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି ତେବେ ପରିଷଦ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ। ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।

୭. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ, କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସେହି ସମ୍ପତ୍ତି ପରିଚାଳନା ନ କରିଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କାକୁ ବାଜ୍ୟାପ୍ତି କରାଯିବ।

୮. ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଯଦି ଉପସ୍ଥିତ ନ ରୁହନ୍ତି ତେବେ ବି ନିୟମାନୁଯାୟୀ ଟେଣ୍ଡର ଠିକ୍ ସମୟରେ ଖୋଲାଯିବ। ଏ ବାବଦରେ କୌଣସି ପ୍ରକାର ଅଭିଯୋଗ ଟେଣ୍ଡର ଖୋଲାଯିବା ପରେ ଗ୍ରହଣୀୟ ହେବ ନାହିଁ।

୯. ତା୧୮।୦୮।୨୦୨୪ରିଖଠାରୁ ତା୨୮।୦୮।୨୦୨୪ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ.୧୦୦୦/-ଙ୍କା (ଏକ ହଜାର ଟଙ୍କା) ମାତ୍ର ଦାଖଲ କରି ପାଇ ପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝି ପାରିବେ।

| କ୍ରମିକ ସଂଖ୍ୟା | ସଇରାତ ସମ୍ପତ୍ତିଗୁଡ଼ିକର ନାମ | ଅମାନତ ଟଙ୍କା | ସର୍ବନିମ୍ନ ଦର |
|---|---|---|---|
| ୦୧ | ପୌରପାଳିକା ଦୈନିକ ପରିବା ବଜାର, ପୁରୁଣା ବଜାର (ଗଣେଶ ମଣ୍ଡପ) ସହ ସମସ୍ତ ଠେଲା ଓ ଉଠା ଦୋକାନୀ | ୨,୦୦,୦୦୦/- | ୮,୩୦,୦୦୦/- |

**OIPR-13088/11/0001/2425** ସ୍ୱା./– ନିର୍ବାହୀ ଅଧିକାରୀ, ପୌରପରିଷଦ, ଦେବଗଡ଼

# OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA

Phone No - (06792) 252593, Fax - 256705;Email Id : dfo.similipalsouthwl@odisha.gov.in
Letter No. 4002/1F/50/2024
Dated, Baripada the 21st August, 2024

**CORRIGENDUM**

No.MM-126: The following modification is hereby issued in respect of the notice for the Request For Proposal (RFP) for "Selection of Agency for Supply and Training of Sniffer/Tracker dog for use in Similipal Tiger Reserve, Mayurbhanj, Odisha" called vide Memo No.3974, dt.20.08.2024;

| Sl. No. | List of Key Event | Critical date |
|---|---|---|
| 1 | Date of issue of RFP | 20.08.24 |
| 2 | Date of availability of complete RFP Documents | 25.08.24 |
| 3 | Last Date of Submission of Bid | 09.09.24, 1.00 P.M. |
| 4 | Date of opening of technical & financial bid | 09.09.24, 3.00 P.M. |

All other terms and conditions of the RFP will remain unaltered.

Yours faithfully
Deputy Director
Similipal (South) WL Division, Baripada

OIPR-08127/11/0010/2425

See Career Appointment on every Wednesday & Saturday

SAMBALPUR UNIVERSITY
Jyoti Vihar, Burla-768 019
Sambalpur, Odisha

ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତି ବିହାର, ବୁର୍ଲା-୭୬୮୦୧୯
ସମ୍ବଲପୁର, ଓଡ଼ିଶା

(Accredited with Grade 'A' by NAAC)

No. 3714/Estate & Maint Date : 20.08.2024

**TENDER CALL NOTICE**

No. CAD-884: Sealed tenders are invited from intending reputed party/Agency/Firm/Company/Organization here in after referred to as Manpower Service provider, for Sambalpur University as mentioned in the Performa as per our terms and conditions so as to reach the undersigned on or before Date 11.09.2024 by 03:00 PM through Speed Post/Registered Post only and which will be opened on the prescribed date & time in presence of the party or their authorized representative (if any). The sealed cover should be superscribed with **"Tender for providing Manpower service to Sambalpur University"**. Sambalpur University reserves all the right to cancel any or all the tenders without assigning any reason thereof. The Performa, terms and conditions can be obtained from the University website www.suniv.ac.in.

Sd./-Registrar

OIPR-11010/11/0012/2425

# ZILLA PARISHAD, MALKANGIRI

**Dist: Malkangiri:764048, Phone No.06861-230409, Fax No.: 06861-230279, E-mail: ori-dmalkangiri@nic.in**

**No.2947/xxxix-04/24** **Date:20.08.24**

**INVITATION OF APPLICATION FOR RECRUITMENT TO THE POST OF GRAM ROZGAR SEVAK (GRS) UNDER MGNREGS IN THE DISTRICT OF MALKANGIRI**

**No.CAD-888:** Applications are invited from the eligible candidates to fill up 88 nos. of post of Gram Rozgar Sevak (GRS) to be engaged in different Gram Panchayats in Malkangiri District on contractual basis under MGNREGA. The newly engaged GRS will get a consolidated monthly remuneration of Rs.7,000/-. After successfully working for more than 1 year & less than 6 years they will get 8500/- per month. They will get 8880/- per month after successfully working for more than 6 years. The last date for submission of application is 26.09.2024. The detailed advertisement having no. of vacancies, remuneration, age, eligibility criteria and other terms & conditions is available in the District Official Website (www.malkangiri.odisha.gov.in.)

**Sd./-Collector-cum-DPC, MGNREGA, Z.P, Malkangiri**
**OIPR-19401/11/0005/2425**

GOVERNMENT OF ODISHA

# FOREST, ENVIRONMENT & CLIMATE CHANGE DEPARTMENT

**No. FE-DIV-FLD-0010-2024-14927/FE&CC**
**10F (Cons)-08/2024 Bhubaneswar, dated the 17.08.24**

**ORDER**

Sub.: Diversion of 0.680 ha. of Revenue forest land for construction of approach road to Wonderla Amusement Park at Village: Kumbharabasta under Khordha Tahasil in Khordha District under Khordha Forest Division by the Chief General Manager (Env.), IDCO, Bhubaneswar.

No. CAD-890: WHEREAS, the Chief General mnager (Env.), IDCO, Bhubaneswar had applied for diversion of 0.680 ha. of Revenue Forest Land for construction of approach road to Wonderla Amusement Park at Village: Kumbharabasta under Khorda Tahasil in Khordha District under Khordha Forest Division.

And Whereas, the Government of India, Ministry of Environment, Forest & Climate Change, Regional Office, Bhubaneswar had accorded **'Stage-I/in-principle'** approval for diversion of 0.680 ha. of Revenue Forest Land for construction of approach road to Wonderla Amusement Park at Village: Kumbharabasta under Khordha Tahasil in Khordha District under Khordha Forest Division by the Chief General Manager (Env.), IDCO, Bhubaneswar subject to fulfilment of the conditions as laid down therein vide Letter Dtd.01.03.2024 **(Annexure-I)**.

And whereas, the Government of India, Ministry of Environment, Forest & Climate Change, Regional Office, Bhubaneswar in consideration of the compliance of the conditions of the 'Stage-I/in-principle' approval, have granted **"Stage-II/final"** approval under Section-2 of the Van (Sanrakshan Evam Samvardhan) Adhiniyam, 1980 for diversion of 0.680 ha. of Revenue Forest Land for consturction of approach road to Wonderla Amusement Park at Village: Kumbharabasta under Khordha Tahasil in Khordha District under Khordha Forest Division by the Chief General Manager (Env.), IDCO, Bhubaneswar, subject to fulfilment of the conditions as stipulated therein vide Letter Dtd.24.07.2024 **(Annexure-II)**.

Now, therefore, the Government of Odisha, do hereby allow diversion of 0.680 ha. of Revenue Forest Land for construction of approach road to Wonderla Amusement Park at Village: Kumbharabasta under Khordha Tahasil in Khordha District under Khordha Forest Division by the Chief General Manager (Env.), IDCO, Bhubaneswar, as per the approved land schedule.

The Collector, Khordha & Divisional Forest Officer, Khordha Forest Division, as the case may be are hereby authorized to handover the forest land coming within their jurisdiction, as has been finally diverted after necessary compliance following due procedure of law. Before handing over the diverted forest land to the useragency, it shall be ensured that Net Present Value of the forest land for this project for which approval has been obtained shall be deposited in full, at applicable rates.

The Divisional Forest Officer, Khordha Forest Division is also directed to monitor compliance to the conditions stipulated for such diversion in the respective forest/wildlife clearance order and to report violations, if any, to the Nodal Officer O/o. Principal Chief Conservator Forests & HoFF, Odisha and to the Forest, Environment & Climate Change Department.

Execution of project activites will be subject to availability of all other statutory clearances required under relevant Acts/Rules for this project, deposit of requisite funds and compliance of Court's order, if any.

By order of the Governor
**Sd./- (Lingaraj Otta)**
**OSD-cum-Special Secretary to Government**

OIPR-14003/11/0051/2425

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୪୮ (୧୪୭.୮୯) ପଏଣ୍ଟ ବଢ଼ି ୮୧,୦୫୩ (୮୧,୦୫୩.୧୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୪୧ (୪୧.୩୦) ପଏଣ୍ଟ ବୃଦ୍ଧି ଘଟି ୨୪,୮୧୧ (୨୪,୮୧୧.୫୦) ଅଙ୍କରେ କାରବାର ଶେଷ କରିଥିଲା।

# ୫ ବର୍ଷରେ ୧୫,୦୦୦କୋଟିର ଋଣ ବଣ୍ଟନ

**ନୂଆଦିଲ୍ଲୀ,୨୨।୮**

■ପ୍ରତିଯୋଗିତାମୂଳକ ସୁଧ ହାରରେ ଋଣ ପ୍ରଦାନ
■୨ଚକିଆ ଯାନ ପାଇଁ ୨.୫ ଲକ୍ଷ
■ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ପ୍ରାୟ ୧ କୋଟି ଟଙ୍କା

ଘରୋଇ ବଜାରରେ ବର୍ତ୍ତମାନ ଋଣ ବଣ୍ଟନ ଓ ପ୍ରଦାନକୁ ନେଇ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ ପ୍ରତିଯୋଗିତାମୂଳକ ସୁଧ ହାରରେ ଋଣ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏପରିକି ଦେଶର ପ୍ରମୁଖ ଡିଜିଟାଲ ଆର୍ଥିକ ନେଣଦେଣକାରୀ ସଂସ୍ଥା ଭାରତ ପେ ମଧ୍ୟ ତା'ର ମର୍ଚ୍ଚାଣ୍ଟ ସହଭାଗୀଙ୍କ ଲାଗି ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ସୁରକ୍ଷିତ ଋଣ ସୁବିଧା ପ୍ରଦାନ କରିବ ବୋଲି ଘୋଷଣା କରିଛି। ଏପରିକି ପ୍ରଥମ ପର୍ଯ୍ୟାୟରେ କମ୍ପାନୀ ଦୁଇଚକିଆ ଯାନ ଋଣ ଓ ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ତା'ର ବିଦ୍ୟମାନ ଗ୍ରାହକଙ୍କୁ ଋଣ ଦେବ। ଏହା ବ୍ୟତୀତ କମ୍ପାନି ଭୋଲଟ ମନି ସହଭାଗିତାରେ ଋଣ ସୁବିଧା ଯୋଗାଇଦେବ ଏବଂ ମର୍ଚ୍ଚାଣ୍ଟ ସହଭାଗୀଙ୍କ ଲାଗି ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ଋଣ ସୁବିଧା ପାଇଁ ଭୋଲଟ ମନି ସହିତ ସହଭାଗିତା ମଧ୍ୟ କରିଛି। ସେହିଭଳି କମ୍ପାନୀ ତା'ର ବହୁମୁଖୀ ଉତ୍ପାଦର ପ୍ରସାର ଓ ମଲ୍ଟି ଲେଣ୍ଡର ସୁବିଧାକୁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରସାରିତ କରିବ। ଉଭୟ ଦୁଇଚକିଆ ଯାନ ଋଣ ଓ ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ଋଣ ଭାରତ ପେ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ ଏବଂ କମ୍ପାନୀ ପକ୍ଷରୁ ତା'ର ମର୍ଚ୍ଚାଣ୍ଟଙ୍କ ଲାଗି ବହୁ ପ୍ରକାର ସୁବିଧା ସୁଯୋଗ ମଧ୍ୟ ପ୍ଲାଟ୍‌ଫର୍ମ ଜରିଆରେ ରଖାଯାଇଛି। ଭାରତ ପେ ମର୍ଚ୍ଚାଣ୍ଟ ବର୍ତ୍ତମାନ ପ୍ରତିଯୋଗିତାମୂଳକ ସୁଧ ହାରରେ ଦୁଇଚକିଆ ଯାନ ଲାଗି ୨.୫ ଲକ୍ଷ ଋଣ ପ୍ରଦାନ କରିବ। ଏପରିକି ଋଣ ଆବେଦନ ପ୍ରକ୍ରିୟା ୧୦୦% ଡିଜିଟାଲ ଓ ଏହାର ପରିଶୋଧକୁ ୧୨ ରୁ ୪୮ମାସ ମଧ୍ୟରେ ପ୍ରଦାନ ଲାଗି ମର୍ଚ୍ଚାଣ୍ଟମାନେ ମଧ୍ୟ ବାଛିପାରିବେ। ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ଋଣ ପାଇଁ ଭାରତ ପେ'ର ମର୍ଚ୍ଚାଣ୍ଟମାନେ ଏଥିପାଇଁ ୧କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିପାରିବେ।




ଏ ସମ୍ପର୍କରେ ଭାରତ ପେ'ର ସିଇଓ ନଳୀନ ନେଗୀ କହିଛନ୍ତି, ମର୍ଚ୍ଚାଣ୍ଟଙ୍କୁ ନୂଆ ନୂଆ ସୁଯୋଗ ପ୍ରଦାନ ଲାଗି ୨୦୧୮ରେ ଭାରତ ପେ ଆରମ୍ଭ ହୋଇଥିଲା। ଗତ କିଛି ବର୍ଷ ମଧ୍ୟରେ ଆମେ ଆମ କାର୍ଯ୍ୟ ପରିସରରେ ଯଥେଷ୍ଟ ଉନ୍ନତି କରିଛୁ। ଏପରିକି ୫ ବର୍ଷ ମଧ୍ୟରେ ୧୫,୦୦୦ କୋଟିରୁ ଅଧିକ ଋଣ ବିତରଣ କରିଛୁ। ଓଟିଓ କ୍ୟାପିଟାଲ ଓ ଭୋଲଟ ମନିକୁ ମଧ୍ୟ ମୁଁ ଧନ୍ୟବାଦ ଜଣାଉଛି, ଯିଏ କି ଆମ ସହିତ ହାତ ମିଳାଇ ଆମର ୧.୩କୋଟିରୁ ଅଧିକ ମର୍ଚ୍ଚାଣ୍ଟ ପାର୍ଟନରଙ୍କ ପାଇଁ ଋଣ ସୁବିଧାକୁ ପ୍ରସାରିତ କରିଛନ୍ତି। ଏହାଦ୍ୱାରା ଏକ ବ୍ୟାପକ ଋଣ ପୋର୍ଟଫୋଲିଓ ସୃଷ୍ଟିହେବ। ଏହି ମାସ ଋଣ ବର୍ଗରେ ଆମେ ବହୁ ସୁରକ୍ଷିତ ଋଣ ବୈଶିଷ୍ଟ୍ୟ ଯୋଗକରିଛୁ। ଆଗାମୀ ମାସଗୁଡ଼ିକରେ ଆମେ ନିଜର ମର୍ଚ୍ଚାଣ୍ଟ ସହଭାଗୀଙ୍କୁ ଅଧିକ ସଶକ୍ତ କରିବାକୁ ଆଶାବାଦୀ ରହିଛୁ।

ଓଟିଓ କ୍ୟାପିଟାଲର ସିଇଓ ସୁମିତ ଚାଜେଡ୍ କହିଛନ୍ତି, ଗତିଶୀଳତା ଦ୍ୱାରା ଜୀବନରେ ପରିବର୍ତ୍ତନ ଆସିଥାଏ। ଏପରିକି ଆମେ ଆମର ବ୍ୟବସାୟିକ ଅଭିବୃଦ୍ଧି ପାଇଁ ମିଳିତ ଭାବେ ସହଭାଗିତା ଜରିଆରେ ଭାରତର ଔଦ୍ୟୋଗିକତା ସଶକ୍ତୀକରଣ ଲାଗି କାର୍ଯ୍ୟ କରୁଛୁ। ଆମର ଲକ୍ଷ୍ୟ ହେଉଛି,ଭାରତରେ ଆଶାୟୀ ବ୍ୟକ୍ତିଙ୍କୁ ସୁବିଧାରେ ଦୁଇଚକିଆ ଯାନ ଋଣ ଉପଲବ୍ଧ କରାଇବା।

ଭୋଲଟ ମନିର କୋ-ଫାଉଣ୍ଡର ତଥା ସିଁଓ ଭାରତ ଲାମ୍ବା କହିଛନ୍ତି, ଭାରତ ପେ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ କମ୍ପାନୀ ଭାବେ ଆମେ ଭାରତ ପେ ଅଭିଯାନ ସହ ମିଶି ଭାରତୀୟ ମର୍ଚ୍ଚାଣ୍ଟଙ୍କ ଲାଗି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦିଗରେ ପ୍ରୟାସ ଜାରି ରଖିବୁ।

ମ୍ୟୁଚୁଆଲ ଫଣ୍ଡ ବିପକ୍ଷରେ ତୁରନ୍ତ ଋଣ ପ୍ରଦାନ ଲାଗି ଆମେ ଶର୍ଟଟର୍ମ ଲିକ୍ୟୁଡିଟି ଓ ଏମ୍ଏସ୍ଏମ୍ଇର କାର୍ଯ୍ୟକାରୀ ଆବଶ୍ୟକୀୟ ପୁଞ୍ଜିବ୍ୟବସ୍ଥା କରିବୁ। ଆମର ଏହି ସହଯୋଗ ଭାରତ ପେର ବ୍ୟାପକ ମର୍ଚ୍ଚାଣ୍ଟଙ୍କ ସୁବିଧା ପାଇଁ ସହାୟତା କରିବୁ।

# ଜୁନ୍‌ରେ ଜିଓର ୨.୭୨ ଲକ୍ଷ ନୂଆ ଗ୍ରାହକ

**ଭୁବନେଶ୍ୱର,୨୨।୮**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ 'ରିଲାଏନ୍ସ ଜିଓ' ଓଡ଼ିଶାର ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଏପରିକି ରାଜ୍ୟରେ ଜିଓ ତା'ର ୧ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଉଲ୍ଲେଖଯୋଗ୍ୟ, ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ଦ୍ୱାରା ପ୍ରକାଶିତ ସର୍ବଶେଷ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ୨୦୨୪ ଜୁନ୍ ଶେଷ ସୁଦ୍ଧା ଓଡ଼ିଶାରେ ସର୍ବାଧିକ ୨.୭୨ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୭ କୋଟି ଅତିକ୍ରମ କରିଛି। ସେହିଭଳି ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪ ଜୁନ୍ ଶେଷ ସୁଦ୍ଧା ରାଜ୍ୟରେ ଟେଲିକମ୍ ଶିଳ୍ପର ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୨.୯୭ ଲକ୍ଷ ବୃଦ୍ଧି ସହ ଓଡ଼ିଶାର ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୩.୪୨ କୋଟିରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଉଭୟ ବିଏସ୍ଏନ୍ଏଲ୍ ଏବଂ ଭୋଡାଫୋନ-ଆଇଡିଆ ବହୁ ହଜାର ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି।




ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଓ୍ୱାଇରଲାଇନ୍ ସେଗ୍‌ମେଣ୍ଟରେ ମଧ୍ୟ ଜିଓ ଓଡ଼ିଶାରେ ତା'ର ୧ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିବା ସହ ୩ଲକ୍ଷ ଓ୍ୱାଇରଲାଇନ୍ ଗ୍ରାହକର ମାଇଲଖୁଣ୍ଟ ଅତିକ୍ରମ କରିବାରେ ସକ୍ଷମ ହେବା ସହ ରାଜ୍ୟର ପ୍ରଥମ ତଥା ଏକମାତ୍ର ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଓଡ଼ିଶାରେ ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣକୁ ଆଗକୁ ବଢ଼ାଇ ରିଲାଏନ୍ସ ଜିଓ ତା'ର ଦ୍ରୁତଗତିରେ ସମ୍ପ୍ରସାରିତ ହେଉଥିବା ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ସେବା ମାଧ୍ୟମରେ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଏବଂ ବିଶ୍ୱସ୍ତରୀୟ ଗୃହ ମନୋରଞ୍ଜନ ବା ହୋମ୍ ଏଣ୍ଟରଟେନ୍‌ମେଣ୍ଟ ସହ ରାଜ୍ୟର ୩ ଲକ୍ଷରୁ ଅଧିକ ଘର ଓ ପରିସରକୁ ସଂଯୋଗ କରିଛି।

ଜାତୀୟ ସ୍ତରରେ ମଧ୍ୟ ଜିଓ ସର୍ବାଧିକ ୧୯ଲକ୍ଷରୁ ଅଧିକ ମୋବାଇଲ ଗ୍ରାହକ ଜୁନ୍ ମାସରେ ଯୋଡିବା ସହିତ ସର୍ବଭାରତୀୟ ସ୍ତରରେ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଜୁନ୍ ଶେଷ ସୁଦ୍ଧା ୪୭.୬୫କୋଟିରୁ ଅଧିକ ରହିଛି।

# ସମସ୍ୟାର ସମାଧାନ କରାଇବ ଏଆଇ

**ନୂଆଦିଲ୍ଲୀ,୨୨।୮**

ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କୁ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଏପରିକି ସବୁ ସ୍ତରର ସମସ୍ୟାକୁ ଏଆଇ ଜରିଆରେ ସମାଧାନ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ଚଳିତ ଶିକ୍ଷାବର୍ଷରୁ ୧୦.୬୮ଲକ୍ଷ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଏଆଇ ପାଠ୍ୟକ୍ରମ ସହ ପରିଚିତ କରାଯିବ। ଏପରିକି ଏଆଇର ମୌଳିକ ବିଷୟ, ବାସ୍ତବ ଦୁନିଆର ସମସ୍ୟା ପାଇଁ ଅଭିନବ ସମାଧାନ ପଦ୍ଧତି,ସ୍କ୍ରାଚ୍ ପ୍ରୋଗ୍ରାମିଂ ଓ କୌଶଳୀ କ୍ଲବ ପାଠ୍ୟକ୍ରମର ଏକ ଅଂଶ ଭାବରେ କୋଚିଂ ଦିଆଯିବ। ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୩୦ ଜିଲାର ୮୮୬୩ଟି ସରକାରୀ ବିଦ୍ୟାଳୟରେ ଗଣିତ ଚିନ୍ତାଧାରା ଶିକ୍ଷାକୁ ସ୍ୱଷ୍ଟ ରୂପେ ପ୍ରଶିକ୍ଷଣ ଓ ଜଟିଳ ବିଷୟର ସମାଧାନ ପ୍ରଦାନ ଲାଗି ଏକ ସ୍ୱତନ୍ତ୍ର ଫ୍ରେମ୍‌ୱାର୍କ ପ୍ରଦାନ କରିବ। ସେହିଭଳି ୩୧ଟି ପାଠ୍ୟକ୍ରମ ସହ ମଡ୍ୟୁଲ ବିଦ୍ୟାର୍ଥୀଙ୍କ ପାଇଁ ଭବିଷ୍ୟତର ଏହା ସୁଯୋଗ ଆଣିଦେବ ଓ ସେମାନଙ୍କୁ ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ପରିଚିତ କରାଇବ। ଏପରିକି ଯୁବକମାନଙ୍କୁ ପ୍ରଯୁକ୍ତିବିଦ୍ୟା ପ୍ରତି ଆକୃଷ୍ଟ କରାଇବ, ଯାହାଦ୍ୱାରା ନୂଆ ଉଦ୍ଭାବନ,ସମସ୍ୟା ସମାଧାନରେ ସହାୟକ ହେବ। ଏ ସମ୍ପର୍କରେ କ୍ୱେଷ୍ଟ ଏଲାଇନ୍ସର ନିର୍ଦ୍ଦେଶକ (ସ୍କୁଲ ପ୍ରୋଗ୍ରାମ) ନେହା ପରତି କହିଛନ୍ତି, ଗତ ବର୍ଷ ୯ମ ଶ୍ରେଣୀ ପାଇଁ ଲାଗୁହୋଇଥିବା ଆକାଂକ୍ଷା ପାଠ୍ୟକ୍ରମର ସଫଳତା ସରକାରଙ୍କୁ ଦଶମ ଶ୍ରେଣୀରେ ମଧ୍ୟ ବିସ୍ତାର କରିବାକୁ ପ୍ରେରଣା ଦେଇଛି। କ୍ୱେଷ୍ଟ ଆଲାଏନ୍ସ, ଲର୍ନିଂ ଲିଙ୍କ୍ ଫାଉଣ୍ଡେଶନ ଓ ରାସପବେରୀ ପିଆଇ ଫାଉଣ୍ଡେଶନ ବିଶେଷଜ୍ଞଙ୍କ ଦ୍ୱାରା ଡିଜାଇନ ହୋଇଥିବା ଏହି ଡିଜିଟାଲ ସାକ୍ଷରତା ହେଉଛି, ଛାତ୍ରମାନଙ୍କ ଲାଗି ବୃତ୍ତିଗତ ଭାବେ ଆଗକୁ ବଢ଼ିବା ପାଇଁ ଏକ ନିଶ୍ଚିତ ଶିକ୍ଷଣ ଫଳାଫଳ। ଛାତ୍ରମାନଙ୍କୁ ଭବିଷ୍ୟତ ଲକ୍ଷ୍ୟ ହାସଲ କରିବାରେ ଏହା ବେଶ୍ ସହାୟକ ହେବ। ମାଷ୍ଟର ଟ୍ରେନର ଦେବାଶିଷ ମଲ୍ଲିକ କହିଛନ୍ତି, ପାଠ୍ୟକ୍ରମ ଛାତ୍ରମାନଙ୍କ ଉପରେ ଗଠନମୂଳକ ପ୍ରଭାବ ପକାଇବ। ଭବିଷ୍ୟତର ବୃତ୍ତିଭାବେ ଏହା କମ୍ପ୍ୟୁଟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅନୁସନ୍ଧାନରେ ଆଗ୍ରହ ସୃଷ୍ଟି କରିଛି। ଅଧିକନ୍ତୁ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ଏହି ପାଠ୍ୟକ୍ରମ ଯୁବକମାନଙ୍କ ଲାଗି ବଡ଼ ସୁଯୋଗ ଖୋଲିବ। ଏହା ଏଆଇରେ ଅଗ୍ରଗତି ଜରିଆରେ ସେମାନଙ୍କୁ କ୍ୟାରିୟର ମାର୍ଗରେ ସହାୟତା ଯୋଗାଇବ।

# ଜାସ୍ ମୋଟର୍ସଙ୍କୁ ସୁୟାରିତ ସ୍ୱର୍ଣ୍ଣ ପୁରସ୍କାର




**ଭୁବନେଶ୍ୱର,୨୨।୮**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଜାସ୍ ମୋଟର୍ସଙ୍କୁ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜାସ୍ ମୋଟର୍ସଙ୍କୁ ନିକଟରେ ସୁୟାରିତ ସ୍ୱର୍ଣ୍ଣ ପୁରସ୍କାର ଦିଆଯାଇଛି। ଓଡ଼ିଶାର ଏକମାତ୍ର ୫ତାରକା ଡିଲର ଭାବେ ଜାସ୍ ମୋଟର୍ସଙ୍କୁ ଏହି ସମ୍ମାନ ହୋଣ୍ଡା ମୋଟରସାଇକେଲ ଏବଂ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ପକ୍ଷରୁ ପ୍ରଦାନ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଭାରତର ପ୍ରାୟ ୨୦୦୦ ଡିଲର୍ସଙ୍କ ମଧ୍ୟରୁ ମାତ୍ର ୧୩ଜଣ ଡିଲର ଏହି ୫ ତାରକା ଡିଲର ଭାବେ ଶ୍ରେଣୀଭୁକ୍ତ ହୋଇଛନ୍ତି, ଯାହା ବ୍ରାଣ୍ଡର ଏହି ସଫଳତାକୁ ମହତ୍ତ୍ୱପୂର୍ଣ୍ଣ ଏବଂ ପ୍ରଶଂସାଯୋଗ୍ୟ କରାଇଛି। ବିଶେଷକରି ଏହାର ଚୟନ ପ୍ରକ୍ରିୟା ବହୁ ବ୍ୟାପକ ଭାବେ ହୋଇଥାଏ। ଏପରିକି ୩୦୦ରୁ ଅଧିକ ପାରାମିଟର ଉପରେ ଏହା ଆଧାରିତ ଥିଲାବେଳେ ଡିଲରଶିପ୍‌ର ଉତ୍ତମତା ପ୍ରତି ଅଙ୍ଗୀକାରକୁ ମଧ୍ୟ ଏହା ପରିପ୍ରକାଶ କରିଥାଏ।

ଏ ସମ୍ପର୍କରେ ଜାସ୍ ମୋଟର୍ସର ପ୍ରମୋଟର ତଥା ସିଇଓ ଶମଶେର ସିଂହ ହୁରା କହିଥିଲେ, ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ନିର୍ମିତ ପ୍ରୟାସ ଏବଂ କଠିନ ଶ୍ରମର ଫଳ ଆମର କମ୍ପାନୀକୁ ଏହି ଗୌରବ ମିଳିଛି। ଏହି ସମ୍ମାନ ଆମର ଉତ୍ତମତା ପ୍ରତିପ୍ରତିବଦ୍ଧତାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଦକ୍ଷ ଭିତ୍ତିଭୂମି ସହ ସ୍ଥାୟିତ୍ୱକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୨୨।୮**

ନେକ୍ସଟ୍ରା ଡାଟା ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅଭିନବ ପ୍ରକଳ୍ପ 'ସ୍ଥାୟିତ୍ୱ ରିପୋର୍ଟ'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ ନିକଟରେ ହୋଇଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ସ୍ଥାୟିତ୍ୱ ରିପୋର୍ଟର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ବିଶେଷକରି ପରିବେଶ, ସାମାଜିକ ତଥା ଶାସନ ରୀତି (ଇଏସ୍‌ଜି) ମାପଦଣ୍ଡ ଇତ୍ୟାଦି ଉକ୍ତ ରିପୋର୍ଟରେ ସାମିଲ ରହିଛି। ସେହିଭଳି ଭବିଷ୍ୟତ ପ୍ରସ୍ତୁତକାରୀ ନିର୍ମାଣ ପଦକ୍ଷେପ, ଉଚ୍ଚ ଶକ୍ତିଶାଳୀ କାର୍ଯ୍ୟକ୍ଷମତାକୁ ଧରି ରଖିବା ପାଇଁ ଉନ୍ନତ ଜ୍ଞାନକୌଶଳ ବୈଷୟିକ ତଥା ଡିଜିଟାଲ ଭିତ୍ତିଭୂମି ପ୍ରତିଷ୍ଠା,ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ସେବା ପ୍ରଦାନକୁ ଗୁରୁତ୍ୱ ଦିଆଯାଇଛି।

ଏ ସମ୍ପର୍କରେ ନେକ୍ସଟ୍ରାର ସିଇଓ ଆଶିଷ ଅରୋରା କହିଛନ୍ତି, ଭବିଷ୍ୟତର ତଥ୍ୟ ପ୍ରଦାନକାରୀ କେନ୍ଦ୍ର, ଦକ୍ଷ ଭିତ୍ତିଭୂମି ସହ ସ୍ଥାୟିତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଏପରିକି ଆମର ସକ୍ଷମତାକୁ ନେଇ ସ୍ୱର ମିଳାଇବ ସହ ସମନ୍ୱିତ ଅଭିନବୀକରଣ ଇଏସ୍‌ଜି ପଦକ୍ଷେପ ଏବଂ ଆମର ବ୍ୟବସାୟିକ ମଡେଲ ତଥା ଏହାର କାର୍ଯ୍ୟ ପ୍ରଣାଳୀ ତଥ୍ୟ କେନ୍ଦ୍ର ପ୍ରତିଷ୍ଠା ତଥା ଏହାର କାର୍ଯ୍ୟକାରିତାକୁ ପ୍ରଥମ ଦିନରୁ ହିଁ ପୂର୍ଣ୍ଣାଙ୍ଗ କରିବାରେ ସକ୍ଷମ ହୋଇପାରିବ। ଯେହେତୁ ଆମର ସ୍ଥାୟିତ୍ୱ ରିପୋର୍ଟ ଏହା ଉପରେ ଅଧିକ ଆଲୋକପାତ କରୁଛି, ସେଥିପାଇଁ ରହିଥିବା ଆମର ତିନୋଟି ସ୍ଥାୟିତ୍ୱ ମାପଦଣ୍ଡ ତଥା ପରିବେଶ, ସାମାଜିକ ତଥା ଗଭର୍ନାନ୍ସର ରୂପରେଖକୁ ନେଇ ଆମେ ଏଇ ବର୍ଷ ମଧ୍ୟରେ ଏହାକୁ ଆହୁରି ଆଗକୁ ନେବା ସହ ଏହାକୁ ଆମର ପ୍ରମୁଖ ଦୃଷ୍ଟିକାରୀ ବିଷୟବସ୍ତୁ ଭାବେ ଏହା ଉପରେ ଅଧିକ ଆଲୋକପାତ କରିଛୁ।

## ଫୁର୍‌ସତ

# ଚନ୍ଦ୍ରର ସ୍ପର୍ଶ, ଜୀବନର ଉତ୍କର୍ଷ: ଭାରତର ଅନ୍ତରୀକ୍ଷ ଗାଥା

**ଆଜି ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ**



ଗତ ବର୍ଷ ଅଗଷ୍ଟ ୨୩ ତାରିଖରେ ଭାରତର ଚନ୍ଦ୍ରୟାନ-୩ ଉପଗ୍ରହ ଚନ୍ଦ୍ରର ଦକ୍ଷିଣ ମେରୁଠାରେ ସଫଳତାର ସହ ଧୀର ଅବତରଣ କରିଥିଲା। ଏହା ଥିଲା ଅନ୍ତରୀକ୍ଷ ଅଭିଯାନ କ୍ଷେତ୍ରରେ ଆମ ଦେଶର ସର୍ବଶ୍ରେଷ୍ଠ ଉପଲବ୍ଧି। ଚନ୍ଦ୍ର ପୃଷ୍ଠରେ ଧୀର ଅବତରଣ ବା ସଫ୍ଟ ଲ୍ୟାଣ୍ଡିଂ କରିବାରେ ଆମ ଦେଶ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ଏବଂ ଚନ୍ଦ୍ରର ଦକ୍ଷିଣ ମେରୁଠାରେ ଧୀର ଅବତରଣ କରିବାରେ ବିଶ୍ୱର ପ୍ରଥମ ରାଷ୍ଟ୍ର ଥିଲା। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ଭାରତ ସରକାର ଅଗଷ୍ଟ ୨୩ ତାରିଖକୁ 'ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ' ରୂପେ ପାଳନ କରିବାକୁ ଘୋଷଣା କରିଛନ୍ତି। ପ୍ରଥମ ଅନ୍ତରୀକ୍ଷ ଦିବସ ପାଳନର ଶୀର୍ଷକ ହେଉଛି 'ଚନ୍ଦ୍ରର ସ୍ପର୍ଶ, ଜୀବନର ଉତ୍କର୍ଷ : ଭାରତର ଅନ୍ତରୀକ୍ଷ ଗାଥା'। ସୁତରାଂ ଆମର ଚନ୍ଦ୍ର ଅଭିଯାନ କେବଳ ଏକ ପ୍ରଯୁକ୍ତିଗତ ପାରଦର୍ଶିତାର ପ୍ରଦର୍ଶନ ନୁହେଁ, ବରଂ ସୁଦୂର ଚନ୍ଦ୍ର ରାଇଜର ରହସ୍ୟକୁ ଉନ୍ମୋଚନ କରି ସେଥିରୁ ଆହରିତ ଜ୍ଞାନକୌଶଳକୁ ସମାଜ ମଙ୍ଗଳ ନିମନ୍ତେ ବିନିଯୋଗ କରି ମାନବ ଜୀବନକୁ ଗୁଦ୍ଧିମନ୍ତ କରିବା।

ଚନ୍ଦ୍ରୟାନ-୩ ଅଭିଯାନ ମୂଳତଃ ଅନ୍ତରୀକ୍ଷରେ ଏକ ମାନବରହିତ କାର୍ଯ୍ୟକ୍ରମ। ଏହି ଅଭିଯାନ ଜରିଆରେ କେବଳ କେତେକ ବୈଜ୍ଞାନିକ ଯନ୍ତ୍ରାବଳିକୁ ଚନ୍ଦ୍ରପୃଷ୍ଠରେ ସୁରକ୍ଷିତ ରୂପେ ସ୍ଥାନିତ କରାଯାଇ ପାରିଛନ୍ତି। ଏହି ଯନ୍ତ୍ରାବଳି ଚନ୍ଦ୍ରପୃଷ୍ଠରେ ରହି ଆପେ ଆପେ କାର୍ଯ୍ୟ କରିବ ଏବଂ ସେଗୁଡିକୁ ପୃଥିବୀକୁ ଫେରାଇ ଆଣିବାର ଆବଶ୍ୟକତା ନାହିଁ। ଏହି ଉପଲବ୍ଧିଠାରୁ ଅଧିକ ଉଚ୍ଚକୋଟୀର ଉପଲବ୍ଧି ହେବ ଚନ୍ଦ୍ରକୁ ମନୁଷ୍ୟ ପ୍ରେରଣ କରି ପୃଥିବୀକୁ ନିରାପଦ ରୂପେ ଫେରାଇ ଆଣିବା କାର୍ଯ୍ୟକ୍ରମ। ଏହା କୌଣସି ମନୁଷ୍ୟ ବିହୀନ ଅଭିଯାନଠାରୁ ଯଥେଷ୍ଟ ଜଟିଳ ଓ କଠିନ ପ୍ରକ୍ରିୟା ଏବଂ ଏ ଦିଗରେ ପଦେ ପଦେ ବିପଦ ରହିଛି। ପ୍ରଥମତଃ, ଚନ୍ଦ୍ରପୃଷ୍ଠରେ ସୁଚାରୁ ରୂପେ ଧୀର-ଅବତରଣ କରି ନ ପାରିଲେ ଯାନଟି ଚନ୍ଦ୍ରମାଟିରେ ପିଟି ହୋଇ ନଷ୍ଟ ହୋଇଯିବ ଏବଂ ଏଥିରେ ଥିବା ମହାକାଶଚାରୀଙ୍କ ମୃତ୍ୟୁ ଘଟିବ। ଦ୍ୱିତୀୟତଃ, ମହାକାଶଚାରୀଙ୍କୁ ସୁରକ୍ଷିତ ରୂପେ ପୃଥିବୀ ଫେରାଇ ଆଣିବାକୁ ପଡ଼ିବ। ଏଥି ନିମନ୍ତେ ଫେରନ୍ତା ପଥରେ ଯାନକୁ ପୃଥିବୀର ବାୟୁମଣ୍ଡଳ ମଧ୍ୟରେ ପୁନଃପ୍ରବେଶ କରିବାକୁ ପଡ଼ିବ। ଏହି ସମୟରେ ଯାନଟି ପୃଥିବୀର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ପ୍ରଚଣ୍ଡ ଗତିରେ ଛୁଟି ଯାଉଥିଲାବେଳେ ବାୟୁମଣ୍ଡଳର ଘର୍ଷଣ ହେତୁ ଯାନର ତାପମାତ୍ରା ବୃଦ୍ଧି ପାଇ ନିମିଷକ ମଧ୍ୟରେ ପ୍ରାୟ ୩୦୦୦ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚି ଥାଏ, ଯେଉଁ ତାପମାତ୍ରାରେ ଲୁହା ସମେତ ଅଧିକାଂଶ ଧାତୁ ତରଳି ଯିବେ। ଏହି ପ୍ରଚଣ୍ଡ ତାପମାତ୍ରାକୁ ସହନ କରିବା ନିମନ୍ତେ ଯାନର ବାହାରପଟେ ସ୍ୱତନ୍ତ୍ର ତାପନିରୋଧକ ଟାଇଲମାନ ଖଞ୍ଜା ଥାଏ ଯାହା ଯାନ ସମେତ ଯାନସ୍ଥିତ ମହାକାଶଚାରୀଙ୍କୁ ରକ୍ଷାକରେ।

ସୁତରାଂ ଆମେ ଚନ୍ଦ୍ରୟାନ-୩ ସଫଳତାରେ ଆତ୍ମହରା ନ ହୋଇ ଚନ୍ଦ୍ରକୁ କିପରି ନିକଟ ଭବିଷ୍ୟତରେ ଭାରତୀୟ ମହକାଶଚାରୀ ଥିବା ଏକ ଯାନ ପଠାଇବା ଚିନ୍ତା କରିବା କଥା। ଆମର ମନୁଷ୍ୟ ଥିବା ମହତ୍ତ୍ୱାକାଂକ୍ଷୀ 'ଗଗନଯାନ' କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟସୀମାଠାରୁ ବିଳମ୍ବରେ ଚାଲିଛି ଏବଂ ଆଗାମୀ ୨୦୨୫ ମସିହା ମଧ୍ୟଭାଗ ବେଳକୁ ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ କେତେଜଣ ଭାରତୀୟ ମହାକାଶଚାରୀ ମହାକାଶଯାତ୍ରା କରିବେ ବୋଲି ଆଶା କରାଯାଏ। ଆମର ଏହି ଅଭିଯାନ ସଫଳ ହେଲେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଆମେ ଚନ୍ଦ୍ରକୁ ମନୁଷ୍ୟ ପଠାଇ ସେଠାରେ ଭାରତର ଏକ ସ୍ଥାୟୀ ଘାଟି ନିର୍ମାଣ କଥା ଚିନ୍ତା କରି ପାରିବା।

**-ନିକୁଞ୍ଜ ବିହାରୀ ସାହୁ,** ଏଜୁକେଶନ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ଭିକିଙ୍କୁ ଧମକ ଦେଇଥିଲେ କ୍ୟାଟ୍ରିନା



**ମୁମ୍ବାଇ:** ବଲିଉଡ୍‌ର ଷ୍ଟାର ଦମ୍ପତିଙ୍କ ମଧ୍ୟରେ ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କ ଯୋଡ଼ି ଅନ୍ୟତମ। ବିବାହ ନ ହେବା ଯାଏ ଏହି ୨ ଷ୍ଟାର ଯୋଡି ସେମାନଙ୍କ ସମ୍ପର୍କକୁ ସାର୍ବଜନୀନ କରି ନ ଥିଲେ। ସେପର୍ଯ୍ୟନ୍ତ ଉଭୟଙ୍କ ଡିନର ଡେଟ୍‌ର କୌଣସି ଫଟୋ ସାମ୍ନାକୁ ଆସି ନ ଥିଲା। ତେବେ ୨୦୨୧ରେ ବିବାହ କରୁଥିବା ନେଇ ଉଭୟେ ଘୋଷଣା କରିଥିଲେ। ୨୦୨୧ ଡିସେମ୍ବର ୯ରେ ଉଭୟ ଭିକି ଏବଂ କ୍ୟାଟ୍ରିନା ପରସ୍ପର ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

ତେବେ ବିବାହର ଠିକ୍ ପୂର୍ବରୁ କ୍ୟାଟ୍ରିନାଙ୍କ ଏକ ଧମକରେ ଭିକି ଚିନ୍ତିତ ହୋଇ ପଡ଼ିଥିଲେ। ବୁଧବାର ଏକ ସାକ୍ଷାତ୍‌କାର ଦେବା ସମୟରେ ଭିକି ଏନେଇ ପ୍ରଘଟ କରିଛନ୍ତି। ଭିକି କହିଛନ୍ତି, ବିବାହ ପୂର୍ବରୁ ସେ ନିଜ ଫିଲ୍ମ 'ଜରା ହଟ୍‌କେ ଜରା ବଚ୍‌କେ'ର ଅଧା ଶୁଟିଂ ଶେଷ କରି ସାରିଥିଲେ। ତାଙ୍କୁ ବିବାହ କରିବାର ୨ ଦିନ ମଧ୍ୟରେ ହିଁ ନିଜର କର୍ମକ୍ଷେତ୍ରକୁ ଫେରିବାର ଥିଲା। ସେଥିପାଇଁ ସେ ଶୁଟିଂ ସେଟ୍‌ରୁ ୨ ଦିନିଆ ଛୁଟି ନେଇଥିଲେ। କିନ୍ତୁ ଯେତେବେଳେ କ୍ୟାଟ୍ରିନା ଏହା ଜାଣିଥିଲେ ସେ ଅତ୍ୟନ୍ତ କ୍ରୋଧିତ ହୋଇଯାଇଥିଲେ। ରାଗରେ କ୍ୟାଟ୍ରିନା ତାଙ୍କୁ ବିବାହ ନ କରିବାକୁ ଧମକ ଦେଇଥିଲେ ବୋଲି ଏହି ସାକ୍ଷାତ୍‌କାରରେ ଭିକି କହିଛନ୍ତି। କ୍ୟାଟ୍ରିନା ରାଗରେ ଭିକିଙ୍କୁ କହିଥିଲେ, ଯଦି ଫିଲ୍ମ ଶୁଟିଂ ଏତେ ଜରୁରୀ ତେବେ ବିବାହ କରିବା ଦରକାର ନାହିଁ। ବିନା ଛୁଟି ନେଇ ଫିଲ୍ମ ଶୁଟିଂ ଜାରି ରଖ। ନିକଟରେ ଭିକିଙ୍କର 'ବ୍ୟାଡ୍ ନ୍ୟୁଜ' ଫିଲ୍ମ ରିଲିଜ ହୋଇଛି। ଏଥିରେ ତାଙ୍କର 'ତୌବା ତୌବା' ଡ୍ୟାନ୍ସକୁ ଦର୍ଶକ ବହୁମାତ୍ରାରେ ପସନ୍ଦ କରିଛନ୍ତି। ସେହିପରି ଲକ୍ଷ୍ମଣ ଉଟେକର୍‌ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଛାବା' ରେ ଭିକି ଛତ୍ରପତି ସମ୍ଭାଜି ମହାରାଜଙ୍କ ଚରିତ୍ରରେ ନଜର ଆସିବେ। ନିକଟରେ ଏହାର ଟିଜର ରିଲିଜ ହୋଇଛି। ଆସନ୍ତା ଡିସେମ୍ବର ୬ରେ 'ଛାବା' ଫିଲ୍ମ ରିଲିଜ୍ ହେବ।

# ୧୭ ପୁରୁଷଙ୍କୁ ଆକ୍ରମଣ କରିଛି ହଣ୍ଟେଡ୍ ଡଲ୍

**ଲଣ୍ଡନ:** ବ୍ରିଟେନ୍‌ର ଏଲିଜାବେଥ୍ ନାମକ ଏକ କଣ୍ଢେଇକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି କଣ୍ଢେଇଟି ଏକ ହଣ୍ଟେଡ୍ ଡଲ୍ ହୋଇଥିବା ନେଇ ଏହାର ମାଲିକ ଲି ଷ୍ଟୀର ଦାବି କରିଛନ୍ତି। ସାଉଥ୍ ୟାର୍କସାୟରସ୍ଥିତ ରଦରହମଠାରେ ରହୁଥିବା ପାରାନର୍ମାଲ ଇନ୍‌ଭେଷ୍ଟିଗେଟର ଲି ଷ୍ଟୀର (୩୭) ଇ-କମର୍ସ ପ୍ଲାଟଫର୍ମ 'ଇ-ବେ'ରୁ ୮୬୬ ପାଉଣ୍ଡ(ପ୍ରାୟ ୯୫ ହଜାର ଟଙ୍କା) ମୂଲ୍ୟରେ ଏହି କଣ୍ଢେଇକୁ କିଣିଥିଲେ। ରଦରହମରେ ଷ୍ଟୀରଙ୍କର ଏକ ମ୍ୟୁଜିୟମ ରହିଛି, ଯେଉଁଠାରେ ସେ ବିଭିନ୍ନ ହଣ୍ଟେଡ୍ ବସ୍ତୁର ପ୍ରଦର୍ଶନୀ ଆୟୋଜନ କରିଥାନ୍ତି। ଷ୍ଟୀର ଏଲିଜାବେଥ୍‌କୁ କିଣି ନିଜ ମ୍ୟୁଜିୟମରେ ରଖିଥିଲେ। ଷ୍ଟୀର କହିଛନ୍ତି, ଏଲିଜାବେଥ୍ ଏକ ସାଧାରଣ କଣ୍ଢେଇ ପରି ଦେଖାଯାଉଥିଲେ ମଧ୍ୟ ଏହା ଏକ ହଣ୍ଟେଡ୍ ଡଲ୍। ଏକଦା ସେ ମ୍ୟୁଜିୟମରେ ଏଲିଜାବେଥ ନିକଟରେ ଉପସ୍ଥିତ ଥିବାବେଳେ ତାଙ୍କ ବେକ ଏବଂ ପିଠିରେ କେହି ଆମ୍ପୁଡ଼ିବା ପରି ମନେ କରିଥିଲେ। ଘରେ ଯାଇ ଦେଖିବା ପରେ ସେ ନିଜ ପେଟରେ ଆଘାତ ଥିବା ଦେଖିବାକୁ ପାଇଥିଲେ। କେବଳ ସେ ନୁହନ୍ତି ସଂଗ୍ରହାଳୟକୁ ଆସୁଥିବା ଅନ୍ୟ ପୁରୁଷମାନେ ମଧ୍ୟ ସମାନ ଅନୁଭବ କରିଥିବା ଷ୍ଟୀର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଉକ୍ତ ହଣ୍ଟେଡ୍ ଡଲ୍ ତାଙ୍କୁ ମିଶାଇ ୧୭ ଜଣ ପୁରୁଷଙ୍କୁ ଶାରୀରିକ ଭାବେ ଆଘାତ ଦେଇଛି। ତେବେ ଏହାବ୍ୟତୀତ ଏଲିଜାବେଥ୍ ଉକ୍ତ ସଂଗ୍ରହାଳୟ ମଧ୍ୟରେ ବିଭିନ୍ନ ବସ୍ତୁକୁ ଏପଟସେପଟ କରି ଏଣେତେଣେ ଫୋପାଡ଼ିବା, ଫାୟାର ଆଲାରାମ୍‌କୁ ବଜାଇବା ଆଦି ଅନେକ କାର୍ଯ୍ୟକଳାପ କରିଥାଏ ବୋଲି ଷ୍ଟୀର କହିଛନ୍ତି। ଧୋକାର ସମ୍ମୁଖୀନ ହୋଇଥିବା କୌଣସି ନବ ବିବାହିତା ମହିଳାଙ୍କର ଆତ୍ମା ଏଲିଜାବେଥ୍ ମଧ୍ୟରେ ରହିଥିବା ନେଇ ଷ୍ଟୀର ଅନୁମାନ କରିଛନ୍ତି। ବୋଧହୁଏ ସମ୍ପୃକ୍ତ ମହିଳା କୌଣସି ପୁରୁଷଙ୍କ ଦ୍ୱାରା ବହୁଳ ଭାବେ ଅତ୍ୟାଚାରିତ ହୋଇଛନ୍ତି। ସେଥିପାଇଁ ଉକ୍ତ ହଣ୍ଟେଡ୍ ଡଲ୍ କେବଳ ବିବାହିତ ପୁରୁଷମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରୁଥିବା ଷ୍ଟୀର କହିଛନ୍ତି।



# କେନ୍ଦ୍ରାପଡ଼ା ଜିଲା ପରିଷଦ ସହ ୨ ବ୍ଲକ୍ ଅଧ୍ୟକ୍ଷ ପଦରେ ବିଜେଡି

## ଜିଲାପରିଷଦ, ବ୍ଲକ୍ ଅଧ୍ୟକ୍ଷ ଉପନିର୍ବାଚନ

ଅଗଷ୍ଟ ୨୨ରେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ସହ ନବରଙ୍ଗପୁର ଜିଲାର ରାଇଘର, ନୟାଗଡ଼ ଜିଲାର ଭାପୁର ଓ ଗଞ୍ଜାମ ଜିଲାର ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିମଧ୍ୟରୁ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି, ଭାପୁର ଓ ରାଇଘର ବ୍ଲକ ଅଧ୍ୟକ୍ଷ ପଦବୀ ବିଜେଡି ହାତରେ ରହିଥିବା ବେଳେ ଭାଜପା ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ବିଜେଡିଠାରୁ ଛଡ଼ାଇ ନେଇଛି। ଆଲୋଚନା ହେଉଛି ଉମରକୋଟର ଭାଜପା ବିଧାୟକ ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଥିବା ବେଳେ ସେଠାରେ ବିଜେଡି ତା'ର ସ୍ଥିତି ବଜାୟ ରଖିଛି। ଅନ୍ୟପକ୍ଷରେ ଦୀର୍ଘବର୍ଷ ବିଜେଡି ଅକ୍ତିଆରରେ ଥିବା ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ଭାଜପା ହାତକୁ ଯାଇଛି। ୨୦୨୪ ବିଧାନସଭା ନିର୍ବାଚନରେ ଗଞ୍ଜାମ ଜିଲାରେ ବିଜେଡି ଦୁର୍ଗ ଭାଙ୍ଗିଥିବା ବେଳେ ଏବେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ହରାଇବା ଦଳକୁ ଝଟକା ଦେଇଛି।



ନବୀନ ନିବାସଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରାପଡ଼ାର ନବନିର୍ବାଚିତ ଜିଲାପରିଷଦ ଅଧ୍ୟକ୍ଷା ଲଳିତା ଦାସ ଓ ଅନ୍ୟ ନେତୃବୃନ୍ଦ ସାକ୍ଷାତ କରୁଛନ୍ତି।

## ଲଳିତା ଦାସ ଜିଲା ପରିଷଦ ସଭାପତି

**କେନ୍ଦ୍ରାପଡ଼ା, ୨୨।୮ (ଜଗନ୍ନାଥ ଧଳ)**

ଦୀର୍ଘ ୪ ମାସ ଧରି ଖାଲିପଡ଼ିଥିବା କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ପଦ ଗୁରୁବାର ପୂରଣ ହୋଇଛି। ଏହି ପଦବୀରେ ବିଜେଡିର ୫ ନଂ. ଜୋନ ଜିଲା ପରିଷଦ ସଭ୍ୟା ଲଳିତା ଦାସ ଏକମାତ୍ର ପ୍ରାର୍ଥିନୀ ଭାବେ ନିର୍ଦ୍ୱନ୍ଦ୍ୱରେ ଜିତିଥିବା ନିର୍ବାଚନ ଅଧିକାରୀ ତଥା ଏଡିଏମ୍ ନିଲୁ ମହାପାତ୍ର ସୂଚନା ଦେଇଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏହି ପଦବୀରେ ଥିବା ଗୀତାଞ୍ଜଳି ସେଠୀ ପଦ ସହ ସଭ୍ୟ ପଦରୁ ଏପ୍ରିଲ ୨୩ରେ ଇସ୍ତଫା ଦେଇଥିଲେ। ପରେ ବିଜେଡି ପରିତ୍ୟାଗ କରି ଭାଜପାର କେନ୍ଦ୍ରାପଡ଼ା ବିଧାୟକ ପଦବୀ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ତେବେ ନିର୍ବାଚନରେ ଜିତିବା ପରେ ଜିଲା ପରିଷଦ ସଭାପତି ଲଳିତା କହିଛନ୍ତି, ବିଜେଡିର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲାର ବିକାଶ ପାଇଁ ଦାୟିତ୍ୱ ଦେଇଛନ୍ତି। ଦଳର ଜିଲାରେ ଥିବା ତୁଙ୍ଗ ନେତୃମଣ୍ଡଳୀ ସହ ପରିଷଦ ସଭ୍ୟାସଭ୍ୟଙ୍କ ସହଯୋଗରେ ଜିଲା ବିକାଶକୁ ତ୍ୱରାନ୍ୱିତ କରିବେ। ସୂଚନାଯୋଗ୍ୟ, ଏହି ଜିଲାରେ ମୋଟ ୩୨ ଜୋନ ମଧ୍ୟରୁ ୩୧ଟିରେ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଜିତିଥିଲା। ଇତିମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ଓ ଉପସଭାପତି ଅଶୋକ ପ୍ରତିହାରୀ ବିଜେଡିକୁ ପରିତ୍ୟାଗ କରିଛନ୍ତି।

## ପ୍ରଥମଥର ଭାଜପା ହାତରେ ଖଲ୍ଲିକୋଟ ବ୍ଲକ

**ଖଲ୍ଲିକୋଟ, ୨୨।୮ (ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ଗୁରୁବାର ହୋଇଥିବା ଉପନିର୍ବାଚନରେ ଭାଜପା ବାଜିମାତ କରିଛି। ୨୦୨୪ ନିର୍ବାଚନରେ ବିଜେଡି ଦୁର୍ଗକୁ ଭାଙ୍ଗି ଭାଜପା ପ୍ରଥମ ଥର ଖଲ୍ଲିକୋଟ ବିଧାୟକ ଆସନ ଅକ୍ତିଆର କରିଥିବା ବେଳେ ଏବେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦବୀ ହାତେଇଛି। ଉପ ନିର୍ବାଚନରେ ବ୍ଲକର ୨୯ଟି ପଞ୍ଚାୟତ ମଧ୍ୟରୁ ୨୮ ଜଣ ସମିତିସଭ୍ୟ ମତଦାନ କରିଥିଲେ। ଟିକିଲି ପଞ୍ଚାୟତର ସମିତିସଭ୍ୟା କୁମାରୀ ଦାସ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ବିଜେଡିର ଦୈତାରୀ ବେହେରା ବ୍ଲକ ଅଧ୍ୟକ୍ଷ ରହିଥିଲେ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ସେ ଏହି ପଦବୀରୁ ଇସ୍ତଫା ଦେଇଥିଲେ। ଗୁରୁବାର ହୋଇଥିବା ଉପ ନିର୍ବାଚନରେ ସେ ପୁଣି ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ ଭାଜପାରୁ କୁମାରୀ ଦାସ ପ୍ରାର୍ଥୀ ହୋଇଥିଲେ। ୨୮ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ଭାଜପା ପ୍ରାର୍ଥୀ କୁମାରୀଙ୍କୁ ୨୫ ଜଣ ଭୋଟ ଦେଇଥିବା ବେଳେ ବିଜେଡି ପ୍ରାର୍ଥୀ ଦୈତାରୀଙ୍କୁ ମାତ୍ର ୩ଟି ଭୋଟ ମିଳିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ଲକ ପରିସର ଓ ଏହାର ଆଖପାଖ ଅଞ୍ଚଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଗଞ୍ଜାମ ବିଡ଼ିଓ ବସନ୍ତ କୁମାର ମଲ୍ଲିକ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ କୋଦଳା ତହସିଲଦାର ସସ୍ମିତା ଶତପଥି ଉପ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବିଜୟ ପରେ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷା ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ସମସ୍ତଙ୍କୁ ସାଥିରେ ନେଇ ବ୍ଲକ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଚେଷ୍ଟା କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଭାଜପା ଘୁମୁସର ଜିଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଯଜ୍ଞନାରାୟଣ ଦାଶ, ମହିଳା ନେତ୍ରୀ ଭାରତୀ ବେହେରାଙ୍କ ସମେତ ବହୁ ଭାଜପା ନେତା ଦଳର ବିପୁଳ ବିଜୟ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।



ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷା କୁମାରୀ ଦାସ।

## ଗୁପ୍ତ ଝାଙ୍କର ରାଇଘର ବ୍ଲକ୍ ଅଧ୍ୟକ୍ଷ



ନବରଙ୍ଗପୁର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଅନ୍ୟ ସମର୍ଥକଙ୍କ ସହ ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର।

**ରାଇଘର, ୨୨।୮ (କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତ ସମିତି ଅଧ୍ୟକ୍ଷଭାବେ ବିଜେଡି ସମର୍ଥିତ କୋଷକୋଙ୍ଗା ପଞ୍ଚାୟତ ସମିତି ସଭ୍ୟ ଗୁପ୍ତପ୍ରସାଦ ଝାଙ୍କର ବିଜୟୀ ହୋଇଛନ୍ତି। ଗୁପ୍ତଙ୍କୁ ୧୬ଟି ଭୋଟ ମିଳିଥିବାବେଳେ ତାଙ୍କ ବିପକ୍ଷରେ ଥିବା ଭାଜପା ସମର୍ଥିତ ପ୍ରାର୍ଥୀ ତୃପ୍ତିରଞ୍ଜନ ମାଝୀ ୭ଟି ଭୋଟ ପାଇଥିଲେ। ଗୋଟିଏ ଭୋଟ ନାକଚ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିଜେଡି ସମର୍ଥିତ ସମିତିସଭ୍ୟ ଗୁପ୍ତପ୍ରସାଦ ଝାଙ୍କର ଓ ଭାଜପା ସମର୍ଥିତ ସମିତିସଭ୍ୟ ତୃପ୍ତିରଞ୍ଜନ ମାଝୀ ବ୍ଲକ୍ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ଦାଖଲ କରିଥିଲେ। ୧୨ଟା ୩୦ରୁ ୧ଟା ୩୦ ଯାଏ ଭୋଟ ଗ୍ରହଣ କରାଯାଇଥିଲା। ୨ଟାରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଏଥିରେ ଗୁପ୍ତ ବିଜୟୀ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ପ୍ରୀତିରଞ୍ଜନ ରଥ ଘୋଷଣା କରିଥିଲେ। ଉମରକୋଟ ନିର୍ବାଚନମଣ୍ଡଳୀର ରାଇଘର ବ୍ଲକ୍ ଅଧ୍ୟକ୍ଷ ପାଇଁ ବିଜେଡି ବାଜି ମାରିଥିବାବେଳେ ଭାଜପାକୁ ଶକ୍ତ ଝଟକା ଲାଗିଛି। ବିଜେଡି ସମର୍ଥିତ ପ୍ରାର୍ଥୀ ଜିତିବା ପରେ ରାଇଘର ବ୍ଲକ୍ ବିଜେଡି ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ରାଇଘର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନବୀନା ନାୟକଙ୍କୁ ୨୦୨୪ ନିର୍ବାଚନରେ ବିଜେଡି ଉମରକୋଟ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ କରିଥିଲା। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଉମରକୋଟ ବିଧାୟକ ଭାଜପାର ନିତ୍ୟାନନ୍ଦ ଗଣ୍ଡଙ୍କଠାରୁ ପରାସ୍ତ ହୋଇଥିଲେ।

## ପୁଣି ଭାପୁର ବ୍ଲକ୍ ଅଧ୍ୟକ୍ଷା ହେଲେ ସାବିତ୍ରୀ



ନିଜ ସମର୍ଥକଙ୍କ ସହ ସାବିତ୍ରୀ ପ୍ରଧାନ।

**ନୟାଗଡ଼/ଭାପୁର, ୨୨।୮ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)**

ଗୁରୁବାର ନୟାଗଡ଼ ଜିଲାର ଭାପୁର ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ କେବଳ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସାବିତ୍ରୀ ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ବ୍ଲକର ୨୦ ସମିତି ସଭ୍ୟଙ୍କ ମଧ୍ୟରୁ ୧୬ ଜଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭାପୁର ବ୍ଲକ ଅଧ୍ୟକ୍ଷା ଥିଲେ ସାବିତ୍ରୀ ପ୍ରଧାନ। ଗତ ବିଧାନସଭା ନିର୍ବାଚନରେ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ସାବିତ୍ରୀଙ୍କୁ ବିଧାୟକ ପ୍ରାର୍ଥୀ କରିବାରୁ ସେ ଅଧ୍ୟକ୍ଷା ପଦରୁ ଇସ୍ତଫା ଦେଇଥିଲେ। ଏଣୁ ଭାପୁର ବ୍ଲକ ଅଧ୍ୟକ୍ଷା ପଦବୀ ଖାଲି ପଡ଼ିଥିଲା। ନିର୍ବାଚନରେ ହାରିବା ପରେ ସାବିତ୍ରୀ ପୁଣି ବ୍ଲକ ଅଧ୍ୟକ୍ଷା ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସାବିତ୍ରୀ ବିଜୟୀ ହେବା ପରେ ଭାପୁର ବ୍ଲକରେ ବିଜେଡି ତା'ର ସ୍ଥିତିକୁ ପୁଣି ମଜଭୁତ କରି ରଖିବାରେ ସମର୍ଥ ହୋଇଛି।

# ମଦମୃତ୍ୟୁ: ଜେନାପୁରରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଟିକିଟି, ୨୨।୮ (ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଟିକିଟିରେ ବିଷାକ୍ତ ମଦପିଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ୧୧ଜଣ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାକୁ ନେଇ ଖୋଳତାଡ଼ ଚାଲିଛି। ବିଧାସଭାରେ ମଧ ଏହା ଉପରେ ଆଲୋଚନା ହୋଇଛି। ଗୁରୁବାର ବିରୋଧୀ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ପୂର୍ବତନ ମନ୍ତ୍ରୀ ଉଷାଦେବୀ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବିଜେଡି ଜିଲା ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଟିକିଟି ଏନ୍‌ଏସି ଅନ୍ତର୍ଗତ ଜେନାପୁର ଗ୍ରାମକୁ ଯାଇ ମୃତ ଜ୍ଜୁର ବେହେରା ଓ ଲୋକନାଥ ବେହେରାଙ୍କ ପରିବାରକୁ ସମବେଦନା ଜଣାଇବା ସହିତ କିଭଳି ଏବଂ କେଉଁ ପରିସ୍ଥିତିରେ ସେମାନଙ୍କ ମୃତ୍ୟୁ ହେଲା ପଚାରି ବୁଝିଥିଲେ। ଏଥିସହ ସରକାରୀ ସହାୟତା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଥିଲେ। ପରେ ଏମ୍‌କେସିଜିରେ ଚିକିତ୍ସିତ ହେଉଥିବା ଲୋକଙ୍କ ପରିବାରକୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ଟିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ ପିଇ ଗତ ସୋମବାର ଓ ମଙ୍ଗଳବାର ଜେନାପୁର ଏବଂ କରବାଲୁଆ ଗ୍ରାମର ୨୩ ଜଣ ଅସୁସ୍ଥ ହୋଇଥିଲେ। ସେଥିମଧ୍ୟରୁ ୭ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ।



ଜେନାପୁର ଗ୍ରାମରେ ବିଜେଡି ଟିମ।

# ବିଜେଡି ମହିଳା ରାଜ୍ୟ ଉପସଭାପତି ସାଧନା ସାମନ୍ତରାୟଙ୍କ ଇସ୍ତଫା

**ବ୍ରଜରାଜନଗର, ୨୨।୮ (ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ରଜରାଜନଗର ବିଜୁ ଜନତା ଦଳ(ବିଜେଡି) ରାଜ୍ୟ ଉପସଭାପତି ସାଧନା ସାମନ୍ତରାୟ ଦଳ ପ୍ରାଥମିକ ସଦସ୍ୟା ପଦରୁ ଇସ୍ତଫା ଦେବା ସହ ଦଳର ସମସ୍ତ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇ ଦେଇଛନ୍ତି। ୨୦୧୦ରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିଲେ। ବର୍ତ୍ତମାନ ଦଳରେ ଝାରସୁଗୁଡ଼ା ଜିଲାରେ ନେତୃତ୍ୱର ଅଭାବ ରହିଛି। ଦଳକୁ ଆଗକୁ ନେବା ପାଇଁ ବର୍ତ୍ତମାନର ନେତାମାନେ ଅସମର୍ଥ। ଯେଉଁମାନେ ଦୀର୍ଘ ବର୍ଷ ହେଲା ଦଳରେ ରହି ସେବା ମନୋଭାବ ନେଇ କାମ କରୁଥିଲେ, ବର୍ତ୍ତମାନ ଝାରସୁଗୁଡ଼ା ଜିଲାର ବିଜୁ ଜନତା ଦଳର ନେତାଙ୍କୁ ସେ କର୍ମୀମାନଙ୍କ ଆବଶ୍ୟକତା ନାହିଁ। ଅନ୍ୟ ଦଳରୁ ଆସୁଥିବା କର୍ମୀମାନଙ୍କୁ ଗୁରୁତ୍ୱ ଦିଆଯାଉଛି। ଗତ ନିର୍ବାଚନରେ ଦଳ ବ୍ରଜରାଜନଗର କର୍ମୀମାନଙ୍କୁ ବିଶ୍ୱାସକୁ ନ ନେଇ ଝାରସୁଗୁଡ଼ାର ଲୋକମାନଙ୍କୁ ଦାୟିତ୍ୱ ଦେଲେ, ଫଳସ୍ୱରୂପ ଦଳକୁ ପରାଜୟ ବରଣ କରିବାକୁ ପଡିଲା। ପରାଜୟର କାରଣ ଖୋଜିବାରେ ଦଳୀୟ ନେତୃତ୍ୱ ଅସମର୍ଥ ହେଉଛନ୍ତି। ତେଣୁ ଝାରସୁଗୁଡ଼ାରେ ବିଜୁ ଜନତା ଦଳର ଭବିଷ୍ୟତ ଅନ୍ଧାର ଜାଣି ଦଳରୁ ଇସ୍ତଫା ଦେଲେ ବୋଲି ସାଧନା କହିଛନ୍ତି।

# କଂଗ୍ରେସର ଲୋକଙ୍କ ପାଇଁ କିଛି ଅଙ୍ଗୀକାରବଦ୍ଧତା ନାହିଁ: ଭାଜପା

**ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)**

ପ୍ରତ୍ୟେକ ରାଜନୈତିକ ଦଳର ପଲିଟିକାଲ ଫିଲୋଶଫି ଓ ଲୋକଙ୍କ ପାଇଁ କମିଟ୍‌ମେଣ୍ଟ ଥାଏ, ଯାହା କଂଗ୍ରେସ ପାଖରେ ନାହିଁ। କଂଗ୍ରେସର ରାଜନୈତିକ କାର୍ଯ୍ୟକ୍ରମ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ ବରଂ ନେତମାନେ କରିଥିବା କଳାକାରନାମା ଉପରେ ପରଦା ପକାଇବା ପାଇଁ ଉଦ୍ଦିଷ୍ଟ। ଅଭିଯୁକ୍ତ କିମ୍ବା ସେମାନଙ୍କ ପକ୍ଷଧର ତଦନ୍ତକାରୀ ସଂସ୍ଥା ଉପରେ ଚାପ ପ୍ରୟୋଗକଲେ ଆଇନର ଶାସନ ଚାଲିବ ନାହିଁ ବରଂ ଦେଶରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରିବ ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। କଂଗ୍ରେସର ଇଡି ଅଫିସ୍ ଘେରାଉ କାର୍ଯ୍ୟକ୍ରମକୁ ନିନ୍ଦାକରି ମନୋଜ କହିଛନ୍ତି, ଇଡି ଅଫିସ୍ ଆଗରେ ଟେଣ୍ଟ ପକାଇ ଫଟୋ ଉଠାଇ କଂଗ୍ରେସ ନେତାମାନେ ପଲିଟିକାଲ ଷ୍ଟଣ୍ଟ କରୁଛନ୍ତି। ସମଗ୍ର ଭାରତବର୍ଷର ନିର୍ବାଚନ ସ୍ଥିତିକୁ ଯଦି ସମୀକ୍ଷା କରାଯିବ, ତେବେ ବହୁ ଆଞ୍ଚଳିକ ଦଳ କଂଗ୍ରେସଠାରୁ ଆଗରେ ଅଛନ୍ତି। ରାଜ୍ୟରେ କଂଗ୍ରେସ ତା'ର ପରିଚୟ ରଖିବା ପାଇଁ ସଂଘର୍ଷ କରୁଛି। ବହୁ କଂଗ୍ରେସ ନେତାଙ୍କ ଧୋବଧଉଳିଆ ଚେହେରା ତଳେ ଦୁର୍ନୀତି ଓ କଳାକାରନାମାର ଦାଗ ରହିଛି। ସେଥିପାଇଁ ଏମାନେ ଯେଉଁ ରାଜନୈତିକ କାର୍ଯ୍ୟକ୍ରମ କରୁଛନ୍ତି ତାହା ରାଜନୈତିକ କାର୍ଯ୍ୟକ୍ରମ ନାଁରେ ଲୁଟେରା ଓ ଦୁର୍ନୀତିଖୋରଙ୍କ ଆତ୍ମସୁରକ୍ଷା ଅଭିଯାନ ବୋଲି ମନୋଜ କହିଛନ୍ତି।

# ଇଡି ଅଫିସ୍ ଘେରାଉ ବେଳେ ପୋଲିସ- କଂଗ୍ରେସ କର୍ମୀ ମୁହାଁମୁହିଁ

## ଇଡି ବିରୋଧୀ ଦଳ ନେତାଙ୍କୁ ଡରାଇବା କାମ କରୁଛି: ଅଜୟ

**ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)**

ନିକଟରେ ହିଣ୍ଡେନ୍‌ବର୍ଗର ରିପୋର୍ଟ ଆଦାନୀ ଘୋଟାଲାର ପର୍ଦ୍ଦାଫାଶ କରିଛି। ଆଦାନୀ ଓ ସେବିର ମଧୁଚନ୍ଦ୍ରିକାରେ ଦୁର୍ନୀତି ହୋଇଥିବା ବିଷୟ ଆଲୋଚନା ହେଉଛି। ଏଭଳିସ୍ଥଳେ କଂଗ୍ରେସ ମହାଦୁର୍ନୀତିର ଗୁମର ଖୋଲିବା ପାଇଁ ଜେପିସି ତଦନ୍ତ ଦାବି କରିବା ସହ ସେବିର ମୁଖ୍ୟ ମାଧବୀ ବୁଚ୍‌ଙ୍କ ଇସ୍ତଫା ଦାବି ନେଇ ଦେଶବ୍ୟାପୀ ଇଡି ଅଫିସ୍ ସମ୍ମୁଖରେ ଗଣବିକ୍ଷୋଭ ଓ ଘେରାଉ କାର୍ଯ୍ୟକ୍ରମ କରିଛି। ଏହି କ୍ରମରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଆହ୍ୱାନକ୍ରମେ ଗୁରୁବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଷ୍ଟିୟରିଂ କମିଟି ସଂଯୋଜକ ମହମ୍ମଦ ମୋକିମ୍‌ଙ୍କ ନେତୃତ୍ୱରେ ଭୁବନେଶ୍ୱର ଇଡି ଅଫିସ ସମ୍ମୁଖରେ ଏକ ବିଶାଳ ଗଣବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ପ୍ରଭାରୀ ଅଜୟ କୁମାର କହିଛନ୍ତି, ଦେଶର ସାଧାରଣ ଜନତାଙ୍କ ଧନ ବ୍ୟାଙ୍କରେ ଜମା ରହୁଛି। ସେହି ଜମାରାଶିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମିତ୍ର ଆଦାନୀଙ୍କ ହାତରେ ଟେକିଦେଉଛନ୍ତି। ମୋଦିଙ୍କ ସହଯୋଗ ଏବଂ ଆଦାନୀ ଓ ସେବି ମଧ୍ୟରେ ଥିବା ଗୁପ୍ତ ବୁଝାମଣା ଯୋଗୁ ଦେଶ ବହୁ ହଜାର କୋଟି ଟଙ୍କାର କ୍ଷତି ସହୁଛି। ଏ ସମସ୍ତ ଅର୍ଥନୈତିକ ଅପରାଧ ଚାଲିଥିବା ବେଳେ ମୋଦି ସରକାର ଓ ଇଡି ଚୁପ୍ ବସିଛନ୍ତି। ଇଡି କେବଳ ବିରୋଧୀ ଦଳର ନେତାଙ୍କୁ ଡରାଇବା, ଧମକାଇବା ଓ ଚାପ ପ୍ରୟୋଗକରି ସେମାନଙ୍କ ସ୍ୱରକୁ ଦବାଇବା ପାଇଁ ମାଧ୍ୟମ ପାଲଟିଛି। ୨୫ ଜଣ ନେତାଙ୍କ ନାମରେ ଇଡିରେ ମାମଲା ଥିବାବେଳେ ୨୩ ଜଣ ଭାଜପାରେ ସାମିଲ ହେବାପରେ ସେମାନଙ୍କ ବିରୋଧରେ ଥିବା ସମସ୍ତ ମାମଲା ବନ୍ଦ ହୋଇଯାଇଛି। ବିଏସ୍‌ଏନ୍‌ଏଲ୍‌କୁ ବୁଡ଼ାଇ ଅମ୍ବାନୀଙ୍କୁ ଲାଭ ପହଞ୍ଚାଇବା ପାଇଁ ଯଥା ସମ୍ଭବ ଉଦ୍ୟମ କରିବା ଫଳରେ ମୋବାଇଲ ରିଚାର୍ଜ ମଧ୍ୟ ବର୍ତ୍ତମାନ ମହଙ୍ଗା ହୋଇଯାଇଛି ବୋଲି ସେ କହିଛନ୍ତି। ତେବେ ଇଡି କାର୍ଯ୍ୟାଳୟ ଘେରାଉ ସମୟରେ ପୋଲିସ ଏବଂ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଅବସରରେ ମୋକିମ କହିଛନ୍ତି, ଇଡି ବିରୋଧୀ ଦଳର ନେତାମାନଙ୍କ ପ୍ରତି ଏକପାଖିଆ ତଦନ୍ତ ଓ ଭାଜପା ନେତାମାନଙ୍କୁ ଖୁଲମଖୁଲା ଛାଡ଼ିଦେବା ଗଣତନ୍ତ୍ର ପ୍ରତି ଅପମାନ ବୋଲି ସେ କହିଛନ୍ତି। କଂଗ୍ରେସର ବରିଷ୍ଠ ନେତାମାନଙ୍କ ସହ ଏକ ବିଶାଳ ରାଲି ଇଡି ଅଫିସ ଅଭିମୁଖେ ବାହାରିଥିଲା। କଂଗ୍ରେସ କର୍ମୀ ଓ ପୋଲିସଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇ କଂଗ୍ରେସ କର୍ମୀ ପ୍ରଥମ ବ୍ୟାରିକେଡ୍‌କୁ ଅତିକ୍ରମକରି ଇଡି ଅଫିସ ଅଭିମୁଖେ ଯାଉଥିବା ବେଳେ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇନେଇଥିଲା। ଏହି ଅବସରରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରେ ଯୋଗଦେଲେ ହିଞ୍ଜିଳି ବିଜେଡିର ନେତା, କର୍ମୀ

**ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)**

ହିଞ୍ଜିଳି ଭାଜପା ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ରଙ୍କ ନେତୃତ୍ୱରେ ବିଜେଡିରୁ ଆସି ରାମକୃଷ୍ଣ ମହାକୁଡଙ୍କ ସହଯୋଗରେ ସରପଞ୍ଚ ବିକାଶ ସେଠୀ, ବିଜୟ ବେହେରା, ସନ୍ତୋଷ ସାହୁ, ସୁରେଶ ବରଡ, କୃଷ୍ଣଚନ୍ଦ୍ର ସୁଆଁସିଆ, ଗୁରୁନାଥ ପୋଲାଇ, ଶିବାଜୀ ବିଶୋଇ, ସମିତି ସଭ୍ୟ ଇପିଲି ରାଜା, ମାର୍କଣ୍ଡ ପାଣିଗ୍ରାହୀ ପ୍ରମୁଖ ନିଜ ସମର୍ଥକଙ୍କ ଗହଣରେ ବିଜେଡି ପରିତ୍ୟାଗକରି ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ମନମୋହନ ସମସ୍ତଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ଭାଜପାର ନୂଆ ସରକାରକୁ ନେଇ ରାଜ୍ୟବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ଭାଜପାର ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇବାରେ ଲାଗିଛି। ଭାଜପା ସରକାର ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ପୁଣିଥରେ ଲୋକଙ୍କ ମନରେ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିଶ୍ୱାସ ସୁଦୃଢ ହୋଇଛି। ଏହି ମିଶ୍ରଣ ପର୍ବ ଦଳର ସଙ୍ଗଠନକୁ ଆହୁରି ମଜଭୁତ କରିବ। ଗତ ୨୪ ବର୍ଷରେ ବିଜେଡି ସରକାର ହିଞ୍ଜିଳିରେ ଯାହା କରିନାହିଁ ଆସନ୍ତା ୫ ବର୍ଷରେ ଭାଜପା ତାହା କରିଦେଖାଇବ ବୋଲି ମନମୋହନ କହିଛନ୍ତି। ଏହି ଅବସରରେ ଶେରଗଡ଼ ବ୍ଲକ୍‌ର ସରପଞ୍ଚ ଉଦୟନାଥ ପ୍ରଧାନ, ପୂର୍ବତନ ସରପଞ୍ଚ ପଦ୍ମନାଭ ପାତ୍ର, ଧ୍ରୁବଚରଣ ନାୟକ, ପୂର୍ବତନ ସମିତି ସଭ୍ୟ ଶରତ ଚନ୍ଦ୍ର ଗୌଡ଼ ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ହିଞ୍ଜିଳି ବିଜେଡିର କର୍ମୀ ଓ ନେତାମାନେ ଭାଜପାରେ ଯୋଗଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅଦ୍ବିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ସୁବ୍ରତଙ୍କୁ ହରାଇଲେ ଆକାଶ

**ଅଲ୍ ଓଡ଼ିଶା ଓପନ ସ୍ନୁକର**

ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)

ସ୍ଥାନୀୟ ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା 'ଗ୍ରୀନ୍ ବାଇଜେ କ୍ଲାସିକ୍' ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଛି । ଏଥିରେ ବିଜୟୀ ହୋଇ ଆକାଶ ମହାପାତ୍ର, ସିଦ୍ଧାର୍ଥ ସେନ୍ ଓ ନିଶାନ୍ତ ବିଶ୍ୱାଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସବୁଠାରୁ ଚମତ୍କାର ପ୍ରଦର୍ଶନ କରିଥିଲେ ଆକାଶ । ସେ ବର୍ତ୍ତମାନର ରାଜ୍ୟ ଚାମ୍ପିୟନ ସୁବ୍ରତ ଦାସଙ୍କୁ ସମ୍ପୂର୍ଣ୍ଣ ଏକପାଖିଆ ଭାବେ ୪-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି । ସୁବ୍ରତ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସିଡ୍ ମଧ୍ୟ ଥିଲେ । ଅନ୍ୟଏକ ମ୍ୟାଚରେ ସିଦ୍ଧାର୍ଥ ସେନ୍ ୪-୦ରେ ଅସିତ ଚୌଧୁରୀଙ୍କୁ ପରାସ୍ତ କରିଛନ୍ତି । ନିଶାନ୍ତ ବିଶ୍ୱାଳ କିନ୍ତୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ଚିରାଗ ଆରୋରାଙ୍କୁ ୪-୩ରେ ହରାଇ ଦେଇଛନ୍ତି । ଏକଦା ୦-୩ରେ ପଛୁଆ ରହିଥିବା ନିଶାନ୍ତ ସଫଳ ପ୍ରତ୍ୟାବର୍ତ୍ତନ କରି କଷ୍ଟସାଧ୍ୟ ବିଜୟ ହାସଲ କରିଥିଲେ ।



ଗୁରୁବାର କ୍ୱାର୍ଟର ଫାଇନାଲ ଖେଳିବା ଅବସରରେ ଆକାଶ ମହାପାତ୍ର ।

# ଜନ୍ମମାଟିରେ ଅମିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୁନ୍ଦରଗଡ/ ବାଲିଶଙ୍କରା, ୨୨/୮ (ଜୟ ନାରାୟଣ ମେଣ୍ଡୁଲି/ ହୃଦାନନ୍ଦ ବାରିକ)

ପ୍ୟାରିସ ଅଲମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବା ପରେ ଭାରତୀୟ ହକିଦଳର ଖେଳାଳି ଅମିତ ରୋହିଦାସ ଗୁରୁବାର ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ସଉନାମୁରା ଗାଁକୁ ଫେରିଛନ୍ତି । ଗାଁରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ଓ ପରିବାର ବର୍ଗଙ୍କ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଗ୍ରାମର ଆଦିବାସୀ ମହିଳାମାନେ ପାରମ୍ପରିକ ମାଦଳ ବାଦ୍ୟର ତାଳେ ନାଚି ନାଚି ପ୍ରଥମେ ଘରକୁ ପାଛୋଟି ନେଇଥିଲେ । ଗତ ଥର ଟୋକିଓ ଅଲମ୍ପିକ୍ସରେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରି ପୁଣି ଏଥର ପ୍ୟାରିସ ଆଲମ୍ପିକ୍ସରେ ବ୍ରୋଞ୍ଜ ହାସଲ କରି ଦେଶ ତଥା ଗାଁ ମାଟି ପାଇଁ ଗୌରବ ଆଣିଥିବାରୁ ଆମେ ବହୁତ ଖୁସି ବୋଲି ଗ୍ରାମବାସୀ ମତବ୍ୟକ୍ତ କରିବା ସହ ଅମିତଙ୍କ ଫେରିବା ବାଟକୁ ଆମେ ଅନେଇ ବସିଥିଲୁ ବୋଲି କହିଛନ୍ତି ।

ବାପା ଆଜି ଥିଲେ ବହୁତ ଖୁସି ହୋଇଥାନ୍ତେ ବୋଲି ଅମିତ କହିଥିଲେ । ଏହପରେ ଗ୍ରାମରେ ଏକ ସମ୍ବର୍ଦ୍ଧନା ସଭାରେ ଅମିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶାରୁ ଏକମାତ୍ର ଅମିତ ରୋହିଦାସ ପ୍ୟାରିସ ଅଲମ୍ପିକ୍ସରେ ହକିଖେଳ ଖେଳି ବ୍ରୋଞ୍ଜ ପଦକ ପାଇଛନ୍ତି । ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଅମିତ ନିଜ ହକି ଖେଳର ଅନୁଭୂତି ସମସ୍ତଙ୍କୁ କହିଥିଲେ । ସମ୍ମାନିତ ଅତିଥିଭାବେ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିଡ୍ରିଆ, ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ଅମିତ ରୋହିଦାସଙ୍କ ମା' ଗୋଲାପୀ ରୋହିଦାସ, ସଉନାମରା ଫାଦର ଆନ୍ଦ୍ରେରିଆସ କେର୍କେଟା, ବାଲିଶଙ୍କରା ପଞ୍ଚାୟତ ସମିତି କଲେଜର ଅଧ୍ୟକ୍ଷ କୁଳମଣି ସାହୁ, ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ବେହେରା, ମିଶନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତି କୁଜୁର, ସୁନ୍ଦରଗଡ଼ ହକି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ବିଜୟ ଲାକ୍ରା, ଦୀପସାନ ତିର୍କୀଙ୍କ ବାପା ପ୍ରାଖ୍ରାସିୟୁସ ତିର୍କୀ, ତହସିଲଦାର ଗୌରହରି ମହନ୍ତ, ସଉନାମରା ସରପଞ୍ଚ ଚୁଲୁ ବାର୍ଲା, ସମିତି ସଭ୍ୟା ବେଳମତି ଧୁରୁଆ, ହକି ଇଣ୍ଡିଆ ସଭାପତି ତଥା ଡ. ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ସ୍ତ୍ରୀ ମୀରା ସୁଶୀଳା ତିର୍କୀ, ଇସରେସ ତିର୍କୀ, ବାଲିଶଙ୍କରା (ଖ) ଜୋନ ଜିଲାପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ଅନ୍ତର୍ଜାତୀୟ ହକି ଖେଳାଳି ଦୀପସାନ ତିର୍କୀ,ଫାଦର ସୁନୀଲ କେର୍କେଟା ପ୍ରମୁଖ ଯୋଗଦେଇଥିଲେ ।




ସଉନାମୁରାରେ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଇଷ୍ଟବେଙ୍ଗଲ ଗ୍ରୁପ୍ 'ଏ'ରେ

କୁଆଲାଲମ୍ପୁର, ୨୨।୮(ପି.ଟି.): ଏଏଫ୍‌ସି ଚ୍ୟାଲେଞ୍ଜ ଲିଗ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଇଷ୍ଟବେଙ୍ଗଲ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି । ଏଥିରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ନେଜମି ଏସ୍‌ସି (ଲେବାନନ), ବସୁନ୍ଧରା କିଙ୍ଗ୍ସ (ବାଂଲାଦେଶ) ଓ ପାରୋ ଏଫ୍‌ସି (ଭୁଟାନ) । ଗ୍ରୁପ୍ 'ଏ' ମୁକାବିଲାଗୁଡ଼ିକ ଥିମ୍ପୁସ୍ଥିତ ଚାଙ୍ଗଲିମିଥାଙ୍ଗ ଷ୍ଟାଡିୟମରେ ହେବ । ପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-୨ ପାଇଁ କ୍ୱାଲିଫାଇଂ ଖେଳିଥିଲା । ଅଲଟିନ ଆସିର ଏଫ୍‌ସି (ତୁର୍କମେନିସ୍ତାନ)ଠାରୁ ୦-୨ରେ ପରାସ୍ତ ହେବାପରେ ଦଳ ଏଏଫ୍‌ସି ଚ୍ୟାଲେଞ୍ଜ ଲିଗ୍‌କୁ ଖସି ଆସିଥିଲା । ଇଷ୍ଟବେଙ୍ଗଲ ଏଫ୍‌ସି ପ୍ରତିଦ୍ୱନ୍ଦ୍ୱୀ ଦଳ ନେଜମି ଏସ୍‌ସି ହେଉଛନ୍ତି ଲେବାନିଜ ପ୍ରିମିୟର ଲିଗ୍ ଚାମ୍ପିୟନ । ଇଷ୍ଟବେଙ୍ଗଲ ପୂର୍ବରୁ ଏହି ଦଳକୁ ୨୦୧୦ ଏଏଫ୍‌ସି କପ୍ ଗ୍ରୁପ୍ ପର୍ଯ୍ୟାୟରେ ଭେଟିଥିଲା ଏବଂ ଉଭୟ ଥର ୦-୩ ଓ ୦-୪ରେ ପରାସ୍ତ ହୋଇଥିଲା । ବସୁନ୍ଧରା କିଙ୍ଗ୍ସ ଓ ପାରୋ ଏଫ୍‌ସି ହେଉଛନ୍ତି ଯଥାକ୍ରମେ ବାଂଲାଦେଶ ପ୍ରିମିୟର ଲିଗ୍ ଓ ଭୁଟାନ ପ୍ରିମିୟର ଲିଗ୍ ଚାମ୍ପିୟନ । ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି ।



ଧ-୭୫୫୫୮

# ଲର୍ଡ୍ସଠାରେ ପ୍ରଥମ ଥର ଭାରତ-ଇଂଲଣ୍ଡ ଟେଷ୍ଟ

ଲଣ୍ଡନ, ୨୨।୮ (ପି.ଟି.): କ୍ରିକେଟର ବାସସ୍ଥାନ ବୋଲି କୁହାଯାଉଥିବା ପ୍ରଥମ ଥର ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ ଦଳ ମଧ୍ୟରେ ଏକ ଟେଷ୍ଟ ମ୍ୟାଚ ୨୦୨୬ରେ ଖେଳାଯିବ । ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି । ଇସିବି ଏହାର ୱେବ୍‌ସାଇଟ୍‌ରେ ସୂଚନା ଦେଇ କହିଛି, ୨୦୨୫ରେ ଭାରତ ଓ ଇଂଲଣ୍ଡ ମହିଳା ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳାଯିବ । ଭାରତ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳିବା ଲାଗି ୨୦୨୬ରେ ପ୍ରତ୍ୟାବର୍ତ୍ତନ କରିବ । ଭାରତ ଓ ଇଂଲଣ୍ଡ ସେପ୍ଟେମ୍ବର ୨, ୪ ଓ ୭ରେ ଯଥାକ୍ରମେ ହେଡିଙ୍ଗଲେ, ଲର୍ଡ୍ସ ଓ ସାଉଥାମ୍ପଟନଠାରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ଖେଳିବ । ସୂଚନାଯୋଗ୍ୟ, ଭାରତ ୧୯୮୬ ପରଠାରୁ ଇଂଲଣ୍ଡରେ ୯ଟି ଟେଷ୍ଟ ମ୍ୟାଚ ଖେଳିସାରିଛି । ଗତଥର ୨୦୨୧ ଜୁନ୍‌ରେ ବ୍ରିଷ୍ଟଲରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଡ୍ର ଭାବେ ଶେଷ ହୋଇଥିଲା ।

# ପାକିସ୍ତାନର ବୃହତ୍ ସ୍କୋର

**ଶକିଲ, ରିଜୱାନଙ୍କ ଶତକ**

ରାୱଲପିଣ୍ଡି,୨୨।୮

ମହମ୍ମଦ ରିଜୱାନ ଓ ସୌଦ ଶକିଲଙ୍କ ଶତକ ବଳରେ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ବିଶାଳ ସ୍କୋର କରିଛି ପାକିସ୍ତାନ । ପ୍ରଥମ ଦିନର ଅସମାପ୍ତ ସ୍କୋର ୧୫୮/୪ରୁ ଖେଳ ଆରମ୍ଭ କରି ପାକିସ୍ତାନ ଦୃଢ ବ୍ୟାଟିଂ କରିଥିଲା । ଦୁଇ ଅପରାଜିତ ବ୍ୟାଟର ମହମ୍ମଦ ରିଜୱାନ ଓ ସୌଦ୍ ଶକିଲ ନିଜର ଶତକ ପୂରଣ କରିଥିବା ବେଳେ ପାକିସ୍ତାନ ୪୪୮/୬ରେ ଇନିଂସ ଘୋଷଣା କରିଥିଲା । ଶକିଲ୍ ୨୬୮ ବଲ୍‌ର ମାରାଥନ ଇନିଂସରେ ୯ ଚୌକା ସହ ୧୪୧ ରନ୍ କରିଥିଲେ । ଅନ୍ୟ ପକ୍ଷରେ ଇନିଂସର ଟପ୍ ସ୍କୋରର ରହିଥିବା ରିଜୱାନ ୨୩୯ ବଲ ଖେଳି ୧୧ ଚୌକା ଓ ୩ ଛକା ସହ ୧୭୧ ରନ୍ କରି ଅପରାଜିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଘା ସଲମାନ ୧୯ ଓ ଶାହିନ ଆଫ୍ରିଦି ୨୯ ରନ୍ ସ୍କୋର କରିଥିଲେ । ପୂର୍ବରୁ ପ୍ରଥମ ଦିନରେ ପାକିସ୍ତାନ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬ ରନ୍‌ରେ ୩ ଉଇକେଟ ହରାଇଥିଲା । ଅବଦୁଲ୍ଲା ଶଫିକ୍(୨), ଅଧିନାୟକ ଶାନ୍ ମାସୁଦ୍(୨) ଓ ବାବର ଆଜମ୍(୦) ସହଜରେ ଆଉଟ ହୋଇଥିଲେ । ସାଇମ ଆୟୁବ ୯୮ ବଲ୍ ଖେଳି ୪ ଚୌକା ଓ ୧ ଛକା ସହ ୫୬ ରନ୍ ସ୍କୋର କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ । ବାଂଲାଦେଶ ପକ୍ଷରୁ ହସନ ମହମୁଦ ଓ ଶୋରିଫୁଲ ଇସଲାମ ଦୁଇଟି ଲେଖାଏ ଉଇକେଟ ନେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ମେହିଦୀ ହସନ ମିରାଜ ଓ ଶାକିବ ଅଲ ହସନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି ।

ଜବାବରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ୧୨ ଓଭରରେ ବିନା ଉଇକେଟରେ ୨୭ ରନ୍ ସଂଗ୍ରହ କରିଛି । ଶଦମାନ ଇସଲାମ ୧୨ ଓ ଜାକିର ହସନ ୧୧ ରନରେ ବ୍ୟାଟିଂ କରୁଛନ୍ତି ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୧୧୩ ଓଭରରେ ୪୪୮/୬ (ମହମ୍ମଦ ରିଜୱାନ-୧୭୧*, ସୌଦ ଶକିଲ-୧୪୧, ସାଇମ ଆୟୁବ-୫୬, ଶୋରିଫୁଲ ଇସଲାମ-୨/୩୦, ହସନ ମହମୁଦ-୨/୩୩, ମେହିଦୀ ହସନ ମିରାଜ-୧/୮୦) ।



ଶତକୀୟ ଭାଗୀଦାରି ଅବସରରେ ମହମ୍ମଦ ରିଜୱାନ ଓ ସୌଦ ଶକିଲ ।


# Classified Everyday
0674-2580101, 2549949



REAL ESTATE
SALE

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ । 7008297827. D-974

Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838. D-75988

(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452. D-75771

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1099

Gharabari boundary plot Nakhara East Engineering College backside, close to SNH-8018471169. D-75985

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-1098

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open SPA positively health benefits with expert therapist. 9040286886. D-76143

Newly open health benefits SPA special offer @ 999 Bapuji Nagar. 8018429809. D-76145

Newly open health benefits SPA by expert therapist. Contact-6371861658. D-76146

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

Full body massage experience good looking therapist @ 999 (Bhubaneswar). 9078484455. D-999

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT

ମୁଁ, ବାମନ କିଶୋର ସାହୁ, ବୟସ ପ୍ରାୟ ୮୪ବର୍ଷ, ପିତା- ସ୍ୱର୍ଗତ ବଂଶୀଧର ସାହୁ, ବାସିନ୍ଦା- ଏନ୍‌୩/୪୫୩, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର-୭୫୧୦୧୫, ଓଡ଼ିଶା ସତ୍ୟପାଠ ନଂ.-୬୭୯, ତାରିଖ ୧୪ ଅଗଷ୍ଟ ୨୦୨୪ ମାଧ୍ୟମରେ ଘୋଷଣା କରୁଅଛି କି ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ Baman Kishor Sahoo ପରିବର୍ତ୍ତେ Baman Kishore Sahu ଭାବେ ପରିଚିତ ହେବି । ଧ-୧୧୦୧

ମୁଁ କଲ୍ୟାଣୀ ସାହୁ, ବୟସ ପ୍ରାୟ ୭୧ବର୍ଷ, ପିତା- ସ୍ୱର୍ଗତ ନିତ୍ୟାନନ୍ଦ ସାହୁ, ବାସିନ୍ଦା- ଏନ୍‌୩/୪୫୩, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର-୭୫୧୦୧୫, ଓଡ଼ିଶା ସତ୍ୟପାଠ ନଂ.-୬୭୮, ତାରିଖ ୧୪ ଅଗଷ୍ଟ ୨୦୨୪ ମାଧ୍ୟମରେ ଘୋଷଣା କରୁଅଛି କି ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ Kalyani Sahoo ପରିବର୍ତ୍ତେ Kalyani Sahu ଭାବେ ପରିଚିତ ହେବି । ଧ-୧୧୦୨

I, Mukti Singh, D/o- Paul Singh, resident of Little Flower School Campus, Hindolkothi, P.O.-Tulsipur, P.S.- Bidanasi, Cuttack, PIN-753008 declare that my name has been wrongly mentioned as Mukti Mary Singh in Passport. Hence declare by this affidavit No.-3545, dtd 05.08.2024 that now onwards I shall be known as MUKTI SINGH for all future purposes. D-1103

LOST

I Shasi Sharma, R/o Near BN College, Khaliakani, P.O.- Gandghora, P.S.- Brajarajnagar, Dist.- Jharsuguda declare that my wife Rani Kumari is a SBI Life Insurance Policy holder vide Policy No.- 2X536809006. That said Policy bond has been completely eaten by white ants and it is beyond recovery. D-1104

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


# ଆଜିଠୁ ଆନ୍ତଃଜିଲା ସିନିୟର ମହିଳା ଫୁଟବଲ

**ଅଂଶଗ୍ରହଣ କରିବେ ୨୨ ଦଳ**

ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ବରଗଡ଼ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସହଯୋଗରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଶୁକ୍ରବାରଠାରୁ ବରଗଡ଼ରେ ଆନ୍ତଃଜିଲା ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍ (ପି.ସି. ବେହେରା ଟ୍ରଫି) ଆରମ୍ଭ ହେବାକୁ ଯାଉଛି । ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୨୨ଟି ଜିଲା ଦଳ ଅଂଶଗ୍ରହଣ କରିବେ । କଡ଼ାଲିପାଲିଠାରେ ପୁରୀ, ବରଗଡ଼, ବଲାଙ୍ଗୀର, କେନ୍ଦୁଝର ଓ ଭୁବନେଶ୍ୱର ଦଳ ମ୍ୟାଚ୍ ଖେଳିବେ । ସେହିପରି ବରଗଡ଼-୧ରେ ଖୋର୍ଦ୍ଧା, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ଭଦ୍ରକ ଓ କଟକ ଏବଂ ବରଗଡ଼-୨ରେ ସମ୍ବଲପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଯାଜପୁର, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଓ ସୁନ୍ଦରଗଡ଼-ବି ଦଳ ଅଂଶଗ୍ରହଣ କରିବେ । ସୋହେଲାରେ ଓଡ଼ିଶା ପୋଲିସ, ସୁନ୍ଦରଗଡ଼-ଏ, ଜଗତ୍‌ସିଂହପୁର, ଦେବଗଡ଼, ନବରଙ୍ଗପୁର ଓ ମୟୂରଭଞ୍ଜ ଦଳ ମ୍ୟାଚ୍ ଖେଳିବେ । ଭୁବନେଶ୍ୱର ଓ କଟକ ଦଳ ସିଧା କ୍ୱାର୍ଟର ଫାଇନାଲ ଖେଳିବେ । ୩୦ ତାରିଖରେ ୨ଟି ସେମିଫାଇନାଲ ଏବଂ ସେପ୍ଟେମ୍ବର ୧ରେ ଫାଇନାଲ ବରଗଡ଼ରେ ଅନୁଷ୍ଠିତ ହେବ ।

# ଭାରତ-ଇଂଲଣ୍ଡ ସିରିଜ୍‌ର କାର୍ଯ୍ୟସୂଚୀ ଘୋଷଣା

ଲଣ୍ଡନ,୨୨।୮(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ କାର୍ଯ୍ୟସୂଚୀ ଗୁରୁବାର ପ୍ରକାଶ ପାଇଛି । ଜୁନ୍ ୨୦୨୫ରେ ଭାରତ ଏହି ସିରିଜ ଖେଳିବ । ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ୨୦୨୫-୨୭ ପର୍ଯ୍ୟାୟ ମଧ୍ୟରେ ଏହି ଟେଷ୍ଟ ମ୍ୟାଚ୍‌ଗୁଡିକ ଖେଳାଯିବ । ଇଂଲଣ୍ଡରେ ଖେଳାଯିବାକୁ ଥିବା ଏହି ସିରିଜ୍‌ର ମ୍ୟାଚ୍‌ଗୁଡିକ ଲିଡ୍ସ, ବର୍ମିଂହାମ, ଲର୍ଡ୍ସ, ମାଞ୍ଚେଷ୍ଟର ଓ ଓଭାଲରେ ଖେଳାଯିବ । ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ପକ୍ଷରୁ ଏହାର ପେସ୍ ବୋଲରଙ୍କୁ ସହାୟତା କରିବା ଭଳି ପିଚ୍‌ର ଚୟନ କରାଯାଇଛି । ଜୁନ୍ ୨୦ରେ ହେଡିଙ୍ଗଲିରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ । ପାରମ୍ପରିକ ଭାବରେ ଏହି ପିଚ୍ ପେସ୍ ବୋଲରଙ୍କୁ ସୁହାଇଥାଏ । ବର୍ମିଂହାମର ଏଜବାଷ୍ଟନରେ ଜୁଲାଇ ୨-୬ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ । କ୍ରିକେଟର ମକ୍କା ଲର୍ଡ୍ସରେ ଜୁଲାଇ ୧୦-୧୪ ମଧ୍ୟରେ ତୃତୀୟ ଟେଷ୍ଟ ଖେଳାଯିବ । ସେହିପରି ଜୁଲାଇ୨୩-୨୭, ଜୁଲାଇ ୩୧-ଅଗଷ୍ଟ ୪ ମଧ୍ୟରେ ଅନ୍ତିମ ୨ ଟେଷ୍ଟ ଅନୁଷ୍ଠିତ ହେବ । ପ୍ରଥମ ଓ ଦ୍ୱିତୀୟ ଟେଷ୍ଟ ମଧ୍ୟରେ ଏକ ସପ୍ତାହର ଅନ୍ତରାଳ ରହିଥିବା ବେଳେ ତୃତୀୟ ଓ ଚତୁର୍ଥ ଟେଷ୍ଟ ମଧ୍ୟରେ ୮ ଦିନ ଲେଖାଏ ଗ୍ୟାପ୍ ରହିଛି । ଖେଳାଳିଙ୍କୁ ଉପଯୁକ୍ତ ବିଶ୍ରାମ ଦେବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି ।

# ପ୍ୟାରିସ୍ ଅଲିମ୍ପିକ୍ସ ଓ ଭାରତ



ନିର୍ମଳ କୁମାର ମିଶ୍ର

**ପ୍ୟାରିସ୍ ଅଲିମ୍ପିକ୍ସରେ ପଦକ ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତ ପାଇଁ ଆତ୍ମ ସମୀକ୍ଷାର ସମୟ ଆସିଛି। ସରକାର ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା ସହ ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରୁଥିଲେ ହେଁ ଖରାପ ପ୍ରଦର୍ଶନ ଚିନ୍ତାର କାରଣ ହୋଇଛି। ଆଗାମୀ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଆମକୁ ଏବେଠାରୁ ପ୍ରସ୍ତୁତ ରହିବାକୁ ହେବ। ଜିମ୍ନାଷ୍ଟିକ୍ସ ଓ ସୁଇମିଂରେ ଅଧିକ ଧ୍ୟାନ ଦିଆଯିବା ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗୀ ସୃଷ୍ଟି କଲେ ପଦକ ସଂଖ୍ୟା ବଢ଼ିପାରିବ।**

ନିକଟରେ ଉଦ୍‌ଯାପିତ ହୋଇଛି ୩୩ତମ ପ୍ୟାରିସ୍ ଅଲିମ୍ପିକ୍ସ। ଅଲିମ୍ପିକ୍ସ ଇତିହାସରେ ତୃତୀୟ ଥର ପାଇଁ ପ୍ୟାରିସ୍ ବିଶ୍ୱର ଏହି ଶ୍ରେଷ୍ଠ ପ୍ରତିଯୋଗିତାକୁ ଆୟୋଜନ କରିଥିଲା। ଜୁଲାଇ ୨୬ରୁ ଆରମ୍ଭ ହୋଇ ଏହା ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିଥିଲା। ପ୍ୟାରିସରେ ଦ୍ୱିତୀୟ ଓ ତୃତୀୟ ଅଲିମ୍ପିକ୍ସ ଆୟୋଜନ ମଧ୍ୟରେ ୧୦୦ ବର୍ଷର ବ୍ୟବଧାନ ରହିଥିଲା। ପ୍ରଥମେ ୧୯୦୦, ଦ୍ୱିତୀୟରେ ୧୯୨୪ ପରେ ୨୦୨୪ ମସିହାରେ ତୃତୀୟ ଥରପାଇଁ ପ୍ୟାରିସ ରହିଥିଲା ଏହି କ୍ରୀଡ଼ା ମହାକୁମ୍ଭର ମୁକସାକ୍ଷୀ। ଅଲିମ୍ପିକ୍ସ ଇତିହାସରେ କେବଳ ଲଣ୍ଡନ ଓ ଲସ ଏଞ୍ଜେଲ୍ସରେ ଏହାପୂର୍ବରୁ ଅଲିମ୍ପିକ୍ସ ୩ଥର ଆୟୋଜନ ହୋଇଥିଲା। ବିଶ୍ୱ କ୍ରୀଡ଼ାର ସର୍ବୋଚ୍ଚ ପ୍ରତିଯୋଗିତାକୁ ଆୟୋଜନ ପାଇଁ ପ୍ୟାରିସ୍ ସମ୍ମୁଖରେ ବଡ ଚ୍ୟାଲେଞ୍ଜ ରହିଥିଲା। ୨୦୧୭ରେ ପ୍ୟାରିସ ମୁଖ୍ୟ ଆୟୋଜକ ହିସାବରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିର ସ୍ୱୀକୃତି ପାଇବା ପରେ ପ୍ରସ୍ତୁତି ଆରମ୍ଭ କରିଥିଲା। ମାତ୍ର ଦେଶରେ ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା, ଆତଙ୍କବାଦୀମାନଙ୍କ ପ୍ରାଦୁର୍ଭାବ ଏବଂ ରୁଷିଆ-ୟୁକ୍ରେନ୍ ଓ ଇସ୍ରାଇଲ-ହାମାସ୍ ଯୁଦ୍ଧ ମଧ୍ୟରେ ଆୟୋଜନ ଏକ କଠିନ ବ୍ୟାପାର ଥିଲା। ପରମ୍ପରାରୁ ହଟି ଏଥର ଉଦ୍‌ଘାଟନୀ ସମାରୋହ ଏକ ଷ୍ଟାଡିୟମ ପରିବର୍ତ୍ତେ ସିନ୍ ନଦୀରେ ହୋଇଥିଲା। ପ୍ରଥମ ଥର ପାଇଁ ମୁଖ୍ୟ ଷ୍ଟାଡିୟମ ବାହାରେ ଲକ୍ଷାଧିକ ଦର୍ଶକମାନଙ୍କ ଉପସ୍ଥିତିରେ ଏକ ଭବ୍ୟ ଆୟୋଜନ ଦେଖି ସମଗ୍ର ବିଶ୍ୱ ଚକିତ ହୋଇଥିଲା। ତେବେ ଅଲିମ୍ପିକ୍ସ ଆରମ୍ଭରୁ ବିବାଦ ଏହି ମେଗା କ୍ରୀଡା ପ୍ରତିଯୋଗିତାର ପିଛା ଛାଡ଼ି ନ ଥିଲା। ଉଦ୍‌ଘାଟନୀ ସମାରୋହରେ ଡ୍ରାଗ୍ କୁଇନ୍‌ଙ୍କ ବିବାଦୀୟ କାର୍ଯ୍ୟକ୍ରମ ପରିବେଷଣ, ଅନେକ ସମୟରେ ରେଫରିମାନଙ୍କ ପକ୍ଷପାତିତା, ଖେଳାଳିଙ୍କ ପାଇଁ ସୁବିଧା ସୁଯୋଗ, ପ୍ରତିଯୋଗୀମାନଙ୍କ ଡ୍ରଗ୍ସ ସେବନ, ଆତଙ୍କବାଦୀ ଆକ୍ରମଣ, ଲିଙ୍ଗ ନିରୂପଣ ମାମଲା, ଖାଦ୍ୟ ଓ ରହଣି ବ୍ୟବସ୍ଥା ଆଦି ବେଶ ଚର୍ଚ୍ଚାରେ ରହିଥିଲା।

ଭାରତ ପକ୍ଷରୁ ଗତ ଅଲିମ୍ପିକ୍ସରେ ୧୧୭ ଜଣିଆ ପ୍ରତିଯୋଗୀ ଦଳ ଭାଗନେଇଥିଲେ। ଏହା ମଧ୍ୟରେ ୪୭ ମହିଳା ଓ ୭୦ ପୁରୁଷ ଆଥଲେଟ୍ ସାମିଲ ଥିଲେ। ଟ୍ରାକ୍ ଆଣ୍ଡ ଫିଲଡରେ ସର୍ବାଧିକ ୨୯ ଓ ଶୁଟିଂରେ ୨୧ ପ୍ରତିଯୋଗୀ ରହିଥିଲେ। ଭାରତୀୟ ପ୍ରତିନିଧି ଦଳରେ ୬୭ କୋଚ୍ ଏବଂ ୭୨ ସପୋର୍ଟ ଷ୍ଟାଫ୍ ରହିଥିଲେ। ହରିୟାଣାରୁ ସର୍ବାଧିକ ୨୫ ଓ ପଞ୍ଜାବରୁ ୧୮ ଆଥଲେଟ୍ ଭାରତୀୟ ଦଳରେ ସାମିଲଥିଲେ। ତାମିଲନାଡୁରୁ ୧୨ଜଣ ଥିବାବେଳେ ଓଡ଼ିଶାରୁ ମାତ୍ର ୨ ଜଣ କିଶୋର ଜେନା ଜାଭେଲିନ୍ ଥ୍ରୋରେ ଏବଂ ହକି ତାରକା ଅମିତ ରୋହିଦାସ ପ୍ରତିନିଧିତ୍ୱ କରିଥିଲେ। ସିକିମ୍, ଗୋଆ, ଆସାମ ଓ ବିହାରରୁ ଜଣେ ଲେଖାଏଁ ଆଥଲେଟ୍ ଥିଲେ। ଭାରତ କୁସ୍ତି, ଶୁଟିଂ, ତୀରନ୍ଦାଜୀ, ରୋଇଂ, ହକି, ଜାଭେଲିନ୍ ଥ୍ରୋରେ ପଦକ ହାସଲ କରିବ ବୋଲି ଆଶା କରାଯାଉଥିଲା। ଆମେ ଯଦି ଟୋକିଓ ଅଲିମ୍ପିକ୍ସ କଥା ବିଚାର କରିବା ତେବେ ଭାରତ ଏହି କ୍ରୀଡ଼ାର ଇତିହାସରେ ସର୍ବାଧିକ ୭ଟି ପଦକ ହାସଲ କରି ରେକର୍ଡ କରିବା ସହିତ ତାଲିକାର ୪୮ ତମ ସ୍ଥାନରେ ରହିଥିଲା। ମାତ୍ର ଏଥର ଉନ୍ନତ ପ୍ରଦର୍ଶନର ଆଶା ରହିଥିଲେ ହେଁ ପଦକ ସଂଖ୍ୟା ୬ରେ ସୀମିତ ରହିଲା। ଆଥଲେଟ୍‌ମାନେ ୧୬ଟି ଇଭେଣ୍ଟରେ ଭାଗ ନେଇଥିଲେ ମଧ୍ୟ ମାତ୍ର ୨ ପଦକ ପାଇବାରୁ ଭାରତ ୭୧ ତମ ସ୍ଥାନରେ ସନ୍ତୁଷ୍ଟ ରହିଲା। ଏହା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ଓ କ୍ରୀଡାପ୍ରେମୀମାନଙ୍କୁ ନିରାଶ କରିଛି। ବ୍ୟାଡ୍‌ମିଣ୍ଟନ, ରେସଲିଂ, ତୀରନ୍ଦାଜୀ ଓ ଟ୍ରାକ୍ ଆଣ୍ଡ ଫିଲଡ୍ ଇଭେଣ୍ଟରେ ଆମ ପ୍ରତିଯୋଗୀମାନେ ନିରାଶ କରିଛନ୍ତି। ପ୍ୟାରିସରେ ଭାରତକୁ ୧ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ମିଳିଛି। ନୀରଜ ଚୋପ୍ରା, ମନୁ ଭାକର ଓ ସରବଜୋତ ସିଂ, ସ୍ୱପ୍ନିଲ କୁସାଲେ, ଭାରତୀୟ ପୁରୁଷ ହକି ଦଳ ଓ କୁସ୍ତିଯୋଦ୍ଧା ଅମନ ସେରାୱତ ଭାରତ ପାଇଁ ପୋଡିୟମ ମଣ୍ଡନ କରିଛନ୍ତି। ମନୁ ଭାକର ସ୍ୱାଧୀନତା ପରବର୍ତ୍ତୀ ଅଲିମ୍ପିକ୍ସରେ ଗୋଟିଏ ଇଭେଣ୍ଟରେ ୨ଟି ବ୍ରୋଞ୍ଜ ପଦକ ଜିତି ଇତିହାସ ରଚଛନ୍ତି। ନିରଜ ଚୋପ୍ରାଙ୍କଠାରୁ ସ୍ୱର୍ଣ୍ଣ ଆଶା କରୁଥିଲା ଭାରତ। ମାତ୍ର ସେ ରୌପ୍ୟ ପଦକ ପାଇବାରୁ ପଦକ ତାଲିକାରେ ଭାରତର ଅବନତି ଘଟିଲା। ଏହା ବ୍ୟତୀତ ଭାରତୀୟ ଆଥଲେଟ୍‌ମାନେ ୬ଟି ଇଭେଣ୍ଟରେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଅଲିମ୍ପିକ୍ସ ପରି ଚାପକୁ ହାତେଇ ନ ପାରିବା ଏହାର ଅନ୍ୟତମ କାରଣ ରହିଥିଲା।

ଅନ୍ୟପକ୍ଷରେ ଭାରତୀୟ ହକି ଦଳ ଏଥର ପ୍ୟାରିସ ଅଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ବଜାୟ ରଖିଛି। 'ଗ୍ରୁପ୍ ଅଫ୍ ଡେଥ୍'ରେ ସ୍ଥାନ ପାଇଥିଲେ ହେଁ ଆମ ଖେଳାଳିମାନେ ବିପକ୍ଷ ଦଳ ଗୁଡ଼ିକୁ କଡ଼ା ଚ୍ୟାଲେଞ୍ଜ ଦେଇ ପୋଡିୟମ ମଣ୍ଡନ କରିଛନ୍ତି। ଅଧିନାୟକ ହରମନପ୍ରୀତ ସିଂ, ତାରକା ଗୋଲକିପର ପି.ଆର. ଶ୍ରୀଜେଶ୍, ଓଡ଼ିଶାର ନିର୍ଭରଯୋଗ୍ୟ ଡିଫେଣ୍ଡର ଅମିତ ରୋହିଦାସଙ୍କ ସମେତ ପୂରା ଦଳର ଚମତ୍କାର ପ୍ରଦର୍ଶନ ଯୋଗୁ ସଫଳତା ମିଳିପାରିଛି। ବ୍ରୋଞ୍ଜ ପଦକ ବିଜୟ ପଥରେ ବିଶ୍ୱଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ଭାରତ ପାଇଁ ବଡ଼ ଉପଲବ୍ଧି ଥିଲା। ସେମିଫାଇନାଲରେ ଜର୍ମାନୀଠାରୁ ହାରି ଯାଇଥିଲେ ହେଁ ତୃତୀୟ ସ୍ଥାନ ପାଇଁ ମୁକାବିଲାରେ ସ୍ପେନ ପରି ଶକ୍ତିଶାଳୀ ଦଳକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲା ଟିମ୍ ଇଣ୍ଡିଆ। ଓଡ଼ିଶା ଭାରତୀୟ ହକି ଦଳର ମୁଖ୍ୟ ପ୍ରାୟୋଜକ ରହିଥିବାରୁ ଆମେ ବେଶ୍ ଗର୍ବିତ। ୨୪ବର୍ଷ ପରେ ନେଦରଲାଣ୍ଡ୍ସ ଦଳ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି।

ଭାରତର ତାରକା ମହିଳା ରେସଲର ଭିନେଶ ଫୋଗଟ୍ ୫୦ କେଜି ବର୍ଗର ଫାଇନାଲକୁ ଯାଇଥିବାରୁ ପଦକ ହାସଲ ନିଶ୍ଚିତ ହୋଇଥିଲା। ମାତ୍ର ଓଜନ ସମସ୍ୟା ଯୋଗୁ ସେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ମାମଲା କୋର୍ଟ ପର୍ଯ୍ୟନ୍ତ ଯାଇଥିଲେ ହେଁ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟସ୍ (କାସ)ର ନିଷ୍ପତ୍ତି ତାଙ୍କ ବିରୋଧରେ ଆସିଥିଲା। ଏଥିରେ ମର୍ମାହତ ହୋଇ ଭିନେଶ ଅବସର ଘୋଷଣା କରିଛନ୍ତି।

ପ୍ୟାରିସ ଅଲିମ୍ପିକ୍ସରେ ୩ଟି ବିଶ୍ୱରେକର୍ଡ ଓ ୧୩ଟି ଅଲିମ୍ପିକ୍ସ ରେକର୍ଡ ସ୍ଥାପିତ ହୋଇଛି। ୨୭ ଦେଶ ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ପଦକ ତାଲିକାରେ ୩ଟି ନୂଆଦେଶ ସାମିଲ ହୋଇଛନ୍ତି। ୨୬ ପ୍ରତିଯୋଗୀ ୧ ରୁ ଅଧିକ ପଦକ ଜିତିଛନ୍ତି ଏବଂ ୩ଟି ଦେଶ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେଣ୍ଟ ଲୁସିଆ ଓ ଡୋମିନିକା ଆଥଲେଟ୍ ଚର୍ଚ୍ଚାରେ ରହିଛନ୍ତି। ଆମେରିକାର ୱିଲସନ ସର୍ବ କନିଷ୍ଠ ଆଥଲେଟ ଭାବେ ରିଲେ ଇଭେଣ୍ଟରେ ମାତ୍ର ୧୬ ବର୍ଷ ବୟସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ୟାରିସରେ ଅଭିଜ୍ଞ ଆଥଲେଟ୍‌ଙ୍କଠାରୁ ପଦକ ଆଶା କରାଯାଉଥିବା ବେଳେ ଅନେକ ଯୁବ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ବିଶ୍ୱକୁ ଚକିତ କରଛନ୍ତି। ଅଲିମ୍ପିକ୍ସର ହୃଦୟ ରୂପେ ପରିଚିତ ଆଥଲେଟିକ୍ସର ବିଭିନ୍ନ ଇଭେଣ୍ଟରୁ ଦର୍ଶକମାନେ ଭରପୁର ଆନନ୍ଦ ଉଠାଇଥିଲେ।

ଏହି ଅଲିମ୍ପିକ୍ସର ପଦକ ତାଲିକାରେ କ୍ରୀଡ଼ା ମହାଶକ୍ତିଭାବେ ପରିଚିତ ଆମେରିକାକୁ କଡ଼ା ଟକ୍କର ଦେଇଥିଲା ଚାଇନା। ଅଧିକାଂଶ ଦିନ ଚାଇନା ଶୀର୍ଷରେ ରହିଥିଲେ ହେଁ ଶେଷରେ ଆମେରିକା ପ୍ରଥମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିଲା। ୪୦ ସ୍ୱର୍ଣ୍ଣ ସହ ମୋଟ ୧୨୬ଟି ପଦକ ପାଇଥିଲା ଆମେରିକୀୟ ଦଳ। ଏସିଆ ମହାଦେଶର ୨ ଶକ୍ତିଶାଳୀ ଦେଶ ଚାଇନା ଓ ଜାପାନ ପଦକ ତାଲିକାରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ବ୍ରିଟେନ ଓ ଜର୍ମାନ ପରି ଦେଶର ଆଥଲେଟମାନେ ଏଥର ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ।

ପଦକ ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତ ପାଇଁ ଆତ୍ମ ସମୀକ୍ଷାର ସମୟ ଆସିଛି। କେନ୍ଦ୍ର ସରକାର ବ୍ୟାପକ ଅର୍ଥର ବ୍ୟବସ୍ଥା ସହ ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିଥିଲେ ହେଁ ଖରାପ ପ୍ରଦର୍ଶନ ଚିନ୍ତାର କାରଣ ପାଲଟିଛି। ଆଗାମୀ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଆମକୁ ଏବେ ଠାରୁ ପ୍ରସ୍ତୁତ ରହିବାକୁ ହେବ। ଜିମ୍ନାଷ୍ଟିକ୍ସ ଓ ସୁଇମିଂରେ ଆମକୁ ଅଧିକ ଧ୍ୟାନ ଦେବା ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗୀ ସୃଷ୍ଟି କଲେ ପଦକ ସଂଖ୍ୟା ବଢ଼ିପାରିବ।



ମନୁ ଭାକର
ସରବଜୋତ ସିଂଙ୍କ ସହ ମନୁ
ହରମନପ୍ରୀତ ସିଂ
ନୀରଜ ଚୋପ୍ରା
ସ୍ୱପ୍ନିଲ କୁସାଲେ
ଅମନ ସେରାୱତ

## ଶ୍ରୀଜେଶଙ୍କ ନିଆରା ପ୍ରଶଂସକ




ଭାରତୀୟ ପୁରୁଷ ହକିଦଳ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରି ଏହି କ୍ରୀଡ଼ାର ଇତିହାସକୁ ସମୃଦ୍ଧ କରିଛି। ଗତ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ରହିଛନ୍ତି। ତେଣୁ ଭାରତୀୟ ଦଳ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ବୁଧବାର ଓଡ଼ିଶାରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବ ଘୋଷଣା ଅନୁସାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଭାରତୀୟ ହକି ଦଳର ଭୁବନେଶ୍ୱର ପଦାର୍ପଣ ପୂର୍ବରୁ ବିମାନ ବନ୍ଦର ନିକଟରେ ଜଣେ ନିଆରା ଦର୍ଶକ ଦେଖିବାକୁ ମିଳିଥିଲେ। କେରଳରୁ ଆସିଥିବା ଏହି ବ୍ୟକ୍ତି ଜଣକ ନାମ ହେଲା ପି. ସାବାପଥି। ଅବସର ଗ୍ରହଣ କରିଥିବା ଭାରତୀୟ ଗୋଲକିପର ପି.ଆର୍. ଶ୍ରୀଜେଶଙ୍କର ସେ ଜଣେ ବଡ଼ ପ୍ରଶଂସକ ବୋଲି ଜାଣିବାକୁ ମିଳିଥିଲା। ଶ୍ରୀଜେଶଙ୍କୁ ସମ୍ମାନ ଜଣାଇ ହକି ଇଣ୍ଡିଆ ଇତିମଧ୍ୟରେ ୧୬ ନମ୍ବର ଜର୍ସିକୁ ଅବସର ଦେଇଛି। ଏହି ୧୬ ନମ୍ବର ଜର୍ସିରେ ନଜରରେ ଆସିଥିଲେ ଉକ୍ତ ପ୍ରଶଂସକ। ସେ କହିଥିଲେ ଯେ, ମୁଁ ଶ୍ରୀଜେଶଙ୍କର ଜଣେ ବଡ଼ ଫ୍ୟାନ୍। ଗତ ହକି ବିଶ୍ୱକପରେ ଭୁବନେଶ୍ୱର ଓ ରାଉରକେଲାରେ ଭାରତର ଯେତେଗୁଡ଼ିଏ ମ୍ୟାଚ ହୋଇଥିଲା ମୁଁ ସେ ସବୁ ଗୁଡ଼ିକର ପ୍ରତ୍ୟକ୍ଷଦର୍ଶୀ ରହିଥିଲି। କେବଳ ଓଡ଼ିଶା ନୁହେଁ ଭାରତର ଅନ୍ୟ ସ୍ଥାନରେ ମଧ୍ୟ ମ୍ୟାଚ ହେଲେ ମୁଁ ଜାତୀୟ ଦଳକୁ ସମର୍ଥନ କରିବା ପାଇଁ ପହଞ୍ଚି ଯାଇଥାଏ। ଶ୍ରୀଜେଶ ଅବସର ନେଇ ଯାଇଥିଲେ ହେଁ ତାଙ୍କ ପ୍ରତି ମୋର ଭଲ ପାଇବା ଜାରି ରହିବ ଏବଂ ମୁଁ ସେହି ୧୬ ନମ୍ବର ଜର୍ସି ପରିଧାନ କରୁଥିବି ବୋଲି ଏହି ହକି ପ୍ରଶଂସକ ଜଣଙ୍କ ପ୍ରକାଶ କରିଥିଲେ।

## ଅଲିମ୍ପିକ୍ସ

ପ୍ୟାରିସ ଅଲିମ୍ପିକ୍ ଦି ହଜାର ଚବିଶି
ହୋଇ ଯାଇଅଛି ଶେଷ
ଶହେ ଛବିଶ ପଦକ,ପାଇ ଟପ୍‌ରେ
ଅଛି ଆମେରିକା ଦେଶ
ସେକେଣ୍ଡ ଚାଇନା କୁଶ
ଏକାନବେ ଗୋଟି ପଦକ ପାଇବି
ଚାଇନା ମନେ ନାହିଁ ହସ।

ଶହେ ସତର ଜଣ
ପ୍ୟାରିସ ଯାଇଥିଲେ
ଭାରତର ବେଟା ବେଟି
ଆଥଲେଟ୍ସ ପ୍ରିପାରେଶନ ପାଇଁ ଖର୍ଚ୍ଚ
ପର୍ ହେଡ୍ ଚାରି କୋଟି
ମେଡାଲ ଜମା ଛ'ଗୋଟି
ଜାଭେଲିନ ଥ୍ରୋ'ରେ
ଗୋଲ୍‌ଡେନ ପାଇ ପାକ୍
ଭାରତ ଉପରେ ଜଟି।

ପାକିସ୍ତାନ ସ୍ପୋର୍ଟ୍ସ ମୋଟ ବଜେଟ
ସତାବନ କୋଟି ଥାଇ
ଚାରିଶ ସତର କୋଟି ଖର୍ଚ୍ଚ କରି
ସୁନା ଗୋଟେ ଦେଖା ନାହିଁ
ରୁପା, କାଂସ୍ୟ ଆମ ପାଇଁ
ଗୋଲ୍‌ଡେନ ଲାଗଇ,
ନାହିଁ ମାମୁଠାରୁ
କଣା ମାମୁ ଭଲ ଭାଇ।

-ସୁବାସ ଚନ୍ଦ୍ର ପ୍ରଧାନ

## ଯମଜ ଭଉଣୀଙ୍କ କୃତିତ୍ୱ

**କଳିଙ୍ଗ ଷ୍ଟାଡିୟମ୍ ଇନ୍‌ଡୋର୍ ଜଳକ୍ରୀଡା କେନ୍ଦ୍ରରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନ୍‌ଶିପରେ ପ୍ରଭାବୀ ପ୍ରଦର୍ଶନ କରି ଚର୍ଚ୍ଚାରେ ରହିଥିଲେ ମହାରାଷ୍ଟ୍ରର ଯମଜ ଭଉଣୀ ସାନ୍‌ଭି ଓ ତାନ୍‌ଭି ଦେଶୱାଲ୍। ଦୁଇ ଭଉଣୀ ୪ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।**

ନିକଟରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର୍ ଜଳକ୍ରୀଡା କେନ୍ଦ୍ରରେ ୪୦ତମ ସବ୍‌ଜୁନିୟର ଓ ୫୦ତମ ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମହାରାଷ୍ଟ୍ରର ଯମଜ ଭଉଣୀ ସାନ୍‌ଭି ଓ ତାନ୍‌ଭି ଦେଶୱାଲ୍ ବିରଳ କୃତିତ୍ୱର ଅଧିକାରୀ ହୋଇଛନ୍ତି। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଦେଶର ୧୦୦୦ରୁ ଅଧିକ ପ୍ରତିଭାବାନ ସନ୍ତରଣକାରୀ ଅଂଶଗ୍ରହଣ କରିଥିବାବେଳେ ଏହି ଦୁଇ ଭଉଣୀ ନିଜ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଆକର୍ଷଣର କେନ୍ଦ୍ରରେ ରହିଥିଲେ। ଦେଶୱାଲ୍ ଭଉଣୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ବାଳିକା ଗ୍ରୁପ୍-୨ ବର୍ଗରେ ମହାରାଷ୍ଟ୍ର ଚାମ୍ପିୟନ୍‌ଶିପ୍ ବିଜୟୀ ହୋଇଥିଲା। ଉଭୟ ସାନ୍‌ଭି ଓ ଆନ୍‌ଭି ୪ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।

ସାନ୍‌ଭି ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ର ମିଟ୍ ରେକର୍ଡକୁ ୩୪.୩୨ ସେକେଣ୍ଡ ସମୟ ସହ ଭାଙ୍ଗିଥିଲେ। ପୂର୍ବରୁ ୨୦୨୨ରେ ଏହି ରେକର୍ଡ ୩୪.୬୯ ସେକେଣ୍ଡ ଥିଲା। ଚାମ୍ପିୟନଶିପ୍‌ର ଚୂଡ଼ାନ୍ତ ଦିବସରେ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସାନ୍‌ଭି ଆଉ ଏକ ଜାତୀୟ ଜୁନିୟର ରେକର୍ଡ କରିଥିଲେ। ୧:୧୫.୩୦ ସେକେଣ୍ଡ ସହ ସେ ୨୦୧୮ର ରେକର୍ଡକୁ ଭାଙ୍ଗିଥିଲେ। ଡଲ୍‌ଫିନ୍ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷକ ନୀହାର ଅମିନଙ୍କ ଅଧୀନରେ ମୁମ୍ବାଇର ଓଟର୍ସ କ୍ଲବ୍‌ରେ ସେ ତାଲିମ ନେଉଥିଲେ। କାର୍ଯ୍ୟକ୍ରମର ପ୍ରଭାବ ଓ ପ୍ରଶିକ୍ଷକଙ୍କ ପ୍ରତିବଦ୍ଧତା ଯୋଗୁ ସେ ସଫଳତା ହାସଲ କରିଛନ୍ତି। ମୁମ୍ବାଇର ମାହିମ୍‌ସ୍ଥିତ ବମ୍ବେ ସ୍କଟିସ୍ ସ୍କୁଲ୍‌ର ଛାତ୍ରୀ ସାନ୍‌ଭି ଓ ତାନ୍‌ଭି କଠିନ ପ୍ରଶିକ୍ଷଣ ସହ ଶିକ୍ଷାକୁ ଭଲ ଭାବେ ନିର୍ବାହ କରୁଛନ୍ତି। ଜାତୀୟ ଆକ୍ୱାଟିକ୍ ଚାମ୍ପିୟନ୍‌ଶିପ୍‌ରେ ଦେଶୱାଲ୍ ଭଗିନୀଙ୍କ ସଫଳତା ନେଇ ଭାରତରେ ଯୁବ କ୍ରୀଡ଼ବିତ୍‌ଙ୍କ ବୃଦ୍ଧି ପାଉଥିବା ପ୍ରଭାବ ଓ ଭାରତୀୟ କ୍ରୀଡ଼ାର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି। ସେମାନଙ୍କ ସଫଳତା ରାଜ୍ୟ ପାଇଁ ଗୌରବ ଆଣିଥିବା ବେଳେ ଦେଶର ଅସଂଖ୍ୟ କ୍ରୀଡ଼ାବିତ୍‌ଙ୍କୁ ଅନୁପ୍ରାଣିତ କରିଛି।

ଜାତୀୟ ପ୍ରତିଯୋଗିତାରେ ଦୁଇ ଭଗିନୀ ୫ଟି ବ୍ୟକ୍ତିଗତ ଏବଂ ୩ଟି ଦଳଗତ ପ୍ରତିଯୋଗିତାରେ ପଦକ ହାସଲ କରିଥିଲେ। ବ୍ୟକ୍ତିଗତ ପ୍ରତିଯୋଗିତା ମଧ୍ୟରେ ସାନ୍‌ଭି ବାଳିକା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ୩୪.୩୨, ବ୍ରେଷ୍ଟଷ୍ଟ୍ରୋକ୍ ୧୦୦ ମିଟରରେ ୧:୧୫.୩୦, ଓ ୪୦୦ ମିଟର ମିଡ୍‌ଲେରେ ୫:୧୩.୦୦ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସେ ୨:୪୪.୬୧ ସେକେଣ୍ଡ ଏବଂ ବାଳକା ୧୦୦ ମିଟର ଫ୍ରିଷ୍ଟାଇଲରେ ଆନ୍‌ଭି ୧:୦୧.୯୭ ସେକେଣ୍ଡ ନେଇ ରୌପ୍ୟ ପଦକ ଜିତିଥିଲେ। ଅନ୍ୟପକ୍ଷରେ ବାଳିକା ୪x୧୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ, ୪x୨୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ଏବଂ ୪x୧୦୦ ମିଟର ମିଡ୍‌ଲେରେ ସ୍ୱର୍ଣ୍ଣ ପଦକ ଜିତିଥିବା ମହାରାଷ୍ଟ୍ର ଦଳର ଦୁହେଁ ସଦସ୍ୟା ଥିଲେ।



ଧରିତ୍ରୀ 50 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୩/୨୦୨୪ Bhubaneswar, Friday, August 23/ 2024

# ନୂତନ କିଟ୍ ଓ ଜର୍ସି ଲଞ୍ଚ କଲା ଓଏଫ୍‌ସି



ଓଏଫ୍‌ସି ମହିଳା ଦଳ ମୁଖ୍ୟ କୋଚ୍ କ୍ରିସ୍ପିନ ଛେତ୍ରୀ, କ୍ଲବ୍ ସଭାପତି ରାଜ୍ ଅଠୱାଲ, ପୁରୁଷ ଦଳ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର,୨୨।୮ (ସରୋଜ ଜେନା)**

ଓଡ଼ିଶା ଫୁଟ୍‌ବଲ କ୍ଲବ(ଓଏଫ୍‌ସି) ପକ୍ଷରୁ ଆସନ୍ତା ସିଜନ ପାଇଁ ଏହାର କିଟ୍ ଓ ଜର୍ସି ଲଞ୍ଚ୍ କରାଯାଇଛି। ଭୁବନେଶ୍ୱରରେ ଉଭୟ ପୁରୁଷ ଓ ମହିଳା ଦଳର ଏକାଧିକ ଖେଳାଳି, କ୍ଲବ୍ ସଭାପତି ରାଜ୍ ଅଠୱାଲ, ପୁରୁଷ ଦଳ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ମହିଳା ଦଳ ମୁଖ୍ୟ କୋଚ୍ କ୍ରିସ୍ପିନ ଛେତ୍ରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ସଦସ୍ୟ ଅଭିଜିତ ପଲ୍ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ପୁରୁଷ ଓ ମହିଳା ଦଳର ଖେଳାଳିମାନଙ୍କ ଦ୍ୱାରା ଜର୍ସି ଲଞ୍ଚ କାର୍ଯ୍ୟକ୍ରମ ହୋଇଥିଲା। ପୁରୁଷ ଦଳର ଖେଳାଳିଙ୍କ ମଧ୍ୟରେ ଅମରିନ୍ଦର ସିଂ, ରୟ କ୍ରିଷ୍ଣା, ଡିଏଗୋ ମରିସିଓ, କାର୍ଲୋସ ଡେଲଗାଡୋ ଯୋଗଦେଇଥିଲେ। ସେହିପରି ମହିଳା ଖେଳାଳିଙ୍କ ମଧ୍ୟରେ ମାଳତୀ ମୁଣ୍ଡା, ନିସ୍କା ଓ କିରଣ ପିସଦା ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ପାଇଁ ୩ଟି ରଙ୍ଗର ଜର୍ସି ରହିଛି। ଧଳା, ସବୁଜ ଓ ଭାନିଲା ରଙ୍ଗର ଜର୍ସି ରହିଥିବା ବେଳେ ପୂର୍ବ ବର୍ଷର ଶିମିଳିପାଳ ଥିମ୍‌କୁ ବାଦ୍ ଦିଆଯାଇଛି।

କ୍ଲବ ସଭାପତି ରାଜ୍ ଅଠୱାଲ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହ ପ୍ରଦର୍ଶନକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଓଏଫ୍‌ସି ପୁରୁଷ ଦଳ ଆଇଏସ୍‌ଏଲ୍‌ର ବିଗତ ସଂସ୍କରଣରେ ପ୍ରଥମ ଥର ପାଇଁ ସେମି ଫାଇନାଲରେ ପ୍ରବେଶ କରିବା ସହ ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ହାସଲ କରିଥିଲା। ସର୍ଗିଓ ଲୋବେରାଙ୍କ ଅଧୀନରେ ଦଳ ଏହାର ପୂର୍ବ ବର୍ଷ ପ୍ଲେ ଅଫ୍‌ରେ ମଧ୍ୟ ପ୍ରବେଶ କରିଥିଲା। ଦଳର ଉନ୍ନତି ପାଇଁ ନିରନ୍ତର ପ୍ରୟାସ କରୁଥିବାରୁ ଲୋବେରାଙ୍କୁ ଧନ୍ୟବାଦ ଦେଇଥିଲେ ଅଠୱାଲ। ଅନ୍ୟପକ୍ଷରେ କ୍ରିସ୍ପିନ ଛେତ୍ରୀଙ୍କ ଅଧୀନରେ ମହିଳା ଦଳ ଆଖିଦୃଶିଆ ପ୍ରଦର୍ଶନ କରିଥିବା ମଧ୍ୟ ସେ କହିଥିଲେ। ଓଏଫ୍‌ସି ମହିଳା ଦଳ ଓଡ଼ିଶା ଓମେନ୍ସ ଲିଗ୍‌ରେ କ୍ରମାଗତ ଟାଇଟଲ ହାସଲ କରିଥିବା ବେଳେ ଗତ ସିଜନରେ ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଚଳିତବର୍ଷ ଦଳ ପ୍ରଥମ ଥର ଏଏଫ୍‌ସି ଏସିଆନ୍ କପ୍ ଖେଳିବାକୁ ଯାଉଛି।




ହୋମ୍ କିଟ୍ ଲଞ୍ଚ୍ ଅବସରରେ କାର୍ଲୋସ ଡେଲ୍‌ଗାଡୋ, ନିସ୍କା ଓ ଅମରିନ୍ଦର ସିଂ।

ଆସନ୍ତା ସିଜନ ପାଇଁ ଓଏଫ୍‌ସିର ପ୍ରସ୍ତୁତି ଚମତ୍କାର ରହିଛି ବୋଲି କହିଥିଲେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ପ୍ରି ସିଜନ ପ୍ରସ୍ତୁତି ଅତ୍ୟନ୍ତ ଚମତ୍କାର ରହିଛି। ଏହା ମଧ୍ୟରେ ଦଳ ଭାଉସାହେବ ବନ୍ଦୋଦକର ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଥିବା ସେ ସୂଚନା ଦେଇଥିଲେ। ଡୁରାଣ୍ଡ କପ୍‌ରେ ରିଜର୍ଭ ଦଳର କେତେକ ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଏହା ମଧ୍ୟରୁ ଅନ୍ୟ କେତେକ ଖେଳାଳିଙ୍କୁ ସିନିୟର ଦଳରେ ସାମିଲ କରାଯିବାର ସମ୍ଭାବନା ରହିଥିବା ସେ କହିଥିଲେ। ଦଳ ଚଳିତ ଆଇଏସ୍‌ଏଲ୍ ସିଜନ ପାଇଁ ନିଜର କୋର୍ ଟିମ୍‌କୁ ବଳବତ୍ତର ରଖିବାକୁ ପ୍ରୟାସ କରିଛି। ଏହାସହିତ ହ୍ୟୁଗୋ ବ୍ୟୁମୋସ ଓ ରହିମ ଅଲୀଙ୍କ ପରି ଖେଳାଳି ମଧ୍ୟ ଦଳରେ ସାମିଲ ହୋଇଥିବାରୁ ଆସନ୍ତା ସିଜନରେ ଦଳ ଆହୁରି ଭଲ ପ୍ରଦର୍ଶନ କରିବା ନେଇ ସେ ଆଶା ରଖିଥିବା କହିଥିଲେ ଲୋବେରା। ସେହିପରି ମହିଳା ଦଳର ମୁଖ୍ୟ କୋଚ୍ କ୍ରିସ୍ପିନ ଛେତ୍ରୀ ଦଳର ପ୍ରସ୍ତୁତି ଠିକ୍ ଦିଗରେ ରହିଥିବା ସୂଚନା ଦେଇଥିଲେ। ପ୍ରଥମ ଥର ପାଇଁ ଆମେ ଏଏଫ୍‌ସି ଏସିଆନ୍ କପ୍‌ରେ ଅଂଶଗ୍ରହଣ କରୁଥିବାରୁ ଏହାକୁ ନେଇ ସମସ୍ତ ଖେଳାଳି ବେଶ୍ ଉତ୍ସାହିତ ଅଛନ୍ତି। ଏହା ସବୁ ଖେଳାଳିଙ୍କ ପାଇଁ ଶିଖିବାର ସମୟ ତେଣୁ ଏଏଫ୍‌ସି କପ୍‌ର ଅଭିଜ୍ଞତା ଆଗାମୀ ସମୟରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଭିଜିତ୍ ପଲ୍‌ଙ୍କୁ କ୍ଲବ ସଭାପତି ରାଜ୍ ଅଠୱାଲ ଲଞ୍ଚ ହୋଇଥିବା ନୂତନ ଜର୍ସି ଉପହାର ଦେଇଥିଲେ।

# ବାହାରିନ୍ ପାଇଁ କଟକଣା

**ଡୋପିଙ୍ଗ ପ୍ରସଙ୍ଗ**

**ମୋନାକୋ, ୨୨।୮ (ଏପି)**

ବାସନ୍ଦ ଆଶଙ୍କା ଏଡ଼ାଇବା ପାଇଁ ବାହାରିନ ଡୋପିଙ୍ଗ ସମ୍ପର୍କିତ କଟକଣା ପ୍ୟାକେଜକୁ ଗ୍ରହଣ କରିଛି। ଦେଶ ଏହାର ଦୌଡ଼କୁଦ ଦଳର ସଫଳତା ରଣନୀତିକୁ କିଛି ସମୟ ପାଇଁ ସ୍ଥଗିତ ରଖିଛି। ଅର୍ଥାତ୍ ଆଫ୍ରିକୀୟ ଦେଶରୁ ଆଥ୍‌ଲେଟ ଆଣିବା ବନ୍ଦ ରଖିଛି। ପ୍ୟାରିସ୍ ଅଲିମ୍ପିକ୍ସ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ ଇଭେଣ୍ଟଗୁଡ଼ିକ ଲାଗି ଦେଶ ଏହାର ଆଥ୍‌ଲେଟଙ୍କ ସଂଖ୍ୟା ୧୦ରେ ସୀମିତ ରଖିଥିଲା। ସେ ସମୟରେ ଦେଶ ଏବିଷୟରେ ଘୋଷଣା କରି ନ ଥିଲା। ଆସନ୍ତାବର୍ଷ ଟୋକିଓରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ମଧ୍ୟ ବାହାରିନ ଏହି ନୀତି ବଜାୟ ରଖିବ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଗୁରୁବାର ଏବିଷୟରେ ସୂଚନା ଦେଇଛନ୍ତି।

ପ୍ୟାରିସ୍‌ରେ ବାହାରିନରୁ ପ୍ରତିନିଧିତ୍ୱ କରୁଥିବା କେନିଆ ଜନ୍ମିତ ୱିନଫ୍ରେଡ୍ ଜାଭି ମହିଳା ୩,୦୦୦ ମିଟର ଷ୍ଟିପଲଚେଜ୍‌ରେ ସ୍ୱର୍ଣ୍ଣ ଜିତିଥିବା ବେଳେ ନାଇଜେରିଆ ଜନ୍ମିତ ସ୍ପ୍ରିଣ୍ଟର ସାଲୱା ଇଦ୍ ନାସେର ୪୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଲାଭ କରିଥିଲେ। ଏହି ୨ ଆଥ୍‌ଲେଟଙ୍କ ବିରୋଧରେ କୌଣସି ଅଭିଯୋଗ ଆସି ନ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ କହିଛି। ଭବିଷ୍ୟତରେ ଏହାର ଆଥ୍‌ଲେଟମାନେ ଯେପରି ବଦନାମ ନ ହୁଅନ୍ତି ସେଥିପାଇଁ ବାହାରିନ ଆଥ୍‌ଲେଟିକ୍ସ ଆସୋସିଏଶନ ଡୋପିଙ୍ଗ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରୁଛି। ପରବର୍ତ୍ତୀ ଅଲିମ୍ପିକ୍ସ ୨୦୨୮ରେ ଲସ୍‌ଏଞ୍ଜେଲ୍ସରେ ଅନୁଷ୍ଠିତ ହେବ। ବାହାରିନ ଇତିମଧ୍ୟରେ ଏକ ନୂଆ ଆଣ୍ଟି ଡୋପିଙ୍ଗ ପରିଷଦ ଗଠନ କରିଛି। ୨୦୧୯ରେ ଏକ ଷ୍ଟେରଏଡ୍ ମାମଲାରେ ପୂର୍ବତନ ୪୦୦ ମିଟର ବିଶ୍ୱ ଇନ୍‌ଡୋର ଚାମ୍ପିୟନ କେମି ଆଡେକୋୟା ୪ବର୍ଷ ବାସନ୍ଦ ହୋଇଥିଲେ। ମାରାଥନ ଧାବକ ମାରିଅସ୍ କିମୁତାଇ ଏକ ଡ୍ରଗ୍ ଟେଷ୍ଟରେ ବିଫଳ ହେବାରୁ ଏପ୍ରିଲରେ ୩ ବର୍ଷ ପାଇଁ ବାସନ୍ଦ ହେଇଥିଲେ।



ସାଲୱା ଇଦ୍ ନାସେର

# ଇନ୍ଦ୍ରା ନୁୟୀଙ୍କ କାର୍ଯ୍ୟକାଳ ଶେଷ

**ଦୁବାଇ,୨୨।୮(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି)ର ମହିଳା ସ୍ୱାଧୀନ ନିର୍ଦ୍ଦେଶକ ଇନ୍ଦ୍ରା ନୁୟୀଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏହା ସହ ଆଇସିସି ଜଣେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ସନ୍ଧାନରେ ରହିଛି। ଆମେରିକାରେ ଜନ୍ମିତ ଭାରତୀୟ ବଂଶୋଦ୍ଭବ ଇନ୍ଦ୍ରା ପୂର୍ବରୁ ପେପ୍‌ସୀ କୋର ମୁଖ୍ୟ ରହିଥିଲେ। ୨୦୧୮ ମସିହାରେ ଇନ୍ଦ୍ରା ଆଇସିସିର ପ୍ରଥମ ମହିଳା ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରି ୬ ବର୍ଷ ପୂରଣ କରିଥିଲେ। ଆଇସିସିର ନିୟମ ଅନୁସାରେ ଜଣେ ସଦସ୍ୟ ୬ ବର୍ଷ ରହିବା ପରେ କୁଲିଂ ଅଫ୍ ପିରିୟଡ୍ ଆରମ୍ଭ ହୋଇଥାଏ। ଅନ୍ୟପକ୍ଷରେ ଇନ୍ଦ୍ରାଙ୍କ ସ୍ଥାନରେ ଜଣେ ଅଷ୍ଟ୍ରେଲୀୟ ମହିଳାଙ୍କୁ ନିଯୁକ୍ତ କରାଯିବାର ଅଧିକ ସମ୍ଭାବନା ରହିଛି। କ୍ରିକେଟରୁ ଅବସର ନେଇଥିବା ମେଗ୍ ଲାନିଙ୍ଗ କିମ୍ବା ଚାର୍ଲୋଟ ଏଡ୍‌ୱାର୍ଡସଙ୍କ ନାମ ଏହି ପଦବୀ ପାଇଁ ଆଗୁଆ ଥିବା ଚର୍ଚ୍ଚା ହେଉଛି।




SHOWROOMS: ODISHA: RENAULT SAMBALPUR Ph: 8448890323. RENAULT BHUBANESWAR Ph: 8860076082, RENAULT BHUBANESWAR NORTH Ph: 7428190232. RENAULT BHAWANIPATNA Ph: 9438395880. RENAULT CUTTACK Ph: 9311772648. RENAULT JEYPORE Ph: 9311596618. RENAULT ROURKELA Ph: 8860875802. RENAULT SUNDERGARH Ph: 9311529949.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ